ଇଂ.ଚକ୍ରଧର ମହାନ୍ତ

ତନୁତୀର୍ଥ

Digitized by srujanika@gmail.com

ଇଂ. ଚକ୍ରଧର ମହାନ୍ତଙ୍କର

ତନୁତୀର୍ଥ



ଅଭୀପ୍‌ସା ପ୍ରିଣ୍ଟର୍ ଆଣ୍ଡ ପବ୍ଲିଶର୍ସ
ଭୁବନେଶ୍ୱର

Digitized by srujanika@gmail.com

ତନୁତୀର୍ଥ (ଗଳ୍ପ ସଂକଳନ)
ଲେଖକ :
ଇଂ. ଚକ୍ରଧର ମହାନ୍ତ
ପ୍ରକାଶକ :
ଅଭୀପ୍ସା ପ୍ରିଣ୍ଟର୍ ଏଣ୍ଡ୍ ପବ୍ଲିଶର୍ସ
୧୧୩-ବି, ସୂର୍ଯ୍ୟନଗର, ୟୁନିଟ୍ - ୭,
ଭୁବନେଶ୍ୱର - ୭୫୧୦୦୩
ସତ୍ତ୍ୱାଧିକାରୀ :
© ଶ୍ରୀମତୀ ବୀଣା ମହାନ୍ତ
ପ୍ରଥମ ପ୍ରକାଶନ: ୨୦୦୬ ମସିହା
ମୁଦ୍ରକ :
ଏବି ଇମେଜିଙ୍ଗ୍ ଆଣ୍ଡ୍ ପ୍ରିଣ୍ଟସ୍ ପ୍ରା.ଲି.
୬୨-୬୩, ଗଙ୍ଗନଗର, ୟୁନିଟ୍-୬
ଭୁବନେଶ୍ୱର - ୭୫୧୦୦୧
ମୂଲ୍ୟ: ଟ.୮୦.୦୦ଙ୍କା ମାତ୍ର

TANUTIRTHA (short story collection)
Written by:
Er. Chakradhar Mohanta
Published by:
Abhipsa Printer & Publishers
113-B, Surya Nagar, Unit -VII,
Bhubaneswar - 751003
First Edition: 2006
© **Smt Beena Mohanta**
Printer :
AB Imaging & Prints Pvt. Ltd.
62 & 63, Ganganagar, Unit-6,
Bhubaneswar- 751001. Ph - 2395887

Price : **Rs.80.00**

ISBN – **81-90-1788-1-4**

Digitized by srujanika@gmail.com

କଳା ଯେବେ ମୋର କେବେ ହୋଇଯିବ କଳଙ୍କ
ସେ କଳଙ୍କ କରିନେବି ମଥାରେ ମୁଁ ତିଳକ !
କଳା ପାଇଁ ଏଇ ଆଖି ଢ଼ାଳେ ଯେବେ ଲୋତକ
ସେଇ ଲୁହ ଧୋଇ ନେବ ଯେତେ ସବୁ କଳଙ୍କ !!
ମୋ' କଲମ ଧାରେ ଯଦି ଝରେ କେବେ କଳଙ୍କ
ହସି ହସି ପିଇନେବି ଥାଉ ଯେତେ କଳଙ୍କ !!!
ମୋର ଗଳ୍ପ ପାଇଁ ଯଦି ପାଏ କେବେ କଳଙ୍କ
ସେ ହେବ ମୋ' କୋଣାରକ ନୋହିବ ତ କଳଙ୍କ !!!!

(ଇଂ. ଚକ୍ରଧରମହାନ୍ତ)

Digitized by srujanika@gmail.com

Digitized by srujanika@gmail.com

ଉତ୍ସର୍ଗ

ଚିହ୍ନିବା ଆଗରୁ ଆକାଶରେ ଯିଏ
ତାରା ହୋଇଗଲେ,
ମୋର ସେଇ ପରମ ପୂଜ୍ୟା
ମାତା **'ତାରାମଣି'**ଙ୍କ ପବିତ୍ର ସ୍ମୃତି
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ !!

Digitized by srujanika@gmail.com

ସୂଚୀପତ୍ର

ତନୁତୀର୍ଥ ---------------------------------- ୧

କଳଂକିତ ନାୟକ --------------------------- ୯

ଅସମର୍ପଣୀୟ ପୁରୁଷ ------------------------ ୨୩

ନର୍ତ୍ତକୀ ---------------------------------- ୩୫

ସଂଭାବ୍ୟ ସଂଭୋଗ ------------------------- ୪୩

ବିଜିତା ବିଜେତା -------------------------- ୫୩

ଜତୁଗୃହ ---------------------------------- ୬୧

କଳା ମେଘର ଛାଇ ------------------------- ୬୭

ସ୍ମୃତି-ବିସ୍ମୃତିର --------------------------- ୭୨

ମୃତ ସୀମନ୍ତ ----------------------------- ୭୯

ଶାନ୍ତି ଦାସ ------------------------------- ୯୧

ସ୍ନେହ ସ୍ନାନ ------------------------------- ୯୬

ବାପା ଜଲ୍‌ଦି ଆସିଯା' --------------------- ୧୦୭

ଅସ୍ତସୂର୍ଯ୍ୟର ରଙ୍ଗ ------------------------- ୧୧୨

ଶେଷ ଶ୍ରାବଣର ବର୍ଷା --------------------- ୧୨୦

ଭଲ ପାଇବାର ମାନେ --------------------- ୧୨୭

ଅଳ୍ପ ଦିନର ଗଳ୍ପ -------------------------- ୧୩୨

Digitized by srujanika@gmail.com

ତନୁତୀର୍ଥ

ସ୍ମୃତି କେବେ ଇତି ହୁଏନା ।

ବିଡ଼ମ୍ବନାର ସେଇ ଲାଂଛିତ ମୁହୂର୍ତ୍ତଗୁଡ଼ିକର ସ୍ମୃତି ରୋମନ୍ଥନ କରୁ କରୁ ରୂପଜୀବୀ କେତକୀ ମାହାରୀ ତାର ଦୁଇ ବିଷର୍ଣ୍ଣ ଆୟତ ଚକ୍ଷୁର ବଡ଼ଦାଣ୍ଡରେ ବେଦନାର ନନ୍ଦିଘୋଷ ଚଳାଇ ଅଶ୍ରୁ ବିମୋଚନ କରୁଥିଲା । ଅପରୂପା ସୁନ୍ଦରୀ ହେବା କ'ଣ ସତରେ ଅଭିଶାପ ? ସ୍ୱର୍ଗର ନଷ୍ଟ ଉର୍ବଶୀ ହିଁ କ'ଣ ମର୍ତ୍ତ୍ୟର ରୂପଜୀବୀ ହୋଇ ଶାପ ମୋଚନ କରିବାକୁ ଜନ୍ମ ନିଏ ??

କିନ୍ତୁ ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ସହସା ଆବିର୍ଭୂତ ହେଲେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ । ଉତ୍କଳର ଚଳନ୍ତି ବିଷ୍ଣୁ ଗଜପତି ମହାରାଜାଙ୍କୁ ନିଜର ନିକଟତର ହେଉଥିବା ଦେଖି କେତକୀ ହଠାତ୍ ପ୍ରଳାପ କରି ଉଠିଲା-

: ମୋତେ ଛୁଇଁବେନି ଛାମୁଁ । ମୁଁ ଯେ ଯବନଭୁକ୍ତା, ପତିତା, ଅପବିତ୍ରା । କେତକୀର ଆଖିରୁ ବହିଚାଲିଥିଲା ଅବାରିତ ଅଶ୍ରୁର ବାରିଧାରା । ସେଇ ବାରିଧାରା ତା'ର ସ୍ମୃତିକୁ ସିକ୍ତ କରୁଥିଲା । କ୍ଷଣକ ପାଇଁ ସେ ସ୍ମୃତିର ସିଂହାସନରେ ଅଭିଷିକ୍ତା ହୋଇଗଲା......

ରୂପର ନିଆଁ ଲଗାଇ ଜଗତର ନାଥ ଜଗନ୍ନାଥ ତାକୁ ଯେମିତି ଗଢ଼ିଥିଲେ । ନିଜର ଅତିପ୍ରିୟ ସେବକ ଗଜପତି ରାଜାଙ୍କର ରୂପ ପିପାସା ନିବାରଣ ପାଇଁ ହୁଏତ ସେ ଖେୟାଲି ବିଶ୍ୱକର୍ମାକୁ ଆଦେଶ ଦେଇଥିଲେ- ଆଉ ସେଥିପାଇଁ ହୁଏତ କେତକୀ ଥିଲା ବିଶ୍ୱକର୍ମାଙ୍କ ସୃଷ୍ଟିଶାଳାରେ ଏକ ଅନନ୍ୟ ସୃଷ୍ଟି । ମାଂସ ବଦଳରେ ବିଶ୍ୱକର୍ମା ତା' ଦେହରେ ହୁଏତ ଭୁଲରେ ଭରି ଦେଇଥିଲେ ଲହୁଣୀ । ଦେହର ଚର୍ମ ତାର ଏତେ ସ୍ୱଚ୍ଛ ଯେ ଅନ୍ୟର ସାମାନ୍ୟ ଚାହାଣିରେ ସେ ତନୁର ମାଧୁରୀ ଆରକ୍ତ ହୋଇଯିବ । ତା'ର ହରିଣୀ ଚକ୍ଷୁ, ମେଘରଙ୍ଗ କେଶଗୁଚ୍ଛ, ପୀନୋନ୍ନତ ସ୍ତନଯୁଗଳ, କୃଶ ଉଦର ଓ କ୍ଷୀଣ କଟୀ ଦେଖି ଦିବ୍ୟସିଂହ ଦେବ ସମ୍ମୋହିତ ହୋଇ ପଡ଼ିଥିଲେ । ଗଜପତିଙ୍କର ବାଲିସାହି ପ୍ରାସାଦ କେତକୀର ନୂପୁର ନିକ୍ୱଣରେ ମଧ୍ୟରାତ୍ରି ପର୍ଯ୍ୟନ୍ତ ଝଙ୍କୃତ ହେଉଥିବା ପାତ୍ରମନ୍ତ୍ରୀଙ୍କୁ ଅବିଦିତ ନଥିଲା । ଏପରି

Digitized by srujanika@gmail.com

ଭାବରେ କେତକୀ ମାହାରୀ ଥିଲା ଦିବ୍ୟସିଂହ ଦେବଙ୍କର ଛଅ ଅଙ୍କ ରାଜତ୍ୱ କାଳର ଏକ ଦୁର୍ବଳତମ ମୁହୂର୍ତ୍ତର ନିତ୍ୟ ପ୍ରାତଃ ସ୍ମରଣୀୟ କାହାଣୀ ।

ସମୟ କାହାରି ଚିରନ୍ତନ ବନ୍ଧୁ ହୋଇପାରେନା । କେତକୀ ମାହାରୀର ସୁଖର ଦିନଗୁଡ଼ିକ କଡ଼ ଲେଉଟାଇଲେ ଏଥିମଧ୍ୟରେ । ଗଜପତିଙ୍କର ଗୁପ୍ତଚର ଖବର ଦେଲା ଯେ କଟକ ସୁବାର ନାଏବ୍ ନଜିମ୍ ସୁଜା ଖାଁ ଆସୁଛି ଶ୍ରୀମନ୍ଦିର ଧ୍ୱଂସ କରିବାକୁ । ସେଇ ଭଗ୍ନାବଶେଷ ନେଇ ସେ କୁଆଡ଼େ ଏଇ ଚକ୍ରତୀର୍ଥରେ ଗଢ଼ିବ ଏକ ସୁବୃହତ୍ ମସ୍‌ଜିଦ୍ । ବିଚଳିତ ହେବାକୁ ଲାଗିଲେ ଦିବ୍ୟସିଂହ ଦେବ । ଖୋଦ୍ ମୁର୍ସିଦାବାଦ୍ ନବାବଙ୍କର ନାଏବ୍-ନଜିମ୍ ଖାଁ କେତେ ଶକ୍ତିଶାଳୀ ଏବଂ କେତେ ହିନ୍ଦୁ ବିଦ୍ୱେଷୀ ତାହା ତାଙ୍କୁ ଅବିଦିତ ନ ଥିଲା । ଅନେକେ ଜାଣି ନଥିଲେ ବି ଗଜପତି ଜାଣିଥିଲେ ସୁଜା ଖାଁର ଥିଲା ଖୋର୍ଦ୍ଧାଗଡ଼କୁ ଦଖଲ କରି ନେବାର ଏକ ଦୁର୍ନିବାର ଲାଳସା । କାରଣ ସୁଜା ଖାଁ ଜାଣିଥିଲା ଜଗନ୍ନାଥ ମନ୍ଦିର ଉତ୍କଳ ଭୂଇଁରେ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀ କରେ । ଅନ୍ୟ କୌଣସି ଦେଶରେ ଏପରି ଘଟଣା ନାହିଁ ଯେଉଁଠି ସେ ରାଜ୍ୟର ଇଷ୍ଟ ଦେବତା ରାଜ୍ୟର ରାଜନୀତିରେ ମଧ୍ୟ ଅଂଶ ଗ୍ରହଣ କରନ୍ତି । କିନ୍ତୁ ଜଗନ୍ନାଥ ଏକ ସ୍ପଷ୍ଟ ବ୍ୟତିକ୍ରମ । ସୁଜା ଖାଁର ଅବିଶ୍ୱାସ ହେଲେ ବି ଜଗନ୍ନାଥଙ୍କ ସହାୟତାରେ କାଞ୍ଚି ବିଜୟ ଘଟିଥିଲା ଏକଥା ପ୍ରତିଟି ଉତ୍କଳୀୟ ଗଭୀର ଭାବେ ବିଶ୍ୱାସ କରନ୍ତି । ସେମାନେ ଆହୁରି ମନେ କରନ୍ତି ସ୍ୱୟଂ ନାରାୟଣ ଓଡ଼ିଶାର ଅଧିବାସୀଙ୍କୁ ଏକ ଅଭୟ ମୁଦ୍ରା ତଳେ ଆଶ୍ରୟ ଦେବା ପାଇଁ ଏଇ ଦାରୁବ୍ରହ୍ମ ରୂପ ପରିଗ୍ରହ କରିଛନ୍ତି । ସେଥିପାଇଁ ଓଡ଼ିଆ ଘରେ ବାହା, ପୁଆଣି, ଭୋଜି ମଉଛବ ଇତ୍ୟାଦି ମାଙ୍ଗଳିକ ପର୍ବରେ ଜଗନ୍ନାଥଙ୍କୁ ପହିଲି ଚିଟାଉ ଲେଖା ହୁଏ । ଯଦିଓ ଜଗନ୍ନାଥ ସର୍ବଧର୍ମ ସମନ୍ୱୟର ଦେବତା, ଯଦିଓ ତାଙ୍କଠାରେ ସାର୍ବଜନୀନ ସାମ୍ୟ ଓ ମୈତ୍ରୀ ଭାବର ପରିଚର୍ଯ୍ୟା ହୁଏ, ଯଦିଓ ସେ ସ୍ୱୟଂ ପୁରୁଷୋତ୍ତମ ଏବଂ ସନାତନ ବ୍ରହ୍ମଙ୍କର ଦାରୁମୟ ବିଗ୍ରହ; ତଥାପି ଜଗତର ନାଥ ଜଗନ୍ନାଥଙ୍କୁ ଏକ ଭାବାବେଶର ପ୍ରବହମାନ ସ୍ୱାର୍ଥପରତାର ଆକର୍ଷଣରେ ନିଜର ଗୃହଦେବତା ବୋଲି ପ୍ରତିଟି ଓଡ଼ିଆ ଘୋଷଣା କରିବାକୁ ଗର୍ବ ଅନୁଭବ କରେ । ସୁଜା ଖାଁ ଆଉ ବି ଜାଣିଥିଲା, ସେଇ ଜଗନ୍ନାଥ ହିଁ ଓଡ଼ିଆମାନଙ୍କର ସମ୍ରାଟ । ଗଜପତି ଅନଙ୍ଗଭୀମ ଦେବ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣରେ ପ୍ରସାଦ ଅର୍ପଣ କରି, ନିଜେ ତାଙ୍କର ଜଣେ ସାମାନ୍ୟ ସେବକ ରୂପେ ରହି ତାଙ୍କରି ନାମରେ ରାଜକାର୍ଯ୍ୟ ସମାଧାନ କରୁଥିଲେ । ତେଣୁ ଉତ୍କଳର ଐତିହାସିକ, ରାଜନୀତିକ, ସାମାଜିକ ତଥା ଆଧ୍ୟାତ୍ମିକ ପରଂପରାରେ ସର୍ବତୋଭାବେ ଜଡ଼ିତ ସେଇ ଅଧାଗଢ଼ା ଦିଅଁ ଶ୍ରୀ ଜଗନ୍ନାଥଙ୍କୁ ଉତ୍କଳୀୟ ପ୍ରାଣକେନ୍ଦ୍ରରୁ ହଟାଇ ଦେବାହିଁ ଅସଲ ବିଜୟ ବୋଲି ସୁଜା ଖାଁର ହୃଦବୋଧ ହୋଇଥିଲା ।

ଧନ, ଯୌବନ, ପ୍ରଭୁତ୍ୱ ଏବଂ ଅବିବେକିତାର ଚରମ ସୀମାରେ ଉପନୀତ ହୋଇ କୁଖ୍ୟାତ ସୁଜା ଖାଁ ପବିତ୍ର ଇସ୍‌ଲାମର ପ୍ରକୃତ ସଂଜ୍ଞା ବୁଝି ପାରିନଥିଲା । ଇସ୍‌ଲାମର ଅର୍ଥ

Digitized by srujanika@gmail.com

ପ୍ରଶାନ୍ତି । ଈଶ୍ୱରଙ୍କ ଇଚ୍ଛା ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣ ହିଁ ଏହାର ପରମ ତାତ୍ପର୍ଯ୍ୟ । ବିଶ୍ୱଜନୀନ ମାନବିକତା ଏହାର ପ୍ରକୃତ ମୂଳମନ୍ତ୍ର । ପବିତ୍ର କୋରାନ୍ କହେ- ତୁମର ଧର୍ମ ତୁମର, ମୋ' ଧର୍ମ ମୋର । ଏଥିରେ ଧର୍ମ ବିଦ୍ୱେଷର ସ୍ଥାନ ନାହିଁ । କିନ୍ତୁ ସୁଜା ଖାଁ ଅଜ୍ଞ ହୋଇ ଇସ୍‌ଲାମକୁ ଘୃଣ୍ୟ ତରବାରୀର ପ୍ରଚାରିତ ଧର୍ମ ବୋଲି ଭାବି ନେଇ ସର୍ବଧର୍ମ ସମନ୍ୱୟର ପ୍ରତୀକ ଜଗତର ନାଥ ଜଗନ୍ନାଥଙ୍କ ଶ୍ରୀମନ୍ଦିର ଭାଙ୍ଗିବାକୁ ଅବିବେକୀ କଳାପାହାଡ଼ ସାଜିଥିଲା !

ଓଡ଼ିଆ ଜାତିର ଏଇ ବିଡ଼ମ୍ବିତ ମୁହୂର୍ତ୍ତରେ ଦିବ୍ୟସିଂହ ଦେବ କେତକୀ ମାହାରୀର ସାହାଯ୍ୟ ଲୋଡ଼ିଥିଲେ । ସୁଜା ଖାଁର ପଥ ରୋଧିବାକୁ ଗଜପତି ଚନ୍ଦନପୁରଠାରେ ଛାଉଣୀ ପକାଇ ରହିଥିଲେ । ସହସ୍ର ବୀର ପାଇକ ପୁଅର ଉଦ୍ଦାମ ସାହସ ମୋଗଲ ଶତ୍ରୁଙ୍କର ପଥରୋଧ କରିପାରି ନ ଥିଲା । ଶେଷରେ ଅନନ୍ୟୋପାୟ ହୋଇ ସେ କେତକୀକୁ ଡ଼କାଇ ପଠାଇଲେ । ଭାର୍ଗବୀ ନଦୀ ସେପଟରେ ସୁଜା ଖାଁ - ଏପଟରେ ଗଜପତି ଦିବ୍ୟସିଂହ ଦେବ । ସୁଜା ଖାଁ ମତ୍ତହସ୍ତୀ ପ୍ରାୟ ଅଗ୍ରସର !

ସେନା ଛାଉଣୀରେ କେତକୀ ଆସି ପହଞ୍ଚିଲା । ଗଜପତିଙ୍କର ଉଦାସୀ ଚେହେରା ଦେଖି ସେ ଶଙ୍କିତା ହୋଇଉଠିଲା । ନିଭୃତ କକ୍ଷକୁ ସେ ଡ଼ାକି ନେଲେ କେତକୀକୁ । ଭିତରେ ଫୁଲଶେଯ । ଏ ଯେ ସୁରା-ସାକୀର ମଣି-କାଂଚନ ସଂଯୋଗ । ଗଜପତିଙ୍କର ମତିଭ୍ରମ ଘଟିନିତ ? ଏଇ ସମୟ କ'ଣ ବିଳାସ ଉପଯୋଗୀ ?? କିନ୍ତୁ କିଛି ପଚାରି ପାରିଲାନି କେତକୀ । କହିଲେ କାଳେ ଛୋଟ ମୁହଁରେ ବଡ଼ କଥା ହୋଇଯିବ !!

ଫୁଲଶେଯରେ କ୍ଷଣକ ପାଇଁ ଗମ୍ଭୀର ହୋଇ ଦୀର୍ଘଶ୍ୱାସ ଛାଡ଼ି ଦିବ୍ୟସିଂହଦେବ କେତକୀକୁ କୋଳକୁ ଟାଣିନେଲେ । ବିସ୍ମିତା କେତକୀ ଶିହରିତା ହେବା ପରିବର୍ତ୍ତେ ଆଶଙ୍କିତା ହୋଇଗଲା । ଗଜପତିଙ୍କର ଏଇ ନଗ୍ନ ବିଳାସ, ଲିଭା ଦୀପାଳିର ସଳିତା ନୁହେଁ ତ ?

କେତକୀର ଅନାବୃତ୍ତ ତନୁର ମନ୍ଦିରରେ ଗଜପତିଙ୍କର ଦୁଇଚକ୍ଷୁ ଅନେକ ତୀର୍ଥାଟନ କରିଛି-ରୂପକୁ ଖୋଜି ବାହାର କରିଛି-ଅପରୂପକୁ ସ୍ୱହୃଦୟରେ ଧରି ରଖିବାକୁ ଚେଷ୍ଟା କରିଛି । ରୂପର ତପସ୍ୟା ପାଇଁ ଯେଉଁ ଶୁଭାରମ୍ଭ ହୋଇଥିଲା ତା'ର ଆଉ ଯବନିକା ପତନ ନୁହେଁ ତ ! ଭାର୍ଗବୀର ସେପଟରେ ସୁଜା ଖାଁର ଶିବିର ତା' ଦୃଷ୍ଟି ଆନତ କଲା । ଥର ଥର କଣ୍ଠରେ ସେ ଗଜପତିଙ୍କର ପ୍ରଶସ୍ତ ଲୋମଶ ଛାତିରେ ଅଙ୍ଗୁଳି ସଂଚାଳନ ପୂର୍ବକ ପ୍ରଶ୍ନ କରିଥିଲା-

''ମୋତେ ଏହି ସେନା ଛାଉଣୀକୁ ଡ଼ାକିବାର ଅଭିପ୍ରାୟ ମୁଁ ଜାଣି ପାରିଲିନି ଛାମୁଁ !''

''ତୁମେ ହିଁ ହେବ ଆଗାମୀ କାଲିର ଯୁଦ୍ଧରେ ସେନାପତି, କେତକୀ ।''

ଗୁରୁ ଗମ୍ଭୀର ହୋଇ ଉତ୍ତର ଦେଇଥିଲେ ଦିବ୍ୟସିଂହ ଦେବ ।

Digitized by srujanika@gmail.com

''ମଣିମା, ମୁଁ ଜଣେ ସାମାନ୍ୟ ନାରୀ । ମୁଁ ଅବଳା । ଛାମୁଁ ଏ ଅକିଞ୍ଚନାକୁ ଉପହାସ କରୁଛନ୍ତି !''

''ତୁମକୁ କେବେ ଉପହାସ କରିଥିବାର ତୁମର ମନେପଡ଼େ, କେତକୀ ?''

''ନା ଛାମୁଁ । ସେଇଟା ମୋର ସୌଭାଗ୍ୟ-ଜଗନ୍ନାଥଙ୍କର ଦାନ ।''

''ସେଇ ଜଗତର ନାଥ ସ୍ୱୟଂ ଜଗନ୍ନାଥଙ୍କ ମାନରକ୍ଷା ପାଇଁ ମୁଁ ତୁମକୁ ଡ଼ାକିଛି, କେତକୀ ।''

''ମୋତେ ଆଉ ଲଜ୍ଜା ଦିଅନ୍ତୁନି ମହାରାଜ ! ଛାମୁଁ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳବର୍ଗେଶ୍ୱର ବୀରାଧିବର ଅଧିରାଜ । ଛାମୁଁ ଥାଉ ଥାଉ ଜଗନ୍ନାଥଙ୍କୁ ଏଇ ରୂପଜୀବୀ କେମିତି ସାହାଯ୍ୟ କରିବ ? ଏତେ ଭାଗ୍ୟ, ଏତେ ଶକ୍ତି ମୋର କାହିଁ ?''

''କେତକୀ, ଓଡ଼ିଶାର ଗଜପତି ରାଜାର କେବେ ଅଭିଷେକ ହେବାର ଶୁଣିଛ ?''

''ନା, ମହାରାଜ !''

''ମୁଁ ମହାରାଜ ନୁହେଁ, କେତକୀ- ସେଇ କମ୍ଭୁ କଟକ ରାଜା ସ୍ୱୟଂ ଜଗନ୍ନାଥ ହିଁ ଉତ୍କଳର ପ୍ରକୃତ ସମ୍ରାଟ-ସେଥିପାଇଁ ସେ ରତ୍ନ ସିଂହାସନରେ ଉପବିଷ୍ଟ ହୋଇ ମହାରାଜାଧିରାଜ ତ୍ରିଲୋକର ଅଧୀଶ୍ୱର ରୂପେ ରାଜକୀୟ ମର୍ଯ୍ୟାଦାରେ ସଂପୂଜିତ ହୁଅନ୍ତି । ମୁଁ ତ ତାଙ୍କର ସାମାନ୍ୟ ସେବକ - ବଂଶାନୁକ୍ରମେ ଦାସାନୁଦାସ । ସେଥିପାଇଁ ରଥଯାତ୍ରା କାଳରେ ମୁଁ ଚଣ୍ଡାଳ ପ୍ରାୟେ ତାଙ୍କର ଛେରା ପହଁରା କରିଥାଏ !'' ଗଜପତିଙ୍କ କଣ୍ଠସ୍ୱର କ୍ରମଶଃ ବିଗଳିତ ହେବାକୁ ଲାଗିଲା ।

''ଛାମୁଁ !!''

''ତୁମେ ମୋର ଗୋଟିଏ ଅନୁରୋଧ ରକ୍ଷା କରିପାରିବ, କେତକୀ ?''

''ଆଦେଶ କରନ୍ତୁ ଛାମୁଁ ! ଆପଣଙ୍କ ଆଦେଶ ମୋର ଶିରୋଧାର୍ଯ୍ୟ । ସେଇ ଆଦେଶ ପୂରଣ ପାଇଁ ମୁଁ ସ୍ୱଶିରପାତ କରିବାକୁ ମଧ୍ୟ ଯେପରି ଭୟ ନ କରେ ସେଥିପାଇଁ ମୋତେ ଆଶୀର୍ବାଦ କରନ୍ତୁ ।''

ଗଜପତିଙ୍କ ପାଦ ଛୁଉଁଥିଲା କେତକୀ । ତାକୁ ସସ୍ନେହେ ଉଠାଇ ଗଜପତି କହିଥିଲେ-

''ଏଇଟା ମୋର ଆଦେଶ ନୁହେଁ, କେତକୀ । ଏଇଟା ମୋର ବିନୀତ ଅନୁରୋଧ ବୋଲି ଧରି ନେଇପାର । ଆସନ୍ତାକାଲି ତୁମେ ହେବ ଏଇ ଯୁଦ୍ଧରେ ସେନାପତି ।''(୧)*

''ଆଉ ଆପଣ ?''

''ପ୍ରଥମ ଥର ପାଇଁ ଓଡ଼ିଶାର ଗଜପତି ରାଜା ଆତ୍ମଗୋପନ କରିବା କଥା ମାଦଳାପାଞ୍ଜି ଲିପିବଦ୍ଧ କରିବ । ଭାଗ୍ୟର କି ବିଡ଼ମ୍ବନା ସତେ !'' ଗଜପତିଙ୍କର ମୁଖମଣ୍ଡଳରେ ଘନକଳା ମେଘର ଛାଇ ।

---

(୧) ନୀଳଶୈଳ - ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

''କିନ୍ତୁ ମହାଭାଗ ! ମୋତେ ଯେ ଅସ୍ତ୍ର ଚାଳନା କରି ଆସେନା !''

''କେତକୀ, ତୁମେ ଜାଣକି ନା, ମୁଁ କିନ୍ତୁ ସଠିକ ଭାବେ ଜାଣେ ତୁମ ତନୁବଲ୍ଲରୀ ଏକ ଗୁଣ ଦିଆ ଧନୁ । ତୁମର ସ୍ତନଦୁଇଟି ସେ ଧନୁର ଦୁଇପାର୍ଶ୍ୱ । ଏଇ ଧନୁରେ ସଂଭୋଗର ତୀର ଦେଇ ତୁମେ ଆଖିରେ ଆଖି ଯୋଖି ଲାଖ ବିନ୍ଧିବ । ସେଇ ତୀରରେ ସୁଜା ଖାଁ ତ ସୁଜା ଖାଁ, ନିଜେ ଭଗବାନ ବି ପରାଜିତ ହୋଇଯିବେ ଏ ବିଶ୍ୱାସ ମୋର ରହିଛି । ତୁମ ଫୁଲ ଧନୁ ତୁଳନାରେ ସେ ବାଉଁଶ ଧନୁର ଶକ୍ତି କେତେ ତୁଚ୍ଛ ତାହା ତୁମେ ବୁଝି ପାରିବନି । ଅଙ୍ଗ ହିଁ ତୁମର ସ୍ୱୟଂ ସଂପୂର୍ଣ୍ଣ ଅସ୍ତ୍ର- ଅଙ୍ଗ ଚାଳନା ହିଁ ତୁମର ଅସ୍ତ୍ର ଚାଳନା, ଏ କଥା ମନେ ରଖିଥିବ କେତକୀ !''

ସହସା କେତକୀ ନିର୍ବାକ୍ ସ୍ତବ୍ଧତାର ତୁଷାର ଶୀତଳତାରେ ଜଡ଼ ହୋଇଗଲା । ତା'ର ନିରୁତ୍ତରତା ଅବଲୋକନ କରି ଗଜପତି ତାକୁ ଗଭୀର ଆବେଗରେ ନିଜ କୋଳକୁ ଟାଣି ଆଣି ତା' କାନରେ ଚୁପି ଚୁପି କହିଥିଲେ-

''କେତକୀ ! ଏଇଟା ମୋର ଆଦେଶ ନୁହେଁ କି ଅନୁରୋଧ ବି ନୁହେଁ- ସ୍ୱୟଂ ଜଗନ୍ନାଥଙ୍କ ଇଚ୍ଛା ବୋଲି ଭାବି ନେଇପାର । ତୁମେ କ'ଣ ଚାହଁ ସୁଜା ଖାଁର ଆକ୍ରମଣରେ ଖୋର୍ଦ୍ଧା ସିଂହାସନର ବୁନିଆଦି ଭୂଲୁଣ୍ଠିତ ହେଉ । ମୋତେ ଭୁଲ ବୁଝନା କେତକୀ, ଏଇଟା ମୋ ନିଜ ପାଇଁ ମାଗୁନି, ମାଗୁଛି ଏଇ ଅଗଣିତ ଉତ୍କଳୀୟ ମାଆ ଭଉଣୀଙ୍କ ଇଜ୍ଜତ୍ ମୋଗଲ ସୟତାନଙ୍କ ହାତରୁ ରକ୍ଷା କରିବା ପାଇଁ !'' ନିଜର ଉଷ୍ଣ ଲୋତକରେ ଦିବ୍ୟସିଂହ ଦେବଙ୍କୁ ଆର୍ଦ୍ର କରି ଅତି ଧୀରେ କେତକୀ କହିଥିଲା-

''ଶ୍ରୀ ଜଗନ୍ନାଥଙ୍କ ଇଚ୍ଛା ଅବଶ୍ୟ ପୂରଣ ହେବ, ଛାମୁଁ !'' ତହିଁ ପରଦିନ ପ୍ରଭାତ ହୋଇଥିଲା ।

ଅନେକ ସୂର୍ଯ୍ୟ କେତକୀ ଦେଖିଥିଲା - ଶୀତ ସକାଳର ପୁରୀ ସମୁଦ୍ର ବକ୍ଷର କୁହୁଡ଼ି ଘେରା ସୂର୍ଯ୍ୟ, ଗ୍ରୀଷ୍ମଋତୁର ଗୋଧୂଳିସିକ୍ତ ବରୁଣେଇ ପାହାଡ଼ ବୁକୁର ଅସ୍ତାୟମାନ ସୂର୍ଯ୍ୟ ଅଥବା ବର୍ଷାଋତୁର ମେଘଘେରା ଖୋର୍ଦ୍ଧାର କଲ୍ଲୋଳିତ ମଧ୍ୟାହ୍ନର ସୂର୍ଯ୍ୟ ! କିନ୍ତୁ ଆଜିର ସୂର୍ଯ୍ୟ ତାକୁ ସବୁଠାରୁ ବିଚିତ୍ର ବୋଧ ହେଉଥିଲା- ସୂର୍ଯ୍ୟ ଯେମିତି ନିଷ୍ପ୍ରଭ, ଜ୍ୟୋତିହୀନ ବୋଧ ହେଉଥିଲା । ପ୍ରାତଃ ପ୍ରଭାତରୁ ସୁଜା ଖାଁ ଭାର୍ଗବୀ ନଈ ଡ଼େଇଁ ଗର୍ବିତ ଭଂଗୀରେ ଉତ୍କଳୀୟ ଛାଉଣୀରେ ପହଂଚି ଅଚାନକ ଆକ୍ରମଣ କରିବାକୁ ଯାଇ ସ୍ତମ୍ଭିତ ହୋଇଗଲା । ସେ ବିଗତ ରାତ୍ରିରେ କଳ୍ପନା କରିଥିଲା ଦିବ୍ୟସିଂହ ଦେବ ହୁଏତ ଶେଷଥର ପାଇଁ ଆତ୍ମରକ୍ଷା କରିବାକୁ ଧାଇଁ ଆସିବେ । କିନ୍ତୁ ଏ କ'ଣ ହେଲା ? ଦିବ୍ୟସିଂହ ଦେବ ଛାଉଣୀ ଛାଡ଼ି ଅଜ୍ଞାତ ସ୍ଥାନରେ ଆତ୍ମଗୋପନ କରିଥିବା କଥାଟାକୁ ସେ ବିଶ୍ୱାସ କରି ପାରୁ ନ ଥିଲା । କାରଣ ସେ ଭଲଭାବେ ଜାଣିଥିଲା ଖୋର୍ଦ୍ଧାର ପାଇକ ରାଜାଙ୍କ ବକ୍ଷରେ ତୀର ବିନ୍ଧିବା ସହଜ କିନ୍ତୁ ପଶ୍ଚାତ୍ ଭାଗରେ ବିନ୍ଧିବା ସଂପୂର୍ଣ୍ଣ କଳ୍ପନା ବିଳାସ ବ୍ୟତିରେକ ଅନ୍ୟ କିଛି ନୁହେଁ ।

■ ୫

Digitized by srujanika@gmail.com

ସୁଜା ଖାଁକୁ ଦେଖି ନର୍ତ୍ତନର ଛନ୍ଦେ ଛନ୍ଦେ ଆପଣାକୁ ସମର୍ପିଦେବାର ବ୍ୟାକୁଳତା ଦେଖାଇ, କଟାକ୍ଷ ଭଂଗୀରେ ରୂପ ମଦିରା ପାନର ସାଦର ନିମନ୍ତ୍ରଣ ଜଣାଇ, ରତିମୁଦ୍ରା ଭଂଗୀରେ କାମନାର ନଗ୍ନ ବିଳାସର ଲୀଳା ଖେଳାଇ, ନୂପୂର ନିକ୍ୱଣରେ ଗୁଞ୍ଜନ ତୋଳି ଆବିର୍ଭୂତା ହେଲା ଅପରୂପା କେତକୀ ମାହାରୀ । ଏଇ ଯେ ବିଷମ ଅଗ୍ନି ପରୀକ୍ଷା । ଜଗନ୍ନାଥ ତା'ର ପରୀକ୍ଷା ଚାହିଁଛନ୍ତି- ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ତାକୁ !

ସହସା କେତକୀ ମାୟାବିନୀ ପାଲଟିଗଲା । ନାରୀର ଏଇ ରୂପରେ ସ୍ୱୟଂ ଭଗବାନ ବି ପଥହରା ହେବାର ବହୁ ଦୃଷ୍ଟାନ୍ତ ରହିଛି । କେତକୀକୁ ଦେଖି ସୁଜା ଖାଁ ସମ୍ମୋହିତ ହୋଇପଡ଼ିଲା । ତାକୁ ଜଣା ପଡୁଥିଲା କେତକୀର ତନୁବଲ୍ଲରୀ ଖୋଦାଙ୍କ ସୃଷ୍ଟିରେ ଏକ ଅପୂର୍ବ ଗଜଲ । ତା'ର ପୀନୋନ୍ନତ ସ୍ତନ, ପୁଷ୍ପିତ ନାଭି, ପକ୍ଷୀ ନୀଡ଼ପରି ଦୁଇଟି ଦୋଦୁଲ୍ୟମାନ ଚକ୍ଷୁ, ରମଣୀୟ କ୍ଷୀଣକାୟ କଟିଦେଶ ଏବଂ ସର୍ବୋପରି ଆକର୍ଷଣୀୟ ସ୍ଥୂଳକାୟ ନିତମ୍ବ ଯେମିତି ଏଇ ଗଜଲର ଗୋଟିଏ ଗୋଟିଏ ମୁହବତ୍‌ର ପଂକ୍ତି । ଏ ସବୁର ମିଶ୍ରଣରେ ଅପରୂପକୁ ଖୋଦା ଯେମିତି କେତକୀର ରୂପ ମଧ୍ୟରେ ଚିର ବନ୍ଦୀ କରି ରଖିଯାଇଛନ୍ତି !

''କୌନ ହୋ ତୁମ୍ ?'' ସୁଜା ଖାଁ କେତକୀକୁ ସ୍ୱର୍ଦ୍ଧିତ କଣ୍ଠରେ ପ୍ରଶ୍ନ କଲା । କୁର୍ଣ୍ଣିସ୍ କରି ବାମ ପାଦର ବୃଦ୍ଧାଙ୍ଗୁଠିରେ ଭୂମି ଉପରେ ଗାର ଟାଣିବା ବେଳେ କେତକୀ ସୁଜା ଖାଁକୁ ପ୍ରତୀକ୍ଷା କରିଥିବାର ମୁଦ୍ରାଙ୍କନ ପୂର୍ବକ ଉତ୍ତର ଦେଇଥିଲା-

''ମୁଁ ଖୋର୍ଦ୍ଧା ଗଜପତିଙ୍କର ସେନାପତି, ଜାହାଁପନା । ''

ତା'ର ତିଳଚିହ୍ନ ଶୋଭିତ ଚିବୁକଟି ଉଠାଇ ସୁଜା ଖାଁ ହସି ଉଠି କହିଥିଲା- ''ସେନାପତି ?? ତୁମ୍ ମେରେ ସାଥ୍ ଜଙ୍ଗ୍ କରିବୁ ?''

ଆତ୍ମ ସମର୍ପଣର ମୁଦ୍ରାରେ କେତକୀ ସୁଜା ଖାଁର ଆଖିରେ ଆଖି ଯୋଖି ଫୁଲଶର ମାରି କହିଥିଲା-

''କିନ୍ତୁ ଗୋଟିଏ ସର୍ତ୍ତରେ ଜାହାଁପନା ! ମୋ ସହିତ ଯୁଦ୍ଧରେ ହାରିଲେ ଆପଣ ଏଇଠାରୁ କଟକ ଫେରିଯିବେ । ଜଗନ୍ନାଥଙ୍କର କିଛି ଅନିଷ୍ଟ କରିବେନି ! ମୋତେ ଏଇଠି ଛାଡ଼ିଦେଇ ଯିବେ ।''

''ଖୋଦାକି କସମ୍-ନାଏବ ନଜିମ୍ ସୁଜା ଖାଁର ବାଦ୍ ହାଥୀକା ଦାନ୍ତ ଜୈସେ-ବଚନ୍ ଦେଉଛି ତୁମାରା ସହିତ ଜଙ୍ଗରେ ହାରିଲେ କଟକ ୱାପସ୍ ଲେଉଟିବି-ଲେକିନ୍ ମେରେ ମେହେବୁବ୍-ଯଦି ତୁ ହାରିଯିବୁ ତା ହେଲେ ଏ ବନ୍ଦା ତୋତେ ଆଉ ତୋର ଜଗନ୍ନାଥକୁ ବନ୍ଦୀ କରି କଟକକୁ ନେଇଯିବ-ହାଃ ହାଃ ହାଃ...''

ଆରମ୍ଭ ହେଲା ଯୁଦ୍ଧ । କିନ୍ତୁ ଅସ୍ତ୍ର ଚାଳନା ଆଉ ଅଂଗ ଚାଳନା ଯେ ଏକକଥା ନୁହେଁ ଏକଥା ବିଚରା ସୁଜା ଖାଁ ଜାଣିନଥିଲା । ସେ ଅନେକ ଯୁଦ୍ଧରେ ବିଜୟୀ ହୋଇଛି ।

Digitized by srujanika@gmail.com

କିନ୍ତୁ କେଳି କଉତୁକୀ ରତି-ଶାସ୍ତ୍ରବିତ୍ କେତକୀ ମାହାରୀ ନିକଟରେ ତା'ର ସ୍ପର୍ଦ୍ଧିତ ଅହମିକା ଭୂଲୁଣ୍ଠିତ ହେଲା କ୍ଷଣକ ମଧ୍ୟରେ । ଫୁଲ ଶରବିଦ୍ଧ ଆହତ ସୁଜା ଖାଁ କେତକୀର ପାଦତଳେ ଅସ୍ତ୍ର ସମର୍ପଣ କରି ନାଟକୀୟ ଭଂଗୀରେ ଆତ୍ମସମ୍ମୋହିତ ହୋଇ କହିଥିଲା- ''ଦର୍ଦେ ଜିଗର-ଦର୍ଦେ ଜାହାଁ । ତୁ ଜିତିଗଲୁ । ବିନା ଜଙ୍ଗରେ ମୁଁ ବଚନ୍ ରଖି କଟକ ୱାପସ୍ ଲେଉଟୁଛି । ଆଉ ଯିବା ଆଗରୁ ଏଇ ଟୁଟା ଦିଲ୍‌ର ସଲାମୀ ତୋତେ ଦେଇ ଯାଉଛି- ଖୋଦା ହାଫିଜ୍-''

ସୁଜା ଖାଁ ନିଜର କଥା ରଖି ଚାଲିଯାଇଥିଲା । ନିଜ କଥା ରଖି ନ ଥିଲେ ସେ ହୁଏତ କେତକୀର କ୍ଷତି କରିପାରିଥାନ୍ତା; କିନ୍ତୁ ଇତ୍ୟବସରରେ ଗଜପତିଙ୍କଦ୍ୱାରା ଶ୍ରୀମନ୍ଦିରରୁ କୋକଲଗଡ଼କୁ ସ୍ଥାନାନ୍ତରିତ ହୋଇସାରିଥିବା ଦେବବିଗ୍ରହମାନଙ୍କର ସେ କିଛି କ୍ଷତି କରିପାରି ନ ଥାଆନ୍ତା ! ହଠାତ୍ ଦିବ୍ୟସିଂହ ଦେବଙ୍କ କୋମଳ ସ୍ପର୍ଶରେ ସଂବିତ୍ ଫେରି ପାଇଲା କେତକୀ । କମ୍ପିତ କଣ୍ଠରେ ସେ ପଚାରିଥିଲା-

''ଏ କ'ଣ କଲେ ଛାମୁଁ ! ମୋ ଅପବିତ୍ର କାୟାକୁ ସ୍ପର୍ଶ କଲେ । ମୁଁ ଯୋଗ୍ୟା ନୁହେଁ ମହାଭାଗ ! ମୁଁ ଯେ ଯବନ ଭୁକ୍ତା-ପାପିନୀ, ଅପବିତ୍ରା । ନର୍କରେ ମଧ୍ୟ ମୋର ସ୍ଥାନ ନାହିଁ ।''

ଗଭୀର ସ୍ନେହରେ ସ୍ନାତ କରି ସ୍ୱବାହୁର ଗଜରା ଗଳାରେ ପିନ୍ଧାଇ ଗଜପତି ରାଜା କେତକୀକୁ ପ୍ରତ୍ୟୁତ୍ତରରେ କହୁଥିଲେ-

''ବିଜୟୀ ସେନାପତିକୁ ଗଜପତି ରାଜା ସ୍ୱହସ୍ତରେ ଫୁଲମାଳ ପିନ୍ଧାଇବାର ପରଂପରା ଉତ୍କଳରେ ସର୍ବଜନବିଦିତ । ମୁଁ ସେଥିପାଇଁ ମୋର ଏଇ ଦୁଇବାହୁର ଗଜରା ତୁମକୁ ପିନ୍ଧାଉଛି, ତୁମେ କ'ଣ ଏହା ଅଗ୍ରାହ୍ୟ କରିଦେବ, କେତକୀ ?''

''ଛାମୁଁ !!''

''ହଁ, କେତକୀ ! ତୁମେ କେବଳ ଜଗନ୍ନାଥଙ୍କର ଇଚ୍ଛା ପୂରଣ କରିଛ । ସେଇ ପତିତପାବନ ଜଗତର ନାଥ ତୁମର ତଥାକଥିତ ପାପରାଶିକୁ ହରଣ କରିନେଇଛନ୍ତି । କାରଣ ଯବନକୁ ତୁମ ତନୁ ଅର୍ପଣ କରି ତା'ର ପ୍ରତିଦାନରେ ତୁମେ ପ୍ରଭୁଙ୍କ ଶ୍ରୀଅଙ୍ଗକୁ ଯବନ ହାତରୁ ରକ୍ଷା କରିଛ । ତେଣୁ ତୁମର ଏଇ ତନୁ ତାଙ୍କରି ସଂକଳ୍ପରେ ଏକ ନୂତନ ତୀର୍ଥରେ ପରିଣତ ହୋଇଯାଇଛି । ସେଇ ତୀର୍ଥ ଅପବିତ୍ର ହୋଇପାରେ ଏ କଥା ମୁଁ ସ୍ୱୀକାର କରେନା । ଯେଉଁ ତନୁ ବିନିମୟରେ ଆମେ ଆମର ବଡ଼ ଦେଉଳ, ବଡ଼ଦାଣ୍ଡ, ବଡ଼ରଥ, ବଡ଼ଭୋଗ, ବଡ଼ ସେବା, ବଡ଼ ହୃଦୟ, ବଡ଼ ଆତିଥେୟତା, ବଡ଼ ମନ, ସର୍ବୋପରି ଆମର ବଡ଼ ଠାକୁରଙ୍କୁ ଫେରି ପାଇଛୁ ତାହା ମୋ ପାଇଁ ଏକ 'ତନୁତୀର୍ଥ'- ସେଥିରେ ପର୍ଯ୍ୟଟନ କଲେ ମୋତେ ଲକ୍ଷ ତୀର୍ଥାଟନର ସୁଫଳ ପ୍ରାପ୍ତ ହେବ - ତାହାହିଁ ହେବ ସବୁଠାରୁ ବଡ଼ ତୀର୍ଥାଟନ !''

Digitized by srujanika@gmail.com

ଦିବ୍ୟସିଂହ ଦେବ ଲକ୍ଷ୍ୟ କଲେ ଶିଶିର ବିନ୍ଦୁରେ ସୂର୍ଯ୍ୟାଲୋକର ନିର୍ମଳ ପ୍ରତିଫଳନ ପରି କେତକୀର ଢ଼ଳଢ଼ଳ ଆଖି ଡୋଳାରେ ସେହି ଜଗା କାଳିଆ ଚକାଡୋଳାର ଚକା ଚକା ଆଖି ଦୁଇଟି ପ୍ରତିବିମ୍ବିତ ହେଉଥିଲା । ତାରି ଭିତରେ ସବୁ ପାପ, ସବୁ ପୁଣ୍ୟ, ସବୁ ହସ, ସବୁ କାନ୍ଦ ଯେମିତି ଏକାକାର ହୋଇଯାଇଥିଲା । ଆଉ ସେଇ ମୁହୂର୍ତ୍ତରେ ସମୟର ସ୍ଥୂଳକାୟ ଗର୍ଭ ଚିରି ଏକ ଅବୈଧ କିମ୍ବଦନ୍ତୀ ଜନ୍ମନେଲା-ଅନେକ ଜନମନରେ ଖେଳିଖେଳି ସେ ବାଲ୍ୟ ଚପଳତା ହଜାଇ, ଗୋଦାବରୀଠାରୁ କୃଷ୍ଣା-କାବେରୀ ପର୍ଯ୍ୟନ୍ତ ବୁଲି ବୁଲି ତା'ର ଯୌବନକୁ ବିତାଇ ଏକ ମୁମୂର୍ଷୁ ବୃଦ୍ଧରେ ପରିଣତ ହେଲା ଏବଂ ଦିନେ ତା'ର ଚିତାଗ୍ନିକୁ ଶତାବ୍ଦୀର ଶ୍ମଶାନରେ ଜଳାଇ ଆତତାୟୀ ଇତିହାସ ଜଗନ୍ନାଥଙ୍କ ବିଚିତ୍ର ଇଙ୍ଗିତରେ କେଜାଣି କାହିଁକି ସବୁ ଜାଣି ବି କିଛି ନ ଜାଣିବା ଭଳି ଚିରଦିନ ପାଇଁ ଗର୍ଭବତୀ ନିସ୍ତବ୍ଧତାର ଜନକ ସାଜିଲା !!!

Digitized by srujanika@gmail.com

କଳଂକିତ ନାୟକ

ଇତିହାସ କେବଳ ପୁନରାବୃତ୍ତି କରେନା-ଅଭିଶାପ ମଧ୍ୟ ଦିଏ । କେବେ କେବେ କୌଣସି ଏକ ସୂଚନା-ଗର୍ଭିତ ସଙ୍କଟମୟ ମୁହୂର୍ତ୍ତରେ ଇତିହାସ ଦୁର୍ବାସା ସାଜେ ।

ସେ ଦିନ ସେଇ ଇତିହାସର କ୍ରୁର ଅହେତୁକ ଅଭିଶାପ ଯେମିତି ଘନୀଭୂତ ହୋଇ ଉଠୁଥିଲା ଏଇ ଉତ୍କଳ ଭୂମିରେ । ବୋଧହୁଏ ସେଥିପାଇଁ ବିଡ଼ମ୍ବିତ କାଳର ଏକ ନିର୍ମମ ରସିକତାର ଶିକାର ହୋଇ ଖୋର୍ଦ୍ଧା ଗଡ଼ର ଗଜପତି ରାଜା ଶ୍ରୀ ରାମଚନ୍ଦ୍ର ଦେବ ବାରବାଟୀ ଦୁର୍ଗର ସେଇ ନବତଳ ପ୍ରସାଦ ମଧ୍ୟରେ ଅସ୍ଥିର ପ୍ରାୟେ ପଦ ଚାଳନା କରୁଥିଲେ । ଦୁର୍ଗ ବାହାରେ ମନ୍ଦ ମରୁତର ଧୀର ମୂର୍ଚ୍ଛିତ ରାଗିଣୀ ସାଙ୍ଗକୁ ଶବ୍-ଇ-ବରାତ୍‌ର ସୁସଜ୍ଜିତ ଆଲୋକ ମାଳା ଏଇ ମର୍ତ୍ତ୍ୟଲୋକକୁ ସ୍ୱର୍ଗର ଜିନ୍ନତ୍ କରି ଗଢ଼ି ତୋଳିଥିଲା । କିନ୍ତୁ ବୁକୁ ଭିତରେ ତାଙ୍କର ଅହରହ ଜଳୁଥିଲା ରାବଣ-ଅପମାନର ଚିତା - ଯାହାକୁ ଗଙ୍ଗା, ଯମୁନା, ନର୍ମଦା, ମହାନଦୀର ଚିର କଲ୍ଲୋଳ ଜଳ ବି ନିର୍ବାପିତ କରିପାରିନଥାଆନ୍ତା !

କାଲି ପର୍ଯ୍ୟନ୍ତ ରାମଚନ୍ଦ୍ର ଦେବ ଥିଲେ ବନ୍ଦୀ- କଟକ ସୁବାର ନାଏବ୍ ନଜିମ୍ କୁଖ୍ୟାତ ତକୀ ଖାଁର କୟେଦୀ । କିନ୍ତୁ କାଲିର ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳବର୍ଗେଶ୍ୱର ବୀରାଧିବର ଅଭିରାଏ ଭୂତ ଭୈରବ ଦୁଃସହ ଦୁଃଶାସନ ଅଧୀକରଣ ରାଉତରାଏ ଅତୁଳ ବଳ ପରାକ୍ରମୀ ସହସ୍ର ବାହୁ ଧୂମକେତୁ ଉତ୍କଳର ଚଳନ୍ତି ବିଷ୍ଣୁ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ଆଜି କେମିତି ତକୀ ଖାଁର ଭଉଣୀ ସହ ରସମ୍-ଇ-ନାମ୍‌ଜାନ୍ ସମାପନ କରି କଲମା ପଢ଼ି ହାଫିଜ୍ କାଦାର୍ ୟାର୍ ଜଂଗ୍ ସାଜିଲେ ସେଇ କଥା ଭାବି ବସିଲେ ସେ ନିଜେ ନିଜକୁ ଅବିଶ୍ୱାସ ନ କରି ରହିପାରୁନାହାନ୍ତି ।

ଆଜି ସେ ଆଉ ବନ୍ଦୀ ନୁହନ୍ତି-ଖୋଦ୍ ମୁର୍ଶିଦାବାଦ୍ ନବାବ ସୁଜା ଖାଁ ତାଙ୍କର ଶ୍ୱଶୁର ଆଉ କଟକ ସୁବାର ନାଏବ ନଜିମ୍ ତକୀ ଖାଁ ତାଙ୍କର ଶାଳକ । ଏଇ ତାଙ୍କର ଆଜିର ଆନ୍-ବାନ୍-ଶାନ୍ ।

Digitized by srujanika@gmail.com

ଏତେ ଦୁଃଖରେ ବି ରାମଚନ୍ଦ୍ର ଦେବ ସହସା ଅଟ୍ଟହାସ୍ୟ କରି ଉଠିଲେ । ଦୁର୍ବିସହ ଅନୁଚ୍ଚରିତ କଣ୍ଠରେ ସେ ମନକୁ ମନ କହି ଉଠିଲେ- 'ଜଗା କାଳିଆ ଚକାଡ଼ୋଳା, ଏବେ ତୁମର ଇଚ୍ଛା ପୂରଣ ହେଲାତ !' କିନ୍ତୁ ଭାବନାରେ ହାଇଫେନ୍ ପକାଇ ଯୌବନର ବେଳାଭୂମିରେ ରୂପ-ଇନ୍ଦୁର ରତି ବିଳାସ ଛୁଟାଇ, ତନୁରେ ତାଙ୍କର ଅସ୍ୱାଭାବିକତାର ପରିସ୍ଫୁଟନ ଘଟାଇ, ସେଇ ବାସର ରାତିକୁ ସ୍ମରଣ କରାଇ ସହସା ଆବିର୍ଭୂତା ହେଲେ ରିଜିଆ ବେଗମ୍-ତକୀ ଖାଁର ଭଉଣୀ-ତାଙ୍କ ସଦ୍ୟ ନିକ୍‌କାକୃତ ବେଗମ୍ ।

ଅତି ସନ୍ତର୍ପଣରେ ଆୟତ ଚକ୍ଷୁରେ ରାମଚନ୍ଦ୍ର ଦେବ ସେଇ କଳା ମଖ୍‌ମଲ୍ ବୋର୍ଖା ଧାରିଣୀ ନାରୀ ମୂର୍ତ୍ତିଟି ଉପରେ ସସ୍ନେହ ଦୃଷ୍ଟିପାତ କଲେ !

କିଏ ଏଇ ନାରୀ ? ଦେବୀ ନା ମାନବୀ । ଯଦି ସେ ଦେବୀ ନ ହୁଏ ତେବେ ସଂପୂର୍ଣ୍ଣ ମାନବୀ ବୋଲି ତ ତାଙ୍କର ହୃଦ୍‌ବୋଧ ହୁଏନା ବରଂ ସେ ଅର୍ଦ୍ଧେକ ମାନବୀ, ଅର୍ଦ୍ଧେକ କଳ୍ପନା ଭଳି ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ ! ରାମଚନ୍ଦ୍ର ଦେବଙ୍କ ଅନେକ କାରାଗାରର ଅନ୍ଧକାରାଚ୍ଛନ୍ନ ନିଶିର ପରିସମାପ୍ତି ଘୋଷଣା କରି ସେ ଯେମିତି ଆସିଛି ଏକ ପ୍ରଭାତୀ ତାରା ହୋଇ; ଆଉ ନିଜର ପ୍ରାଣ-ପ୍ରଦୀପର ମଙ୍ଗଳାଲୋକ ଦେଇ ତାଙ୍କୁ ଯେମିତି ତିମିର ପ୍ରଭାତର ଦ୍ୱାରଦେଶକୁ ଟାଣି ଆଣିଛି । ତାଙ୍କର ଜୀବନକୁ ସ୍ୱତଃ ସର୍ବତୋଭାବେ ଆଚ୍ଛନ୍ନ କରି କି ସୁଖ ଅବା କି ଆନନ୍ଦ ସେ ପାଇବ ଏ ସଂପର୍କରେ ଗଜପତି ଏବେ ବି ସନ୍ଦିହାନ । ତା'ର ମୁହଁତ ସେ କେବେ ଦେଖି ନାହାନ୍ତି-ତଥାପି ବୋର୍ଖାର ସେଇ ଛୋଟ ଛୋଟ ଦୁଇଟି ରନ୍ଧ୍ର ମଧ୍ୟରୁ ସେ ଏଇ ଅତି ପରିଚିତା-ଅପରିଚିତା ନାରୀଟିର ଦୁଇ ବିଷର୍ଣ୍ଣ ଆଖିରେ ଅନ୍ତରସ୍ପର୍ଶୀ ସମ୍ବେଦନଶୀଳତାର ଗଭୀର ସ୍ପର୍ଶ ଅନୁଭବ କରିଛନ୍ତି ।

ସହସା ସ୍ମୃତିର ପ୍ଲାବନରେ ଆଷାଢ଼ର ପ୍ରଥମ କଦମ୍ବ ଫୁଲ ଯେମିତି ପ୍ରସ୍ଫୁଟିତ ହୋଇ ଉଠିଲା ।

ଏଇ 'ଅଳ୍ପଦିନର ଗଳ୍ପ' ଭଳି ଲାଗୁଛି- ଏଇ ବାରବାଟୀ ଦୁର୍ଗରେ ସେ ଥିଲେ ଜଣେ ବନ୍ଦୀ ।

ବନ୍ଦୀ ରାମଚନ୍ଦ୍ର ଦେବଙ୍କର ତନୁ ମନକୁ ସେ ଦିନ ନୀରବ ନିଃସଙ୍ଗତାର ଘନ ଶୂନ୍ୟତା ଯେମିତି ସଂପୂର୍ଣ୍ଣ ରୂପେ ବନ୍ଦୀ କରି ସାରିଥିଲା । ଭାଗ୍ୟର କି ବିଡ଼ମ୍ବନା ସତେ ? ଋଷିକୁଲ୍ୟା ମୁହାଣ ବାଟେ ଚିଲିକା ଭିତରକୁ ପଳାଇ ଯିବାପାଇଁ ସାମାନ୍ୟ ଖଣ୍ଡେ ଛୋଟ ନୌକା ତାଙ୍କର ସେ ଦିନ ହସ୍ତଗତ ହୋଇଥିଲେ ବିନା ଯୁଦ୍ଧରେ ସେ ଅସହାୟ ପ୍ରାୟେ ଗଞ୍ଜାଗଡ଼ ଚିଲିକା କୂଳରେ ଏକ ମାମୁଲି ମାଲୁଦ୍ ଫୌଜଦାର ହାତରେ ବନ୍ଦୀ ହୋଇ ଲୁହା ପଞ୍ଜୁରୀରେ ଆବଦ୍ଧ ହୋଇ ତକୀ ଖାଁର ଏଇ କାଳ କୋଠରୀକୁ ଆନୀତ ହୋଇ

Digitized by srujanika@gmail.com

ନ ଥାଆନ୍ତେ (୧)* । ଦୂର ଅତୀତରେ ଯେଉଁ ବାରବାଟୀ ଦୁର୍ଗରେ ଉତ୍କଳର ଗଜପତି ତାଙ୍କର ପରାଜିତ ଶତ୍ରୁକୁ ଅକୁଣ୍ଠିତ ପ୍ରାୟେ ଦୟାଭିକ୍ଷା ଦେଇଥିଲେ, ଆଜି ସେଠାରେ ସ୍ୱୟଂ ଗଜପତି ରାଜା ମୋଗଲ ହାତରେ ବନ୍ଦୀ ହୋଇ କୁଣ୍ଠିତ ପ୍ରାୟେ ଦୟାର ପାତ୍ର ହେବା ନିୟତିର ଚରମ ନିଷ୍ଠୁରତା ଭିନ୍ନ ଆଉ କ'ଣ ହୋଇପାରେ ? ସମୟର ଉଷ୍ଣ ନିଃଶ୍ୱାସରେ ବାରବାଟୀ ଦୁର୍ଗ ନିଜର ଐତିହ୍ୟ ହରାଇ ମୋଗଲମାନଙ୍କର ସମସ୍ତ କୁକର୍ମର ମୂକସାକ୍ଷୀ ରୂପେ ଦଣ୍ଡାୟମାନ ହୋଇଛି । ଏହାରି ଅନ୍ଧାରୀ କାରାକୋଠରୀରେ ଶତାଧିକ ଜମିଦାର, ଦୁର୍ଗପତି, ବିପ୍ଳବୀମାନଙ୍କୁ ବିନା ବିଚାରରେ ନିଶ୍ଚିହ୍ନ କରାଯାଇଛି । କଥିତ ଅଛି ନାଏବ-ନଜିମ୍ ଖାନ୍-ଇ-ଦୌରାନ୍‌ଙ୍କ ସମୟରେ ହିଁ ସାତଶହ ଜମିଦାରଙ୍କୁ ଏଇଠି ହତ୍ୟା କରାଯାଇଥିଲା (୨)* । ତେଣୁ ବନ୍ଦୀ ରାମଚନ୍ଦ୍ର ଦେବ ନିଜର ଅନ୍ତିମ ପରିଣତି ସଂପର୍କରେ ନିଃସନ୍ଦେହ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀ ରାମଚନ୍ଦ୍ର ଦେବ ମୃତ୍ୟୁକୁ ଭୟ କରିବା ବ୍ୟକ୍ତି ନ ଥିଲେ । ଉତ୍କଳର ଗଜପତି ମୃତ୍ୟୁକୁ ଡ଼ରିବା ବୋଲି କହିବା ବାଚାଳତା ଭିନ୍ନ ଅନ୍ୟ କିଛି ନୁହେଁ । କାରଣ ଏମାନଙ୍କ ନାମ ଶୁଣିଲେ ଦିନେ ଗୌଡ଼ଠାରୁ ଗୋଲକୁଣ୍ଡା ପର୍ଯ୍ୟନ୍ତ କୁଖ୍ୟାତ ମୁସଲମାନ ସୁଲତାନମାନେ ବି ଥରହର ହେଉଥିଲେ । ଏହା ଶସ୍ତା ମନୋରଞ୍ଜନ ପାଇଁ କଳ୍ପନା ବିଳାସ ଅଥବା ଅତିରଞ୍ଜନ ନୁହେଁ । ଆଗଙ୍ଗା ଗୋଦାବରୀ ବିସ୍ତୃତ ଉତ୍କଳୀୟ ସାମ୍ରାଜ୍ୟ କାଳର କରାଳ ସ୍ରୋତରେ ଧୋଇ ଯାଇ ଖୋର୍ଦ୍ଧା ମୁଲକରେ ସୀମିତ ହୋଇ ରହିଯାଇଥିଲେ ହେଁ ନିଜର ସ୍ୱାତନ୍ତ୍ୟ ହରାଇନଥିଲା । ଦୁର୍ଦ୍ଧର୍ଷ ଦେଶପ୍ରେମୀ ପାଇକ ବାହିନୀଙ୍କ ରକ୍ତରେ ଭାର୍ଗବୀ ନଈରେ ଅନେକ ଲାଲ୍ ଜଳ ପ୍ରବାହିତ ହୋଇଛି ସତ କିନ୍ତୁ ଜଗନ୍ନାଥ ସବୁଦିନେ ଅପରାଜେୟ ରହି ସେଇ ପରମ ସତ୍ୟ ଓ ପରମ ଭାଗବତ ହୋଇ ରହିଆସିଛନ୍ତି । ଓଡ଼ିଆର ଓଡ଼ିଆତ୍ୱ, ଓଡ଼ିଆ ଦେଶର ଦେଶତ୍ୱ, ଓଡ଼ିଆ ଚିନ୍ତାର ଚିନ୍ତନ, ଓଡ଼ିଆ ଜାତିର ଜାତୀୟତା ସବୁକିଛି ଅଭିମନ୍ତ୍ରିତ ହୋଇରହିଛି ଏଇ ତିନୋଟି ଦାରୁ ମୂର୍ତ୍ତିର ମୂର୍ତ୍ତି ବୈଭବରେ ।

କିନ୍ତୁ ସମୟ ବଡ଼ ବଳବାନ !

ସମୟ ଠାରୁ ବଳବାନ୍ ଯେମିତି କେହି ନାହାନ୍ତି, ସେମିତି ବୋଧହୁଏ ତାଠାରୁ କେହି ଅଧିକ ବିଶ୍ୱାସଘାତୀ ବି ନାହାନ୍ତି । ସେଥିପାଇଁ ସ୍ୱଜନର ବିଶ୍ୱାସଘାତକତାର ଶିକାର ହୋଇ ଉତ୍କଳର ଅପରାଜେୟ ଗଜପତି ବିନା ଯୁଦ୍ଧରେ ବନ୍ଦୀ ହୋଇ ତକୀଖାଁର ଏଇ ନିର୍ମମ ବନ୍ଦୀ ଗୃହରେ ମୃତ୍ୟୁର ପଦଧ୍ୱନି କ୍ରମଶଃ ନିକଟତର ହେଉଥିବାର ଅନୁଭବ କରିପାରୁଥିଲେ ।

---

* (୧), (୨) ନୀଳଶୈଳ - ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

ସେ ଦିନ ଥିଲା ବନ୍ଦୀଶାଳାରେ ଅଖଣ୍ଡ ନୀରବତାର ନିରବଚ୍ଛିନ୍ନ ରାଜତ୍ୱ । କୁଟାଖିଏ ପଡ଼ିଲେ କାଠିଟାଏ ଭଳି, ଆଉ କାଠିଟିଏ ପଡ଼ିଲେ ଢ଼ିଙ୍କିଟାଏ ପରି ବୋଧହେବ - ଏହାହିଁ ବୋଧହୁଏ ଗର୍ଭବତୀ ନିସ୍ତବ୍ଧତା ରୂପେ ସୁବିଦିତ ।

ଏଇ ଦୁର୍ଦ୍ଦିନରେ ଆଶାର କଳରବ କରି ଆବିର୍ଭୂତା ହୋଇଥିଲେ ରିଜିଆ ବିବି, ତକୀ ଖାଁର ଭଉଣୀ । ଅଲଂଘନୀୟ ଭବିତବ୍ୟ ପ୍ରାୟେ ସେ ହଠାତ୍ ରାମଚନ୍ଦ୍ର ଦେବଙ୍କ ତନୁ-ମନକୁ ଗ୍ରାସ କରିବସିଲେ । ପ୍ରଥମ ଦର୍ଶନରେ ହିଁ ସେ ବନ୍ଦୀ ଗଜପତିଙ୍କ ପାଇଁ ପାଗଳିନୀ ହୋଇ ଉଠିଲେ । ପ୍ରତିଟି ଦିନ ସେ ସମସ୍ତଙ୍କ ଆଖିରେ ଧୂଳିଦେଇ ବନ୍ଦୀଙ୍କ ପାଖକୁ ଆସୁଥିଲେ-କିନ୍ତୁ ଏକ ବିରାଟ ପ୍ରଶ୍ନବାଚୀ ଭଳି ନୀରବତା ଭଗ୍ନ ନ କରି ସେମିତି ଚାଲି ଯାଉଥିଲେ ।

କିନ୍ତୁ ରାମଚନ୍ଦ୍ର ଦେବ ଦିନେ ରାତିରେ ସେଇ ନାରୀ ମୂର୍ତ୍ତିଟିର ରହସ୍ୟଜନକ ଅହେତୁକ ଅପ୍ରତ୍ୟାଶିତ ଆବିର୍ଭାବ ଦେଖି ବିସ୍ମିତ ପ୍ରାୟେ ପ୍ରଶ୍ନ ନକରି ରହି ପାରିଲେନି-

''କିଏ ତୁମେ ? ଦେବୀ ନା ମାନବୀ ??''

''ମୁଁ ରିଜିଆ-ତକୀଖାଁର ଭଉଣୀ । ମୋତେ ଫରିସ୍ତା କହି ଲଜ୍ଜା ଦିଅନ୍ତୁନି ମହାରାଜ । ମୁଁ ତ ସିର୍ଫ୍ ଇନ୍‌ସାନ୍ ।''

ରାମଚନ୍ଦ୍ର ଦେବ ନିଜ ଚକ୍ଷୁରେ ବିସ୍ମୟତାର ପ୍ରହେଳୀ ଉନ୍ମୋଚନ କରି ପୁନଶ୍ଚ କହିଲେ-

''ତୁମ କଥା ଶୁଣିଲେ ମୋ ବିଶ୍ୱାସକୁ ଅବିଶ୍ୱାସ କରିବାକୁ ମନ ହେଉଛି । ନାଏବ୍ ନଜିମ୍ ତକୀ ଖାଁର ଭଉଣୀ ସାମାନ୍ୟ ଏକ ବନ୍ଦୀ ପାଖକୁ ଲୁଚିଛପି ଆସିବେ ? ବେଗମ୍ ସାହେବାଙ୍କ ଏ ଅସମୟ ଆଗମନର ଉଦ୍ଦେଶ୍ୟ ପଚାରିବାର ଧୃଷ୍ଟତା ମୁଁ କରିପାରେ କି ?

''ତୋବା ତୋବା, ଆପଣଙ୍କୁ ମୁଁ ଯଦି କେବେ ଭାଇଜାନ୍‌ଙ୍କର ସାମାନ୍ୟ ଏକ କୟେଦୀ ନଜରରେ ଦେଖିଥିବି ତା'ହେଲେ ଆଲ୍ଲା କସମ୍ ମୁଁ ଜହନ୍ନମ୍‌ରେ ସ୍ଥାନ ପାଇବି । ମୁଁ ଭଲ ଭାବରେ ଜାଣିଛି ଆପଣ ଜଗନ୍ନାଥ ଦେଶର ନବାବ୍-ଆଉ ହୁଏତ ଯାକିନ୍ କରିବେନି ମୁଁ ଆପଣଙ୍କର ଜଗନ୍ନାଥଙ୍କୁ ଖୋଦାର ଦର୍ଜା ଦେଇ ଆସିଛି ।

''ମୁଁ ପୁଣି ନବାବ୍ ? ଜଗନ୍ନାଥ ଦେଶର ?? ଗଜପତିଙ୍କ ମୁଖରେ ଅବିଶ୍ରାନ୍ତ ଅଭିସନ୍ଧିର ହସ ଲହରୀ ।''

''ହସୁଛନ୍ତି ଯେ !''

''ମୁଁ ନବାବ ନୁହେଁ, ବେଗମ୍ ସାହେବା । ତୁମେ ଭୁଲ କହୁଛ । ଜଗନ୍ନାଥ ଦେଶର ନବାବ୍ ନିଜେ ସ୍ୱୟଂ ଜଗନ୍ନାଥ-ସେ ଖୋଦ୍ ସାରା ଜାହାଁର ଶାହା-ଇନ୍-ଶାହା । ମୁଁ ତ ତାଙ୍କର ସାମାନ୍ୟ ଏକ ସେବକ- ଏକ ନଗଣ୍ୟ ଗୋଲାମ୍ ମାତ୍ର । ସେଥିପାଇଁ ତୁମେ

Digitized by srujanika@gmail.com

ହୁଏତ ଜାଣି ନ ଥିବ ପ୍ରତିଟି ରଥ ଯାତ୍ରାରେ ଖଡ଼ିକା ଧରି ମୁଁ ତାଙ୍କ ଶ୍ରୀଚରଣରେ ଗୋଲାମି କରିଥାଏ ।''

''କିନ୍ତୁ ସେ ତ ସାମାନ୍ୟ ଖଡ଼ିକା ନୁହେଁ- ସେ ଯେ ସୁବର୍ଣ୍ଣର ଅମୂଲ୍ୟ ଖଡ଼ିକା, ମହାରାଜ !''

''ତୁମେ ତକୀ ଖାଁର ଭଉଣୀ ବୋଲି ମୋତେ ନିଶ୍ଚିତ ଭାବେ ସନ୍ଦେହ କରିବାକୁ ମନ ହେଉଛି ବେଗମ୍ ସାହେବା । ତା' ହୋଇ ନ ଥିଲେ ତୁମେ ଏ ବନ୍ଦୀକୁ 'ମହାରାଜ' ବୋଲି ସମ୍ବୋଧିତ କରିବାକୁ କୁଣ୍ଠାବୋଧ କରିଥାଆନ୍ତ ।''

''ମୁଁ ଏକ ବ୍ୟତିକ୍ରମ, ମହାରାଜ । ସେଥିପାଇଁ ମୁଁ ଆପଣଙ୍କୁ ଗଜପତି ରୂପରେ ଦେଖିଛି । ଦାବୀ କରିବାର ଅଧିକାର ଯେଣୁ ନାହିଁ, ତେଣୁ ଅନୁରୋଧ କରୁଛି-ଘେନା କରିବେ ?''

''କ'ଣ କୁହ । ମୁଁ ଅନ୍ତତଃ ଶୁଣେ ।''

''ମୋତେ ବେଗମ୍ ସାହେବା କହି ଆଉ ଲଜ୍ଜା ଦିଅନ୍ତୁନି । ମାଆ ମୋର ଥିଲା ମୁର୍ଶିଦାବାଦ୍‌ର ପ୍ରସିଦ୍ଧ ଖେମ୍‌ଟାଓ୍ୱାଲି କାଞ୍ଚନ ମୁର୍ଶିଦାବାଦୀ । ନବାବ୍ ସୁଜା ଖାଁଙ୍କର ହାରେମ୍‌କୁ ସେ କେମିତି ଆସିଲା ମୁଁ କହି ପାରିବିନି । କିନ୍ତୁ ଏତିକି ଜାଣିଛି ସେ ଥିଲା ହିନ୍ଦୁ - ତେଣୁ ମୋ ନାମ ରଖିଥିଲା ଜବା*(୩) । ତେଣୁ 'ରିଜିଆ' ଡାକ ଅପେକ୍ଷା 'ଜବା' ଡ଼ାକ ବେଶ୍ ଭଲ ଲାଗେ । ଆପଣ ଜାଣିଛନ୍ତି ? ମା'ଙ୍କର ଜଗନ୍ନାଥଙ୍କ ପ୍ରତି ଥିଲା ଅତିଶୟ ଅନୁରାଗ, ଆଉ ଗଜପତି ରାଜାଙ୍କ ପାଇଁ ଥିଲା ଅତିଶୟ ସମ୍ମାନ । ପିଲାଟି ଦିନୁ ସେ କହି ଆସୁଥିଲା ଜଗନ୍ନାଥ କାଳେ ପତିତପାବନ । ପତିତ ଜନ ପାଇଁ ସେ କୁଆଡ଼େ ବେନି ଭୁଜ ଟେକି ଶରଣ ଯାଚୁଛନ୍ତି । ତାଙ୍କଠାରେ ଯେମିତି ସବୁ ଧର୍ମ ସବୁ କର୍ମ ଏକାକାର ହୋଇ ଯାଇଛି । ସେ ପରା ସର୍ବ ଧର୍ମର ସମନ୍ୱୟ । ସେଇ ଦିନଠାରୁ ମୋ ଖୋଦାକୁ ସେଇ ଜଗନ୍ନାଥଙ୍କ ମଧ୍ୟରେ ମୁଁ ଦେଖି ଆସିଛି । କାରଣ ବିଶ୍ୱଜନୀନ ମାନବିକତା ହିଁ ଆମ ଇସ୍‌ଲାମ୍‌ର ମୂଳ ମନ୍ତ୍ର । 'ମହାରାଜ' ଆପଣ ଥରେ ମୋତେ 'ଜବା' ଡାକି ପାରିବେ ? କାରଣ ମୁଁ ଜାଣିଛି ଆପଣଙ୍କର ମୁଖନିଃସୃତ ସେଇ ଦୁଇଟି ଅକ୍ଷର ମୋତେ ସବୁଠାରୁ ବେଶି ଆତ୍ମୀୟ ବୋଧ ହେବ ।

''ଜବା !!''

''ଛାମୁଁ ! ! ! !''

ଏକ ଅଦୃଶ୍ୟ-ସ୍ୱଚ୍ଛ ଆଲୋକ ରଶ୍ମିରେ ନାରୀ ମୂର୍ତ୍ତିଟିର ତନୁର ଅଣୁ ପରମାଣୁ ଯେମିତି ଉଦ୍‌ଭାସିତ ହୋଇ ଉଠିଲା ।

''ମୁଁ କିନ୍ତୁ ତୁମର ଆଗମନର ଉଦ୍ଦେଶ୍ୟ ବୁଝିପାରିଲିନି, ଜବା !''

---

*(୩) ନୀଳଶୈଳ - ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

''ଆପଣଙ୍କ ପାଖକୁ ଆସିଛି ଆପଣଙ୍କର ସମ୍ମତି ନେବାକୁ । ଆପଣ ମୋର ନିକ୍‌କା କୁବୁଲ କରିବେ, ମହାରାଜ ? କରିପାରିବେ ମୋତେ ଜଗନ୍ନାଥ ଦେଶର ବେଗମ୍ ?''

''ତୁମର ଉପହାସର ଯୋଗ୍ୟ ମୁଁ ନୁହେଁ । ଯାତନା ଜର୍ଜର ଦୀର୍ଘଶ୍ୱାସରେ ବାୟୁସ୍ତର ଯେମିତି ଆନ୍ଦୋଳିତ ହୋଇ ଉଠିଲା !''

''ହଁ, ମହାରାଜ । ଏଇଟା ମୋର ଆରବ୍ୟ ରୂପକଥାର ଉପକଥା ନୁହେଁ- ଏଇଟା ଭାଇଜାନ୍‌ଙ୍କ ସନ୍ଧିସ୍ଥାପନର ସର୍ତ୍ତ । ଅତୀତରେ ଏଇ ମୁଲକରେ ଖୋର୍ଦ୍ଧା ଆଉ କଟକ ମଧ୍ୟରେ ବହୁତ ଜଙ୍ଗ୍ ଲାଗିଛି । ପ୍ରତିଥର ଖୋର୍ଦ୍ଧାର ବେଶି ନୋକ୍‌ସାନ୍ ହୋଇଛି । ଭାଇଜାନ୍ ଚାହାନ୍ତି ମୋତେ ସାଦି କରନ୍ତୁ । ଏଇ ଜଂଗ ହମେସାକେ ଲିୟେ ଖତମ୍ ହେଉ-ଆମ ଦୁଇ ମୁଲକ୍‌ରେ ଅମନ୍ ଜାହେର୍ ହେଉ । ତେଣୁ ସେ ପଚାରିଛନ୍ତି ଆପଣ କ'ଣ ଚାହାନ୍ତି ତଖତ୍ ନା ତଖ୍‌ତା ?''

''ଜବା ! ଯାଅ କହିଦେବ ଖୋର୍ଦ୍ଧାର ଗଜପତି ବନ୍ଦୀ ହୋଇପାରେ କିନ୍ତୁ ଭୀରୁ କାପୁରୁଷ ନୁହେଁ । ମୁଁ ମୃତ୍ୟୁକୁ ଭୟ କରେନା । ମୁଁ ଜାଣେ ପୂର୍ବ ଜନ୍ମର କର୍ମଫଳ ଭୋଗିବାକୁ ମନୁଷ୍ୟ ଏ ସଂସାରରେ ଜନ୍ମ ହୁଏ । ଏଇ କର୍ମଫଳର ଅଭିଶାପରେ ଗଜପତି ମୁକୁନ୍ଦଦେବଙ୍କ ପ୍ରକୃତ ଉତ୍ତରାଧିକାରୀ ଖୋର୍ଦ୍ଧା ସିଂହାସନରୁ ବଂଚିତ ହୋଇ ଆଳି ଓ ସାରଙ୍ଗଗଡ଼କୁ ନିର୍ବାସିତ ହୁଅନ୍ତି । ଆଉ ଏଇ କର୍ମଫଳର ସୌଭାଗ୍ୟରୁ ଅନାମଧେୟ ଦନେଇ ବିଦ୍ୟାଧରର ପୁତ୍ର ରମେଇ ରାଉତରା ଗଜପତି ଶ୍ରୀ ରାମଚନ୍ଦ୍ରଦେବ ରୂପେ ଖୋର୍ଦ୍ଧାଗଡ଼ର ରତ୍ନତଖତ୍‌ରେ ଅଭିଷିକ୍ତ ହୁଏ ଆକବରଂକ ସେନାପତି ମାନସିଂହଙ୍କ ସ୍ୱପ୍ନାଦେଶକୁ ପାଥେୟ କରି (୪)* । ଆଜି ସେଇ କର୍ମଫଳ ମୋତେ ତକୀ ଖାଁର ଫାଶୀର ତଖ୍‌ତାରେ ଚଢ଼ାଇଲେ ମୁଁ ଭୟ କରିବି କାହିଁକି କୁହ ?''

''ଆପଣ ମୋତେ ଭୁଲ୍ ବୁଝିଲେ, ମହାରାଜ । ଆପଣଙ୍କୁ ମୃତ୍ୟୁର ଭୟ ଦେଖାଇ ନିଜର ସ୍ୱାର୍ଥ ସାଧନ ପାଇଁ ମୁଁ ଏଠାକୁ ଆସିନି । ମୁଁ ତ ଆସିଥିଲି ଜଗନ୍ନାଥଙ୍କୁ ଭାଇଜାନ୍‌ର କୁନଜରରୁ ଜିନ୍ଦା ରଖିବାକୁ । ଆପଣ ଯଦି ମୋ ନିକା କୁବୁଲ୍ କରିବେନି, ଏ ସାଦୀକୁ ଇନ୍‌କାର କରିବେ ତା'ହେଲେ ଯକିନ୍ ମାନନ୍ତୁ ଭାଇଜାନ୍ ଇନ୍ତେକାମ୍ ନେବାକୁ ବେଚୈନ୍ ହେବ । ଏ ବଦ୍‌ଲା ସେ ନେବ ଜଗନ୍ନାଥଙ୍କ ଉପରେ । ଆପଣଙ୍କୁ ଖତମ୍ କରି ଖୋର୍ଦ୍ଧା ଓ କଟକକୁ ମିଶାଇ ସାରି ଜଗନ୍ନାଥ ମନ୍ଦିର ଭାଙ୍ଗି ସେ ଗଢ଼ିବ ଏକ ସୁବୃହତ୍ ମସ୍‌ଜିଦ୍ ।

ଇତିହାସର ଏଇ ବିଡ଼ମ୍ବିତ ମୁହୂର୍ତ୍ତରେ ଏମିତିଭାବେ ରିଜିଆ ଆସିଥିଲା ରାମଚଂଦ୍ର ଦେବଙ୍କ ବିଷର୍ଣ୍ଣ ଅଭିଶପ୍ତ ଜୀବନରେ ଆଶାର ହୋରି ଖେଳି । ଖୋର୍ଦ୍ଧା ସିଂହାସନ ଶୂନ୍ୟ ପଡ଼ିବା ପରେ ଖୋର୍ଦ୍ଧାଗଡ଼କୁ କଟକ ସୁବାରେ ସାମିଲ୍ କରିବା ଅତି ସହଜ - ଏ କଥା

*(୪) ନୀଳଶୈଳ - ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

ରାମଚନ୍ଦ୍ର ଦେବଙ୍କୁ ଅବିଦିତ ନ ଥିଲା । ତକୀ ଖାଁ ହୁଏତ ଏତେବେଳକୁ ଜଗନ୍ନାଥ ମନ୍ଦିର ଭାଙ୍ଗିସାରିଥାଆନ୍ତାଣି । କିନ୍ତୁ ପୁରୀ ତୀର୍ଥଯାତ୍ରୀଙ୍କଠାରୁ ସେତେବେଳେ କୋଟି କୋଟି ଟଙ୍କା ଜିଜିୟାକର ସୂତ୍ରରେ ଆଦାୟ ହୋଇ ମୁର୍ଶିଦାବାଦ୍ ନବାବଙ୍କ ଗନ୍ତାଘରକୁ ସମୃଦ୍ଧ କରି ତୋଳିଥିଲା । ତାହାକୁ ଏମିତି ଏକ ଅହେତୁକ ଭାବାବେଶରେ ଅନ୍ଧ ହୋଇ କରଛଡ଼ା କରିବାକୁ ତକୀ ଖାଁର ସତ୍‌ସାହସ ନ ଥିଲା । ସୁତରାଂ ଗଜପତିଙ୍କ ସହ ନିଜ ଭଉଣୀର ବିବାହ କରାଇ ତାଙ୍କୁ ନିଜର ବଶମ୍ବଦ କରାଇ ଗୋଟିଏ ବାଣରେ ଦୁଇଟି ଶିକାର କରିବାକୁ ଏକ ଚାଲ ଖେଳିଥିଲା । କିନ୍ତୁ ବିଚରା ଜାଣି ନଥିଲା ଯେ ଗଜପତି ରାଜା ଆଉ ଯାହା ହୁଅନ୍ତୁ ପଛକେ ମୋଗଲ ଦରବାରର ଚାଟୁକାର ଦରବାରୀ ହୋଇ ରହିପାରିବେନି-ଯେମିତି ମେଘ ଉହାଡରୁ ପୁଣିଥରେ ସୂର୍ଯ୍ୟ ଉଦ୍‌ଭାସିତ ହୋଇ ଉଠେ ଠିକ୍ ସେମିତି ସୁଯୋଗ ପାଇଲାମାତ୍ରେ ରାମଚଂଦ୍ର ଦେବ ନିଜର ହୃତଦ୍ୟୁତି ଫେରିପାଇବେ !

ରାମଚଂଦ୍ର ଦେବ ଭଲ ଭାବରେ ଜାଣିଥିଲେ ସେ ଯଦି ତକୀଖାଁର ପ୍ରସ୍ତାବରେ ସମ୍ମତି ନ ଦିଅନ୍ତି ତାହେଲେ ତାହାର କ୍ରୁଦ୍ଧଦୃଷ୍ଟି ଜଗନ୍ନାଥ ମନ୍ଦିର ଉପରେ ପଡ଼ିବ । କାରଣ ସେତେବେଳେ ଆକବରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମୋଗଲ ଶାସକଙ୍କର ହିନ୍ଦୁ ମନ୍ଦିର ଭାଂଗିବା ଯେମିତି ଏକ ଧାର୍ମିକ କର୍ମ ତଥା ରାଷ୍ଟ୍ରୀୟ ଦାୟିତ୍ୱ ଥିଲା । କିନ୍ତୁ ଜଗନ୍ନାଥ ମନ୍ଦିର ଧ୍ୱଂସ ହେବା କଥା ଭାବିଲାବେଳକୁ ସେ ସହସା ପ୍ରକଂପିତ ହୋଇଉଠିଲେ । ସେ ଅନୁଭବ କରୁଥିଲେ ଯେ ଜଗନ୍ନାଥ ଭଲରେ ରହିଲେ ହିଁ ଉତ୍କଳୀୟମାନେ ଭଲରେ ରହିବେ । କାରଣ 'ଜଗନ୍ନାଥ' ନାମଟି ଉତ୍କଳବାସୀଙ୍କର ଅତିପ୍ରିୟ । ଏହି ନାମ ଉଚ୍ଚାରଣ କଲାମାତ୍ରେ ପ୍ରତିଟି ଓଡ଼ିଆ ମନେକରେ ଯେ ସେ ସର୍ବ ଦୁଃଖ, ପାପ, ବିପଦ ଓ ଆଶଂକାରୁ ମୁକ୍ତ । ଓଡ଼ିଆ ଝିଅବୋହୂମାନେ ଏହି ତ୍ରିମୂର୍ତ୍ତିଙ୍କର ଚିତ୍ର କାନ୍ଥରେ ଓ ତୁଳସୀ ଚଉରା ମୂଳେ ମୁରୁଜ ଦ୍ୱାରା ସଭକ୍ତିରେ ଅଂକନ କରିଥାଆନ୍ତି । ଓଡ଼ିଆଘରେ ବାହା ପୁଆଣି, ନିମିତ୍ତ ପର୍ବରେ ଜଗନ୍ନାଥଙ୍କୁ ବ୍ୟକ୍ତିଗତ ଚିଟାଉ ଲେଖାଯାଏ- 'ନିମନ୍ତ୍ରିତ' କରାହୁଏ । ଓଡ଼ିଆଘରେ ପିଲାଟିଏ ଜନ୍ମହେଲେ ତାକୁ 'ବଳଭଦ୍ର', 'ସୁଭଦ୍ରା', 'ଜଗନ୍ନାଥ' ଅଥବା 'ସୁଦର୍ଶନ' ଏହି ଚାରି ନାଆଁରେ ନାମିତ କରିବାକୁ ଯେମିତି ଘରେଘରେ ପ୍ରତିଯୋଗିତା ଲାଗିଯାଏ । ପୁଅଝିଅଙ୍କ ବିବାହରେ ଜାତକ ମିଳାଇବା ଉପରେ ଗୁରୁତ୍ୱ ନ ଦେଇ ''ସର୍ବ ମଂଗଳ ଜଗନ୍ନାଥ'' ରୀତିରେ ଜଗନ୍ନାଥଙ୍କୁ ଭରସା କରି ବିବାହ ଦେବାକୁ ପ୍ରତିଟି ଓଡ଼ିଆ ପିତା ଆଶଂକାମୁକ୍ତ ଅନୁଭବ କରେ । ଏପରି କ୍ଷେତ୍ରରେ ଯେଉଁ ଇଷ୍ଟ ଦେବତା ଜାତିର ପାକଶାଳାରୁ କାଞ୍ଚି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ସର୍ବତ୍ର ଭକ୍ତ ସହ ମିଶିକରି ଥାଆନ୍ତି ତାଂକ ବିନା ଉତ୍କଳର ଅବସ୍ଥା ଅନୁମାନ କରାଯାଇପାରେନା । ଯେମିତି ଗଙ୍ଗା ବିନା ଭାରତର ଇତିହାସ ଲେଖାଯାଇ ପାରେନା-ସେମିତି ଶ୍ରୀଜଗନ୍ନାଥଙ୍କ ବିହୁନେ ଉତ୍କଳର ଇତିହାସତ ସୁଦୂର କଥା, ଏହାର

Digitized by srujanika@gmail.com

ଭୌଗୋଳିକ ସ୍ଥିତି ମଧ୍ୟ କଳ୍ପନାତୀତ । ଏଥିପାଇଁ ବୋଧହୁଏ ଉତ୍କଳର ଇତିହାସ ଶ୍ରୀଜଗନ୍ନାଥଙ୍କ ପଛରେ ଶତାବ୍ଦୀ ଶତାବ୍ଦୀ ଧରି ବଶମ୍ବଦ ପ୍ରାୟେ ଚିର ଅନୁଧାବିତ ହୋଇ ଆସିଛି । ତେଣୁ ବୁଡ଼ିଗଲା ଲୋକ କୁଟାଖିଏ ଆଶ୍ରା କଲାପରି ବନ୍ଦୀ ରାମଚନ୍ଦ୍ର ଦେବ ତକୀଖାଁର ଭଉଣୀ ରିଜିଆକୁ ହାତଛଡା କରିବାର ବୋକାମି କରିବାକୁ ଚାହୁଁ ନ ଥିଲେ ।

ଏହାହିଁ ତ ରାଜନୀତି ! ଯୁଗେ ଯୁଗେ ଏଇ ଭୂଇଁରେ ରାଜନୀତି ରାଜନ୍ୟମାନଙ୍କର ଏକ 'ହିସାବର ଖେଳ' ହୋଇ ଆସିଛି । କଳା-ଧଳା ସତରଂଜ ପୃଷ୍ଠରେ ପାଇବା ହରାଇବାର ସଠିକ୍ ହିସାବ ନିକାଶ କରି ଯେ ଯେତିକି ନୀତି-ଅନୀତି-ଦୁର୍ନୀତି-କୂଟନୀତିର ଚାଲ୍ ଖେଳି ପାରିଲା ସେ ହିଁ ସେତେକାଳ ଶାସକର ପଦବାଚ୍ୟ ହୋଇ ଆସିଛି । ଏଥିପାଇଁ ଏ ଦେଶର ରାଜନୀତିରେ ମହାଭାରତରେ ଦୁର୍ବକ୍ଷ ଅଥବା ଆଜିର ରିଜିଆର ବଳିଦାନ ନିମିତ୍ତ ମାତ୍ର !! ଜଗନ୍ନାଥଙ୍କ ମାନରକ୍ଷା ପାଇଁ ନିଜର ମାନହରଣ କିଛି ନୁହେଁ । ତେଣୁ ଶେଷରେ ନିଜର କୂଟନୀତିର ଜାଲ ଫିଙ୍ଗି ରାମଚନ୍ଦ୍ର ଦେବ କହିଲେ-

''ଜବା, ମୁଁ ତୁମକୁ ଛୁଇଁ ବିଧର୍ମୀ ହୋଇପାରିବିନି । ତେଣୁ ମୁଁ ବରଂ ମରିବାକୁ ପସନ୍ଦ କରୁଛି ।''

''ମହାରାଜ, ଆପଣ ଯେ କେବଳ ମୋର ସ୍ୱାମୀ ହେବେ, କେବଳ ମୁଁ ହିଁ ଆପଣଙ୍କୁ ମୁହବତ୍‌ରେ ଇବାଦତ୍ ଚଢ଼ାଇବି, ଏଇ ସଂକୀର୍ଣ୍ଣତାର ଗଳିପଥରେ ପଥହରା ରାହୀ ହେବାକୁ ମୁଁ କେବେ ଚାହିଁନି । ତେଣୁ ଆପଣ କେବେହେଲେ ମୋତେ ସାଦି କରିବେ ନାହିଁ ବୋଲି ଜାଣି ବି ମୁଁ ଆସିଛି - କେମିତି ଆସିଛି ମୁଁ ନିଜେ ବି ଜାଣେନା । ମୁଁ ଚାହେଁ ନା ମୋତେ ଛୁଇଁ ଛାମୁଁ ଧର୍ମଦ୍ରୋହୀ ହୁଅନ୍ତୁ, ଦୁନିଆ ଯେମିତି ମୋ ଆଡ଼କୁ ଅଂଗୁଳି ଦେଖାଇ ନ କହୁ ରିଜିଆ ଏତେ ସ୍ୱାର୍ଥାନ୍ୱେଷିଣୀ ଯେ ଯେଉଁ ଜଗନ୍ନାଥଙ୍କ ପାଇଁ ସେ ଦିନେ ପୂଜାରିଣୀ ସାଜିଥିଲା, ଦିବାନିଶି ଆରତିର ପ୍ରଦୀପଶିଖା ପ୍ରଜ୍ୱଳନ କରୁଥିଲା; ଶେଷରେ ସେଇ ଜଗନ୍ନାଥଙ୍କ ନାମରେ ତାଂକର ପରମପୂଜାରୀଙ୍କୁ ସ୍ୱଧର୍ମରେ ଦୀକ୍ଷିତ କଲା ।''

''ଜବା !''

''ହଁ, ମହାରାଜ । ଗୋଟିଏ ସର୍ତ୍ତରେ ଆପଣ ମୋ ସହ ସାଦି କରିପାରିବେ । ଆପଣ ମୋତେ ଛୁଇଁବେନି କି ମୁଁ ଆପଣଙ୍କୁ ଛୁଇଁବିନି । ମୁଁ ଆପଣଙ୍କ ପଦଯୁଗଳ ସିନା ଛୁଇଁ ପାରିବିନି, କିନ୍ତୁ ସେଇ ପାଦ ଛୁଇଁଥିବା ଭୂଇଁକୁ ଚୁମି ମୋ ଜିନ୍ଦେଗୀ ଧନ୍ୟ ହେଲା ବୋଲି ଜାଣିବି । ସାରା ଜାହାଁ ଜାଣିବ ଆମେ ମିଆଁ-ବିବି, ଭାଇଜାନ୍ ଜାଣିବେ ଆପଣ ତାଂକର ଜିଜାଜୀ-କିନ୍ତୁ ଅତି କରିବ୍ ଥାଇବି ଆମ ମଧ୍ୟରେ ଥିବ ସାଦି ଓଁ କା ଫାଶ୍‌ଲା । ମୁଁ ଚାହେଁନା ମୋ ଭଳି ଜଣେ ପତିତାକୁ ଛୁଇଁ ପତିତପାବନଙ୍କ ସେବକ ନିଜେ ପତିତ ହୁଅନ୍ତୁ ! କାରଣ ନିଜେ ବି ଜାଣେନା ପ୍ରଥମ ଦର୍ଶନରୁ ହିଁ ମୁଁ ମୋର ମେହେବୁବ୍ ସେଇ ପରମ ସେବକଙ୍କର ଏକ ନଗଣ୍ୟ ଦାସୀ ହୋଇଯାଇଛି ।''

Digitized by srujanika@gmail.com

''ଜବା !''

''ଆଉ ଇନ୍‌କାର କରନ୍ତୁନି, ମହାରାଜ । ମୋର ଜିନ୍ଦାଦିଲ୍‌ର କୁର୍ବାନୀ କୁବୁଲ୍ କରି ଆପଣଙ୍କ ଧର୍ମ ରକ୍ଷା କରନ୍ତୁ-ଜଗନ୍ନାଥଙ୍କ ଇଜ୍ଜତ୍ ରକ୍ଷା କରନ୍ତୁ । ମୋର ଆଉ କିଛି ଲୋଡ଼ା ନାହିଁ । ଆପଣଙ୍କୁ ଜଗନ୍ନାଥଜୀଙ୍କର କସମ୍-ଏକ୍‌ରାର୍ କରି ନିଅନ୍ତୁ ।''

''ଜବା ! ମୁଁ ତୁମ ପାଇଁ ମଥାନତ କରୁଛି । ମୁଁ ଜାଣେ ତୁମେ ମୋଠାରୁ ବୟସରେ ଛୋଟ ହେଲେ ବି ତ୍ୟାଗରେ ମହାନ୍ । କାଲି ହୁଏତ ତୁମେ ମୋର ସ୍ତ୍ରୀ ହେବ, ସେତେବେଳେ ତୁମର ସ୍ୱାମୀ ହୋଇ ତୁମ ପାଖରେ ମୁଣ୍ଡ ନୁଆଁଇ ପାରିବିନି-ଆଉ ତୁମର ପ୍ରାପ୍ୟ ସମ୍ମାନ ତୁମକୁ ଦେଇ ନ ପାରି ଚିରଦିନ ପାଇଁ ଋଣୀ ହୋଇରହିଯିବି । ମୁସଲମାନ ହେଲେ ବି ଚକାଡ଼ୋଳାଙ୍କ ପାଇଁ ତୁମର ତ୍ୟାଗ ତୁମକୁ ତଥାକଥିତ ଧର୍ମର ବହୁ ଊର୍ଦ୍ଧ୍ୱକୁ ଟେକି ନେଉଛି ।''

''ଛାମୁ !''

''ହଁ, ଜବା । ମୋର ସ୍ପଷ୍ଟ ମନେ ଅଛି ମୁଁ ଏଠାକୁ ବନ୍ଦୀ ହୋଇ ଲୁହା ପଞ୍ଜୁରୀରେ ବୁହା ହୋଇ ଅଣା ଯାଉଥିବା ରଥଚକ ତଳେ ଗୋଟିଏ ନବେ ବର୍ଷର ବୃଦ୍ଧା ଦୌଡ଼ି ଆସି ପଡ଼ି ଯାଇଥିଲା ଏବଂ ମୃତ୍ୟୁ ପୂର୍ବରୁ ସେ କହିଥିଲା-

'ତମେ ଆପଣ ରାଜାଧିରାଜ, ଆଉ ତମେ ଆପଣ ତମ ଭୂଇଁକୁ, ତମ ଚଳନ୍ତି ପ୍ରତିମାକୁ ରକ୍ଷା ନ କରିବତ ଆଉ କିଏ କରିବ ?' ସେ ଦିନ ଅସହାୟତାର ଦୁର୍ଗରେ ବନ୍ଦୀ ହୋଇ ମୁଁ ସେଇ ବୃଦ୍ଧାର ସ୍ଥିର ସଫେଦ୍ ଡ଼ୋଳାଦୁଇଟି ଦେଖି ହିମ ଶୀତଳତାରେ ଜଡ଼ ହୋଇଯାଇଥିଲି । ଆଜି ତୁମେ ମୋ ଆଖି ଖୋଲିଦେଇଛ । ମୁଁ ସେଇ ବୃଦ୍ଧାର ଶେଷକଥା ରଖିବି । ମୋ ଭୂଇଁକୁ, ମୋ ଚଳନ୍ତି ପ୍ରତିମାକୁ ରକ୍ଷା କରିବି ମୋର ସର୍ବସ୍ୱ ଦେଇ । ମୁଁ ପଛେ ବିଧର୍ମୀ ହୁଏ-ମୋର ପଛେ ନର୍କ ବାସ ହେଉ ଜଗନ୍ନାଥ ଭଲରେ ରହନ୍ତୁ, ଉତ୍କଳ ସୁଖରେ ରହୁ । ମୁଁ ତୁମକୁ ବିବାହ କରିବି । ତା'ର ପ୍ରତିଦାନରେ ଜଗନ୍ନାଥଙ୍କ ମାନରକ୍ଷା ଚାହେଁ । ଜବା, କଥା ଦିଅ, ତାହା ତୁମେ ଦେଇପାରିବ ?''

ରାମଚନ୍ଦ୍ର ଦେବଙ୍କ କଥା ଶୁଣି ସେଇ ବୁର୍ଖା ମଧ୍ୟରୁ ବୀଣାଜିଣା କଣ୍ଠରେ ଭାସି ଆସୁଥିଲା-

''ମୁହବତ୍ ଜିସ୍‌କୋ ଦେତେହେଁ ଉସେ ଫିର୍ କୁଛ୍ ନେହି ଦେତେ, ଉସେ ସବ୍ କୁଛ ଦିୟାହେ ଜିସ୍‌କୋ ହମ୍ କାବିଲ୍ ନେହିଁ ସମ୍‌ଝା ।''

ହଠାତ୍ ଅମ୍ବୁଧି ଓ ହିମାଳୟର ବ୍ୟବଧାନ ଯେମିତି କ୍ଷୁଦ୍ରତର ହେବାକୁ ଲାଗିଲା । ରାମଚନ୍ଦ୍ରଦେବ ଜଗନ୍ନାଥଙ୍କ ମାନରକ୍ଷା ପାଇଁ ନିଜକୁ ଆହୁତି ଦେଲେ । ଜଣକର ପରାଜୟରେ ଗଣ ବିଜୟୀ ହେଲା । ସକଳ ବଦ୍‌ନାମ୍, ଅପମାନକୁ ମଥାର ତିଳକ କରି ସେ କଳଙ୍କିତ ନାୟକ ସାଜିଲେ । ରସମ୍-ଇ-ନାମ୍‌ଯାଦରେ ରିଜିଆ ବିବିର ନିକ୍‌କା

Digitized by srujanika@gmail.com

କୁବୁଲ୍ କଲେ । କାଜୀ ଦୁହିଁଙ୍କୁ କଲ୍‌ମା ପଢ଼ାଇଲେ । ଖୋର୍ଦ୍ଧାର ଗଜପତି ରାଜା ଧର୍ମରକ୍ଷା ପାଇଁ ବିଧର୍ମୀ ହୋଇ ହେଲେ ହାଫିଜ୍ କାଦାର୍ ୟାର୍ ଜଂଗ୍-ଆଉ ସୁଜାଖାଁର ଜାରଜ କନ୍ୟା ହେଲେ ଖୋର୍ଦ୍ଧାଗଡ଼ର ବେଗମ୍ ସାହେବା ।

ଉତ୍କଳର ମୁଲକରେ ହାହାକାର ପଡ଼ିଗଲା । ବିଧର୍ମୀ ମ୍ଳେଛ ରାମଚନ୍ଦ୍ର ଦେବଙ୍କୁ ନେପଥ୍ୟରେ ଗଜପତି ଭାବେ ସ୍ୱୀକାର କରିବାକୁ କେହି ପ୍ରସ୍ତୁତ ହେଲେନି । ସେ ଯେମିତି ହଠାତ୍ ଆପାଙ୍‌କ୍ତେୟ ହୋଇଉଠିଲେ । କିନ୍ତୁ ପକ୍ଷାନ୍ତରେ ପ୍ରବଳ ପ୍ରତାପୀ ନାଏବ୍ ନଜିମ୍ ତକୀ ଖାଁର ଜିଜାଜୀ ଓରଫ୍ ମୁର୍ଶିଦାବାଦ ନବାବଙ୍କ ଜାମାତା ଓରଫ୍ ହାଫିଜ୍ କାଦାର୍ ବେଗ୍‌ଙ୍କ ସମ୍ମୁଖରେ ପୁଣି କେହି ପାଟି ଫିଟାଇବାକୁ ହିମ୍ମତ୍ କଲେନି ।

ଏହାହିଁ ବୋଧହୁଏ ଇତିହାସର କଡ଼ ଲେଉଟାଇବାର ବେଳ !

"ମହାରାଜ !"

ହଠାତ୍ ରିଜିଆ ଓରଫ୍ ଜବାର କଣ୍ଠସ୍ୱରରେ ରାମଚନ୍ଦ୍ର ଦେବ ତାଙ୍କର ସଂବିତ୍ ଫେରି ପାଇଲେ ।

ଶବ୍-ଇ-ବରାତ୍‌ର ଦୀପାଳି ସେତେବେଳକୁ ଯେମିତି ଲିଭିବାକୁ ବସିଲାଣି !

"ଜବା, ମୁଁ ବୋଧହୁଏ ତନ୍ଦ୍ରାଚ୍ଛନ୍ନ ହୋଇ ପଡ଼ିଥିଲି ।"

"ମହାରାଜ, ମୁଁ ଜାଣୁଛି - ଆପଣ ମୋତେ ସାଦି କରି ବର୍‌ବାଦ୍ ହୋଇଯାଇଛନ୍ତି ।"

"ନା, ଜବା, ତୁମ ପ୍ରତି ମୋର କୌଣସି ଅଭିଯୋଗ ନାହିଁ । ଇତିହାସ ସହିତ ଜୁଆଖେଳରେ ମୋ ଜୀବନକୁ ଯେତେବେଳେ ବାଜି ଲଗାଇ ଦେଇଛି ସେତେବେଳେ ମୋର କାହା ପ୍ରତି ଆକ୍ଷେପ ନାହିଁ । ମୁଁ ତ କେବଳ ଏତିକି ଜାଣିଛି ଯେ ମୁଁ କେବଳ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ପୂରଣ କରିଛି । ଜାଣେନା ମୁଁ ରାମଚନ୍ଦ୍ର ଦେବ ଅଥବା ହାଫିଜ୍ କାଦାର୍ ବେଗ୍ ? ତେବେ ଏତିକି ଜାଣେ ମୁଁ ଦୁନିଆ ଆଖିରେ ପତିତ ହୋଇପାରେ କିନ୍ତୁ ସ୍ୱୟଂ ପତିତପାବନଙ୍କ ପାଇଁ ତ ନିଜେ ମୁଁ ଆଜି ପତିତ ହୋଇଛି । ତୁମର କିଛି ଦୋଷ ନାହିଁ, ନାହିଁ ମୋର ବି; ଆମେ ତ ଭାଗ୍ୟ ହାତରେ ଗୋଟିଏ ଗୋଟିଏ ପୁତ୍ତଳିକା ମାତ୍ର । ସମସ୍ତଙ୍କ ଆଖିରେ ମୁଁ ଏକ କଳଂକିତ ନାୟକ !"

"ଛାମୁଁ !"

"ଜବା । ମୁଁ ତୁମର ସ୍ୱାମୀ, ତେଣୁ ତୁମ ଧର୍ମର ରେଓ୍ୱାଜ୍ ଅନୁସାରେ ତୁମେ ପରା ଆଜି ମୋତେ କବାଇନ୍ ମାଗିବା କଥା । ତୁମେ ଯାହା ମାଗିବ ମୁଁ ଦେବାକୁ ଚେଷ୍ଟା କରିବି । ବନ୍ଦୀ ହୋଇ ତକୀ ଖାଁ ଠାରୁ ମୁକ୍ତି ପାଇ ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ ତୁମକୁ ବିବାହ କଲି, ଆଜି ଦେଖୁଛି ମୁଁ ମୋ ଅଜାଣତରେ ତୁମଠାରେ ଇହ ଆଉ ପରକାଳ ପାଇଁ ଚିର ବନ୍ଦୀ ହୋଇ ରହିଗଲି । ତେବେ ଅନୁରୋଧ - ଏମିତି କିଛି ମାଗିବନି, ଯାହାଦ୍ୱାରା ଜଗନ୍ନାଥଙ୍କର ମାନରକ୍ଷା ହୋଇପାରିବନି ।

Digitized by srujanika@gmail.com

''ମୋତେ ଥରେ ଜଗନ୍ନାଥ ଦର୍ଶନ କରାଇଦେଇପାରିବେ ମହାରାଜ ? ତା'ହେଲେ ମୋ ମାଆର ଆତ୍ମା ଶାନ୍ତି ପାଇପାରନ୍ତା ।''

''ଜବା, ଜଗନ୍ନାଥ ଉତ୍କଳର ସମ୍ରାଟ୍ ହେଲେ ହେଁ ସ୍ୱୟଂ ଭଗବାନ । ଆଉ ଆମ ଧର୍ମରେ ଭଗବାନ୍ ଭକ୍ତ ପାଖରେ କେତେ ଅସହାୟ, ତାହା ତୁମକୁ ବୁଝାଇବି କେମିତି ? ସେ ଯେ ଭକ୍ତର ଭକ୍ତିରେ ବଂଦୀ-ଭକ୍ତର ଧର୍ମାନ୍ଧତାରେ ଅଥବା ସଂକୀର୍ଣ୍ଣତାରେ ଚିର ବନ୍ଦୀ ।''

''ମୁଁ କିଛି ବୁଝି ପାରୁନି, ଛାମୁଁ ।''

''ମୁଁ ନାଚାର ଜବା । ତୁମେ ହୁଏତ ଜାଣିନ, ମୁଁ କିନ୍ତୁ ଠିକ୍ ରୂପେ ଜାଣିଛି ତାଙ୍କ ଦର୍ଶନ ତ ଦୂରର କଥା ଶ୍ରୀମନ୍ଦିରର ବାଇଶି ପାହାଚ ଆମ ପାଇଁ ଏକ ନିଷିଦ୍ଧ ଇଲାକା । ରତ୍ନବେଦୀ ତଳେ ମୁଁ ଜଗନ୍ନାଥଙ୍କୁ ଦର୍ଶନ କରିପାରିବି ନାହିଁ ବୋଲି ହୁଏତ ମୁକ୍ତିମଣ୍ଡପ ଏଥି ମଧ୍ୟରେ ସିଦ୍ଧାନ୍ତ ଗ୍ରହଣ କରିସାରିଛି । ପ୍ରଦେଶଦ୍ୱାର ସମ୍ମୁଖରୁ ଜଗନ୍ନାଥଙ୍କୁ ଦର୍ଶନ କରିବି ବୋଲି ପତିତପାବନ ମୂର୍ତ୍ତି ସ୍ଥାପନା ସରିଛି ।

''କିନ୍ତୁ ଆପଣ ଯେ ଖୋର୍ଦ୍ଧାର ଖୋଦ୍ ଗଜପତି-ଆଉ ମୁଁ ଆପଣଙ୍କର ରାଣୀ ସାହେବା ।''

''ଗଜପତି ଅନଙ୍ଗଭୀମ ଦେବଙ୍କ ସମୟରୁ ଉତ୍କଳର ସିଂହାସନ ଶ୍ରୀଜଗନ୍ନାଥଙ୍କର ଚରଣରେ ଅର୍ପିତ ହୋଇସାରିଛି । ମାଦଳା ପାଞ୍ଜିରେ ଏହା ଲିପିବଦ୍ଧ ଅଛି । ସେଇ ଦିନୁ ଉତ୍କଳର ନେତା ନିଜେ ନାରାୟଣ ଜଗନ୍ନାଥ-ସେଥି ପାଇଁ ପୁରୀ ଠାକୁରରାଜାର ଅଭିଷେକ ହୁଏନା - କାରଣ ସେ ବଂଶାନୁକ୍ରମେ ଜଗନ୍ନାଥଙ୍କ ଦାସାନୁଦାସ । ଆଉ ତୁମେ ନିଜକୁ ରାଣୀ ବୋଲି କହୁଛ ?''

''ମୁଁ ଅଜ୍ଞତା ପାଇଁ କ୍ଷମା ପ୍ରାର୍ଥନା କରୁଛି ମହାରାଜ । ଯଦିଓ ଜଗନ୍ନାଥ ସର୍ବଧର୍ମର ସମନ୍ୱୟ ଦେବତା, ଯଦିଓ ସେ ପତିତପାବନ ତଥାପି ଆମ ପ୍ରତି ଏ ଅନୁଚିତ ଅନ୍ୟାୟ କାହିଁକି ?''

''ମୁଁ ନାଚାର ଜବା ! ତୁମେ ମୋର ସେଇ ସ୍ପର୍ଶକାତର ସ୍ଥାନରେ ଛୁଇଁ ମୋତେ ଆଉ ଲଜ୍ଜାର ଅତଳ ସାଗରକୁ ନିକ୍ଷିପ୍ତ କରନା । ମୁଁ ବଡ଼ ଦୁଃଖୀ-ମୋତେ ଆଉ ଦୁଃଖ ଦେଇ ବେଦନାର ସିଂହାସନରେ ଅଭିଷିକ୍ତ କରିଦିଅନା ।''

''ମୋତେ ପୁଣିଥରେ କ୍ଷମା କରି ଦିଅନ୍ତୁ ମହାରାଜ ! ଜଗନ୍ନାଥ ଦର୍ଶନ ମୋର ଲୋଡ଼ା ନାହିଁ । ମୋଠାରୁ ମୂର୍ଖ ଆଉ କେହି ନାହିଁ । ଆପଣ ହିଁ ମୋର ଜଗନ୍ନାଥ-ଆପଣ ହିଁ ତ ମୋ ପାଇଁ ପତିତପାବନ । ଜଗନ୍ନାଥଙ୍କୁ ନ ପାଇଲି ନାହିଁ, ସେଥିପାଇଁ ମୋର ଗ୍ଲାନି ନାହିଁ, ନାହିଁ ବି ତିଳେ ହେଲେ ଅନୁଶୋଚନା । ମୁଁ ଜାଣିଛି ଜଗନ୍ନାଥଙ୍କ ସେବା ଯିଏ ଥରେ ମାତ୍ର କରିଛି, ତା'ର ତନୁମନରେ ଜଗନ୍ନାଥ ଅହରହ ବିରାଜିତ-ଯେଉଁ ତନୁଶ୍ରୀରେ ଜଗନ୍ନାଥଙ୍କ ଶ୍ରୀତନୁର ଅଙ୍ଗରେଣୁର ସାମାନ୍ୟ ବି ସ୍ପର୍ଶ ଲାଗିଛି, ସେ ତତ୍କ୍ଷଣାତ୍ ତନୁତୀର୍ଥ ହୋଇ ଯାଇଛି- ଆଉ ମୁଁ ଜାଣେ ସେଇ ତନୁ ତୀର୍ଥ-ଚକ୍ରତୀର୍ଥଠାରୁ

Digitized by srujanika@gmail.com

କୌଣସି ଗୁଣରେ ଊଣା ନୁହେଁ-ସେଇ ଜଗନ୍ନାଥ-ଆରତି-ଦୀକ୍ଷିତ-ଚକ୍ରତୀର୍ଥରେ ସ୍ଥାନ ପାଇଛି ବୋଲି ମୋ ନସିବ୍‌କୁ ତାରିଫ୍ ନକରି ରହିପାରୁନି । ମୁଁ ଯେତେ ଦୂରରେ ଥିଲେ ବି ଆପଣଙ୍କ ସେବା ଯତ୍ନ କରି ଭାବିବି ମୋ ଠାକୁରଙ୍କ ସେବା କରୁଛି । ଆଉ ଏହାହିଁ ହେବ ପରୋକ୍ଷରେ ମୋର ଜଗନ୍ନାଥ ସେବା ! ମୋତେ ଏଥିରୁ ବଞ୍ଚିତ କରିବେନି ।

ହଠାତ୍ ଜଗନ୍ନାଥଙ୍କ ସେବାର ଏକ ନୂତନ ସଂଜ୍ଞା ଦେଖି ରାମଚନ୍ଦ୍ର ଦେବ ଆତ୍ମବିସ୍ମୃତ ହୋଇଗଲେ, ହୋଇଗଲେ ଭାବାବେଶରେ ପ୍ରାୟ ଅନ୍ଧ । ଆତ୍ମ ସମ୍ମୋହିତ ପ୍ରାୟେ ସବୁ ରୀତିନୀତିକୁ ଭୁଲି ନିଜ ଅଜାଣତରେ ବୁର୍ଖା ଟେକି ଏତେ ଦିନରୁ ପରିଚିତ ଅଥଚ କେତେ ଅପରିଚିତା ସେଇ କରୁଣା-ଆରତିଭରା ମୁହଁଟିକୁ ଦର୍ଶନ କରିବାକୁ ଯନ୍ତ୍ରବତ୍ ଆଗେଇଗଲେ ।

''ଏ କ'ଣ ???''

ସହସା ଆଲୋକର ବନ୍ୟା ଯେମିତି ଘନ ଅନ୍ଧକାରକୁ ଭସାଇନେଲା । ସେ ଲକ୍ଷ୍ୟ କଲେ ଯେ ପରମ ଲଗ୍ନରେ ମନୁଷ୍ୟସୃଷ୍ଟ ସବୁ ଜାତି-ଧର୍ମର ସଂକୀର୍ଣ୍ଣ ସାଂପ୍ରଦାୟିକତାର ଅନୁଚିତ ବାଧାବିଘ୍ନକୁ ଅଗ୍ରାହ୍ୟ କରି ଯୌବନେଶ୍ୱର ତା'ର ନୂତନ ପୂଜାରିଣୀକୁ ସ୍ୱୟଂ ବିଜେ ହୋଇଛନ୍ତି - ପୀନୋନ୍ନତ ସ୍ତନ ଶୋଭିତ ରମଣୀର ତନୁ ବଲ୍ଲରୀ, ସ୍ୱଚ୍ଛ ଦେହ, ପ୍ରସନ୍ନ ବ୍ୟକ୍ତିତ୍ୱର ସ୍ନିଗ୍ଧ ଚକ୍ଷୁରୁ ଯେମିତି ଅସରନ୍ତି ଆଲୋକ ବିଚ୍ଛୁରିତ ହୋଇ ଉଠୁଛି - ସେଇ ଦୁଇଟି ପକ୍ଷୀ ନୀଡ଼ ସଦୃଶ ଆୟତ ଚକ୍ଷୁର ଆଲୋକଚ୍ଛାୟା ଅନାଘ୍ରାତ ନିଷ୍ପାପ ତନୁର ପବିତ୍ରତା ଘୋଷଣା କରିବା ସଂଗେ ସଂଗେ ଜବା ଦେହର ଜୟ ଜୟକାର କରି ତାକୁ ଦେହାତୀତ ଅବସ୍ଥାକୁ ଉନ୍ନୀତ କରିନେଇଛି ।

ରାମଚନ୍ଦ୍ର ଦେବ ତା'ରି ନିଷ୍ପାପ ଚକ୍ରାକୃତି କଳା କଳା ଡୋଳାରେ ଯେମିତି ଜଗାକାଳିଆଙ୍କର ଚକାଡ଼ୋଳାର ଚକା ଚକା ଆଖି ଦୁଇଟି ଆବିଷ୍କାର କରିବାକୁ ଲାଗିଲେ- ଚକାଡୋଳାର ଚକା ଆଖିର ଇସାରାରେ ସେ ଯେମିତି ଅନନ୍ୟ ଅନୁଭୂତିରେ ଜର୍ଜରିତ ହୋଇ ଅନୁଭବ କରୁଥିଲେ- କର୍ତ୍ତାର ଇଚ୍ଛା ହିଁ କର୍ମ, କର୍ତ୍ତା ଯାହା କରେ ତାହା ହିଁ କର୍ମ- ସୁତରାଂ କର୍ତ୍ତାର ଇଚ୍ଛାହିଁ କର୍ମ ପଦବାଚ୍ୟ । ସେଇଠୁ ଜଗନ୍ନାଥ ଯେମିତି ତାଙ୍କୁ କହୁଥିଲେ- 'ହେ ରାଜନ୍, ମୁଁ ହିଁ କର୍ତ୍ତା- ମୋର ଇଚ୍ଛା ହିଁ କର୍ମ । ତୁମେ କେହି ନୁହଁ । ତୁମେ କିଛି କରୁନ । ମୋର ଇଚ୍ଛାକୁ ମୋର ନିର୍ଦ୍ଦେଶରେ ତୁମରି ମାଧ୍ୟମରେ ପୂରଣ କରୁଛ ମାତ୍ର । ତୁମେ ପାପୀ ନୁହଁ, ନୁହଁ ବି ପତିତ ଜନ । କାରଣ ସବୁ ପତିତ ଜନଙ୍କୁ ଉଦ୍ଧରିବା ପାଇଁ ମୁଁ ଏ ଯୁଗରେ ପତିତପାବନ ଅବତାର ନେଇଛି । ସେଥିପାଇଁ କିମ୍ବଦନ୍ତୀ ଯାହା କହୁ ପଛେ ମୋ ସଂକଳ୍ପରେ ମାଦଳା ପାଞ୍ଜି ଇତିହାସ ତୁମ ସଂପର୍କରେ ଅନେକଟା ନୀରବତା ଅବଲମ୍ବନ କରିବ*(୫) ।

---

*(୫) ନୀଳଶୈଳ - ସୁରେନ୍ଦ୍ର ମହାନ୍ତି

Digitized by srujanika@gmail.com

ରାମଚନ୍ଦ୍ର ଦେବ ଅନୁଭବ କଲେ-ଶ୍ରୀ ଜଗନ୍ନାଥଙ୍କ କଥା କହିଲେ ଯେମିତି ସର୍ବଧର୍ମ ସମନ୍ୱୟ କଥା ଆସେ, ସନାତନ ଧର୍ମ କଥା ଆସେ, ସେମିତି ଶାଶ୍ୱତ ମାନବୀୟ ମୂଲ୍ୟବୋଧ ସବୁ ଏ ମହାପ୍ରାଙ୍ଗଣକୁ ମଧୁକ୍ଷରା ସ୍ରୋତରେ ସ୍ୱତଃ ଝରି ଆସେ । ସୁତରାଂ ଭକ୍ତକୁ ଧର୍ମର ଦ୍ୱାହି ଦେଇ ଭଗବାନଙ୍କଠାରୁ ଦୂରେଇ ରଖିବା ଧର୍ମ ନୁହେଁ-ପରମ ଅଧର୍ମ । ଏଇଠି ଧର୍ମ ଯେମିତି ଅଧର୍ମ, ପତିତପାବନର ଅର୍ଥ ସେମିତି ଅନର୍ଥ । ଧର୍ମରକ୍ଷା ନାମରେ ଧର୍ମାନ୍ଧମାନେ ଯେମିତି ମାନବିକତାର ବିରୁଦ୍ଧାଚରଣ କରିଛନ୍ତି । ସେ ଉପଲବ୍ଧି କରୁଥିଲେ ତାଙ୍କର ଜୀବନ ଯେମିତି ବ୍ୟର୍ଥ ହୋଇଯାଇଛି । ଧର୍ମ ସଂସ୍ଥାପନ ପାଇଁ ସେ ଧର୍ମତ୍ୟାଗୀ ହୋଇଥିଲେ- ନିଜରସ୍ୱାର୍ଥ ସିଦ୍ଧି ପାଇଁ ନୁହେଁ । ଦୁନିଆଁ ତାଙ୍କୁ ବିଧର୍ମୀ କହିପାରେ, କିନ୍ତୁ ସେ ଜାଣିଛନ୍ତି, ଧର୍ମ ଯେ ତିଆରି କରିଛନ୍ତି ସେଇ ଜଗାକାଳିଆର ଦୁଇ ଚକାଚକା ଆୟତ ଚକ୍ଷୁରେ ସେ କସ୍ମିନ୍‌କାଳେ ବିଧର୍ମୀ ନୁହନ୍ତି । ଯିଏ ତାଙ୍କୁ ବିଧର୍ମୀ କହୁଛି, ସେ ନିଶ୍ଚିତ ଭାବେ ଅଜ୍ଞତାର କାରାଗୃହରେ ବନ୍ଦୀ । ଜବା ସିନା ଜଗନ୍ନାଥଙ୍କ ସେବା ନାଆଁରେ ଗୋଟିଏ ରାମଚନ୍ଦ୍ର ଦେବଙ୍କୁ ବନ୍ଦୀଶାଳରୁ ମୁକ୍ତି ଦେଇପାରିଲା, କିନ୍ତୁ ହାୟ, ଏମାନେ ଯେ ଜଗନ୍ନାଥ ସେବା ନାଆଁରେ ଅଜ୍ଞତାର ଅନ୍ଧାରୀ ବାରବାଟୀରେ କୋଟି କୋଟି ସଂଖ୍ୟାରେ ବନ୍ଦୀ । ସେମାନଙ୍କୁ ସ୍ୱୟଂ ଜଗନ୍ନାଥଙ୍କ ଭିନ୍ନ ଆଉ କିଏ ମୁକ୍ତି ଦେଇ ପାରିବ ??

ନିଜର ସ୍ୱାଭିମାନୀ ଅଭିମାନରେ ଜର୍ଜରିତ ହୋଇ ରାମଚନ୍ଦ୍ରଦେବ ଜବାକୁ ତାଙ୍କର ଅତି ନିକଟକୁ ଆଣି କହୁଥିଲେ-

‘‘ଜବା, ମୋ ରାଜ୍ୟବାସୀ ମୋତେ ନ ଚାହାନ୍ତୁ, ମୋ ସ୍ତ୍ରୀ ପୁତ୍ର ମୋତେ ତ୍ୟାଗ କରନ୍ତୁ, ମୋ ମହାମନ୍ତ୍ରୀ ପରମ ଲକ୍ଷ୍ମୀ ରାଜଗୁରୁ ମୋତେ ବରଂ ଅମାନ୍ୟ କରନ୍ତୁ - କିନ୍ତୁ ସେମାନେ ସମସ୍ତେ ତ ଜଗନ୍ନାଥଙ୍କୁ ଚାହାନ୍ତି । ଜଗନ୍ନାଥଙ୍କ ମାନ ରକ୍ଷା ପାଇଁ ତ ମୁଁ ଗଜପତି । ତେଣୁ ନିଜେ ଧର୍ମଚ୍ୟୁତ ହେଲେ ବି ଦୁଃଖ ନାହିଁ, ନାହିଁ ଆକ୍ଷେପ । କାରଣ ଯାହା ହେଲେ ବି ମୁଁ ମୋର କର୍ତ୍ତବ୍ୟ ସମାପନ କରିଛି । ଅନ୍ୟ ଚକ୍ଷୁରେ ଅତି ତଳକୁ ଖସି ଯାଇଥିଲେ ବି ମୁଁ ନିଜ ଚକ୍ଷୁରେ ତଳକୁ ଖସିଯାଇନି । ନିଜ ଚକ୍ଷୁରେ ତଳକୁ ଖସିବାର ଜ୍ୱାଳା ଦୁର୍ବିସହ । କାରଣ ନିଜ ଚକ୍ଷୁରେ ତଳକୁ ଖସିଗଲେ ଠାକୁର ବି ପଥର ହୋଇଯାଏ, ଆଉ ମୁଁ ତ ରକ୍ତ ମାଂସର ସାମାନ୍ୟ ବ୍ୟକ୍ତିବିଶେଷ ମାତ୍ର । ସେତେବେଳେ ରାମଚନ୍ଦ୍ର ଦେବଙ୍କ ମନରେ ଚିତ୍ତବିକାରର ସାମାନ୍ୟତମ ଅଣୁ ପରମାଣୁ ବି ନ ଥିଲା- ସେ ଯେମିତି ଅନୁଭୂତିହୀନ ଏକ ପାଷାଣ ବିଗ୍ରହ ପାଲଟି ଯାଇଥିଲେ ।

ସତ୍ୟଠାରୁ ଶକ୍ତି ବଡ଼ । କେବେ କେବେ ଯାହାର ଶକ୍ତି ଅଛି ସେ ସତ୍ୟକୁ ମିଥ୍ୟା ବୋଲି ପ୍ରମାଣିତ କରିବାକୁ ବେଶି ଡ଼େରି ଲାଗେନା । ଏହାହିଁ ପ୍ରାଗ୍ ଐତିହାସିକ ଯୁଗରୁ ଦୁନିଆର ରୀତି ହୋଇ ଚଳିଆସିଛି । ସେଇ ଶକ୍ତିଧରମାନଙ୍କୁ ସୁହାଇଲା ଭଳି ବେଳେବେଳେ ଇତିହାସ ବଶମ୍ୱଦ ସାଜି ଗର୍ଭପାତ କରାଇ ନେଇଛି- ସେଥିପାଇଁ ବିଚାରୀ ଇତିହାସ ବୋଧହୁଏ ସବୁ ସମୟରେ ସବୁ କଥାର ଜନନୀ ସାଜି ପାରେନା !

Digitized by srujanika@gmail.com

ଆଉ ସେଇ ମୁହୂର୍ତ୍ତରେ ସମସ୍ତ ପାରଂପାରିକ ରୀତି-ନୀତିକୁ ପଛରେ ପକାଇ, ଅନାଗତ ଅଭିଶପ୍ତ ଉତ୍କଳ ଇତିହାସର କର୍ଦ୍ଦମାକ୍ତ ପଙ୍କିଳ-ବଙ୍କିଳ ପଥରେ ବହୁ ଅସହାୟ ଘଟଣା-ଦୁର୍ଘଟଣାକୁ ପାଦରେ ଦଳି, ଜଣେ ବହୁବିବାଦୀୟ ଅଶ୍ୱାରୋହୀଙ୍କୁ ପିଠିରେ ବସାଇ, ଅସମ୍ଭବ ଗତିରେ ଧାବମାନ ହେବାକୁ ପ୍ରସ୍ତୁତ ହେଉଥିଲା * ଭବିତବ୍ୟ ସମୟର ଉଚ୍ଚୈଃଶ୍ରବା-ଯାଯାବର ଘୋଟକ ଏବଂ ଶ୍ରୀଜଗନ୍ନାଥଙ୍କ ବିଚିତ୍ର ଇଙ୍ଗିତରେ ଉତ୍କଳ ଇତିହାସର ଭାରବାହୀ ମାଦଳାପାଞ୍ଜି ସେଇ କଳଙ୍କିତ ନାୟକ ଏକାକୀ ଅଶ୍ୱାରୋହୀଙ୍କ ସଠିକ ବଂଶ ପରିଚୟ ଓ ରାଜତ୍ୱକାଳ ସଂପର୍କରେ ଚିରଦିନ ପାଇଁ କିଛିଟା ନୀରବତା ଅବଲମ୍ବନ କରି ଅସ୍ୱଷ୍ଟତାର ଅମୁହାଁ ଦୁର୍ଗରେ ବନ୍ଦୀ ହେବାକୁ କେଜାଣି କାହିଁକି ଶ୍ରେୟସ୍କର ମନେ କଲା !!!

---

* (୫) ଶ୍ରୀ ରାମଚନ୍ଦ୍ର ଦେବଙ୍କ ସଠିକ୍ ବଂଶ ପରିଚୟ ଓ ରାଜତ୍ୱକାଳ ସଂପର୍କରେ ଡଃ. ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଙ୍କଳିତ ମାଦଳାପାଞ୍ଜିରୁ ସମ୍ୟକ ଧାରଣା କରିହୁଏନା ଏବଂ ଅଦ୍ୟାପି ଏହା ଏକ ବିବାଦୀୟ ଅସମାଧିତ ପ୍ରଶ୍ନ ହୋଇ ରହିଆସିଛି । କେତେକ ତାଙ୍କୁ ଭୋଇବଂଶର ଦ୍ୱିତୀୟ ରାମଚନ୍ଦ୍ର ଦେବ ବୋଲି ଅଭିହିତ କରି ତାଙ୍କ ରାଜତ୍ୱକାଳ ଷୋଡ଼ଶ ଶତାବ୍ଦୀର ଶେଷ ପାଦ ବୋଲି ମତ ଦେଇଥାନ୍ତି । ତାଙ୍କର ପରମ ବନ୍ଧୁ ମହାମନ୍ତ୍ରୀ ପରମ ଲକ୍ଷ୍ମୀ ରାଜଗୁରୁ ସାହିତ୍ୟିକ ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କର ପୂର୍ବପୁରୁଷ ବୋଲି ଐତିହାସିକମାନେ ବିଶ୍ୱାସ କରନ୍ତି । କଥିତ ଅଛି ସେ ପରେ ଗଜପତିଙ୍କୁ ତକୀ ଖାଁଙ୍କଠାରୁ ମୁକୁଳାଇ ଆଣିଥିଲେ । ଏକଥା ୰ ଚକ୍ରଧର ମହାପାତ୍ରଙ୍କ 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ପୁସ୍ତକରେ ଲିପିବଦ୍ଧ ଅଛି ।

Digitized by srujanika@gmail.com

ଅସମର୍କୀୟ ପୁରୁଷ

।। ଏକ ।।

ପ୍ରୀତିର ସ୍ୱାଦୁ କେମିତି ??

ବାଙ୍କୀ ମୁହାଣର ବେଳାଭୂମିରେ ବସି ଭାବନାର ନୀଳତରୀ ବାହୁଥିଲେ କବି ବଳରାମ ଦାସ-ଉତ୍କଳ ଚଳନ୍ତି ବିଷ୍ଣୁ ଗଜପତି ପ୍ରତାପରୁଦ୍ରଦେବଙ୍କ ଦରବାରର ସୁବିଖ୍ୟାତ କବି ବଳରାମ ଦାସ ।

ଜଗନ୍ନାଥଙ୍କ ପ୍ରତି ତାଙ୍କର ଅସୁମାରି ଭକ୍ତି ହିଁ ତାଙ୍କୁ ପାଗଳ କରିଥିଲା-ବାଚାଳ କରିଥିଲା ତାଙ୍କୁ ତାଙ୍କର ସହସ୍ର ଯୋଜନ ସ୍ୱାଭିମାନ-ଆଉ ସେଇ ଅଭିମାନର ଅନ୍ଧ ମୁହାଣିରେ ବନ୍ଦୀ ହୋଇ ସେ ଆବିଷ୍କାର କରିଥିଲେ ପାପପୁଣ୍ୟର ନୂତନ ସଂଜ୍ଞା-କହି ବୁଲୁଥିଲେ ମଣିଷର ପାପ ଦେହରେ ହୁଏନା, ହୁଏ ତା ମନରେ । ନିଜର ମନର ନାରୀକୁ ତନୁମନ ଅର୍ପଣ କଲେ ତାହା ଦେବତାଙ୍କ ପାଖରେ ପୁଷ୍ପାଞ୍ଜଳି ଦେଲାଭଳି ବିବେଚିତ ହୁଏ-ସେଥିରେ ପାପ, ପୁଣ୍ୟ ପବିତ୍ରତା ବା ଅପବିତ୍ରତାର ହିସାବ ନିକାଶ ନିହାତି ଅପ୍ରାସଙ୍ଗିକ । ସେଇ ନ୍ୟାୟରେ ବଳରାମ ଦାସ ଚକ୍ରତୀର୍ଥର ଯମୁନା ବାଈ ପାଖକୁ ଯିବାର କଥା କାହାରିକୁ ଅବିଦିତ ନଥିଲା- କିନ୍ତୁ ସବୁଠାରୁ ବିଡ଼ମ୍ବନାର ବିଷୟ ଥିଲା ତତ୍କାଳୀନ ସମାଜ ଆଖିରେ ଯମୁନା ବାଈ ଥିଲା ଏକ ନଗଣ୍ୟା ପତିତା ବେଶ୍ୟା ।

ଆଜି କିନ୍ତୁ ଥିଲା ରଥଯାତ୍ରାର ଦିବସ । ବସ୍ତୁ ଓ ବ୍ରହ୍ମ, ଜଗତ ଓ ଅଧିଜଗତ, ବାସ୍ତବ ଓ ଆଧ୍ୟାତ୍ମିକ ଚିନ୍ତାର ଶ୍ରେଷ୍ଠ ରୂପ ନେଇ ଶ୍ରୀ ଜଗନ୍ନାଥଙ୍କର ଆଜି ସେଇ ବିଶ୍ୱବିଖ୍ୟାତ ପବିତ୍ର ଘୋଷଯାତ୍ରା-ଯେଉଁ ଜଗନ୍ନାଥ ବିହୁନେ ଓଡ଼ିଆ ଜାତି ନିଃସ୍ୱ ଓ ତାହାର ସଂସ୍କୃତି ଅନ୍ତଃସାରଶୂନ୍ୟ-ସେଇ ଚତୁର୍ଦ୍ଧାମୂର୍ତ୍ତି ହିଁ ପରଂବ୍ରହ୍ମଙ୍କର ଦାରୁବିଗ୍ରହ-ସେ ପୁରୁଷୋତ୍ତମ । ଏହି ପ୍ରକାଶମାନ ଜଗତ ଓ ଅପ୍ରକାଶିତ ଜଗତର ସେ ପ୍ରଭୁ-ସେ ହିଁ ପୁନଶ୍ଚ ମଧ୍ୟାକ୍ଷର ଓ ଅକ୍ଷରତତ୍ତ୍ୱର ବହିର୍ଭୂତ ମହାପ୍ରଭୁ । ତାଙ୍କର ପବିତ୍ର ରଥଯାତ୍ରା ଦିବସରେ କବି ବଳରାମ ଦାସ ଯମୁନା ବାଈ କୋଠିରୁ ଅଶୁଚି ହୋଇ ଆସି ନନ୍ଦିଘୋଷ ରଥ ଉପରକୁ ଚଢ଼ି ଆସିବା

Digitized by srujanika@gmail.com

ଅର୍ଥ ଜଗନ୍ନାଥଙ୍କୁ ଅପମାନିତ କରିବା-ଆଉ ଏଇ ଅପମାନର ଅର୍ଥ - ପୁଣି ଏ ଜାତି ପ୍ରତି ଅବମାନନା ଭିନ୍ନ କିଛି ନୁହେଁ- ବଳରାମ ଦାସଙ୍କର ଏଇ ଧୃଷ୍ଟତା ମାର୍ଜନା କରିବ କିଏ ? ସେ ଏକ ବେଶ୍ୟାର ହଳଦୀ, ସିନ୍ଦୂର ନିଜ ଦେହରୁ ନ ଧୋଇ ଅପବିତ୍ର ହୋଇ ପାଗଳ ପ୍ରାୟେ ନନ୍ଦିଘୋଷ ରଥ ଉପରକୁ ଚଢ଼ି ଆସିବାରୁ ଜଗନ୍ନାଥଙ୍କ ରକ୍ଷକ ଦଇତାପତିମାନେ ତାଙ୍କୁ ତଳକୁ ଠେଲି ପକେଇ ଦେବା ଏକ ଭାବାବେଗର ସ୍ୱାଭାବିକ ପରିସ୍ଫୁଟନ ମାତ୍ର ସେମାନଙ୍କୁ କିଏ ଦୋଷ ଦେଇପାରିବ ?

କିନ୍ତୁ ଯୁଗେ ଯୁଗେ ଏଇ ଆର୍ଯ୍ୟଭୂମିରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମାନ ଅଭିମାନର ଶୀତଳଯୁଦ୍ଧ ହିନ୍ଦୁଧର୍ମର ପୁରାଣପୃଷ୍ଠାକୁ ଉତପ୍ତ କରି ରଖିଛି - ଅନେକ କିମ୍ବଦନ୍ତୀର ଜନନୀ ସାଜିଛି । ବଳରାମ ଦାସ କେବଳ ଜଣେ କବି ନୁହଁନ୍ତି - ସେ ଜଣେ ସିଦ୍ଧ ପୁରୁଷ ମଧ୍ୟ । ସେ ଜାଣନ୍ତି ଯମୁନା ବାଈକୁ ପ୍ରେମ କରି ସେ କୌଣସି ପାପ କରିନାହାନ୍ତି । କାରଣ ପ୍ରୀତି କେବେ ପାପ ହୋଇପାରେନା । ପ୍ରୀତି ଏକ ପୂଜା - ଏକ ଅଚିନ୍ତ୍ୟ, ଅବ୍ୟକ୍ତ, ଶାଶ୍ୱତ ଏବଂ ଚିରନ୍ତନ ଉପଚାର । ଏହା ଏକ ଅନାମିକା ଇତିହାସ ଯାହାର ଆରମ୍ଭ ଓ ସମାପ୍ତି ଜଗନ୍ନାଥଙ୍କ ବିଚିତ୍ର ସଂକଳ୍ପରେ ସଂପୂର୍ଣ୍ଣଭାବେ ସଂଯୋଜିତ । ଆଉ ଜଗନ୍ନାଥ ହିଁ ସବୁ କର୍ମର କର୍ତ୍ତା ଏକଥା ଆଉ କେହି ବିଶ୍ୱାସ ନ କଲେ ବି ବଳରାମ ଦାସ ସର୍ବତୋଭାବେ ବିଶ୍ୱାସ କରନ୍ତି । ତେଣୁ ସେ କିଛି ଭୁଲ କରି ନାହାନ୍ତି ।

କ୍ରମଶଃ ଆତ୍ମବିସ୍ମୃତ ହୋଇଯାଉଥିଲେ ସେ - ବାଙ୍କୀ ମୁହାଣରେ ସମୁଦ୍ରର ଉତ୍ତାଳ ତରଙ୍ଗ ସଙ୍ଗେ ତାଙ୍କ ଭାବନାର ମହାସମୁଦ୍ରର ତରଙ୍ଗ ସବୁ ଯେମିତି ଏକାକାର ହୋଇ ଯାଉଥିଲା...

ନାଚୁଥିଲା ଯମୁନା ବାଈ ।

ଏକ ସମ୍ମୋହିତା ଦେବଦାସୀର ନୈବେଦ୍ୟ ଜଣାଇ ସେ ନାଚୁଥିଲା- ଯମୁନାର ଅଲକ୍ଷ୍ୟରେ କବି ବଳରାମ ନିଜେ ବି ଆତ୍ମସମ୍ମୋହିତ ହୋଇ ଉଠୁଥିଲେ-କାଲି ପର୍ଯ୍ୟନ୍ତ ଯେଉଁ ଯମୁନା ବାଈକୁ ଦେଖିଥିଲେ ରୂପର ମନ୍ଦିରରେ, ତନୁତୀର୍ଥର ମୁଖଶାଳାରେ, ଆଜି ତାର ଏ ପୁଣି କେଉଁ ରୂପ ?

ସତରେ ଯମୁନା ଥିଲା ରୂପ ଦୃଷ୍ଟିରୁ ଅପରୂପା - ବର୍ଣ୍ଣରେ ଶ୍ୟାମଳୀ - ମୁକ୍ତୁଳା କୁନ୍ତଳରେ ତାହାର ଶ୍ରାବଣର ଅଭିସାର-ନୀଳ କଇଁ ସଦୃଶ ଦୁଇଟି ଘନ-ଆୟତ-ବର୍ତ୍ତୁଳ ଆଖିତଳେ ନୀଳିମାର ଗଭୀର ପ୍ରଶାନ୍ତି-ଆରକ୍ତ ଚିବୁକ ଧାରେ ଧାରେ ରାଶି ରାଶି ପଦ୍ମଫୁଲ-ଏହି ପୀନୋନ୍ନତସ୍ତନଶୋଭିତ ରମଣୀୟ ତନୁ ବଲ୍ଲରୀରୁ ଅନେକ ଶିକ୍ଷା ଲାଭ କରିଛନ୍ତି କବି ବଳରାମ ଦାସ ।

ଆଜି କିନ୍ତୁ ସେ ଥିଲା ଅନନ୍ୟା- ଏକ ସଂପୂର୍ଣ୍ଣ ବ୍ୟତିକ୍ରମ । ଆଜି ସେ ସାଜିଥିଲା ଏକ ସମର୍ପିତା ଅଳସୀ କନ୍ୟା-ସେ ନାଚୁଥିଲା ଯେମିତି ମେଘମେଦୁରଭରା ଅଶାନ୍ତ

Digitized by srujanika@gmail.com

ଆକାଶକୁ ଚାହିଁ ଚନ୍ଦ୍ରିକା ହଲାଇ ନାଚେ ମୟୂରୀ-ଅଥବା ଦ୍ୱାପର ଯୁଗରେ କାହ୍ନୁର ବଂଶୀତାନ ଶୁଣି ରାଧା ଯେମିତି ନାଚୁଥିଲେ ଉଛକିତା ହୋଇ !!

ହଠାତ୍ କବିଙ୍କୁ ଦେଖି ଯମୁନାର ନୂପୁର ନୀରବତାର ସଙ୍ଗୀତ ଗାନ କରିବାକୁ ଆରମ୍ଭ କଲା- ନୃତ୍ୟ ଭଂଗ କରି ବୀଣାଜିଣା କଣ୍ଠରେ ହଠାତ୍ ଆଚମ୍ବିତ ପ୍ରାୟେ ପ୍ରଶ୍ନ କଲା-

''କବି, ସକାଳ ହେବାକୁ ଅନେକ ଡ଼େରି । ଚାଲ ଏଇ ଅନ୍ଧାରରେ ଲୁଚି ଲୁଚି ଦୂରକୁ-ବହୁ ଦୂରକୁ ଚାଲିଯିବା । ଏ ସମାଜଠାରୁ ଦୂରକୁ-ଏ ଦୁନିଆଠାରୁ ବହୁ ଦୂରକୁ-''

''ଯମୁନା-ଆଗରେ ଯେ ଭାର୍ଗବୀ ନଈ । ଭାର୍ଗବୀରେ ଅନେକ ଜଳ । ରାତିରେ ନାଉରୀ ଶୋଇ ଯାଇଥିବ-ତେଣୁ ସକାଳ ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ପଡ଼ିବ ।''

''ନା, କବି । ସକାଳକୁ ମୁଁ ଘୃଣାକରେ । ଉଷାର ରକ୍ତିମ ଆଭାସରେ ସ୍ୱପ୍ନ ସବୁ କ୍ଷତବିକ୍ଷତ ହୋଇ ରକ୍ତାକ୍ତ ଦିଶେ । ଦିନର ଆଲୁଅରେ ଏଇ ଜଘନ୍ୟ ସଂସାର ଦାନ୍ତନିକୁଟି ଉପହାସ କରେ । ତୁମର ମୋର ସମ୍ପର୍କ ମଧ୍ୟରେ ସାମ୍ବିଧାନିକ ସଂକଟ ସୃଷ୍ଟି କରେ । ତେଣୁ ଦିନର ଆଲୁଅଠାରୁ ରାତିର ଅନ୍ଧାର ବରଂ ମୋ ପାଇଁ ଅନେକ ଭଲ-କାରଣ ଅନ୍ଧାରର କାଳିମାରେ ନିଜକୁ ଲୁଚାଇ ହୁଏ-ସବୁ କଳଙ୍କର କାଳିମା ହଜିଯାଏ-ସୁନେଲି ସ୍ୱପ୍ନ ଦେଖିହୁଏ । ତେଣୁ କବି, ଚାଲ- ଏବେ ଚାଲ ଏଇ ସମାଜଠାରୁ ବହୁ ଦୂରରେ ଆମେ ଆମର ସଂସାର ଗଢ଼ିବା । ଦିନରେ ତୁମେ ଜଙ୍ଗଲରୁ ଫଳ ଖୋଜି ଆଣିବ । ରାତିରେ ତୁମ କୋଳରେ ମୁଣ୍ଡ ରଖି ଆକାଶର ତାରା ଗଣିବି । ଚାଲ ଆଉ ଡ଼େରି କରନା କବି ।''

''କିନ୍ତୁ ସକାଳ ନହେଲେ ନାଉରୀ ନାଆ ମେଲିବନି ଯମୁନା !''

''ଓଃ କବି, ପୁଣି ସେଇ ସକାଳ-ସେଇ ଆଲୁଅ-ଦୁର୍ବିସହ ଜୀବନ !!''

ମୌନ ନିର୍ବେଦ ଆକାଶରେ ଝଡ଼ର ସଙ୍କେତ ଯମୁନାର ମନକୁ ଯେମିତି ସହସା ମେଘାଚ୍ଛନ୍ନ କରି ପକାଇଲା । ସେ ଭାରାକ୍ରାନ୍ତ ସ୍ୱରରେ କହିଲା-

''କବି, ସମାଜ ଆଖିରେ ମୁଁ ପାପିନୀ-ଏ ସମାଜ ମୋ ପାଇଁ ନର୍କକୁଣ୍ଡ-ପ୍ରତି ମୁହୂର୍ତ୍ତରେ ଏ ସମାଜ ତୁମର ମୋର ସମ୍ପର୍କ ମଧ୍ୟରେ ଆବିଳତାକୁ ଖୋଜିବୁଲେ - ଏ ସମ୍ପର୍କର ନାମ ମୁଁ କେଉଁ ପ୍ରକାରେ ଦେବି ମୋତେ କହିଦିଅ କବି ?''

''ତୁମର ମୋର ସମ୍ପର୍କର ନାମ କେବଳ ଜଗନ୍ନାଥ ହିଁ କହିପାରିବେ ଯମୁନା- ଆମର ଭଲ ପାଇବାକୁ କୌଣସି ନାମ ଦେଇ ତୁମେ ବଦନାମ କରନା - ଏତିକି ଜାଣିଥାଅ ତୁମେ ମୋର 'ପୂଜା' ଆଉ ମୁଁ ତୁମର 'ପୂଜାରୀ' !''

ହଠାତ୍ ଶତକଦମ୍ବର ରୋମାଞ୍ଚ ଫୁଟି ଉଠିଲା ଯମୁନା ବାଈର ତନୁମନରେ-ରକ୍ତରେ ଖେଳିଗଲା ଅତୃପ୍ତିର ବେଗଗାମୀ ପ୍ରବାହ-ଆଖିରେ ଆଖିଏ ଧରାପଡ଼ିଯିବାର ଅହେତୁକ ଭୀତି-ଗଭୀର ଆବେଗରେ ସେ ମୁଣ୍ଡ ଗୁଞ୍ଜିଲା କବିଙ୍କ ପ୍ରଶସ୍ତ ଲୋମଶ ବକ୍ଷରେ । ଭଲ

Digitized by srujanika@gmail.com

ପାଇବାର ଉଷ୍ମତାରେ ଯମୁନାର ହାତ ପାପୁଲି ଦୁଇଟି ଅସ୍ୱାଭାବିକ ଭାବେ କୋମଳ ପଦ୍ମପାଖୁଡ଼ା ଭଳି ଲାଗୁଥିବାର ଅନୁଭବ କଲେ ବଳରାମ ଦାସ । ତାହାର ତନୁଶ୍ରୀର ପଞ୍ଚ କୁଞ୍ଚନରେ ବିଧାତାର ପଞ୍ଚଅଙ୍ଗୁଳିର ଚିହ୍ନ ଆବିଷ୍କାର କଲେ ସେ । ଠିକ୍ ସେତିକି ବେଳକୁ ଯମୁନାର ଅନାବୃତ ତନୁ ବଲ୍ଲରୀର କମନୀୟ କୋମଳ ପ୍ରେମ ପ୍ରସ୍ଫୁରିତ ମାଂସପେଶୀଗୁଡ଼ିକ ଏକ ଅବସ୍ଥାରୁ ଅନ୍ୟ ଏକ ରୋମାଞ୍ଚକର ଅବସ୍ଥାକୁ ଆରୋହଣ କରିବାର ପୂର୍ବାବସ୍ଥା, ଠିକ ଯେମିତି ଏକ ଭୌତିକ ଦୁନିଆରୁ ଆଧ୍ୟାତ୍ମିକ ଅବସ୍ଥାକୁ ଛୁଇଁବାର ମଧ୍ୟ ପୂର୍ବ ଅବସ୍ଥା-କେଉଁଠି ଉଚ୍ଚ, କେଉଁଠି ନୀଚ, କେଉଁଠି ସୂକ୍ଷ୍ମ, କେଉଁଠି ସ୍ଥୁଳ, କେଉଁଠି ଉଷ୍ମ, କେଉଁଠି ଶୀତଳ ଅଥବା କେଉଁଠି ଆର୍ଦ୍ର ପୁନଶ୍ଚ, କେଉଁଠି ମଧୁର, କେଉଁଠି ବା ଲବଣାକ୍ତ ଏଇ ଭାବେ ଈଶ୍ୱର ରଚିତ ଅଦ୍ଭୁତ ଭାସ୍କର୍ଯ୍ୟ ମଧ୍ୟରେ କବି ବଳରାମ କେତେ ସମୟ ହଜିଗଲେ ସେ ନିଜେ ବି ଜାଣନ୍ତିନି !!''

ଅଦୂରରେ ଘଣ୍ଟା, ଆଳତି ଶବ୍ଦରେ ବଳରାମ ସଂବିତ୍ ଫେରି ପାଇଲେ । ମେଘନାଦ ପାଚେରୀ ବାହାରେ ଏଇ ସବୁ ଧ୍ୱନି ମନ୍ଦ୍ରିତ ହୋଇ ଉଠୁଥିଲା-ବିଜେକାହାଳୀ ସ୍ୱର୍ଗ ଲୋକ ଯାଏ ଆକାଶକୁ ଆଲୋଡ଼ିତ କରିବାରେ ଲାଗିଲା ।

ବାହାରକୁ ଚାହିଁଲେ ସେ । ଶ୍ରୀମନ୍ଦିରର ଶୀର୍ଷରେ ନୀଳଚକ୍ର ଧ୍ୱଜା ପ୍ରକମ୍ପିତ ହୋଇ ଉଡୁଥିଲା । ଆଜି ପରା ସେଇ ପବିତ୍ର ଘୋଷଯାତ୍ରା । ନିଜ ହାତରେ 'କାଳିଆ'କୁ ଫୁଲର ଗଜରା ପିନ୍ଧାଇବା ଛାଡ଼ି ସେ କେତେବେଳୁ ଅବଚେତନ ପ୍ରାୟେ ପଡ଼ିଛନ୍ତି ଯମୁନା ବାଇର ବାହୁର ଗଜରାରେ ବନ୍ଦୀ ହୋଇ । ପାଗଳ ପ୍ରାୟେ ଯମୁନାଠାରୁ ମୁକୁଳି ଛିଡ଼ାହେଲେ ବଳରାମ । ନିଜ ଉପରେ ଘୃଣା ଆସିଗଲା ତାଙ୍କର । ବଡ଼ଦାଣ୍ଡର ଫେନାୟିତ ଜନସମୁଦ୍ର ମଧ୍ୟକୁ ସେ ସହସା ଲମ୍ଫ ପ୍ରଦାନ କଲେ । ମଙ୍ଗଳ ଆରତି, ମଇଲମ୍, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ବଲ୍ଲଭ ଓ ସକାଳ ଧୂପ, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ ଏସବୁ କେତେବେଳୁ ଶେଷ ହେଲାଣି । ଗଜପତି ପ୍ରତାପରୁଦ୍ରଦେବ ଛେରାପହଁରା କରୁଛନ୍ତି । ମୁଦୁଲି ଏଥର ଖଡ଼ିକା ବଢ଼େଇ ଦେଲେ ମେକାପଙ୍କ ହାତକୁ । ମେକାପ ବଢ଼େଇ ଦେଲେ ଗଜପତିଙ୍କ ହାତକୁ । ଗରାବଡୁ ଆଗରେ ଫୁଲପାଣି ଛିଞ୍ଚି ଚାଲିଛନ୍ତି । ଗଜପତି ଛେରାପହଁରା କରିଚାଲିଛନ୍ତି । ଏଇ ପାରମ୍ପରିକ କର୍ମ ଚାଲିଥିଲାବେଳେ ଅଚାନକ ଅପ୍ରତ୍ୟାଶିତଭାବେ ଏକ ଦୁର୍ଘଟଣା ଘଟିଗଲା । ନନ୍ଦିଘୋଷ ଉପରକୁ ଆତ୍ମସମ୍ମୋହିତ ପ୍ରାୟେ ଉଠିଲେ ବଳରାମ ଦାସ, ଯମୁନା ବାଇର ହଳଦୀ ଜର୍ଜର ଦେହର ସଦ୍ୟ ଚିହ୍ନ ଜଡ଼ିତ ପିନ୍ଧା ବସନରେ । ମୁହଁରେ ଗାଢ଼ ଚୁମ୍ବନର ସୁସ୍ପଷ୍ଟ ଚିହ୍ନ-କପାଳରେ ସିନ୍ଦୂର ରେଖା-ଗଣ୍ଡଦେଶରେ କଜ୍ଜଳର ଉପହାସ ।

ସ୍ନାନ ପୂର୍ଣ୍ଣିମାଠାରୁ ରଥଯାତ୍ରା ସାରି ପୁନର୍ବାର ବଡ଼ ଦେଉଳକୁ ଦିଅଁମାନଙ୍କର ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସେମାନଙ୍କର ସମସ୍ତ ଭାର ଦଇତାପତିମାନଙ୍କ ଉପରେ ନ୍ୟସ୍ତ ଥାଏ ।

Digitized by srujanika@gmail.com

ଛେରାପହଁରା ଏକ ପବିତ୍ର କାର୍ଯ୍ୟ । ଏଇ ଅବସରରେ ତା' ଉପରକୁ ବେଶ୍ୟାଳୟରୁ ଅଶୁଚି ହୋଇ ଆସିଥିବା ବଳରାମ ଦାସ ଉଠିଆସିବା ଏକ ଅକ୍ଷମଣୀୟ ଅପରାଧ । ତେଣୁ ଦଇତାପତିମାନେ ବଳରାମ ଦାସଙ୍କୁ ନନ୍ଦିଘୋଷ ଉପରୁ ତଳକୁ ଠେଲିଦେଲେ !!

ହଠାତ୍ ଅଭିନିବେଶ ଭାଙ୍ଗିଗଲା ବଳରାମ ଦାସଙ୍କର । ବାଙ୍କୀ ମୁହାଣରେ ସାଗରକୁ ଚାହିଁଲେ ସେ । ପ୍ରଗଲ୍‌ଭା ଉର୍ମି ନିଜକୁ ହଜାଇ ଦେଉଥିଲା ସାଗର ବକ୍ଷରେ । ସାଗର ତାର ଅଖଣ୍ଡ ପ୍ରଶାନ୍ତି ମଧ୍ୟରେ ଉର୍ମିକୁ ଆଲିଙ୍ଗନ କରୁଥିଲା ।

ସହସା ବଳରାମ ଦାସ ସାଗର ପ୍ରାୟେ ଫୁଲି ଉଠିଲେ । ଦୀପ୍ତିମନ୍ତ ହୋଇ ଜଳି ଉଠିଲେ । ବାଲିରେ ତିନୋଟି ରଥ ତିଆରି କରି ପାଗଳ ପ୍ରାୟେ ଚିତ୍କାର କରି ଉଠିଲେ ।

''ହେ ଜଗତର ନାଥ ଜଗନ୍ନାଥ । ମୁଁ ବଳରାମ ଦାସ- ତୁମର ଭକ୍ତ କହୁଛି । ମୁଁ ମଦ୍ୟପ, ମୁଁ ଚରିତ୍ରହୀନ-ଲମ୍ପଟ । ମୁଁ ତୁମକୁ ଡାକି ପାରୁନି-କାରଣ ମୁଁ ପରା ଏକ ପାପୀ ପୁରୁଷ । ତେଣୁ ହେ ପବିତ୍ର ପୁରୁଷ ତୁମେ ହିଁ ମୋତେ ତୁମ ପାଖକୁ ଡାକି ନିଅ । ମୁଁ ତୁମ ପାଖକୁ ଯାଇ ପାରୁନି । ତୁମକୁ ହିଁ ମୋ ପାଖକୁ ଆସିବାକୁ ପଡ଼ିବ । ମୋ ପାଖକୁ ଆସିଲେ ତୁମର କ'ଣ ସମ୍ମାନ ଯିବ ପ୍ରଭୁ ! ମାଆ ଲକ୍ଷ୍ମୀଙ୍କ ଅଭିଶାପରେ ତୁମେ କଳା ଧଳା ବେନି ଭାଇ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗୁଥିଲାବେଳେ ତୁମର ସମ୍ମାନ କେଉଁଠି ଥିଲା କୁହ ? ତେଣୁ ଚକାଡ଼ୋଳା- ମୋର ନାମ ନିଅ, ମୋର ଜାତି ନିଅ, ମୋର ମାନ ନିଅ, ଧନ ନିଅ, ଜପ ନିଅ, ତପ ନିଅ, ପାପ ନିଅ, ପୁଣ୍ୟ ନିଅ - ମୋର ସବୁକିଛି ନେଇ ଯାଇ ହେ କାଳିଆ ଠାକୁର, ମୋତେ ଆଜି ଖାଲି ତୁମକୁ ଦିଅ । ମୋର ଓ ଯମୁନାର ପ୍ରୀତିର ସମ୍ମାନ ରକ୍ଷାପାଇଁ ତୁମେ ଆଜି କେବଳ ମୋର ହୁଅ । ଆମ ପ୍ରୀତିକୁ ଜନ୍ମ ଜନ୍ମାନ୍ତର ପାଇଁ ସ୍ୱୀକୃତି ଦେଇ ହେ ଜଗତରନାଥ ଜଗନ୍ନାଥ ମୋର ଏଇ ତିନି ବାଲି ରଥରେ ତୁମେ ତୁମର ଭାଇ ଭଉଣୀଙ୍କ ସଙ୍ଗରେ ବିଜେକର - ତୁମ ବିହୁନେ ବଡ଼ ଦାଣ୍ଡର ତିନି ରଥ ସ୍ୱୟଂ ଅଚଳ ହେଉ । ସହସା କବିଙ୍କ 'ଭାବ ସମୁଦ୍ର'ରୁ ସ୍ୱତଃ ଫେନାୟିତ ହୋଇ ଉଠିଲା ନିଜସ୍ୱ କେଇ ପଂକ୍ତି, ଗଭୀର ଭାବାବେଶରେ -

''ନ ଚଳିବ ରଥ, ନ ଚଳିବ ଚକ,
ନ ଚଳିବ ଦେବ ଯାନ,
ବ୍ରହ୍ମ କୁଣ୍ଡଳୀରେ ଆପଣେ ବନ୍ଧନ,
ହୋଇବ ଯାଇଁ ବହନ,
ତୋତେ ତୋହ ନାମ ମାତାଙ୍କର ନାମ,
ବଳରାମ ରାଣ ଦେଇ,
ବ୍ରହ୍ମ କୁଣ୍ଡଳୀରେ ବନ୍ଧନ ପଡ଼ିବ,
ବଳରାମ ଦାସ କହି ।''
(ଭାବ ସମୁଦ୍ର - ବଳରାମ ଦାସ)

Digitized by srujanika@gmail.com

ହଠାତ୍ ସମାଧିସ୍ଥ ହୋଇଗଲେ ବଳରାମ ଦାସ । ନୀରବତା-ନୀରବତା- ଅଖଣ୍ଡ ନୀରବତା । ପର ମୁହୂର୍ତ୍ତରେ ସାଗର ଅସମ୍ଭବ ଭାବେ ନିଃସଙ୍ଗ ଆଉ ନିଥର ଜଣା ପଡୁଥିଲା । ତା' ବୁକୁରେ ପ୍ରଗଲ୍‌ଭା ଉର୍ମି ଢେଉ ସାଜି ନାଚୁନଥିଲା । ତରଙ୍ଗ ହୋଇ ହସୁ ନ ଥିଲା-ଅଥବା ଲହରୀ ହୋଇ ଅଭିମାନ କରୁ ନଥିଲା । ବାଙ୍କୀ ମୁହାଣର ବେଳାଭୂମିରେ ଆଖି ବୁଜି ବସିଛନ୍ତି ବଳରାମ ଦାସ । ସମ୍ମୁଖରେ ତିନୋଟି ବାଲିରଥ । ସହସା ଏକ ଅଲୌକିକ ଘଟଣା ସଂଘଟିତ ହେଲା । ସୁରଭିତ ଧୂପର ସୁଗନ୍ଧରେ ଚତୁର୍ଦ୍ଦିଗ ଯେମିତି ବିମୋହିତ ହୋଇଉଠିଲା । ସତେ ଯେମିତି ତିନି ଠାକୁର ଆସିଛନ୍ତି ତାଙ୍କର ଭକ୍ତର ମାନରକ୍ଷା କରିବାକୁ । ବଳରାମ ଓ ଯମୁନା ବାଈର ଅସମ୍ପର୍କୀୟ ପ୍ରୀତିକୁ ସ୍ୱୀକୃତି ଦେବାକୁ । ଆଖି ଖୋଲିଲେ ବଳରାମ ଦାସ-ଦେଖିଲେ ସମୁଦ୍ର ସ୍ଥିର ହୋଇଯାଇଛି । ତାର ଅଶାନ୍ତ ଜଳ ପ୍ରଶାନ୍ତ ପ୍ରାୟେ ବାଲି ରଥ ତିନୋଟିକୁ ସାଷ୍ଟାଙ୍ଗେ ପ୍ରଣିପାତ କରୁଛି ଯେମିତି । ତିନି ରଥର ବାଲିସବୁ ଦୋଳାୟିତ ହେଉଛି । ଅଥଚ କି ଆଶ୍ଚର୍ଯ୍ୟ, ବାଲିରଥ ତିନୋଟି ଭାଙ୍ଗିପଡୁନି । ଆଖିରୁ ତାଙ୍କର ଦି'ଟୋପା ତତଲା ଅଶ୍ରୁ ସ୍ୱତଃ ଝରି ପଡ଼ିଲା । ଏ ଲୁହ ଦୁଃଖର ନୁହେଁ ଆନନ୍ଦର । ମୁହଁରୁ ତାଙ୍କର ଅଜାଣରେ ସହସା ବାହାରି ପଡ଼ିଲା-

''ଜୟ ଜଗନ୍ନାଥ !!!''

॥ ଦୁଇ ॥

କିଶୋରୀ କନ୍ୟାର ଅସରନ୍ତି-ଅବରୁଦ୍ଧ ଅଭିମାନ ନେଇ ଖୋର୍ଦ୍ଧାଗଡ଼ର ରୂପସୀ କଳାବତୀ-କଲ୍ଲୋଳିତା ରାତ୍ରି ଅକସ୍ମାତ୍ ମୌନାବତୀ ସାଜିଥିଲା ।

ବରୁଣେଇ ପାହାଡ଼ ତଳେ କେତେବେଳୁ ସୂର୍ଯ୍ୟଦେବ ନିଦ୍ରାଦେବୀଙ୍କ କୋମଳ କୋଳରେ ଶୟନ କଲେଣି । କିନ୍ତୁ ଉତ୍କଳର ଗଜପତି ପ୍ରତାପରୁଦ୍ରଦେବ ରତ୍ନପଲଙ୍କରେ ଶାୟିତ ହୋଇ ଗଭୀର ଦୁଶ୍ଚିନ୍ତାରେ ନିମଜ୍ଜିତ ରହି କେବଳ କଡ଼ ପରେ କଡ଼ ଓଲଟାଇବାରେ ଲାଗିଥିଲେ । ରାଜପ୍ରାସାଦରେ ଅଖଣ୍ଡ ନୀରବତାର ରାଜତ୍ୱ-କୁଟାଖିଏ ପଡ଼ିଲେ କାଠିଟିଏ ପଡ଼ିଲା ବା ଆଉ କାଠିଟିଏ ପଡ଼ିଲେ ଢିଙ୍କିଟାଏ ପଡ଼ିଲା ଭଳି ନୀରବତା । ଏହାହିଁ ବୋଧହୁଏ ଗର୍ଭବତୀ ନିସ୍ତବ୍ଧତା !

ଏ ପୁଣି କେଉଁ ଅଶନି ସଙ୍କେତ ? ତିନି ଦିନ ଧରି ରଥଚକ ଆଗକୁ ଗଡୁନି । ଶ୍ୱେତଦ୍ୱୀପ, ମଗଦ୍ୱୀପ, ନେପାଳ, କାଶ୍ମୀର, ରାଢ଼, ଗୌଡ଼, ଅବନ୍ତୀ, ଅଙ୍ଗ, ବଙ୍ଗ, କଳିଙ୍ଗ, ଉନ୍ନୟ, କାଶୀ, ବୃନ୍ଦାବନ, କଇଲା, ମରାଠା ଦେଶ, ବିହାର, ଦ୍ୱାରିକା ଓ ମଥୁରାର ଲକ୍ଷ ଲକ୍ଷ ଭକ୍ତ ସେମାନଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ତିନୋଟି ରଥ ଟାଣିବାକୁ ଯଥାଶକ୍ତି ପ୍ରୟାସ କରି ନିଷ୍ଫଳ ହୋଇଛନ୍ତି । କିନ୍ତୁ ଏ କି ଅଦ୍‌ଭୁତ ବ୍ୟାପାର । ତିନି ରଥର ଚକ ଟିକିଏ ବି ଆଗକୁ ଚଳିନି । କ'ଣ ପାଇଁ ଜଗନ୍ନାଥଙ୍କର ଏଇ ଅଭିମାନ ? ଗଜପତିରୂପେ ତାଙ୍କର ଅବହେଳା କେଉଁଠି ରହିଲା ?

Digitized by srujanika@gmail.com

ଗଜପତି ପ୍ରତାପରୁଦ୍ରଦେବ ଭଲ ରୂପେ ଜାଣନ୍ତି ଜଗନ୍ନାଥ ଉତ୍କଳୀୟମାନଙ୍କର କେବଳ ଆରାଧ୍ୟ ଦେବ ନୁହଁନ୍ତି, ସେ ହେଉଛନ୍ତି ଉତ୍କଳୀୟ ପରମ୍ପରାର ସର୍ବଶ୍ରେଷ୍ଠ ପ୍ରତିନିଧି ଏବଂ ଏହି ଜାତୀୟ ଜୀବନର ସଂଚାଳକ ତଥା ସାଂସ୍କୃତିକ ଚେତନାର ମୁଖ୍ୟ ସଚେତକ । ଏହା ଅନାର୍ଯ୍ୟ ମୃତ୍ତିକା ଓ ଦାରୁ ପୂଜାରୁ ଆରମ୍ଭ ହୋଇ, ଭୂଗର୍ଭର ନୀଳମଣି ମାଧବ ରୂପରେ ବୈଷ୍ଣବ ଚର୍ଚ୍ଚିତ ହୋଇ, ପୁଣି ବୈଦିକ ବ୍ରହ୍ମତ୍ୱ ସହିତ ସାକାର-ନିରାକାର ସମନ୍ୱୟ ପୂର୍ବକ ଏଜାତିର ସମସ୍ତ ସଫଳତା ଓ ବିଫଳତାକୁ ଗର୍ଭିତ କରି, ଏକ ଅନନ୍ତତ୍ୱ ତଥା ମହାବିଶାଳତ୍ୱର ପରିସ୍ଫୁଟନ କରିପାରିଛି । ସେଇ ଜଗନ୍ନାଥ ଯଦି ଅଭିମାନ କରିବସନ୍ତି, ତାହେଲେ ଏହି ଅଘଟଣ ପାଇଁ ଉତ୍କଳର ଅଗଣିତ ଉତ୍ତର ପୁରୁଷ ଗଜପତି ରୂପରେ ତାଙ୍କୁ ହିଁ ଦାୟୀ କରିବେ । କିନ୍ତୁ ସେ କ'ଣ ସତରେ ନିଜେ ଦୋଷୀ ? ଦୋଷ ସ୍ୱୟଂ ଜଗନ୍ନାଥଙ୍କର । ପରମଭକ୍ତ ସିଦ୍ଧପୁରୁଷ କବି ବଳରାମ ଦାସଙ୍କର । ସେ ଅଶୁଚି ପ୍ରାୟେ ବେଶ୍ୟାଳୟରୁ ଆସି ରଥ ଉପରକୁ ଉଠି ଆସିଲେ କାହିଁକି ? ତେଣୁ ରଥର ବିଧି ରକ୍ଷାକରି ଦଇତାପତିମାନେ ତାଙ୍କୁ ରଥ ଉପରୁ ତଳକୁ ଠେଲି ଦେଇଛନ୍ତି ଓ ସେ ନୀରବ ହୋଇ ରହିଛନ୍ତି । ଜଗନ୍ନାଥଙ୍କର ପବିତ୍ରତା ରକ୍ଷା କରି ସେ କ'ଣ ଭୁଲ କରିଛନ୍ତି ?

ରାତ୍ରିର ବୟସ କ୍ରମଶଃ ବଢ଼ି ଚାଲିଥିଲା- ରତ୍ନପଲଙ୍କରେ ଏକ ସୁଦୀର୍ଘଶ୍ୱାସ ତ୍ୟାଗ କରି କଡ଼ ଲେଉଟାଇଲେ ଗଜପତି । କେତେବେଳେ ଅବଚେତନର ଦ୍ୱାରଦେଶରେ ତଂନ୍ଦ୍ରାଛନ୍ନ ହୋଇ ପଡ଼ିଛନ୍ତି ସେ ନିଜେ ବି ଜାଣନ୍ତିନି !

ହଠାତ୍ ଆଲୋକର ବର୍ଷା ଅଂଧକାରାଛନ୍ନ ଶୟନକକ୍ଷର ଅଂଧାରକୁ ଯେମିତି ଧୋଇନେଲା । ଚାରିଆଡ଼େ କେବଳ ଆଲୋକ-ଆଲୋକ ହିଁ ଆଲୋକ । ନିବିଡ଼ ନିରନ୍ଧ୍ର ଘନ ଆଲୋକର ଦ୍ୟୁତିରେ କକ୍ଷଟି ସ୍ୱତଃ ଉଦ୍‌ଭାସିତ ହୋଇ ଉଠିଲା । ପ୍ରଖର ପ୍ରଚଣ୍ଡ ସୂର୍ଯ୍ୟ ପରି ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର-ଅଥଚ କି ସୁଶାନ୍ତ, କି ସୁଶୀତଳ । ହଠାତ୍ ସେଇ ଆଲୋକରାଶି ଘନୀଭୂତ ହୋଇ ଅଂଧକାରକୁ ଚତୁର୍ଦ୍ଦଗରୁ ବେଷ୍ଟନ କଲା- କେନ୍ଦ୍ରାଂଚଳରେ ଅଫିମ ଭଳି କଳା କିଟିକିଟି ଘନ ଅଂଧାରର ବୃତ୍ତାକୃତି ଅଂଶବିଶେଷ ଆଉ ତାର ଚତୁଃପାର୍ଶ୍ୱରେ ଘନ ଆଲୋକର ଉଜ୍ଜ୍ୱଳ ଉଦ୍‌ଭାସିତ ବଳୟ-ସତେ ଯେମିତି ଜଗାକାଳିଆର ଗୋଟିଏ ଚକା ଆଖି ତାକୁ କ୍ରୋଧାନ୍ୱିତ ହୋଇ ଅନାଇ ରହିଛି । ଅସମ୍ଭବ ଭୟର କୁଆରରେ ପ୍ରକଂପିତ ହୋଇ ଉଠିଲେ ଗଜପତି । ସେଇ ଅଂଧାରରେ, ସେଇ ଆଲୋକରେ ଆଉ ପ୍ରକଂପନ ମଧ୍ୟରେ ତାଙ୍କର ହୃଦ୍‌ବୋଧ ହେଲା ସେ ଯେମିତି କାହାର ତରଂଗାୟିତ ଅଥଚ ବଜ୍ରଗମ୍ଭୀର କଂଠସ୍ୱର ଶୁଣି ପାରୁଛନ୍ତି ।

''ହେ ରାଜନ୍ ! ପିଲାମାନେ ହାତରେ ଦର୍ପଣ ନେଇ ଜହ୍ନକୁ ଦେଖନ୍ତି ଆଉ ଜହ୍ନ ତାଂକ ହାତରେ ଅଛି ବୋଲି ମନେ ମନେ ଖୁସି ହୁଅନ୍ତି; ଠିକ୍ ତୁମେ ଯେମିତି ଗଜପତି ରୂପରେ ମୋତେ ତୁମର ଶ୍ରୀମନ୍ଦିରରେ ସଂସ୍ଥାପନ କରିଛ ବୋଲି ଭାବନାହିଁ ଯେ ମୁଁ ତୁମ

Digitized by srujanika@gmail.com

ହସ୍ତରେ ଅଛି ଏବଂ ସେଇ ସୂତ୍ରରେ ତୁମର ସମସ୍ତ ବିଚାରକୁ ସ୍ୱୀକୃତି ଦେବି ? ଏହା ଯଦି ତୁମେ ଭାବୁଥାଅ, ତେବେ ମୁଁ କହିବି ତୁମେ ଭୁଲ କରୁଛ । ଭଗବାନଙ୍କୁ ପାଇବାକୁ ହେଲେ ତୁମ ହୃଦୟକୁ ଶ୍ରୀମନ୍ଦିର କରିବାକୁ ପଡ଼ିବ ଆଉ ଆଖିର ନୀର ହେବ ମହୋଦଧି- ଯେତେବେଳେ ହୃଦୟରେ ପ୍ରେମ ପରିପୂର୍ଣ୍ଣ ହୁଏ, ସେତେବେଳେ ଓଠରେ କଥା ରହିବା ପାଇଁ ଜାଗା ନ ଥାଏ-ମନର ଗନ୍ତାଘରୁ ରୀତି, ନୀତି, ଆଇନ, କାନୁନ୍ ସବୁକୁ ବାହାରକୁ ଫିଙ୍ଗି ଦିଆଯାଏ । ପ୍ରେମ ପୂଜାର ରୂପ ନିଏ । ତୁମେ ପାପ ପୁଣ୍ୟର ଅର୍ଥ କାହୁଁ ବୁଝିବ ? ପବିତ୍ରତାର ଅର୍ଥ ତୁମ ଅଭିଧାନର ଅର୍ଥ ଭଳି ମୋଠାରେ ନୁହେଁ- ଏହାର ଆପେକ୍ଷିକ ଅର୍ଥ ବୁଝିବାକୁ ତୁମର ସାମର୍ଥ୍ୟ କାହିଁ ? ତୁମର ତଥାକଥିତ ବଶମ୍ବଦ ପୂଜକମାନେ ମୋ ମୁଣ୍ଡରେ ହାତ ଦେଇ କହିପାରିବେ ସତରେ କ'ଣ ଅଶୁଚିର ଉଇମାନେ ସେମାନଙ୍କର ମନକୁ ଖିନ୍‌ଭିନ୍ କରି ଖାଇଯାଇନାହାନ୍ତି ? ମୋତେ ସନ୍ତୁଷ୍ଟ କରିବା ପାଇଁ ନାନା ପ୍ରକାର ଭୋଗ, ଅଳଂକାର, ବସ୍ତ୍ରାଦି ଉପହାର ଦିଆହୁଏ । ମୋ ଭୋଗରୁ ବଡ଼ଠାରୁ ସାନ ସମସ୍ତ ପୂଜକ ଜୀବିକା ନିର୍ବାହ କରୁଛନ୍ତି । କିନ୍ତୁ କେବେହେଲେ ଭାବିଛନ୍ତି କି ଭୋଗ ଉପହାର ଦ୍ୱାରା ଅନାଦି ଅନନ୍ତକୁ ଆୟତ୍ତ କରିହେବ ନାହିଁ । ମୋଠାରେ ସେମାନଙ୍କର ଦୃଢ଼ ବିଶ୍ୱାସ ଅଛି ତ ? ମୋତେ ଯିଏ ପୂର୍ଣ୍ଣ ବିଶ୍ୱାସ କରି ଆତ୍ମସମର୍ପଣ କରିଦିଏ ତାର ସମସ୍ତ କର୍ମକୁ ମୁଁ କର୍ତ୍ତା ରୂପରେ ଗ୍ରହଣ କରିନିଏ । ମୋତେ ବାନ୍ଧିବାକୁ ପ୍ରେମ ଦରକାର-ନିଛକ ପ୍ରେମ । ପ୍ରତିଟି ସଦ୍ ପ୍ରେମିକ ଭିତରେ ମୋର ଯୁଗେ ଯୁଗେ କୃଷ୍ଣାବତାର-ପ୍ରତିଟି ପ୍ରେମିକାଠାରେ ମୋର ରାଧା ଅବସ୍ଥାପିତା । ମୋ ଭକ୍ତ ବଳରାମ କିଛି ଭୁଲ କରିନାହାନ୍ତି । ଯମୁନା ଘରୁ ଆସିବାବେଳେ ତା'ର ସିନ୍ଦୂର ହଳଦୀ ବଳରାମଙ୍କ ଦେହରେ ଲାଗିବା ଯାହା-ଶ୍ରୀମନ୍ଦିରରୁ ଜଣେ ଦଇତାପତି ଆସିବାବେଳେ ପୂଜାଚଂଦନ ଲାଗିବା ସହ ସମାନ-ମୋ ଭକ୍ତ ମୋଠାରେ ସଂପୂର୍ଣ୍ଣ ଆତ୍ମସମର୍ପିତ-ସେ ନିଜ ଇଚ୍ଛାରେ କିଛି କରିନାହାନ୍ତି । କରି କରାଉଥାଏ ମୁହିଁ- ମୋ ବିନା ଅନ୍ୟ ଗତି କାହିଁ ? ସେ ନିମିତ୍ତ ମାତ୍ର-ମୁହିଁ ସ୍ୱୟଂ କର୍ତ୍ତା-ସେ ମୋ କର୍ମ ତାଂକ ମାଧ୍ୟମରେ ପରିପୂରଣ କରିଛନ୍ତି । ହେ ରାଜନ୍-ଯୁଗେ ଯୁଗେ ମୁଁ ଭକ୍ତ ପ୍ରେମରେ ବଂଧା । ଆଜି ବି ମୋ ଭକ୍ତ ମୋତେ ବାଙ୍କୀ ମୁହାଣରେ ତିନିବାଲି ରଥରେ ଭାଇ ଭଉଣୀଙ୍କ ସମେତ ବାନ୍ଧି ରଖିଛି । ତା' ଅନୁମତି ବିନା ମୁଁ ବଡ଼ଦାଣ୍ଡକୁ ଆସି ପାରିବିନି କି ରଥ ଆଉ ଚାଲିପାରିବନି । ଯାଅ ରାଜନ୍-ମୋ ଅଭିମାନୀ ଭକ୍ତର ମାନଭଂଜନ କର । ଯାଅ !!''

ହଠାତ୍ ସଂବିତ୍ ଫେରି ପାଇଲେ ଗଜପତି ପ୍ରତାପରୁଦ୍ରଦେବ । ନାହିଁ ସେ ଚକା ଆଖି-ନାହିଁ ସେ ଗୁରୁଗମ୍ଭୀର କଂଠସ୍ୱର-କିଛି ନାହିଁ-ସବୁ ଯେମିତି ମହାଶୂନ୍ୟରେ ଉଭାନ୍ ହୋଇଯାଇଛି ! ଆତ୍ମସମ୍ମୋହିତ ପ୍ରାୟେ ରତ୍ନପଲଂକରୁ ତଳକୁ ଲମ୍ଫ ପ୍ରଦାନ କଲେ ଗଜପତି । ବଡ଼ଦାଣ୍ଡରେ ଅସୁମାରି ଭକ୍ତ ବିଷର୍ଣ୍ଣ ହୃଦୟରେ ଅପେକ୍ଷା କରି ବସିଛନ୍ତି ! ତାଂକୁ ଗଜପତି ରୂପେ ତାଙ୍କର କର୍ତ୍ତବ୍ୟ ସଂପାଦନ କରିବାକୁ ପଡ଼ିବ । ବଳରାମଙ୍କର

Digitized by srujanika@gmail.com

ମାନଭଂଜନ କରିବାକୁ ପଡ଼ିବ । ବାଂକୀ ମୁହାଣ ଆଡ଼ାକୁ ସେ ପାଗଳ ପ୍ରାୟେ ଧାବିତ ହେବାକୁ ଲାଗିଲେ । ତାଂକ ପଛରେ ଫେନାୟିତ ଜନ-ସମୁଦ୍ରର ଲହରୀ ଅନୁଧାବିତ !!

ରାତ୍ରିରେ ଆଉ ଅଂଧାର ନାହିଁ । ଗଜପତିଙ୍କ ଆଖିରେ ତିନି ରାତ୍ରିର ନିଦ୍ରାହୀନତାର ଅକଳନ କ୍ଳାନ୍ତି-ତଥାପି କେମିତି କିଏ ଯେମିତି ତାଂକୁ ପ୍ରାଣପ୍ରଦୀପରେ ମଂଗଳାଲୋକ ଦେଇ ଅରୁଣିମ ପ୍ରଭାତର ଦ୍ୱାରଦେଶକୁ ଟାଣି ନେଉଛନ୍ତି ସେ ନିଜେ ବି ଜାଣନ୍ତିନି !

ବାଂକୀ ମୁହାଣରେ ପହଂଚି ସମୁଦ୍ରକୁ ଚାହିଁ ପ୍ରତାପରୁଦ୍ରଦେବ ସତେ ଯେମିତି ଏକ ମୃତ ଇଲାକାର ଅଧିବାସୀ ହୋଇଗଲେ । ଏ କ'ଣ ସେଇ ଅଶାନ୍ତ ସମୁଦ୍ର ? ନା, ସମୁଦ୍ର ଯେମିତି ପ୍ରଶାନ୍ତ, ସ୍ନିଗ୍ଧ, ଉଦାର ଆଉ ନିଶ୍ଚିନ୍ତ । ଏ କି ଅଦ୍ଭୁତ ବ୍ୟାପାର !!

ସମାଧିସ୍ଥ ହୋଇ ବସିଥିଲେ ସିଦ୍ଧପୁରୁଷ କବି ବଳରାମ ଦାସ । ତାଂକ ସମ୍ମୁଖରେ ଛୋଟ ଛୋଟ ତିନୋଟି ବାଲିରଥ । ସେଇଠି ଅଛନ୍ତି ପରା ଓଡ଼ିଆର ଅତି ଆପଣାର ତିନି ଠାକୁର - ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ । ଗଜପତିଙ୍କୁ ବୋଧ ହେଲା ସତେ ଯେମିତି ସମୁଦ୍ର ସ୍ଥିର ପ୍ରାୟେ ସାଷ୍ଟାଙ୍ଗ ପ୍ରଣିପାତ କରୁଛି । ପବନ ଧୀର ଗତିରେ ଆରାଧନା କରୁଛି । ସହସା ବେଳାଭୂଇଁରେ ଲୋଟିପଡ଼ିଲେ ଗଜପତି-ଆଖି ଦୁଇଟି ଆପେ ଆପେ ବୁଜି ହୋଇଆସିଲା । ଆଉ ତହିଁରେ ଚକା କମଳ ଆଖି, ଅଧାଜହ୍ନ ଅଧର, ଉଆଁସୀ ଅଂଧାର ତ୍ରିପଣ୍ଡ କାଳିଆ ଦେହ, ଶଂଖ, ଚକ୍ର ଆଂକି ହୋଇଗଲା । ବାଲିରେ ଗଡୁଛନ୍ତି ଗଜପତି । ଉତ୍କଳର ଚଳନ୍ତି ବିଷ୍ଣୁ । ଦେହସାରା ବେଳାଭୂଇଁର ଆର୍ଦ୍ର ବାଲୁକାରାଶି ଆଉ ବାଲୁକାରାଶି । ଆଉ ଭୂଲୁଂଠିତ ହୋଇ ପଡ଼ିଥିଲା ତାଂକର 'ଶ୍ରୀବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳବର୍ଗେଶ୍ୱର ବୀରାଧିବର ଅଭିରାଏ ଭୂତଭୈରବ ଦୁଃସହ ଦୁଃଶାସନ ଅନୁକରଣେ ରାଉତରାଏ ଅତୁଳବଳ ପରାକ୍ରମ ସହସ୍ରବାହୁ ଧୂମକେତୁ ଆଦି ପଦମର୍ଯ୍ୟାଦା-ପାଗଳ ପ୍ରାୟେ ଉତ୍କଳର ମର୍ଯ୍ୟାଦାପୁରୁଷ ଘୋଷଣା କଲେ-

''ବଳରାମ ଦାସ, ସତରେ ତୁମେ ଭାଗ୍ୟବାନ୍ । ତୁମେ ପ୍ରକୃତରେ ଜଗନ୍ନାଥଙ୍କର ପରମ ଭକ୍ତ । ମୁଁ ଉତ୍କଳର ଗଜପତି ରୂପେ ଘୋଷଣା କରୁଛି ଅଦ୍ୟ ଦିବସରୁ ତୁମେ 'ଭକ୍ତକବି' ରୂପେ ପରିଗଣିତ ହେବ । ଇତିହାସ ପଛେ ନୀରବ ରହୁ-ସମାଜ ପଛେ ତୁମକୁ ପାପପୁଣ୍ୟର ନିକିତିରେ ତଉଲୁ-କିନ୍ତୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶକୁ ପାଥେୟ କରି ତୁମେ ଯେ ଯମୁନାବାଈକୁ ଭଲପାଇ କିଛି ପାପ କରିନ ଏକଥା ଯୁଗ ଯୁଗ ଧରି ଜନଶ୍ରୁତିରେ ଲିପିବଦ୍ଧ ହୋଇ ରହିବ ।''

''ଛାମୁଁ !''

''ହଁ ବଳରାମ-ଶ୍ରୀକ୍ଷେତ୍ର ପାଇଁ ଜଗନ୍ନାଥ ବିଖ୍ୟାତ ନୁହନ୍ତି ବରଂ ଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ର ବିଶ୍ୱବନ୍ଦିତ । ଜଗନ୍ନାଥଙ୍କ ବିହୁନେ ଆମର ବଡ଼ ଦେଉଳ, ବଡ଼ଦାଣ୍ଡ, ବଡ଼ରଥ, ବଡ଼ଭୋଗ, ବଡ଼ସେବା, ବଡ଼ ହୃଦୟ, ବଡ଼ମାନ, ବଡ଼ ଆତିଥେୟତା ବର୍ତ୍ତମାନ ସବୁ ଯେମିତି

Digitized by srujanika@gmail.com

ଛୋଟ ହୋଇ ଯାଇଛି । ଯେତେବେଳେ ଜଗନ୍ନାଥ ମୋଗଲ ଗୋଳରୁ ହେଉ ଅଥବା ସମୁଦ୍ର ମାଡ଼ିଆସିବାରୁ ହେଉ ପାତାଳୀ ହୋଇଛନ୍ତି, ଶ୍ରୀକ୍ଷେତ୍ର ତାଙ୍କ ବିହୁନେ ଶ୍ରୀହୀନ ହୋଇପଡ଼ିଛି । ପକ୍ଷାନ୍ତରରେ ପାତାଳୀ ସ୍ଥାନ ଯେମିତି ବୈକୁଣ୍ଠ ପାଲଟି ଯାଇଛି ! ବଡ଼ଦାଣ୍ଡରେ ଲକ୍ଷଲକ୍ଷ ଲୋକ ତୁମକୁ ଅପେକ୍ଷା କରିବସିଛନ୍ତି । ତିନିଦିନ ହେଲାଣି ରଥ ଚାଲିପାରୁନି । ତୁମେ ଦଇତାପତିଙ୍କ ଦ୍ୱାରା ଲାଞ୍ଛିତ ହୋଇଥିବାରୁ ମୁଁ ଦୁଃଖ ପ୍ରକାଶ କରୁଛି । ତୁମେ ଏଥର ଆଜ୍ଞା ଦିଅ ବଳରାମ । ତୁମ ଆଜ୍ଞା ବିନା ତିନି ଠାକୁର ରଥ ଉପରକୁ ଯିବେନି । ଏଇଟା ମୋର ଆଦେଶ ନୁହେଁ ବଳରାମ-ଅନୁରୋଧ, ଏପରିକି ଅଳି ବୋଲି ଭାବି ନେଇପାର । ତେଣୁ ଚାଲ, ଆଉ ଡ଼େରି କରନା !''

''ମହାରାଜ, ଏ ଅକିଞ୍ଚନକୁ ଆଉ ଅଧିକ କହି ଲଜ୍ଜାର ଅତଳ ସମୁଦ୍ର ମଧ୍ୟକୁ ନିକ୍ଷେପ କରନ୍ତୁ ନାହିଁ । ଜଗନ୍ନାଥେ ମୋର ମାନରକ୍ଷା କରିଛନ୍ତି, ତାହା ହିଁ ଯଥେଷ୍ଟ । ମୋ ପାଇଁ ଲକ୍ଷ ଲକ୍ଷ ଲୋକଙ୍କର ଅସୁବିଧାା ହୋଇଥିବାରୁ କ୍ଷମା ମାଗିନେଉଛି । କାରଣ ଭଗବାନ ସମସ୍ତଙ୍କର-କେବଳ ମୋର ନୁହଁନ୍ତି । ମୋର ଏଇ ସଂକୀର୍ଣ୍ଣତା, ଅକିଂଚନତା ପାଇଁ ସମସ୍ତଙ୍କଠାରୁ କ୍ଷମା ମାଗିନେଉଛି । ମହାରାଜ, ମୁଁ ମଣିଷ, ତଥାକଥିତ ଏକ ସାମାଜିକ ପ୍ରାଣୀ । ମୁଁ ଜାଣେ ଏଇ ସମାଜ ନାମକ ଯେଉଁ ଉପଦ୍ୱୀପରେ ଆମେ ବାସକରୁ ତାହାକୁ ଅମାନବିକତାର ମହାସମୁଦ୍ର ଚତୁର୍ଦ୍ଦିଗରୁ ଆବହମାନ କାଳରୁ ପରିବେଷ୍ଟିତ କରି ରଖିଛି । ଏଇଠି ଜୀବନ କିଛି ନୁହେଁ, ବିବାହ ଏଇଠି ସମ୍ପୂର୍ଣ୍ଣ ବ୍ୟାବସାୟିକ । ଏଇଠି ଇଚ୍ଛା ଓ ଅନିଚ୍ଛା ସବୁ ନିରର୍ଥକବୋଧ । ତେଣୁ ଆପଣଙ୍କର ଏଇ ସମାଜ ପାଇଁ ମୋର ପ୍ରାଣପ୍ରିୟା ଯମୁନାକୁ ଏ ଜନ୍ମ ପାଇଁ ବିଦାୟ ଦେଉଛି । ନିଜକୁ ପଥର କରି ଏଇ ଦୁନିଆର ସମସ୍ତ ନୀତିନିୟମକୁ ପିଠିରେ ଥୋଇ ଏକ ଭାରବାହୀ ଓଟ ପାଲଟି ଯାଉଛି !!''

ପରକ୍ଷଣରେ ସମାଧିସ୍ଥ ହୋଇଗଲେ ବଳରାମ ଦାସ । ଚତୁର୍ଦ୍ଦିଗରେ ନୀରବତା ହିଁ ନୀରବତା । ସମସ୍ତେ ଯେମିତି ମୂକ ଓ ବଧିର । ହଠାତ୍ ଆକାଶ ନିର୍ମଳ ହୋଇ ଆସିଲା । ମେଘ ଅପସରି ଗଲା । ସାଗର ପୁଣି ଚଳଚଞ୍ଚଳ ହୋଇଉଠିଲା । ପୁଣି ଥରେ ଉର୍ମି ପ୍ରଗଳ୍ଭା ହୋଇଗଲା । ଢ଼େଉ ହୋଇ ନାଚିଲା-ତରଙ୍ଗ ହୋଇ ହସିଲା । ଲହଡ଼ି ଛଳରେ ଅଭିମାନ ଭାଙ୍ଗୁଥିଲା !

ମୃତ ଇଲାକାରେ ପରିଣତ ହୋଇଥିବା ବଡ଼ଦାଣ୍ଡ ପୁଣି ଘଣ୍ଟା କାହାଳୀ ଧ୍ୱନିରେ ଶବ୍ଦାୟିତ ହୋଇଉଠିଲା । ନନ୍ଦିଘୋଷରେ ଆଜି ଅପୂର୍ବ ଦୃଶ୍ୟ । ସ୍ୱୟଂ ଗଜପତି ଭକ୍ତକବିଙ୍କର ହାତଧରି ରଥ ଉପରକୁ ପାଛୋଟି ନେଇ ଆଲିଙ୍ଗନ କରୁଥିଲେ ।

ସ୍ଥଗିତ ଘୋଷଯାତ୍ରା ପୁନଶ୍ଚ ଆରବ୍ଧ ପ୍ରାୟ । ଉପସ୍ଥିତ ଅଗଣିତ ଜନତାର ଉଚ୍ଛ୍ୱସିତ ଆଶା, ଉଜ୍ଜ୍ୱଳ ସମ୍ଭାବନା, ଉନ୍ମେଷିତ ବାସନା, ଉନ୍ମୀଳିତ ଇଚ୍ଛା, ଉଦ୍ଦୀପିତ ଆକାଂକ୍ଷା, ନବୀନ ଉନ୍ମାଦନା, ନୂତନ ସ୍ୱପ୍ନକୁ ପାଥେୟ କରି ତିନି ରଥ ଘର୍ଘରନାଦରେ ଆଗକୁ

Digitized by srujanika@gmail.com

ମାଡ଼ିଚାଲିଲେ । ସତେ ଯେମିତି ଏତେ ଘଟି ବି କିଛି ଘଟିନାହିଁ । ଆଉ ସବୁ ଭୁଲି ଆଗକୁ ଚାଲିବାର ନାମ ହିଁ ସତେ ଯେମିତି ଜୀବନ !

ଗଭୀର ଆବେଗରେ ଜଗନ୍ନାଥଙ୍କୁ ଚାହିଁ ନିର୍ବାକ୍ ସ୍ତବ୍ଧତାର ତୁଷାର ଶୀତଳତାରେ ଜଡ଼ ହୋଇଗଲେ ବଳରାମ ଦାସ । ଆଖିରୁ ତାଙ୍କର ଅଜାଣତରେ ଦି'ଟୋପା ତତଲା ଅଶ୍ରୁ ଝରିପଡ଼ିଲା । ଏ ଅଶ୍ରୁ କିଛିଟା ବିଷାଦର, କିଛିଟା ଆନନ୍ଦର, କିଛି ଜୟର, ଆଉ କିଛି ପରାଜୟର; କିଛି ହରାଇବାର; ଆଉ କିଛି ପାଇବାର; କିଛିଟା ଜୀଇଁବାର, କିଛିଟା ମରିବାର । କିନ୍ତୁ ଏବେ ତ ସବୁ ଜୟ-ପରାଜୟ, ପାଇବା-ହରାଇବା, ଜୀଇଁବା-ମରିବା ଇତ୍ୟାଦି ଏକାକାର ହୋଇଯାଇଛି ବଳରାମ ଦାସଙ୍କ ପାଖରେ-କାରଣ ସେ ଏକ ଅନୁଭୂତିଶୂନ୍ୟ ବ୍ୟକ୍ତିବିଶେଷ । ତଥାପି ତାଙ୍କୁ ଜଣାପଡୁନଥିଲା ସେ ଯେମିତି ଯମୁନାକୁ ଶେଷଥର ପାଇଁ ଆତ୍ମବିସ୍ମୃତ ହୋଇ କହୁଛନ୍ତି-

''ଯମୁନା, ଦିନେ ସକାଳ ହେଲେ ସ୍ୱପ୍ନସବୁ ଭାଙ୍ଗିଯିବ ବୋଲି ଆମେ 'ନ ପାହୁ ରାତି'ର କାହାଣୀ କହି କହି କେବଳ ମାୟାବିନୀ କଳାବତୀ ରାତ୍ରିର କୃଷ୍ଣ କବରୀ-ଘନ ଅନ୍ଧକାର କାମନା କରି ଭୁଲ କରିଥିଲେ । କାରଣ ଆମେ ଦୁହେଁ ଭଲ ଭାବରେ ଜାଣିଥିଲେ ଆମେ ନ ଚାହିଁଲେ ବି ଆମର ସହସ୍ର ଅନୁନୟକୁ ବେଖାତିର କରି ଉଷାର ସୀମନ୍ତରେ ରାଶି ରାଶି ସିନ୍ଦୂର ବୋଳି ବେଦରଦୀ ପ୍ରଭାତ ନିଶ୍ଚୟ ଆସିବ- ଆଉ ତାର ଆଲୋକରେ ଆମର ଅସଂଖ୍ୟ ଚୁନିଚୁନି ସ୍ୱପ୍ନ ସବୁ କାଚଭଳି ଭାଙ୍ଗି ଚୁର୍‌ମାର ହୋଇଯିବ । ଆଜି ସେଇ ପ୍ରଭାତ ତାର ସମସ୍ତ ହିଂସ୍ରତା ଓ ନିଷ୍ଠୁରତା ନେଇ ଆସିଛି । ଯାହା ଦିନେ ନିଶ୍ଚିତ ଭାବେ ହେବାର ଥିଲା ତାହାହିଁ ହୋଇଛି । ବିଡ଼ମ୍ବନା ଏହି ଯେ ପ୍ରଭାତର ଆଲୋକ ରାତ୍ରିର ତମସାକୁ ସିନା ଭସେଇ ନେଇଛି, କିନ୍ତୁ ପ୍ରତିଦାନରେ ଆମ ଦୁଇ ଜୀବନରେ ଘନ ଅନ୍ଧକାରର ତାମ୍‌ସା ବସେଇ ଦେଇଯାଇଛି । ତଥାପି ଆମକୁ ବଞ୍ଚିବାକୁ ହେବ । ସବୁ ଅନିଚ୍ଛା ସତ୍ତ୍ୱେ ଆମକୁ ଧରିନେବାକୁ ପଡ଼ିବ ଏ ଜନ୍ମ ପାଇଁ ଏଇ ସମ୍ପର୍କ ଏକ ଅସମ୍ପର୍କୀୟ ସଂପର୍କ ଥିଲା, ଯାହା ନିଶ୍ଚୟ ଦିନେ ଭାଙ୍ଗି ଥାଆନ୍ତା; ଏହା ହୁଏତ ଏକ ଦୋଦୁଲ୍ୟମାନ ସଂଯୋଗ ଥିଲା, ଯାହା ଭୂ-ପତିତ ହେବା ଅବଶ୍ୟମ୍ଭାବୀ ଥିଲା; ଏହା ବି ହୋଇପାରେ ଏହା ଏକ ବିୟୋଗାନ୍ତକ ନାଟକ ଥିଲା, ଯାହାର ଯବନିକା ପତନ ନିଶ୍ଚିତ ଥିଲା; ଅଥବା ଏହା ଏକ 'ଅଳ୍ପ ଦିନର ଗଳ୍ପ'ର କିଛି ଛିଣ୍ଡା ପୃଷ୍ଠାଙ୍କ ଥିଲା ଯାହାର ଅନ୍ତିମ ପରିଣତି ଆଲୁଅ-ଅନ୍ଧାରର ଅକୁହା ଭାଷା ଭଳି ଅସ୍ପଷ୍ଟ ଥିଲା । ଦୁଃଖ କରନି ଯମୁନା, ବଗିଚାରେ ଯେତେବେଳେ ଫୁଲ ଫୁଟିବ ଭାବିନେବ ମୁଁ ହସୁଛି, ଦୁଷ୍ଟ ମଳୟ ଯେତେବେଳେ ତୁମର ପଣତ କାନି ଉଡ଼େଇ ନେବ ଭାବିନେବ ମୁଁ ତୁମ ପଣତ ଟାଣି ଥଟ୍ଟା କରୁଛି । ଆରେ ହଁ, ଏପରା ଆମର ବିଦାୟ ବେଳା- ଏଇ ବେଳାରେ ମୋତେ ଯେ ହସିବାକୁ ପଡ଼ିବ, ନୁହେଁ ? ମୁଁ ଏବେ ଲୁହ ଝରାଇଲେ ହୁଏତ କାଲି ତୁମର ହସର ଝରଣା ଶୁଖି ଯାଇପାରେ । ତେଣୁ ହେ ବନ୍ଧୁ ବିଦାୟ !!''

■ ୩୩

Digitized by srujanika@gmail.com

ଗଭୀର ଆବେଗରେ ହସିବାକୁ ଚେଷ୍ଟା କରି ବଳରାମ ଦାସ ଲକ୍ଷ୍ୟ କଲେ ତାଙ୍କର ପ୍ରାଣପ୍ରିୟା ଯମୁନା ତାଙ୍କ ପାଖରେ ନାହିଁ । ସେ ଯମୁନା ବଦଳରେ ଯେମିତି ସବୁକଥା ଶ୍ରୀ ଜଗନ୍ନାଥଙ୍କୁ ହିଁ କହି ଦେଉଛନ୍ତି । ଆଉ ତାଙ୍କ କଥା ଶୁଣି ନଟଖଟିଆ ଦଗାଦିଆ ଜଗାକାଳିଆଙ୍କ ରଙ୍ଗାଅଧରରେ ଯେମିତି ହସ ଉକୁଟି ଉଠୁଛି । ମାତ୍ର ବଳରାମ ଦାସ ନ କାନ୍ଦି ରହି ପାରିଲେନି । ତାଙ୍କର ଦୁଇ ଆୟତ-ସମ୍ବେଦନଶୀଳ ଆଖିରୁ ଦୁଇଧାର ଲୁହ ଗଙ୍ଗା ଯମୁନାର ଦୁଇଧାର ଜଳ ଭଳି ଝରିଆସି ଗଣ୍ଡଦେଶକୁ ସିକ୍ତ କଲା । ଆତ୍ମସମ୍ମୋହିତ ପ୍ରାୟେ ଅଂଜୁଳି ଭରି ଲୁହ ସବୁ ପିଇଦେଲେ ଭକ୍ତକବି । ଲୁହର ଲବଣାକ୍ତ ସ୍ୱାଦରେ ସେ ଅନୁଭବ କଲେ ପ୍ରୀତିର ସ୍ୱାଦୁ କେମିତି ! ଯେଉଁ ପ୍ରଶ୍ନ ସେ ଅନେକ ଦିନ ଧରି ନିଜକୁ ନିଜେ ପ୍ରଶ୍ନ କରି ଆସିଥିଲେ- ଜଗନ୍ନାଥ ସେ ପ୍ରଶ୍ନର ଉତ୍ତର ବୋଧହୁଏ ଦେଇଦେଲେ !! ଯମୁନା ଦେଖି ନେବ ବୋଲି ସେ ଲୁହ ପୋଛି ହସିବାକୁ ଚେଷ୍ଟା କଲେ । କାରଣ ସେ ଏକ 'ଅସଂପର୍କୀୟ ପୁରୁଷ'- ସଂପର୍କ ବିହୁନେ କାନ୍ଦିବାର ବିଧିବିଧାନ ଏ ସଂସାରରେ ବିରଳ-ତେଣୁ ସେ କାନ୍ଦିଲେ ହୁଏତ ଦୁନିଆଁ କହିବ ଭକ୍ତକବି ବଳରାମ ଦାସ ହୁଏତ କିଛି ନୂଆ ପାପ କରି କାନ୍ଦୁଛନ୍ତି !!!

Digitized by srujanika@gmail.com

ନର୍ତ୍ତକୀ

ଦୂର ଚକ୍ରବାଳ ସୀମାରେ ସମୁଦ୍ରର ଅନନ୍ତ ଗର୍ଭରୁ ଧୀରେ ଧୀରେ ଜନ୍ମ ନେଉଥିବା ସମୁଜ୍ଜ୍ୱଳ ପୂର୍ଣ୍ଣଚନ୍ଦ୍ରକୁ କୋଣାର୍କର ନିର୍ମାଣୋନ୍ମୁଖୀ ମେରାଇନ୍ ଡ୍ରାଇଭ୍ ଉପରେ ଅସ୍ଥିର ପଦ ଚାଳନା କରି ଅବଲୋକନ କରି ଚାଲିଥିଲି ମୁଁ ।

ଅଦୂରରୁ କ୍ରମଶଃ ସେଇ ଛାୟାମୂର୍ତ୍ତିଟା ସ୍ପଷ୍ଟ ହୋଇ ଆସିଲା । ଏ ଯେ ପୂର୍ଣ୍ଣଚନ୍ଦ୍ର ଠାରୁ ଆହୁରି କମନୀୟ-ଆହୁରି ମନଲୋଭା ! କାଲିର ସେଇ ପାଗଳୀଟି ଆଜି ମୋ ଆଖିରେ ଅମରାଳୟର ଅମରାବତୀର କେଉଁ ଏକ ଦିବ୍ୟା ଅପ୍‌ସରୀର ରୂପ ନେଇ ଆସିଛି ।

''ତୁ ଆସିଛୁ ବାବୁ । ପାଗଳୀଟି ପ୍ରଶ୍ନ କଲା ।''

''ହଁ ଚନ୍ଦ୍ରଭାଗା, ମୁଁ ଆସିଛି । ମୁଁ ଉତ୍ତର ଦେଇଥିଲି ।''

''କାହିଁକି ବାବୁ, ଏଇ ଚନ୍ଦ୍ର ଦେଖିବାକୁ''- ପାଗଳୀଟି ଚନ୍ଦ୍ରକୁ ଅଙ୍ଗୁଳି ବଢ଼ାଇ ପୁଣି ପଚାରିଲା ।

''ନାଇଁରେ, ଚନ୍ଦ୍ର ନୁହେଁ-ଏଇ ଚନ୍ଦ୍ରଭାଗାକୁ ଦେଖିବାକୁ ଆସିଛି ।'' ମୁଁ ତା' ଆଡ଼କୁ ଅଙ୍ଗୁଳି ଦେଖାଇ ଉତ୍ତର ଦେଇଥିଲି ।

ମୋ କଥା ଶୁଣି ତାର ଖିଲ୍ ଖିଲ୍ ହସ ଜ୍ୟୋତ୍ସ୍ନାର ପାତଳ ଆସ୍ତରଣ ଉପର ଦେଇ ପହଁରିଗଲା ମଳୟର ଛୋଟ ଛୋଟ ଢେଉ ତୋଳି ।

''ମୋତେ ଦେଖିବାକୁ ? ମୁଁ ତ ଗୋଟେ ପାଗଳୀ । ମୁଁ ହସେ ବି ଆଉ କାନ୍ଦେ ବି ।''

''ତୁ ହସିଲେ ବଡ଼ ସୁନ୍ଦର ଦିଶୁ ।''

''ଆଉ କାନ୍ଦିଲେ ?''

''କାନ୍ଦିଲେ ତ ଆହୁରି ସୁନ୍ଦର ଦିଶୁ ।''

''ସତ କହୁଛୁ ବାବୁ । ତା ହେଲେ ମୁଁ କାନ୍ଦିବି । ହଁ-ହଁ-ମୁଁ କାନ୍ଦିବି ।'' ପାଗଳୀଟି କାନ୍ଦି ଉଠିଲା ହଠାତ୍ । କ୍ଷଣକ ପାଇଁ ଭରା ଶ୍ରାବଣୀ ହୋଇଗଲା ଯେମିତି । ପରକ୍ଷଣରେ ଲୁହ ପୋଛି କହିଲା-

Digitized by srujanika@gmail.com

''ସତ କହୁଛୁ, ବାବୁ ତୁ ମୋତେ ଦେଖିବାକୁ ଆସିଛୁ ?''

''ହଁରେ ତୋତେ ଦେଖିବାକୁ ଖାସ୍ ଆସିଛି ।''

''କିନ୍ତୁ ଅନ୍ୟ ସମସ୍ତେ ଚନ୍ଦ୍ର ଦେଖିବାକୁ ଆସନ୍ତି ।''

''ସେମାନେ ସମସ୍ତେ ନିର୍ବୋଧ । ଚନ୍ଦ୍ର ତ ପୁଣି ଆସିବ । କିନ୍ତୁ ଯମୁନା କୂଳର ଶ୍ୟାମଳ ବନର ସଦ୍ୟ ପ୍ରସ୍ଫୁଟିତା ସୁବର୍ଣ୍ଣ ମଞ୍ଜରୀ ତଳେ ତଳେ ବଇଁଶୀ ମତୁଆଲୀ ବୃଷଭାନୁ ଜେମାର ଏ ସ୍ନିଗ୍ଧ ଲାବଣ୍ୟମୟୀ ପ୍ରେମ ମୂର୍ତ୍ତି କ'ଣ ସବୁଦିନେ ଦେଖିହୁଏ ?''

ପାଗଳୀଟି ମୋ କଥାରୁ କ'ଣ ବୁଝିଲା କେଜାଣି କିଛିକ୍ଷଣ ଗମ୍ଭୀର ହୋଇଗଲା । ତା ପରେ କହିଲା-

''ବାବୁ, ମୁଁ ଭାରି ସୁନ୍ଦରୀ ନା ?''

''ସତରେ ତୁ ଭାରି... ଭାରି ସୁନ୍ଦରୀ- ଏଇ ଶାଢ଼ୀ ପିନ୍ଧି କେଳି କଉତୁକୀ ରତି ପ୍ରତିମା ହୋଇ ପଡ଼ିଛୁ ।''

''ବାବୁ, ମୋତେ ଟିକିଏ ଦୂରକୁ ନେଇ ଯିବୁ- ଅନେକ ଦୂରକୁ । ସେଇଠି ତୋତେ ଗୋଟେ କଥା କହିବି ।''

ମୁଁ ପାଗଳୀଟିକୁ ମୋର ଧଳା କାରଟିରେ ବସାଇ ଦୂର ଝାଉଁ ବଣ ଆଡ଼କୁ ନେଇଗଲି ।

''କ'ଣ କହିବୁ ପରା ? ମୁଁ ପ୍ରଶ୍ନ କଲି ।''

''ବାବୁ, ତୁ ଟିକେ ଗୋଡ଼ ଲମ୍ବାଇଲୁ ।''

''କାହିଁକି ?''

''ଆରେ ଲମ୍ବା ନା-ମୁଁ ତୋ କୋଳରେ ଟିକେ ମୁଣ୍ଡ ଦେଇ ଶୋଇ ଯାଆନ୍ତି । ଜମ୍‌ମା କାଟିବ ନାଇଁରେ-ମୁଁ ଥିର୍ କିନା ମୁଣ୍ଡ ଥୋଇବି ।''

ଅଗତ୍ୟା ମୋତେ ଗୋଡ଼ ଲମ୍ବାଇବାକୁ ପଡ଼ିଲା । ପାଗଳୀଟା ଏକ ନିଷ୍ପାପ ଶିଶୁ ଭଳି ମୋ କୋଳରେ ମୁଣ୍ଡ ଗୁଞ୍ଜିଲା ।

ଏ ପାଗଳୀଟି ସହ ମାତ୍ର ଦୁଇ ଦିନର ପରିଚିତି । ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ମୁଁ । କୋଣାର୍କର ମେରାଇନ୍ ଡ୍ରାଇଭ୍ କାମ ତଦାରଖ କରିବାକୁ ଏଠାକୁ ଆସିଛି ।

ସେଦିନ ଠିକ୍ ଆଜି ଭଳି ଏମିତି ବେଳାଭୂମିରେ ବୁଲୁଛି ହଠାତ୍ ଦେଖା ହୋଇଗଲା ଏଇ ପାଗଳୀଟି ସହିତ । ତାର ଅଯତ୍ନ ରୂପରାଶିର ଚୁମ୍ବକୀୟ ଶକ୍ତିରେ ମୁଁ ଆକୃଷ୍ଟ ହୋଇ ପଡ଼ିଥିଲି । ମୁଁ ତା ପାଖକୁ ନ ଯାଇ ରହିପାରିନଥିଲି ।

ପାଗଳୀଟି ବାଲିରେ ମନ୍ଦିର ତୋଳୁଥିଲା । ପରକ୍ଷଣରେ ସମୁଦ୍ରର ଲହଡ଼ି ଆସି ତାକୁ ଭାଙ୍ଗି ଦେଉଥିଲା । ତା ପରେ ସେ ଆଉ ଏକ ମନ୍ଦିର ତୋଳୁଥିଲା ଏବଂ ପରକ୍ଷଣରେ ତାହା ଢେଉ ମାଡ଼ରେ ନଷ୍ଟ ହୋଇ ଯାଉଥିଲା । କିନ୍ତୁ ସେ ବିନା ଭାବାନ୍ତରରେ, ବିନା ଅନୁଶୋଚନାରେ ସେମିତି ବାଲିରେ ମନ୍ଦିର ତୋଳି ଚାଲିଥିଲା ।

Digitized by srujanika@gmail.com

ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ।

''କିରେ କ'ଣ କରୁଛୁ ? ମୁଁ ପ୍ରଶ୍ନ କରିଥିଲି ।''

''ମୋ ନାଆଁ ବାବୁ ଚନ୍ଦ୍ରଭାଗା ।''

''କ'ଣ କରୁଛୁ ଚନ୍ଦ୍ରଭାଗା ।''

''ବାବୁ, ଏଇ ଦେଖ, ସୂର୍ଯ୍ୟ ବୁଡ଼ିଗଲା । ଜାଣିଛୁ ବାବୁ, ଏଇ ସୂର୍ଯ୍ୟ ଦିନେ ମୋର ଇଜ୍ଜତ ଲୁଟି ନେବାକୁ ଆସିଥିଲା । ସେଇଠୁ ମୁଁ ସମୁଦ୍ରରେ ଢ଼େଉ ଭିତରେ ହଜିଗଲି ।''

ପାଗଳୀଟି ହଠାତ୍ କାନ୍ଦିବା ଆରମ୍ଭ କରିଦେଲା ।

ତା' କଥା ଶୁଣି ହସ ଲାଗିଲେ ବି ମୁଁ ସମବେଦନା ପ୍ରକାଶ କଲା ଭଙ୍ଗୀରେ କହିଲି-

''ଓଃ, ତୁ ସେଇ ଚନ୍ଦ୍ରଭାଗା । ଆରେ ତୋତେ ତ ମୁଁ ଅନେକ ଆଗରୁ କବିବର ରାଧାନାଥଙ୍କ କାବ୍ୟରେ ଦେଖିଥିଲି । ତୁ କ'ଣ ଏମିତି ସବୁ ଦିନେ ଏଠାକୁ ଆସୁ ?''

''ସକାଳେ ଆସେନା ବାବୁ । ସୂର୍ଯ୍ୟକୁ ଦେଖିଲେ ମୋତେ ଭାରି ଡର ଲାଗେ । ସେଥିପାଇଁ ସୂର୍ଯ୍ୟ ବୁଡ଼ିଗଲେ ମୁଁ ଏଠାକୁ ଆସେ ।''

''ସୂର୍ଯ୍ୟକୁ ତୋର ଏତେ ଡର ?''

''ହଁ ବାବୁ, ସୂର୍ଯ୍ୟ ମୋର ଇଜ୍ଜତ ଲୁଟି ନେବ । ତୋର ବାବୁ ଅନେକ କିଛି ଅଛି । ଧନ ଅଛି, ଧୋବ ଫର୍ ଫର୍ ଗାଡ଼ି ଅଛି । କିନ୍ତୁ ବାବୁ, ଏ ଚନ୍ଦ୍ରଭାଗାର ଇଜ୍ଜତ ଟିକକ ଛଡ଼ା ଆଉ କିଛି ନାହିଁ । ଏଇ ଇଜ୍ଜତ ଗଲେ ମୁଁ କାହାକୁ ନେଇ ବଞ୍ଚିବି ବାବୁ ?''

ପାଗଳୀଟି ପୁଣି ମନ୍ଦିର ତୋଳିବାକୁ ଲାଗିଲା ।

''ଚନ୍ଦ୍ରଭାଗା, ତୁ ମନ୍ଦିର କାହିଁକି ତୋଳୁଛୁ ?''

''ବାବୁ, ମୁଁ ସମୁଦ୍ରର ଲହଡ଼ି ଗଣୁଛି ।''

''କ'ଣ କହିଲୁ ?''

''ଲହଡ଼ି ଗଣୁଛି ।''

''କେମିତି ?''

''ଏତିକି ବୁଝି ପାରୁନୁ ବାବୁ । ମୁଁ ଯେତେଟା ମନ୍ଦିର ତୋଳେ, ଢ଼େଉ ଆସି ଭାଙ୍ଗିଦିଏ । ମନ୍ଦିର ଯେତୋଟି, ଢ଼େଉ ସେତେଟା-ନୁହେଁ ବାବୁ ?''

''ତା' ତ ଠିକ୍ । କିନ୍ତୁ ତୁ ମନ୍ଦିର ନ ତୋଳି ଢ଼େଉ ବି ତ ଗଣି ପାରନ୍ତୁ ।''

''ବାବୁ, ଏତିକି ଜାଣିନୁ ? ମନ୍ଦିର ତୋଳିଲେ ଲୋକେ ମନେ ରଖନ୍ତି ।''

''କିନ୍ତୁ ମନ୍ଦିର ଥିଲେ ତ ଲୋକେ ମନେ ରଖିବେ । ତୋ ମନ୍ଦିର ତ ଢ଼େଉ ଭାଙ୍ଗି ଦେଉଛି ।''

''ତଥାପି ମୁଁ ମନ୍ଦିର ତୋଳେ ବାବୁ । ତୁ ତ ଦେଖିଛୁ, ମୁଁ ମନ୍ଦିର ତୋଳିଛି । ମୁଁ ମିଛ କହୁଛି ବାବୁ ?''

Digitized by srujanika@gmail.com

''ଆରେ ନା-''

''ତୁ ମୋତେ ମନେ ରଖିବୁନି ବାବୁ ? ମୋ ମନ୍ଦିର ଭାଙ୍ଗିଗଲା ବୋଲି କ'ଣ ମୋତେ ତୁ ଭୁଲିଯିବୁ ?''

''ନାଇଁରେ ଚନ୍ଦ୍ରଭାଗା, ତୋ ମନ୍ଦିର ଭାଙ୍ଗିଗଲେ ବି ତୋତେ ମୁଁ ମନେ ରଖିଥିବି ।''

ଏଥର ସେ କୋଣାର୍କ ମନ୍ଦିର ଆଡ଼କୁ ହାତ ଦେଖାଇ କହିଲା-

''ବାବୁ, ସେଇ ଯେଉଁ ମନ୍ଦିରଟା ଦେଖୁଛୁ- ସେଇଟା ମନ୍ଦିର ନୁହେଁ, ମୁଖଶାଳା । ଏଇ ଲୋକ ଗୁଡ଼ାକ କେତେ ବୁଦ୍ଧୁରେ, ମୁଖଶାଳାକୁ ମନ୍ଦିର କହି କେମିତି ଦେଖିବାକୁ ଦୌଡ଼ି ଆସୁଛନ୍ତି ।''

''ତୁ କେମିତି ଜାଣିଲୁ ଏଇଟା ମନ୍ଦିର ନୁହେଁ ମୁଖଶାଳା ?''

''ମୁଁ ପରା ଚନ୍ଦ୍ରଭାଗା । ସେଇ ମୁଖଶାଳା ପଛରେ ଥିଲା ଅସଲ ମନ୍ଦିର ଯାହାର ମୁଣ୍ଡି ମାରିବାକୁ ଧରମା ମୁଣ୍ଡ ଦେଇଥିଲା । ଆଉ ସେଇ ମନ୍ଦିରରେ ସୂର୍ଯ୍ୟ ରହୁଥିଲା । ଜାଣିଛୁ ବାବୁ ସବୁ ପୁରୁଷ ସୂର୍ଯ୍ୟ ଭଳି ନାରୀର ସରଳ-ମନ ପୁଷ୍କରିଣୀର ଜଳ ଶୋଷଣ କରନ୍ତି । ବାବୁ, ସେଇ ମନ୍ଦିରଟା କାହିଁକି ଭାଙ୍ଗିଗଲା କହି ପାରିବୁ ?''

''ହଁ, ଚନ୍ଦ୍ରଭାଗାର ରୂପଯୌବନ ପ୍ରତି ସୂର୍ଯ୍ୟଙ୍କର ଥିଲା ଅସରନ୍ତି ଆକର୍ଷଣ । ଚନ୍ଦ୍ରଭାଗା ପ୍ରତି ସେ ନିଜର ପ୍ରୀତିର ଆରତି ଅର୍ପଣ କରନ୍ତି । କିନ୍ତୁ ଅଭିଶାପ ହେତୁ ଚନ୍ଦ୍ରଭାଗା ପ୍ରାଣରେ ଆକର୍ଷଣ ପରିବର୍ତ୍ତେ ପ୍ରଚଣ୍ଡ ଘୃଣା ଓ ବିକର୍ଷଣ ଜାତ ହୁଏ । ତଥାପି ଦିନେ ସୂର୍ଯ୍ୟ ଋଷି ସୁମନ୍ୟୁଙ୍କର ସେଇ ପାଳିତା କନ୍ୟା ଚନ୍ଦ୍ରଭାଗାର ପଶ୍ଚାତ୍ ଧାବନ କରିଛନ୍ତି । ଏହାର ପରିଣତି ସ୍ୱରୂପ ଚନ୍ଦ୍ରଭାଗା ସାଗର ବକ୍ଷରେ ଲମ୍ଫ ପ୍ରଦାନ କରେ ଏବଂ ସୁମନ୍ୟୁଙ୍କ ଅଭିଶାପରେ ସୂର୍ଯ୍ୟ ମନ୍ଦିରଟି ଭାଙ୍ଗି ପଡ଼େ ।''

''ବାବୁ, ମୋ ପାଇଁ ମନ୍ଦିରଟି ଭାଙ୍ଗି ଯାଇଛି । ତା ହେଲେ ମୋତେ ପୁଲିସି ବାନ୍ଧି ନେବ ନା ?''

ପାଗଳୀଟି ବ୍ୟସ୍ତ ହୋଇ ପଡ଼ିଲା । ବେଳା ଭୂମିରେ ବୁଲୁଥିବା ଏକ ପୋଲିସକୁ ଦେଖି ।

''ସତରେ ତୋତେ ତ ଲୁଚାଇବାକୁ ପଡ଼ିବ । ମୋ କାର ଭିତରକୁ ଆ, ତୋତେ ଏମିତି ଏକ ଜାଗାକୁ ନେଇଯିବି ଯେଉଁଠି ପୋଲିସ ତୋତେ ଖୋଜି ପାଇ ପାରିବନି ।''

ପାଗଳୀଟି ବିନା ଦ୍ୱିଧାରେ ଯାଇ ମୋ କାରରେ ବସିଥିଲା । ମୁଁ ତାକୁ ମେରାଇନ୍ ଡ୍ରାଇଭରୁ ଝାଉଁ ବଣ ଭିତରକୁ ନେଇ ଆସିଥିଲି ।

''ବାବୁ-ଏ ବାବୁ-ଶୁଣୁଛୁ ?''

''ହୁଁ''

''ତୁ ମୋତେ ପୁଲିସି ହାତରୁ ବଞ୍ଚାଇଲୁ । ବାବୁ, ଗୋଟେ କଥା କହିବି, ରାଗିବୁ ନି ?''

Digitized by srujanika@gmail.com

''କହ-''

''ଜମ୍‌ମା ରାଗିବୁନି ?''

''ଆରେ ନା-''

''ବାବୁ ତୁ ଭାରି ଭଲ । ମୋ ପାଇଁ ଗୋଟେ ଶାଢ଼ୀ ଆଉ ହଳେ ନୂପୁର କାଲି ଆଣିଦେଇ ପାରିବୁ ।''

''କ'ଣ କରିବୁ ।''

''ଆରେ ନାଚିବିରେ-ନାଚିବି । ମୁଁ ନାଚିବି-ଆଉ ତୁ ଦେଖିବୁ ?''

''ସତେ ?''

''ବାବୁ, ଜାଣିଛୁ କାଲି ପୂର୍ଣ୍ଣିମା । ସମୁଦ୍ର ଜଳରେ ପୂର୍ଣ୍ଣଚନ୍ଦ୍ର କେମିତି ଥେଇ ଥେଇ ନାଚେ ଦେଖିଛୁ ?''

''ହୁଁ-''

''ଜାଣିଛୁ, ସାଗରଟା ପୁରୁଷ ଆଉ ଜହ୍ନଟା ତାର ପ୍ରେମିକା । ପ୍ରେମିକା ନାଚିଲେ ପ୍ରେମିକ ମନରେ ଜୁଆର ଆସେ ବାବୁ । ତୁ ପୂର୍ଣ୍ଣିମାର ଜୁଆର କାଲି ଦେଖିବୁ ।''

ଆଜି ସେଇ ପୂର୍ଣ୍ଣିମା । ପାଗଳୀଟି ମୋ କୋଳରେ ଶୋଇଛି । ମୋ ଆଖି ଦୁଇଟି ଲାଖି ରହିଲା ତା' ମୁହଁ ଉପରେ ।

କି ନିଷ୍ପାପ, କି ଶାନ୍ତ ! ଏକ ନିଷ୍ପାପ ଶିଶୁ ଭଳି ସେ ଶୋଇଛି ମୋ ଅସ୍ତିତ୍ୱ ସଂପର୍କରେ ସଂପୂର୍ଣ୍ଣ ଅବଚେତନ ରହି ।

''ଚନ୍ଦ୍ରଭାଗା-''

''ଆରେ ବାବୁ, ମୁଁ ତ ଶୋଇ ପଡ଼ିଥିଲି । ଜହ୍ନ ଉଇଁଲାଣି- ଜୁଆର ଆସିଲାଣି । ଦେଖ୍ ବାବୁ, ଜହ୍ନଟା ନାଚୁଛି । ମୁଁ ବି ନାଚିବି ବାବୁ । ତୁ ମୋ ପାଇଁ ଶାଢ଼ୀ ଆଉ ନୂପୁର ଆଣିଛୁ ?''

ମୁଁ କାର୍ ଭିତରୁ ତାକୁ ଶାଢ଼ୀ ଆଉ ନୂପୁର ଆଣି ଦେଇଥିଲି । ସେ ଅଳ୍ପ କ୍ଷଣରେ ନିଜକୁ ନର୍ତ୍ତକୀ ରୂପରେ ସଜାଡ଼ି ନେଲା । ମୁଁ ସ୍ତମ୍ଭୀଭୂତ ହୋଇଗଲି ।

ପାଗଳୀଟି ସେଇ କ୍ଷଣକ ମଧ୍ୟରେ ସବୁ ଯେମିତି ନିଖୁଣ ଭାବେ ଉଠାଇ ଆଣିଥିଲା କୋଣାର୍କର ନୃତ୍ୟରତା ସେଇ ଅଳସୀ କନ୍ୟା ନର୍ତ୍ତକୀ ଦେହରୁ । ସେଇ ଆଭରଣ, ସେଇ ମୁଦ୍ରା, ସେଇ ଭାବ, ସେଇ ବେଶ । କୋଣାର୍କ ଗାତ୍ରର ସେଇ ପ୍ରସ୍ତରୀଭୂତ ନର୍ତ୍ତକୀ ପ୍ରାଣ ପାଇ ଉଠି ଆସିନି ତ !

କୋଣାର୍କର ଖୋଦିତ ନର୍ତ୍ତକୀ ମୂର୍ତ୍ତି କେବଳ ଓଡ଼ିଆ ଶିଳ୍ପୀର କଳ୍ପନା ବିଳାସ ନୁହେଁ, ସେଗୁଡ଼ିକ ଏକଦା ଯେ ମନ୍ଦିରର ନାଟମଣ୍ଡପରେ ରକ୍ତମାଂସର ନର୍ତ୍ତକୀ ଥିଲେ, ସେମାନେ ପୁଣି ଦେବପ୍ରତିମାର ମନୋରଞ୍ଜନ ପାଇଁ ନିଜର ପଦଯୁଗଳରେ ଲିରିକ୍ ଲେଖି

Digitized by srujanika@gmail.com

ଦେହ-ମୁଦ୍ରାର ସମସ୍ତ ଐଶ୍ୱର୍ଯ୍ୟକୁ ସେଇ ଦେବତାର ପାଦରେ ଅର୍ପଣ କରୁଥିଲେ ଏ କଥା କେହି ବିଶ୍ୱାସ ନ କଲେ ବି ମୁଁ ସର୍ବତୋଭାବେ ବିଶ୍ୱାସ କରେ ।

ଏକଦା ଏଇ କୋଣାର୍କ ଗାତ୍ରର ପ୍ରସ୍ତରୀଭୂତ ନର୍ତ୍ତକୀ ଆଳତି ଘଣ୍ଟା ଶବ୍ଦରେ ଜୀବନ୍ୟାସ ପାଉଥିଲା । ସମସ୍ତଙ୍କ ଅଲକ୍ଷ୍ୟରେ ତାର ପାଦର ନୂପୁର ଶବ୍ଦାୟିତ ହେଉଥିଲା କେବଳ ସେଇ ସୂର୍ଯ୍ୟଦେବଙ୍କ ଗୋଚରରେ । ଆଉ ତାପରେ କୋଣାର୍କର ପ୍ରସ୍ତର ନଟୀ ଜୀବନ୍ତ ହୋଇ ଉଠୁଥିଲା । ଆକାଶରେ ଚନ୍ଦ୍ରର ଲାବଣ୍ୟ ଏବଂ ସାଗରର ଉତ୍ତାଳ ସଙ୍ଗୀତାବଳି ଏଇ ସୁଶ୍ରୀ ନର୍ତ୍ତକୀ ଦେହରେ ଜୀବନିକା ଭରି ଦେଉଥିଲା । ଏଇ ନୈସର୍ଗିକ ପରିବେଶ ତା ପ୍ରାଣରେ ଖଞ୍ଜି ଦେଉଥିଲା ନାଚିବାର ଦୁର୍ନିବାର ଲାଳସା । ଆଉ କୋଣାର୍କର ନିର୍ଜନ ବେଳାଭୂମି ନୂପୁର ନିକ୍ୱଣରେ ମୁଖରିତ ହୋଇ ଉଠୁଥିଲା ।

ମୁଁ ସେଇ ପାଗଳୀର ଛମ୍ ଛମ୍ ନୂପୁର ଶିଞ୍ଜନରେ ସମ୍ମୋହିତ ହୋଇ ପଡୁଥିଲି । ପାଦ ତାର ଥିଲା ଅସଂଯତ । ଛନ୍ଦ ତାର ଦୁର୍ବୋଧ୍ୟ ଏକ ଆଧୁନିକ କବିତା ପରି । ତଥାପି ସେ ନାଚୁଥିଲା ଏକ ଆତ୍ମସମ୍ମୋହିତା ଦେବଦାସୀ ପରି । ମୁଁ ଦେଖୁଥିଲି ସତେ ଯେମିତି ମେଘ ମେଦୁର ଆକାଶକୁ ଚାହିଁ ପୁଚ୍ଛ ମେଲି ନାଚୁଛି ମୟୂରୀ, ଅଥବା ଦ୍ୱାପର ଯୁଗରେ କହ୍ନେଇର ବଂଶୀ ସୁରେ ସୁରେ ମତୁଆଲୀ ରାଧା ନାଚୁଛି । ତାଝିମ୍ ତାଝିମ୍ ଛନ୍ଦେ ନାଚୁଛି ରାଈ କିଶୋରୀ ଗୋପପୁର ଆକାଶକୁ ନୂପୁର ଶିଞ୍ଜନରେ ମୁଖରିତ କରି ଅଥବା ଡ଼ମ୍ବରୁ ତାଳେ ତାଳେ ପାର୍ବତୀ ନାଚୁଛି ଲୀନ ହେବାକୁ ଭୋଳାନାଥର ଭସ୍ମବୋଳା ଧୂସର ଅଂଗରେ ।

ମୁଁ ଯେମିତି ଆତ୍ମବିସ୍ମୃତ ହୋଇଗଲି - ମୁଁ ଯେମିତି ଆତ୍ମସମ୍ମୋହିତ ହୋଇପଡ଼ିଲି । ମୁଁ କ୍ଷଣକ ମଧ୍ୟରେ ସେଇ ଅପରୂପା ପାଗଳୀର ନୃତ୍ୟରେ ନିଜେ ପାଗଳ ହୋଇଗଲି । ମୁଁ ଭୁଲିଗଲି ଯେ ମୁଁ ହେଉଛି କୋଣାର୍କର ମେରାଇନ୍ ଡ୍ରାଇଭ୍ ନିର୍ମାଣ ପାଇଁ ଆସିଥିବା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ପ୍ରିୟଦର୍ଶୀ ଦାସ । ମୁଁ ହଠାତ୍ ଜଳିବାକୁ ଲାଗିଲି ଠିକ୍ ଗ୍ରୀଷ୍ମ ମଧ୍ୟାହ୍ନର ବ୍ୟଭିଚାରୀ ସୂର୍ଯ୍ୟ ଭଳି - ଫୁଲି ଉଠିଲି ଠିକ୍ ପୂର୍ଣ୍ଣିମାର କୁଆରଗ୍ରସ୍ତ ସମୁଦ୍ର ପରି-ଉନ୍ମାଦ ହୋଇ ଉଠିଲି ଠିକ୍ ଏକ ପ୍ରାଗ୍ ଐତିହାସିକ ଯୁଗର ମାଂସାଶୀ ଡାୟୋନସିୟର ଭଳି - ଆଉ ତାରି ଭିତରେ ମୋର ମାନବତ୍ୱ, ମୋର ଶିକ୍ଷା, ଦୀକ୍ଷା ଓ ସଭ୍ୟତା ସବୁ କିଛି ବିଲୀନ ହୋଇଗଲେ । ମୁଁ ହୋଇଗଲି ଖାଣ୍ଡବ ବନର ଦହନ ପୂର୍ବର ଏକ ସର୍ବଗ୍ରାସୀ ଅଗ୍ନିଶିଖା - ମୁଁ ହୋଇଗଲି ଲିସ୍‌ବନ୍ ଭୂମିକମ୍ପ ପୂର୍ବର ଏକ ଲାଭା-ଉଦ୍ଗାରୀ ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ - ସେଇ ଅଗ୍ନିଶିଖା, ସେଇ ଅଗ୍ନ୍ୟୁତ୍ପାତ ବିଚାରୀ ପାଗଳୀ ନର୍ତ୍ତକୀର ସମସ୍ତ ଯୌବନ ଓ ନାରୀତ୍ୱକୁ କ୍ଷଣକ ମଧ୍ୟରେ ଗ୍ରାସ କରିଗଲା ।

ତାପର ଦିନ ସକାଳୁ କୋଣାର୍କର ନିର୍ମାଣୋନ୍ମୁଖୀ ମେରାଇନ୍ ଡ୍ରାଇଭ୍ ଲୋକାରଣ୍ୟ । କେହି ଜଣେ ମୋତେ ଆସି ଖବର ଦେଲା-

Digitized by srujanika@gmail.com

''ସାହେବ, ଗୋଟେ ପାଗଳୀ କାର୍ ତଳେ ପଡ଼ି ପ୍ରାଣ ହରାଇଛି । ଲୋକମାନେ ଉତ୍ୟକ୍ତ ହୋଇ ଜଣେ ଭଦ୍ରଲୋକଙ୍କୁ ମାରିବାକୁ ଉଠୁଛନ୍ତି ।''

ମୁଁ ତା' କଥା ଶୁଣି ପାଗଳ ପ୍ରାୟେ ଦୌଡ଼ିଥିଲି ଘଟଣା ସ୍ଥଳକୁ । ଦୁର୍ଘଟଣା ଘଟାଇଥିଲେ ଜଣେ ଉଦୀୟମାନ ଶିଳ୍ପପତି ତଥା ମୋର ଜନୈକ ବନ୍ଧୁ ବିଜୟ କୁମାର ତ୍ରିପାଠୀ । ଆମେ ଦୁହେଁ ଏକ ସମୟରେ ଏକାରଙ୍ଗର ଧଳା କାର ଦୁଇଟା କିଣିଥିଲୁ ବନ୍ଧୁତ୍ୱର ସନ୍ତକ ସ୍ୱରୂପ ।

ମୁଁ ପହଞ୍ଚିବା ପରେ ଉତ୍ୟକ୍ତ ଜନତା ଦୂରେଇ ଗଲେ । ବିଜୟ ମୋତେ ଦେଖି ପ୍ରାଣ ଫେରି ପାଇଲା ଭଳି କହିଲା-

''ଠିକ୍ ସମୟରେ ଆସିଗଲୁ ପ୍ରିୟଦର୍ଶୀ । ନ ହେଲେ ଏ ଅବୁଝା ଲୋକଗୁଡ଼ାକ ମୋତେ ଜୀଅନ୍ତା ମାରିପକାଇଥାଆନ୍ତେ ।''

''କିନ୍ତୁ ଏମିତି କେମିତି ହେଲା ?''

''ମୋତେ ବିଶ୍ୱାସ କର ଭାଇ, ମୋର ଟିକିଏ ବି ଭୁଲ ନାହିଁ । ମୁଁ କାର୍ ନେଇ ଯେମିତି ଆସିଛି ରାସ୍ତା କଡ଼ରେ ବସିଥିବା ଏଇ ପାଗଳୀଟି ଅପ୍ରତ୍ୟାଶିତଭାବରେ ହଠାତ୍ ଦୌଡ଼ି ଆସିଲା ମୋର କାର୍ ସମ୍ମୁଖକୁ । ଘଟଣାଟି ଏତେ ଶୀଘ୍ର ଘଟିଗଲା ଯେ ମୁଁ ତାକୁ ବଞ୍ଚାଇବାକୁ ସମୟ ପାଇଲିନି । ମଲା ପୂର୍ବରୁ ବିଚାରୀ କହୁଥିଲା- ଏଇ ସେଇ ଧଳାଗାଡ଼ି- ଧର-ଧର-ଏଇ ଧଳା ଗାଡ଼ିର ବାବୁ କାଲି ମୋର ସବୁ କିଛି ନେଇଯାଇଛି । ଅଥଚ ମୁଁ ଆଜି ସକାଳେ ଆସି କୋଣାର୍କରେ ପହଞ୍ଚିଛି ।''

ମୁଁ ହଠାତ୍ ସ୍ଥାଣୁ ପାଲଟିଗଲି । ମୋ ରକ୍ତ ଯେମିତି ବରଫ ପାଲଟିଗଲା । ମୋ ଆଖି ଦୁଇଟା ପାଗଳୀର ପ୍ରଶାନ୍ତ, ନିଷ୍ପାପ, ଗଭୀର ପଲକହୀନ ଚାହାଣି ଉପରେ ଲାଖିରହିଲା । ସେ ଯେମିତି ମୋ ଆଖିରେ ଆଖି ଯୋଡ଼ି କହୁଥିଲା-

''ଦିନେ ଋଷି ସୁମନ୍ୟୁଙ୍କର ଅଭିଶାପରେ କୋଣାର୍କ ମନ୍ଦିର ଭାଙ୍ଗି ଯାଇଥିଲା । ଆଜି ମୋର ଅଭିଶାପରେ ଏଇ ମୁଖଶାଳା ବି ଭାଙ୍ଗି ପଡ଼ିବ । ଚନ୍ଦ୍ରଭାଗାର ଅଭିଶାପ ବିଫଳ ହେବନି, ବାବୁ ।''

ଠିକ୍ ସେଦିନ କୋଣାର୍କର ମୁଖଶାଳା ଉପରୁ ଏକ ବିରାଟ ପ୍ରସ୍ତର ଖଣ୍ଡ ଖସିପଡ଼ି ବିଶ୍ୱ ବିଖ୍ୟାତ ସୂର୍ଯ୍ୟମନ୍ଦିରର ସ୍ମୃତିକୁ ଦୋହଲାଇଦେଲା । ସମଗ୍ର ବିଶ୍ୱ ବିସ୍ଫାରିତ ନେତ୍ରରେ ଆଶଙ୍କା ଗଣିଲା । ମାନବ ଜାତିର କଳାର ଭାସ୍କର କ'ଣ ସବୁଦିନ ପାଇଁ ଅସ୍ତମିତ ହୋଇଯିବ ?

ତାପରେ କେନ୍ଦ୍ର ପ୍ରତ୍ନତାତ୍ତ୍ୱିକ ବିଭାଗ ପଠାଇଲେ କେତେଜଣ ପୁରୁଖା ବିଶେଷଜ୍ଞଙ୍କୁ ଘଟଣାସ୍ଥଳ ପରିଦର୍ଶନ କରିବାକୁ । ତାଙ୍କ ସହିତ ମୁଁ ମଧ୍ୟ ଯାଇଥିଲି କର୍ତ୍ତବ୍ୟର ତାଡ଼ନାରେ । ସେ ଦିନ କୋଣାର୍କର ପ୍ରସ୍ତରୀଭୂତ ନର୍ତ୍ତକୀ ମୋତେ ଦେଖି ହଠାତ୍ ଯେମିତି ନାଚିବା

Digitized by srujanika@gmail.com

ଆରମ୍ଭ କରିଦେଇଥିଲା- ତା' ମଧ୍ୟରେ ଦେଖିଲି ଯେମିତି ସେଇ ପାଗଳୀ ଚନ୍ଦ୍ରଭାଗା ନାଚୁଛି । ଆଉ ହାତ ଠାରି ସମସ୍ତଙ୍କୁ କହୁଛି-

''ମୁଁ ଚନ୍ଦ୍ରଭାଗା ବାବୁ, ମୋ ଅଭିଶାପ ସତ୍ୟ ହେବ । ତୁ ନିଜେ ହିଁ କୋଣାର୍କକୁ ଭାଙ୍ଗିଛୁ । ତୁ ପୁଣି ଆସିବୁ ଏହାକୁ ବଞ୍ଚାଇବାକୁ । କାହାକୁ ସଙ୍ଗରେ ନେଇ ଆସିଛୁ, ବାବୁ । ଏଇମାନଙ୍କୁ ? ଏମାନେ ରକ୍ଷକ ନୁହନ୍ତି ବାବୁ, ଏମାନେ ଭକ୍ଷକ । ରକ୍ଷକ ଯଦି ଭକ୍ଷକ ହୋଇ ମନ୍ଦିରର ମୂଳଦୁଆ ପରୀକ୍ଷା କରିବାକୁ ଗାତ ଖୋଳି ତାକୁ ବାଲି ଭର୍ତ୍ତି କରିବାକୁ ଭୁଲିଯାଏ, ତା'ହେଲେ ଏ ମନ୍ଦିର ରହିବ କେମିତି ? ଏକ ବିରାଟ ଷଡ଼ଯନ୍ତ୍ରର ଶିକାର ହୋଇଛି ଏ ମନ୍ଦିର । ସଂକୀର୍ଣ୍ଣ ଆଞ୍ଚଳିକ ଭାବନା ହିଁ ଏଇ ମନ୍ଦିରର ଧ୍ୱଂସର କାରଣ ହେବ । ଦୋଷୀ ଏମାନେ- ଦୋଷୀ ଆମେ ସମସ୍ତେ । ଏଇ ଦୋଷ ବୃତ୍ତରେ ସମସ୍ତେ ଘୂର୍ଣ୍ଣାୟମାନ ଗୋଟିଏ ଗୋଟିଏ ଶନି ଗ୍ରହ ଆମେ । ଆମର କୁପ୍ରଭାବ ଯୋଗୁଁ ହିଁ ଏ ମନ୍ଦିର ଧୂଳିସାତ୍ ହେବ । ମୋର ଅଭିଶାପ ସତ ହେବ ବାବୁ ।''

ମୋତେ ଜଣାପଡୁଥିଲା ପାଗଳୀଟି ତୋଫାନ ଭଳି ହସୁଛି - ସେଇ ହସର ବାତ୍ୟାରେ କୋଣାର୍କର ଗୋଟିକ ପରେ ଗୋଟିଏ ପ୍ରସ୍ତର ଖସିପଡୁଛି । ଆଉ ସେଇ ଭଗ୍ନ ଭଗ୍ନାଂଶ ଉପରେ ଛିଡ଼ା ହୋଇ ଇତିହାସ କହୁଛି-

''କୋଣାର୍କର ଧ୍ୱଂସ ପାଇଁ ତୁ ଦାୟୀ, ପ୍ରିୟଦର୍ଶୀ । ତୋତେ ମୁଁ କେବେ କ୍ଷମା ଦେବିନି ।''

ଆଉ ମୁଁ ଯେମିତି ଚିତ୍କାର କରି କହିବାକୁ ବସୁଥିଲି-

''ଚନ୍ଦ୍ରଭାଗା ଠିକ୍ କହିଛି । ମୁଁ ତାକୁ ମାରିଛି । ମୁଁ କୋଣାର୍କକୁ ଭାଙ୍ଗିଛି । ଯେଉଁ ଜାତିର ପୁଅ କୋଣାର୍କର ମୁଣ୍ଡି ମାରିବାକୁ ନିଜର ମୁଣ୍ଡ ଦେଇ ପାରିଥିଲା ସେଇ ଦେଶର ପୁଅ ଆଜି ନିଜର ମୁଣ୍ଡ ପାଇଁ କୋଣାର୍କକୁ ଭାଙ୍ଗିବାକୁ ପଶ୍ଚାତ୍‌ପଦ ହୋଇନି । ମୁଁ ମହାପାପୀ । ମଣିଷ ତିଆରି ଆଇନ୍ ଆଖିରେ ମୁଁ ନିର୍ଦ୍ଦୋଷ ହେଲେ ବି ଭଗବାନଙ୍କ ତିଆରି ଅଦାଲତ ମୋତେ କେବେ କ୍ଷମା ଦେବନି ।''

କିନ୍ତୁ କିଛି କହିପାରିଲିନି । ମୋର ଶିକ୍ଷା, ଦୀକ୍ଷା, ଆଭିଜାତ୍ୟ, ପଦମର୍ଯ୍ୟାଦା ସବୁ ମିଶି ଯେମିତି ମୋ କଣ୍ଠରୋଧ କରିପକାଇଲେ । ମୁଁ କୋଣାର୍କର ପ୍ରସ୍ତରୀଭୂତ ନର୍ତ୍ତକୀ ଆଖିରେ ଦେଖୁଥିଲି ସେଇ ପାଗଳୀର ମୃତ୍ୟୁକାଳୀନ ସଫେଦ ସ୍ଥିର ଡ଼ୋଳା - ଯେଉଁଠି ମୁଁ ଏକ ଆତତାୟୀର ପ୍ରତିଚ୍ଛବି ଦେଖୁଥିଲି, ଯିଏ ଚନ୍ଦ୍ରଭାଗାକୁ ହତ୍ୟା କରି, ନର୍ତ୍ତକୀ-ଘେରା ମୁଖଶାଳାକୁ ଧ୍ୱଂସ କରି ଦୁନିଆ ଆଖିରେ ନିର୍ଦ୍ଦୋଷ ଭଳି ଛିଡ଼ା ହୋଇଥିଲା - ଆଉ ସେଇ ଆତତାୟୀର ପ୍ରତିଚ୍ଛବିରେ କେବଳ ମୁଁ ନିଜେ ନିଜକୁ ହିଁ ଆବିଷ୍କାର କରୁଥିଲି !!

('ସୌରଭ' ଗଳ୍ପ ପ୍ରତିଯୋଗୀତାରେ ପୁରସ୍କୃତ)

Digitized by srujanika@gmail.com

ସଂଭାବ୍ୟ-ସଂଭୋଗ

ତୁମେ ଥିଲ ସେଇ ଝିଅ ଯିଏ ସଭିଙ୍କୁ ଦେଖି ହସୁଥିଲା ଏବଂ କହି ବୁଲୁଥିଲା- କାନ୍ଦିବ ଯଦି କାନ୍ଦ, ତେବେ ଲୁହ ଝରାଇ ନୁହେଁ, ହସି ହସି କାନ୍ଦ । ଆଉ ମୁଁ ଥିଲି ସେଇ ପୁଅ ଯେ ସମସ୍ତଙ୍କୁ ଦେଖି ହସୁଥିଲା ଆଉ କହି ବୁଲୁଥିଲା- ହସିବ ଯଦି ସବୁବେଳେ ମନଖୋଲି ହସ, ଏମିତିକି କାନ୍ଦି କାନ୍ଦି ବି ହସ ।

'ହସ ଆଉ ଖୁସି ହୁଅ' ଏଇ ମନ୍ତ୍ରରେ ଦୀକ୍ଷିତ ଏଇ ଦୁଇ ପୁଅ ଝିଅ ଯେତେବେଳେ ପରସ୍ପରକୁ ଭେଟିବେ ସେତେବେଳେ ହସର ସୁଅ କେହି ରୋକି ପାରିବେନି - ଏ କଥା ସମସ୍ତେ ଭାବିବା ସ୍ୱାଭାବିକ । କିନ୍ତୁ ଅନେକ ସମୟରେ ଅନେକ ସ୍ୱାଭାବିକ ଘଟଣା ବି ଅସ୍ୱାଭାବିକ ହେବା ସ୍ୱାଭାବିକ । ଆମେ ଦୁହେଁ ଯେତେବେଳେ ପରସ୍ପରକୁ ଭେଟିଲୁ, ଅନେକଙ୍କଠାରୁ ଅନେକ କଥା ଶୁଣିଲୁ । ଶେଷରେ ଆମେ ସିଦ୍ଧାନ୍ତ କଲୁ-ଆମେ କେବେ ପରସ୍ପରକୁ ଭେଟିବା ନାହିଁ । ଭେଟିଲେ ମଧ୍ୟ ହସିବା ନାହିଁ, ଅତି ପରିଚିତ ଥାଇ ଅପରିଚିତ ହୋଇ ରହିବା । କାରଣ ସ୍ନେହ ବା ଭଲ ପାଇବାର ଅଭିବ୍ୟକ୍ତି ପାଇଁ କୌଣସି ନିର୍ଦ୍ଦିଷ୍ଟ ଭାଷାର ପ୍ରୟୋଜନ ହୁଏ ନାହିଁ । ପ୍ରତିଟି ଅନୁଭବୀର ଅନୁଭବ ମଧ୍ୟରେ ଏକ ନିଜସ୍ୱ ଭାଷା ଜନ୍ମ ନିଏ - ସେଇ ଭାଷାବୃକ୍ଷରେ ବାକ୍ୟର ଶାଖା, ଶବ୍ଦର ପ୍ରଶାଖା ବା ଅକ୍ଷରର ପତ୍ରାବଳି ନଥାଏ । ସେ ଭାଷା କହିବା ପାଇଁ ମୁହଁ ଖୋଲିବା ଦରକାର ହୁଏନି । ଆଖିର ଗୋଟିଏ ଚାହାଣୀରେ କୋଟିଏ କଥା କହିହୁଏ- ତାକୁ ବୁଝିବା ପାଇଁ ସାତଟି ଜନ୍ମ ମଧ୍ୟ ଯଥେଷ୍ଟ ନୁହେଁ । ଟିକି, ତୁମର ମନେଥିବ ମୋତେ ଥରେ ପ୍ରଶ୍ନ କରିଥିଲ-

''ଅନୁଭବ, କହିପାରିବ ମୋ ପ୍ରତି ତୁମର ଆସକ୍ତି ଅଛି ନା ମମତା ?''

ସେଦିନ ନିଜକୁ ଅନେକ ପ୍ରଶ୍ନ କରିଥିଲି । ଆସକ୍ତି ଓ ମମତାକୁ ମନର ତୁଳାଦଣ୍ଡରେ ଅନେକ ଥର ତଉଲି ତୁମ ପ୍ରଶ୍ନର ଉତ୍ତର ଦେଇଥିଲି-

''ଟିକି, ମୋର କୌଣସି ଝିଅ ପ୍ରତି ଆଜିଯାଏ ଆସକ୍ତି ଜନ୍ମି ନାହିଁ, ଏକଥା ନେଇ ମୁଁ ଗର୍ବ କରିପାରେ । କିନ୍ତୁ ଆସକ୍ତି କେବଳ ଗୋଟିଏ ଜିନିଷ ପ୍ରତି ରହିଛି-ତାହା ହେଉଛି

Digitized by srujanika@gmail.com

ମମତା । ମମତା ପ୍ରତି ମୋର ଅନେକ ଆସକ୍ତି । ମୁଁ ଏକ ମମତାସକ୍ତ ବ୍ୟକ୍ତିବିଶେଷ । ନିଛକ ଅନୁରାଗର ଅଭିବ୍ୟକ୍ତି ହିଁ ମମତା । ଆଉ ଲାଳସାସିକ୍ତ ମମତାର ଅନ୍ୟ ନାମ ଆସକ୍ତି । ମମତାରେ ଆସକ୍ତି ବା ଲାଳସା ନଥାଏ । ପକ୍ଷାନ୍ତରରେ ଆସକ୍ତିରେ ମମତା ଓ ଲାଳସା ମିଶି ରହିଥାଏ । ସତରେ ମୋ ଆସକ୍ତିରୁ ଲାଳସାକୁ ମୁଁ କେବେଠୁ କାଢ଼ି ପକାଇଦେଇଛି । ଦେହ ମୋ ପାଇଁ ଏକ ମନ୍ଦିର, ମନ ମୋ ପାଇଁ ଏକ ପାନ୍ଥଶାଳା । ମୁଁ ଏକ ବ୍ୟତିକ୍ରମ । କାରଣ ମୋ ଆସକ୍ତିରେ କେବଳ ମମତା ହିଁ ମିଶି ରହିଛି । ମୁଁ ଜାଣେ ମମତା ଚିରନ୍ତନ, ଆସକ୍ତି କ୍ଷଣସ୍ଥାୟୀ । ମୋ ମମତାରେ କିଛି ନପାଇ ସବୁ ପାଇବାର ଅଶେଷ କାମନା । ଏକଥା ସମସ୍ତେ ଅବିଶ୍ୱାସ କଲେ ବି ମୁଁ ବିଶ୍ୱାସ କରେ ।'' ମୋ କଥା ଶୁଣି ତୁମେ କହିଥିଲ -

''ମୁଁ ତୁମକୁ ଗୋଟିଏ ଜିନିଷ ମାଗିବି । ଦେବାକୁ ହଁ କଲେ ମାଗିବି, ନହେଲେ ନୁହେଁ ।'' ଆଉ ସେଦିନ ତୁମେ ମୋତେ ଏକ ରହସ୍ୟାବୃତ ଦୁର୍ଗରେ ବଂଦୀ କରି ଚାଲିଯାଇଥିଲ ଏକ ଅମାନିଆ ବଣ-ଝରଣା ଭଳି, ଠିକଣା ବିହୀନ ବଣ-ମଇନା ପରି । ମୁଁ ଘରକୁ ଫେରି ଭାବିଥିଲି ମୋତେ ତୁମେ କ'ଣ ମାଗିବ । ମୁଁ ନିଜର ଏକ ଆତ୍ମସମୀକ୍ଷା କରିଛି । ମୁଁ କିଏ ବୋଲି ନିଜକୁ ନିଜେ ପ୍ରଶ୍ନ କରିଛି । ଉତ୍ତରରେ ପାଇଛି ମୁଁ ହେଉଛି ଇଂଜିନିୟର ଅନୁଭବ ଦାସ - ମୋତେ କୌଣସି ଝିଅ ଏପର୍ଯ୍ୟନ୍ତ ଭଲପାଇନାହାନ୍ତି । ସମସ୍ତେ ମୋତେ ନୁହେଁ ମୋର ପଦମର୍ଯ୍ୟାଦାକୁ ଦେଖି ବିବାହ କରିବାକୁ ଚାହିଁଛନ୍ତି । ଟିକି, ଏ ଦୁନିଆଟା ବଡ଼ ବସ୍ତୁବାଦୀ । ଭୌତିକ ପ୍ରେମ ଏଇଠି ଅନେକ ମିଳେ । ଆସକ୍ତି ଏଇ ଦୁନିଆର ରାସ୍ତାଘାଟରେ ମାଟିଗୋଡ଼ି ଭଳି ପଡ଼ିରହିଛି । ପ୍ରତିଟି ମନର ଶାମୁକାରେ ଏମିତି ଅନେକ ଆସକ୍ତିର ବାଲି ଭରି ରହିଛି । ମମତାର ମୁକ୍ତା ଥିବା ମନର ଶାମୁକାଟିଏ ଖୋଜି ପାଇବିନି ବୋଲି ମୁଁ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲି ତାହାଥିଲା ମୋ ଜୀବନର ଏକ ବିରାଟ ଭୁଲ ।

ସତରେ ଠିକ୍ କଥା ଅନେକ ସମୟରେ ଭୁଲ ହୋଇଯାଏ । କିନ୍ତୁ ଭୁଲର ବି ଯେ ଭୁଲ ଅଛି ଏକଥା ମୁଁ ତୁମକୁ ଚିହ୍ନିବା ପରେ ଜାଣିଲି । ତୁମକୁ ତା' ପରଦିନ ଡାକିଥିଲି-

''ଟିକି, ମୋ ଦ୍ୱାରା ଯାହା ସଂପୂର୍ଣ୍ଣ ଭାବେ ନିୟନ୍ତ୍ରିତ, ସେମିତି ଜିନିଷ ଯାହା ମାଗିବ ଦେଇପାରିବି, ଏହି କଥା ଦେଉଛି । କିନ୍ତୁ ଏମିତି କିଛି ମାଗିବନି ଯାହା ଅନ୍ୟର ଅମାନତ ହୋଇଥିବ- ଆଉ ମୁଁ ଅସହାୟ ହୋଇ ଦେଇପାରୁନଥିବି । ଯାହା ଫଳରେ ତୁମକୁ ଦେଇନପାରି ମୁଁ ତୁମ ନିକଟରେ ଛୋଟ ହୋଇଯିବି - ଆଉ ତୁମେ ସେମିତି ଜିନିଷ ମାଗିଥିବାରୁ ମୋ ନିକଟରେ ତା'ଠାରୁ ଆହୁରି ଛୋଟ ହୋଇଯିବ । ଜାଣ, ତୁମେ ମୋ ଆଖିରେ ଅନନ୍ୟା, ଅସାଧାରଣୀ - ତେଣୁ ଅନୁରୋଧ, ତୁମେ ନିଜକୁ ନିଜେ ଯେମିତି ମୋ ନିକଟରେ ଛୋଟ ନ କର ।''

ମୋ କଥା ଶୁଣି ତୁମେ କହିଥିଲ-

Digitized by srujanika@gmail.com

''ଅନୁଭବ, ମୁଁ ଯାହା ମାଗିବି, ତାହା ତୁମର ସାମର୍ଥ୍ୟ ଭିତରେ ନିଶ୍ଚୟ । ମୁଁ ଇଂଜିନିୟର ଅନୁଭବ ଦାସକୁ ଭଲ ପାଏକି ନା ସଂପୂର୍ଣ୍ଣ କହିପାରୁନି, କିନ୍ତୁ ଏକଥା ନିଶ୍ଚିତ ଭାବେ କହିପାରିବି ମୁଁ ଭଲପାଏ ତାର ଲେଖକ - ମନର ମାନସ ସନ୍ତାନ ପ୍ରିୟଦର୍ଶୀ ଦାସକୁ । ମୁଁ ସେଇ ନାୟକ ପ୍ରିୟଦର୍ଶୀର ନାୟିକା ହେବାକୁ ଚାହେଁ । କୁହ, ତୁମର ପ୍ରତିଟି ଗଳ୍ପର ନାୟକ ସେଇ ପ୍ରିୟଦର୍ଶୀ ଦାସକୁ ତୁମେ କ'ଣ ମୋତେ ଦେଇପାରିବ ?''

ତୁମ କଥା ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ସତରେ ଟିକି, ତୁମେ ମୋ ନିକଟରେ ଏକ ମହାନ୍ ବ୍ୟକ୍ତିତ୍ୱ ନେଇ ଛିଡା ହେଲ । ତୁମର ବିଶ୍ୱରୂପ ଦେଖିବାକୁ ମୁଁ ମୋର ସମସ୍ତ ସାମର୍ଥ୍ୟ ହରାଇବସୁଥିଲି । ଇଂଜିନିୟର ବୋଲି ମୋର ଯେଉଁ ଗର୍ବ ଥିଲା, ତାହା ନିମିଷକ ମଧ୍ୟରେ ଧୂଳିରେ ମିଶି କେଉଁଠି ହଜିଗଲା ତାହା ଖୋଜିପାଉନଥିଲି । ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ ଯେ ମୁଁ ଶେଷରେ ମୋର ନିଜସ୍ୱ ସୃଷ୍ଟିକୁ ସ୍ରଷ୍ଟା ହୋଇ ମଧ୍ୟ ଈର୍ଷା କରିବାକୁ ଲାଗିଲି ।

ପ୍ରିୟଦର୍ଶୀ ଦାସ କିଏ ? କିଏ ସେ ?? ନିଜକୁ ନିଜେ ମୁଁ ପ୍ରଶ୍ନ କଲି ।

ପ୍ରିୟଦର୍ଶୀ ମୋର ପ୍ରତିଟି ଗଳ୍ପର ନାୟକ । ମୋ ନାୟକ ମୋ ପାଇଁ ଏକ ଆଦର୍ଶ ପୁରୁଷ । ହୁଏତ ତାର ଯନ୍ତ୍ରଣା ନାହିଁ, ନାହିଁ ଅନୁଶୋଚନା । ଭାଗ୍ୟ ବିରୁଦ୍ଧରେ ନାହିଁ ବିଦ୍ରୋହ, ଅଥବା ଆତ୍ମସମର୍ପଣ । ବିଜୟ ପାଇଁ ନାହିଁ ଆଗ୍ରହ ନାହିଁ, ପରାଜୟର ଭୟ । ସେ ହୁଏତ ରମେଶ କାଉଲ୍ ଠାରୁ ଆହୁରି ନିର୍ବିକାର, ନିରବଚ୍ଛିନ୍ନ ପୁରୁଷ । ସେ ହୁଏତ 'ଅମାବାସ୍ୟାର ଚନ୍ଦ୍ର'ର ବିଥୋଭନ୍‌ଙ୍କ ଫୋର୍ଥ ସିମ୍ଫୋନି ପରି ନିଶ୍ଚଳ, ଜୀବନର ଶତଝଞ୍ଜା ସତ୍ତ୍ୱେ । ତାର ଦୋଷ ଗୁଣ ସବୁ ଅଛି, ଠିକ୍ ଚଂଦ୍ରର ଦୁଇ ପାର୍ଶ୍ୱର ଆଲୋକ ଅନ୍ଧାର ଭଳି । ତଥାପି ସେ ନିଜସ୍ୱ ରୀତିରେ ଆଲୋକ ଦାନ କରିପାରେ । ମୋ କଲମର ଶୀତଳ ରକ୍ତ ତାର ପ୍ରତିଟି ଶିରା-ପ୍ରଶିରାରେ ପ୍ରବାହିତ । ତାର ନାମ ସ୍ମରଣ କଲେ ମୋତେ ଯେମିତି ତା' ଚରିତ୍ରର ରକ୍ତ-ମାଂସରେ ମିଶିଗଲା ଭଳି ଲାଗେ । ଆଉ ସେ ଚରିତ୍ର ଏକ ବିଚିତ୍ର ଅଭିଜ୍ଞତାର ରଙ୍ଗରେ ଜୀବନ୍ତ ହୋଇଉଠେ । ପ୍ରିୟଦର୍ଶୀ ମଧ୍ୟରେ ମୁଁ ଦେଖେ ନିଜର ପ୍ରତିଚ୍ଛବି । ତାର ସ୍ଥିତି ନାହିଁ ଏ ଦୁନିଆରେ - ଅସ୍ତିତ୍ୱହୀନ ସ୍ଥିତି ନେଇ ସେ ଏକ ଅନ୍ୟ ପୃଥିବୀର ମଣିଷ, ଯେଉଁଠି ଜନ୍ମମୃତ୍ୟୁର ଖେଳ ଖେଳା ହୁଏନି । ହାର୍‌ଜିତ୍‌ର ସୀମାରେଖା କେହି ଖୋଜି ପାଏନି । ସେ ଦୁନିଆ ଏ ବସ୍ତୁବାଦୀ ଜଡ଼ ଦୁନିଆଠାରୁ ବହୁଦୂରରେ ।

ସେଦିନ ମୁଁ ମୋର ପ୍ରିୟଦର୍ଶୀକୁ ତୁମରି କୋଳକୁ ଟେକିଦେଇ କହିଥିଲି-

''ଟିକି, ମୁଁ ଯାହା କଥା ଦେଇଛି ଅବଶ୍ୟ ପାଳନ କରିବି । ମୋ' ପ୍ରିୟଦର୍ଶୀ ଆଜିଠାରୁ ତୁମର ହୋଇ ରହିଲା । ତୁମେ ହିଁ ତାର ନାୟିକା ହୋଇ ରହିବ ସବୁଦିନ ପାଇଁ । ତୁମକୁ ଦେଖି ସେ ହସିବ-ତା'ର ମନ ଭ୍ରମର ନିତି ତୁମର ମୁଖ-ଗୋଲାପକୁ ଚୁମିବ । ଏହାଠାରୁ ଆଉ ବଡ଼ କଥା କ'ଣ ହୋଇପାରେ, କୁହ ?''

ଆୟୁଷର ବୟସ ହ୍ରାସ ପାଉଥିଲା । ସମୟର ଚକ ଘୂରିଚାଲିଥିଲା ।

Digitized by srujanika@gmail.com

ମୁଁ ଦିନକୁ ଦିନ ଈର୍ଷାର ଈଶ୍ୱର ହୋଇ ପ୍ରିୟଦର୍ଶୀକୁ ନିଜର ପ୍ରତିଦ୍ୱନ୍ଦୀ ମନେକଲି । ତା' ବଦଳରେ ମୁଁ ତୁମକୁ ଚାହିଁବାକୁ ଲାଗିଲି । ଭାବିଲି ପ୍ରିୟଦର୍ଶୀ ମୋଠାରୁ ବଡ଼ ହୋଇ ନପାରେ । ମୁଁ ସ୍ୱୟଂ ତାକୁ ନିଜର ଲହୁଲୁହ ଦେଇ ସୃଷ୍ଟି କରିଛି । ସେ ଏକ ସ୍ଥିତିବିହୀନ ସ୍ଥିତି ନେଇ ତୁମର ଆପଣାର ହୋଇଗଲା, ଅଥଚ ମୁଁ ଏକ ରକ୍ତମାଂସର ବ୍ୟକ୍ତିବିଶେଷ ହୋଇ ତୁମକୁ ଛାଡ଼ିଦେବି ? ମୁଁ କ'ଣ କାପୁରୁଷ ? ହଠାତ୍ ଦିନେ ମୋର ପୁରୁଷତ୍ୱ ବିଳାପ କରିଉଠିଲା, ଏକ ସଦ୍ୟ ପତ୍ନୀହରା ପୁରୁଷର ବିଳାପ ପରି, ଚକୋରୀ ବିରହୀ ସେଇ ନିଶାଚର ଚକୋର ଭଳି । ମୋର ମନେହେଲା ତୁମେ ମୋର, ପ୍ରିୟଦର୍ଶୀର ନୁହଁ । କାରଣ ମୁଁ ତାର ଜନକ, ସ୍ରଷ୍ଟା ।

ତେଣୁ ମୁଁ ଦିନେ ଠିକ୍ କଲି ତୁମକୁ ନେଇ ସତରେ ବହୁ ଦୂରକୁ ଚାଲିଯିବି, ଏକ 'ସମ୍ଭାବ୍ୟ ସମ୍ଭୋଗ' ଲାଳସାର ଶିକାର ହୋଇ ଠିକ୍ ସେଇ ବୈଦିକ ଯୁଗର ଗୁରୁକୁଳର ପ୍ରଥମ ଛାତ୍ରଟି ଭଳି, ଯିଏ ସେଇ ବିଚାରୀ କପୋତୀଟିର ପ୍ରାଣନାଶ କରିବାକୁ ନେଇଥିଲା ଏକ ଜନଶୂନ୍ୟ ଅରଣ୍ୟ ମଧ୍ୟକୁ । ଗୁରୁ କହିଥିଲେ - ବତ୍ସ, ଏମିତି ସ୍ଥାନରେ ଏହାକୁ ମାରିବୁ ଯେଉଁଠି କେହି ଦେଖି ପାରିବେନି । କପୋତୀର ପ୍ରାଣନାଶ କରିବା ନିଶ୍ଚୟ ଏକ ପାପ । କିନ୍ତୁ ଯେଉଁ ପାପ ସମସ୍ତଙ୍କର ଅଗୋଚରରେ କରାଯାଏ, ତାହା ପୁଣ୍ୟ କହିଲେ କେହି ଅବିଶ୍ୱାସ କରନ୍ତିନି ।

ସେ ଦିନ ମନରେ ଏମିତି ଭାବି ତୁମକୁ କହିଥିଲି-

''ଗୋଟିଏ କଥା କହିବି, ରଖିବ ଟିକି ?''

ମୋ କଥା ଶୁଣି ତୁମେ ଉତ୍ତର ଦେଇଥିଲ-

''ତୁମର କେଉଁ କଥା ଅମାନ୍ୟ କରିଛି ?''

''ନା; ଟିକି । ସେଇଟା ମୋର ସୌଭାଗ୍ୟ । ଆଜି କିନ୍ତୁ ତୁମକୁ ନେଇଯିବାକୁ ଚାହେଁ ଏକ ଅରଣ୍ୟକୁ - ମୟୂରଭଂଜର ଶାନ୍ତ ବନାନୀର ସବୁଜ ମାଧୁରୀ ଦେଖାଇବାକୁ ସୁଦୂର ଶିମିଳିପାଳକୁ ।''

ମୋ କଥା ଶୁଣି ତୁମେ କହିଥିଲ-

''ସତରେ ଅନୁଭବ, ମୁଁ ଅରଣ୍ୟ କେବେ ଦେଖିନି । ଶୁଣିଛି ଅରଣ୍ୟରେ ରୋଦନ କଲେ କେହି ଶୁଣି ପାରନ୍ତିନି । ସତରେ ଏ କଥାଟା କ'ଣ ସତ୍ୟ ?''

ତୁମର ସରଳତା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ଆଉ ପ୍ରଶ୍ନ କରିଥିଲି-

''ତୁମକୁ କ'ଣ କନ୍ଦେଇବାକୁ ମୁଁ ଏତେ ଦୂରକୁ ନେଇ ଯିବାକୁ ଚାହୁଁଛି, ଟିକି ? ଆରେ ନା, କାନ୍ଦିବା ପାଇଁ ସହରରେ ଅନେକ ସ୍ଥାନ ଅଛି । କିନ୍ତୁ ମନ ଖୋଲି ହସିବାର ସ୍ଥାନଟିଏ ଏ ମହାନଗରୀରେ ମୁଁ ଆଜି ବି ଖୋଜି ପାଇପାରିଲିନି । ତେଣୁ ତୁମକୁ ସେ ଅରଣ୍ୟକୁ ନେଇଯିବାକୁ ଚାହେଁ- ଯେଉଁଠି ଦେଖିବ ହସର ଝରଣା କେମିତି ଖିଲ୍ ଖିଲ୍ ହୋଇ ଝରିଯାଉଛି ।

Digitized by srujanika@gmail.com

''ଆଉ କ'ଣ ଅଛି ସେ ଅରଣ୍ୟରେ ?''

''ଟିକି, କପଟତାର ମରୁଭୂମି, ସରଳତାର ଉର୍ବର ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି, ସେଇ ଜନଶୂନ୍ୟ ଘଂଚ ଅରଣ୍ୟ । ଆଉ ତା ଛଡ଼ା ପୂର୍ଣ୍ଣିମା ରାତିରେ ବାଘ ବି ତୁମେ ଦେଖି ପାରିବ ସେଇ ଚହଲା ଡାକବଙ୍ଗଳାର ମଞ୍ଚ ଉପରୁ ।''

ବାଘ ନାଆଁ ଶୁଣି ତୁମେ ଛାତିରେ ଛେପ ପକାଇ ଦେଇ କହିଥିଲ-

''ଏ ମାଆ, ସେ ଜଙ୍ଗଲରେ ବାଘ ବି ଅଛି । ତାହେଲେ ବାବା ମୁଁ ଜମ୍‌ମା ଯିବିନି । ବାଘକୁ ମୋର ପ୍ରାଣେ ଭୟ ।''

ତୁମକୁ ବୁଝାଇବାକୁ ଯାଇ କହିଥିଲି-

''ଟିକି, ତୁମର ଏଇ ସହରୀ ମଣିଷ ମନରେ ଅନେକ ଗୁମ୍ଫା । ସେଇଠି ଅନେକ ବାଘ, ବାଘୁଣୀ ବସା ବାନ୍ଧି ରହିଥାନ୍ତି । ଏମାନେ ବିଶ୍ୱାସର ରକ୍ତ ପ୍ରତିଟି ମୁହୂର୍ତ୍ତରେ ଶୋଷଣ କରି ଏ ସହରକୁ ଏକ ଅବିଶ୍ୱାସର ସହରରେ ପରିଣତ କରି ଦେଇଛନ୍ତି । ଏଇ ସମତଳ ସହର ଲୋକଙ୍କ ମନ ସବୁ ଅସମତଳ । ତାଂକ ଘେରରେ ଘର ତୋଳି ତୁମକୁ ଡର ମାଡ଼େନା । ଅଥଚ ସେଇ ଜଙ୍ଗଲି ବାଘ, ଯାହା ମନରେ ମଣିଷ-ମନର ମାନବିକତା ଭରି ରହିଥାଏ, ତା ନାଆଁ ଶୁଣି ତୁମେ ଛାତିରେ ଛେପ ପକାଇବାଟା ନିଶ୍ଚିତ ଭାବେ ତୁମର ବୋକାମି ।

ସେ ଦିନ ମୋ ସହିତ ଆଉ ଯୁକ୍ତି ନକରି ତୁମେ ଶିମୁଳିପାଳକୁ ଯାଇଥିଲ । ଦିନ ସାରା ଆମେ ଜଙ୍ଗଲରେ ବୁଲିଥିଲେ, ଖରା-ଛାଇର ଲୁଚୁକାଳି ଖେଳ ଦେଖି ମତୁଆଲା ହୋଇଥିଲେ । ରାତିରେ ଆମେ ଚହଲା ଡାକବଙ୍ଗଳାର କାଠର ଛାତ ଉପରୁ ସାଂଗ ହୋଇ ଜହ୍ନ ଦେଖିଥିଲେ ।

''ଅନୁଭବ !''

''ହୁଁ...''

''ଆଜି ମୁଁ ଶୋଇବିନି । ତୁମ ସହିତ ସାରାରାତି ଏଇଠି ବସି ବାଘ ଦେଖିବି । ବାଘ କେତେବେଳେ ଆସିବ, ଅନୁଭବ ?''

''ଟିକି, ରାତି ଅନେକ ହେଲେ, ସମସ୍ତେ ଶୋଇପଡ଼ିଲେ, ଜହ୍ନ ମୁଣ୍ଡ ଉପରକୁ ଉଠିଲେ ବାଘ ଆସେ ପାଣି ପିଇବାକୁ, ସେଇଠି ସେଇ ଦୁଇ ପାହାଡ଼ର ତଳେ ଥିବା ଘଞ୍ଚ ଜଙ୍ଗଲର ଝରଣାକୁ ନିର୍ଲିପ୍ତ ଭାବରେ ।''

''ଟିକି, ତୁମର ମନେଥିବ ସେଦିନ ରାତିରେ ତୁମେ ଓ ମୁଁ ସାଙ୍ଗ ହୋଇ ବସିଥିଲେ ବାଘ ଦେଖିବାକୁ ପରସ୍ପରର ଅତି ନିକଟବର୍ତ୍ତୀ ହୋଇ । ରାତ୍ରିର ବୟସ କ୍ରମଶଃ ବଢୁଥିଲା, ନିଶି ପୂର୍ଣ୍ଣ ଯୌବନରେ ଭାରାକ୍ରାନ୍ତ ହୋଇ ପଡୁଥିଲା । ଝିଂକାରୀର ଶବ୍ଦ ଏକ ରହସ୍ୟାବୃତ ପରିବେଶ ସୃଷ୍ଟି କରୁଥିଲା । ତୁମ ଆଖିପତା ଧୀରେ ଧୀରେ ବୁଜି ହୋଇଆସୁଥିଲା । ତୁମେ ନିଦ୍ରାଭିଭୂତା ହୋଇ ବସିବା ଚେୟାରରୁ ମୋ ଆଡ଼କୁ ଢ଼ଳି ଆସିଥିଲ ମୋ ଅବସ୍ଥିତି ସଂପର୍କରେ ସଂପୂର୍ଣ୍ଣ ଅଚେତନ ରହି ।

Digitized by srujanika@gmail.com

''ଟିକି, ଗୁରୁକୁଳର ସେଇ ପ୍ରଥମ ଛାତ୍ରଟି କଥା ମୋର ଠିକ୍ ସେତିକିବେଳେ ମନେ ପଡ଼ିଗଲା ଯିଏ କପୋତୀଟିକୁ ନେଇ ଏକ ଜନଶୂନ୍ୟ ଅରଣ୍ୟର ନିଭୃତ ଗୁମ୍ଫାରେ ପ୍ରାଣନାଶ କରି ଫେରିଥିଲା, ଆଉ କହିଥିଲା- ଗୁରୁଦେବ, ମୁଁ ଆପଣଙ୍କ ଆଦେଶ ପାଳନ କରିଛି । ମୁଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ମୁଁ ସମସ୍ତଙ୍କ ଅଗୋଚରରେ କପୋତୀଟିକୁ ମାରିପାରିଛି ।

ଚାରିଆଡ଼କୁ ସନ୍ତର୍ପଣରେ ଚାହିଁଲି ମୁଁ । ଜନ ମାନସ ଶୂନ୍ୟ ଜଙ୍ଗଲରେ ତୁମେ ଓ ମୁଁ- ରାତ୍ରି ଅନେକ, କେହି ନାହାନ୍ତି । କେବଳ ମୁଁ ଓ ତୁମେ । ବଙ୍ଗଳାର ଚୌକିଦାର କେବେଠାରୁ ତଳେ ଶୋଇପଡ଼ିଲାଣି ।

କପୋତୀଟିର ପ୍ରାଣନାଶ କରିବାର ଏ ଯେମିତି ମାହେନ୍ଦ୍ର ମୁହୂର୍ତ୍ତ ! ମୁଁ ତୁମର ସନ୍ନିକଟ ହେବାକୁ ଯାଉଥିଲି । ମୁଁ ସେଇ ପ୍ରଥମ ଛାତ୍ରଟି ହେବାକୁ ଯାଉଥିଲି । କିନ୍ତୁ ଏ କ'ଣ ହେଲା ! ଜହ୍ନ ଆଲୁଅରେ ହଠାତ୍ ତୁମର ଆଖି ଦୁଇଟା ଉପରେ ମୋ ଆଖି ଦୁଇଟା ଲାଖି ରହିଲା- ଅର୍ଦ୍ଧ ଉନ୍ମୀଳିତ ଆଖିରେ ତୁମେ ଯେମିତି ନିଦ୍ରା-ରାଜ୍ୟର ବହୁ ଦୂରରୁ ମୋତେ ଅତି ସତର୍କତାର ସହ ଲକ୍ଷ୍ୟ କରୁଥିଲ ଠିକ୍ ସେଇ ମୃତ୍ୟୁ-ଆସନ୍ନା ଗୁରୁଦତ୍ତ କପୋତୀଟି ପ୍ରାୟେ ।

''ଟିକି, ଭାଗ୍ୟର କି ବିଡ଼ମ୍ବନା ସତେ ! ଏ ଦୁନିଆର ସମସ୍ତ ଛାତ୍ର ସେଇ ପ୍ରଥମ ଛାତ୍ରଟି ଭଳି ହୋଇପାରନ୍ତିନି । ଅନେକେ ସେଇ ଦ୍ୱିତୀୟ ଛାତ୍ରଟି ଭଳି ଅସହାୟ ହୋଇ ଫେରି ଆସି କହନ୍ତି- ଗୁରୁଦେବ, ମୁଁ ପରୀକ୍ଷାରେ ଅନୁତ୍ତୀର୍ଣ୍ଣ ହୋଇଛି । ମୋତେ ଦଣ୍ଡ ଦିଅନ୍ତୁ । ମୁଁ ଏ ଦୁନିଆରେ ସେମିତି ଏକ ନିଭୃତ କକ୍ଷ ଖୋଜି ପାଇପାରିଲିନି ଯେଉଁଠି କେହି ଦେଖିପାରୁନଥିବେ । କାରଣ ଯେତେ ଜନଶୂନ୍ୟ ହେଲେ ବି ଯେଉଁଠି କପୋତୀଟିର ପ୍ରାଣନାଶ କରିଥାନ୍ତି, ସେଇଠି ବିଚାରୀ କପୋତୀଟିର ଦୁଇଟି ଅଶ୍ରୁଳ ଆଖି ନିଶ୍ଚୟ ନିରୀହ ଦୃଷ୍ଟିରେ ମୋତେ ଦେଖୁଥାନ୍ତା, ଏକଥା ମୁଁ କେମିତି ନିଜେ ଦୁଇ ଆଖିରେ ଦେଖି ଆଖିବୁଜି ଦେଇ ପାରିଥାନ୍ତି ?

ଏହି ସମୟରେ ଆକାଶରେ ହଠାତ୍ ଅଦିନ ମେଘ ଘୋଟିଗଲା । ଜହ୍ନ ସେଇ କଳା ବାଦଲରେ ଯେମିତି ହଜିଗଲା । ପାର୍ଶ୍ୱସ୍ଥ ଲଣ୍ଠନଟା ପବନରେ ଲିଭିଗଲା । ମୁହୂର୍ତ୍ତକ ମଧ୍ୟରେ ସେଇଠି ଗାଢ଼ ଅନ୍ଧାରର ରାଜୁତି ଆରମ୍ଭ ହେଲା । କଳା କିଟି କିଟି ଅଫିମବୋଳା ରାତି- ସେଇ ନିଶିର ଅଫିମୀ ନିଶାରେ ତଂନ୍ଦ୍ରାଚ୍ଛନ୍ନ ହୋଇ ମୁଁ ତୁମ ଆଖି ଦୁଇଟାକୁ ଆଉ ଦେଖିପାରିଲିନି । ଟିକି, ମୁହୂର୍ତ୍ତକ ମଧ୍ୟରେ ମୁଁ ଏକ ତୃତୀୟ ଛାତ୍ର ହୋଇଗଲି ଯିଏ ଏକ ନିରନ୍ଧ୍ର ଅମା-ଅନ୍ଧାର ରାତିରେ କପୋତୀଟିର ପ୍ରାଣନାଶ କରି କହିବ- ଗୁରୁଦେବ, ମୁଁ ବିଶ୍ୱବିଦ୍ୟାଳୟରେ ଏକ ନୂତନ ପରମ୍ପରାର ରେକର୍ଡ ସୃଷ୍ଟି କରିଛି । ତେଣୁ ମୁଁ ସ୍ୱର୍ଣ୍ଣପଦକ ପାଇବା ପାଇଁ ନିଶ୍ଚିତଭାବେ ହକ୍‌ଦାର । ମୁଁ ଏମିତି ଅନ୍ଧାରରେ କପୋତୀଟିକୁ ମାରିଛି, ଯେଉଁଠି ନିଜେ ନିଜକୁ ଦେଖିବା ସମ୍ଭବପର ନଥିଲା ।

Digitized by srujanika@gmail.com

ଆଉ ମୁଁ ଏକ ଅଦ୍‌ଭୁତ ଖିଆଲର ଶିକାର ହୋଇ ସମ୍ଭାବ୍ୟ ସଂଭୋଗ ପଥରେ ତୁମକୁ ନେଇଯାଉଥିଲି ଅନ୍ଧକାରାଚ୍ଛନ୍ନ ଏକ ନିଭୃତତମ କକ୍ଷକୁ-ବଡ଼ ଖସଡ଼ା ପଥ ସେ । ତୁମର ହାତ ଧରି ଅନେକ ବାଟ ନେଇଗଲି ସେଇ ନିରନ୍ଧ୍ର ଅନ୍ଧକାରରେ-ମୁହଁକୁ ମୁହଁ ଦିଶୁ ନ ଥିଲା । ଖାଲି ସ୍ପର୍ଶରୁ ଜାଣୁଥିଲି ତୁମେ ସେ ପଥରେ ମୋ ସହ ପାଦ ମିଳେଇ ଚାଲିଛ ।

ମନେମନେ ହସିଲି ମୁଁ- ଭାବିଲି ଦ୍ୱିତୀୟ ଛାତ୍ରଟି କି ମୂର୍ଖ । ସେ ମୋ ପଦାଙ୍କ ଅନୁସରଣ କରି ଅକ୍ଳେଶରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିଥାନ୍ତା । ନିଜକୁ ନିଜେ ବୁଦ୍ଧିମାନ୍ ବୋଲି ବେଶ୍ କିଛି ତାରିଫ୍ କରି ସଂଭୋଗର ଘଞ୍ଚ ଅରଣ୍ୟ ମଧ୍ୟକୁ ତୁମକୁ ନେଇ ପ୍ରବେଶ କରୁଥିଲି । ଏତିକିବେଳେ ମୁଁ ମୋ ନିଜ ଭିତରେ ବ୍ୟାଘ୍ରର ହେଣ୍ଟାଳ ଶୁଣିବାକୁ ପାଇଲି - ସେହି ବ୍ୟାଘ୍ର ଥିଲା ଅନେକ କ୍ଷୁଧିତ ଏକ ମାଂସାଶୀ ବ୍ୟାଘ୍ର ।

ମୁଁ ତୁମର ଅତି ନିକଟବର୍ତ୍ତୀ ହେବାକୁ ଲାଗିଲି । ନିକଟରୁ ନିକଟତର-ଆଉ ତା'ପରେ ନିକଟତମ । ତାପରେ ସେଇ ବହଳିଆ ଅଂଧାରରେ ମୋ ହାତ ଦୁଇଟା ଯେମିତି ଷଣ୍ଢୁଆଶୀ ହୋଇଗଲା । ବିଚାରୀ କପୋତୀଟିର ତଣ୍ଟି ଚିପିବାକୁ ଯାଉଛି, କେହି ଜଣେ ଉଚ୍ଚ କଣ୍ଠରେ ପାଟିକଲା-

''ଇଞ୍ଜିନିୟର ଅନୁଭବ ଦାସ । କଥା ଥିଲା ତୁ ସମସ୍ତଙ୍କ ଅଗୋଚରରେ ଗୁରୁ-ଆଜ୍ଞା ପାଳନ କରିବୁ । କିନ୍ତୁ ମୁଁ ତ ତୋତେ ଦେଖିପାରୁଛି ।

କାହାକୁ ନଦେଖି ମୁଁ କହିଥିଲି-

''ତୁମେ ଯିଏ ହୁଅନା କାହିଁକି ମୁଁ ତୁମକୁ ଦେଖିପାରୁନି । ତେଣୁ ନିଶ୍ଚିତଭାବେ ତୁମେ ବି ମୋତେ ଦେଖିପାରୁନ । ସର୍ବୋପରି ଏଠାରେ ଆମେ କେହି କାହାରିକୁ ଦେଖିପାରୁନାହୁଁ । ତେଣୁ ଗୁରୁ-ଆଜ୍ଞା ଅମାନ୍ୟ କରିବାର ପ୍ରଶ୍ନ ଉଠିବା ସଂପୂର୍ଣ୍ଣ ଅବୈଧ । ମୁଁ ଗୁରୁ-ଆଜ୍ଞା ନିଶ୍ଚିତଭାବେ ପାଳନ କରିବି ।''

ମୋ କଥା ଶୁଣି କଂଠସ୍ୱର ପୁଣି କହିଲା-

''ଅନ୍ଧାରରୁ ଆଲୁଅ ଦେଖିହୁଏ, ଆଲୁଅରୁ ଅନ୍ଧାର ଦିଶେନା । ମୁଁ କିନ୍ତୁ ଆଲୁଅରୁ ତୋତେ ଦେଖିପାରୁଛି, ଆଉ, ତୁ ଅନ୍ଧାରରେ ଥାଇ ଆଲୋକକୁ ଦେଖିପାରୁନୁ ? ତୁ ସତ୍ୟର ଅପଳାପ କରୁଛୁ । ମୋତେ ଭଲ କରି ଦେଖିବାକୁ ଚେଷ୍ଟା କଲେ ନିଶ୍ଚୟ ଦେଖିବାକୁ ସକ୍ଷମ ହେବୁ ।''

''ଟିକି, ହଠାତ୍ କେଉଁଠୁ ହସର ଖିଲ୍‌ଖିଲ୍ ବତୀ ଯେମିତି ଜଳିଉଠିଲା । ସେଇ ବତୀର ଆଲୁଅରେ ମୁଁ ଦେଖିଲି ନିଜସ୍ୱ ପ୍ରତିରୂପ-ଠିକ୍ ସେଇ ମୋରି ହାତ, ମୋର ନାକ, ମୋର ଗୋଡ଼ ଭଳି ଦୁଇଟି ଗୋଡ଼, ଏମିତିକି ମୋ ଭଳି ତା' ବାମ ଆଖିର ଭ୍ରୂଲତା ପାଖରେ ଛୋଟ ଏକ କଳାଜାଇ, ଆଉ ସାମନା ଦୁଇଦାନ୍ତ ମଝିରେ ଛୋଟ ଫାଙ୍କ । ମୁଁ ଯେମିତି ଆଉ ଏକ 'ମୁଁ' ଦେଖୁଛି । ମୁଁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲି-

Digitized by srujanika@gmail.com

''ତୁ କିଏ ? କହ, କିଏ ତୁ ?? ମୋ ଚଲାପଥରେ ତୁ ଅନ୍ତରାୟ ହେଲେ ମୁଁ ତୋତେ ହତ୍ୟା କରିବି ।''

ପୁଣି ସେଇ ହସ-ଉଛୁଳା ହସ । ତାର ହସ ସହ ତାଳ ଦେଇ ଟିକି ତୁମେ ବି ହସୁଥିଲ ଆଉ କହୁଥିଲ-

''ଅନୁଭବ । ତୁମେ ପ୍ରଚଣ୍ଡଭାବେ ମିଥ୍ୟାବାଦୀ । ତୁମେ ଏକ ବ୍ୟତିକ୍ରମ ବ୍ୟକ୍ତିତ୍ୱ ନୁହଁ, ମୁଁ କହିବି ତୁମେ ଏକ ବ୍ୟତିକ୍ରମର ବ୍ୟତିକ୍ରମ । ତୁମେ ମମତାସକ୍ତ ବ୍ୟକ୍ତିବିଶେଷ ନୁହଁ । ତୁମେ ଏକ ଲାଳସାସକ୍ତ ବ୍ୟକ୍ତି, ତୁମେ ଏକ ଆସକ୍ତିସିକ୍ତ ବ୍ୟକ୍ତି । ମନେ ରଖିବ ହୃଦୟସହ ହୃଦୟର ମିଳନ ମମତା ଆଉ ଦେହସହ ଦେହର ମିଳନ ଆସକ୍ତି ।''

ତୁମ ସହ କଣ୍ଠ ମିଳାଇ ମୋ ରୂପର ସେଇ ଲୋକଟି କହୁଥିଲା-

''ମୁଁ କିଏ ଚିହ୍ନିପାରୁନୁ ଅନୁଭବ ଦାସ ? ମଣିଷ ନିଜକୁ ନିଜେ ଚିହ୍ନିବାରେ ସବୁଠୁ ବେଶି ଭୁଲ କରେ । ତେଣୁ ତୁ ମୋତେ ଚିହ୍ନିବୁ କେମିତି ? ମୁଁ ପ୍ରିୟଦର୍ଶୀ ଦାସ- ମୁଁ ତୋର ସେଇ ମାନସ ସନ୍ତାନ ।''

''ପ୍ରିୟଦର୍ଶୀ ଦାସ ? ତୁ ସେଇ ପ୍ରିୟଦର୍ଶୀ । ତୁ ମୋର ପ୍ରତିଦ୍ୱନ୍ଦୀ । ଅନେକ ଦିନୁ ତୋତେ ଖୋଜୁଛି । ତୋତେ ଆଜି ଛାଡ଼ିବିନି । ମୋରି ବଳରେ ବଳୀୟାନ୍ ହୋଇ ଆଜି ତୁ ଭସ୍ମାସୁର ସାଜିଛୁ । ଭସ୍ମାସୁରର ଅନ୍ତିମ ପରିଣତି ଆଜି ତୋର ହେବ । ମୁଁ ତୋତେ ଆଜି ହତ୍ୟା କରିବି ।''

କିନ୍ତୁ ଆଶ୍ଚର୍ଯ୍ୟ ! ପ୍ରିୟଦର୍ଶୀ ମୋ କଥା ଶୁଣି ହସୁଥିଲା-

''ମୋତେ ତୁ ହତ୍ୟା କରି ପାରିବୁନି, ଅନୁଭବ ! କାରଣ ମୋର ମୃତ୍ୟୁ ନାହିଁ । ତୋର ଶରୀର ଅନିତ୍ୟ, ଅସତ୍ୟ । କେବଳ ଜୀବାତ୍ମା ସତ୍ୟ ଓ ନିତ୍ୟ । ଯେଉଁ ଆତ୍ମା ସର୍ବବ୍ୟାପକ, ତା'ର ବିନାଶ କାହିଁ ? ତାକୁ ବିନାଶ କରିବାପାଇଁ ସଂସାରରେ କାହାରି ଶକ୍ତି ନାହିଁ, ଯେପରି ଅନନ୍ତ ପାରାବାରର କ୍ଷୟ ନାହିଁ କି ବୃଦ୍ଧି ନାହିଁ । ସେପରି ଆତ୍ମାର ମଧ୍ୟ କ୍ଷୟ ନାହିଁ କି ବୃଦ୍ଧି ନାହିଁ । ତାକୁ ଅସ୍ତ୍ର ଛିନ୍ନ କରିପାରେନା, ବାୟୁ ଉଡ଼ାଇ ନେଇପାରେନା, ଅଗ୍ନି ଦଗ୍ଧ କରିପାରେନା, ଜଳ ବି ବୁଡ଼ାଇ ପାରେନା । ମୁଁ ତୋର ସେଇ ଅବିନଶ୍ୱର ଆତ୍ମାରୁ ଜାତ । ମୁଁ ପ୍ରିୟଦର୍ଶୀ-ଯାହାର ଅସ୍ତିତ୍ୱ ନାହିଁ, ସେ ସ୍ୱୟଂ ସ୍ଥିତିହୀନ ହେବ କିପରି ?''

ମୁଁ ତା କଥା ଶୁଣି କହିଥିଲି-

''ମୁଁ ଇଂଜିନିୟର ଅନୁଭବ ଦାସ । ମୁଁ ଜାଣେ ଏ ମର ଦୁନିଆରେ ଯେ ଜନ୍ମ ନିଏ, ତାର ମୃତ୍ୟୁ ସୁନିଶ୍ଚିତ । ମୁଁ ତୋତେ ଜନ୍ମ ଦେଇଛି । ତେଣୁ ମୃତ୍ୟୁ ବି ଦେଇପାରିବି । ବିଜ୍ଞାନ ବଳରେ ମୁଁ ଦ୍ୱିତୀୟ ଈଶ୍ୱର । କେହି ମୋର ଅନ୍ତରାୟ ହୋଇପାରିବେନି ।

Digitized by srujanika@gmail.com

ଯିଏ ମୋର ବଶୀଭୂତ ନ ହେବ ତାକୁ ମୁଁ ଡ଼ିନାମାଇଟ୍ ଦେଇ ଉଡ଼ାଇଦେଇପାରିବି, ବୁଲ୍‌ଡ଼ୋଜୋର ଲଗାଇ ରାସ୍ତାରୁ ହଟାଇଦେଇପାରିବି ।''

ପ୍ରିୟଦର୍ଶୀ ମୋ କଥା ଶୁଣି ସେମିତି ନିର୍ଲିପ୍ତ କଣ୍ଠରେ କହିଚାଲିଥିଲା-

''ଇଂଜିନିୟର ଅନୁଭବ ଦାସ । ମଦ ଖାଇଲେ ଯକୃତ୍ ଖରାପ ହୁଏ ଜାଣି ବି ତୁ ମଦ ଖାଉ । ସିଗାରେଟ ଟାଣିଲେ ଫୁସ୍‌ଫୁସ୍‌ରେ କର୍କଟରୋଗ ହୁଏ ଜାଣି ମଧ୍ୟ ସିଗାରେଟ୍ ଟାଣୁ । ଚାହା ପିଇଲେ ପାକସ୍ଥଳୀ ନଷ୍ଟ ହୁଏ ଜାଣି ବି ତୁ ଚାହା ଖାଇବା ଛାଡ଼ିପାରୁନୁ । ରାସ୍ତାର ବାମ ପଟରେ ଚାଲିବା ଜାଣି ମଧ୍ୟ ଟ୍ରାଫିକ୍ ପୋଲିସ୍ ନ ଥିଲେ ଡାହାଣ ପଟରେ ଚାଲୁ । 'ପରିଷ୍କାର ରଖନ୍ତୁ' ସାଇନ୍ ବୋର୍ଡ଼ ଥିବା ସ୍ଥାନରେ ଚିନାବାଦାମ ଚୋପା ପକାଇବାକୁ ଆରିଷ୍ଟୋକ୍ରାସୀ ମନେ କରୁ । ନୀତିରୁ ଅନୀତିକୁ, ମମତାରୁ ଆସକ୍ତିକୁ ତୁ ବେଶି ଭଲ ପାଉ, ଏକଥା ଅସ୍ୱୀକାର କରିପାରିବୁ ? ତୁ ଇନ୍ଦ୍ରିୟର ଦାସାନୁଦାସ । ମୋତେ ଦମନ କରିବା ପୂର୍ବରୁ ତୁ ତୋର ସ୍ୱେଚ୍ଛାଚାରୀ ଇନ୍ଦ୍ରିୟମାନଙ୍କୁ ତଥାକଥିତ ଅମୋଘ ଅସ୍ତ୍ର ବୁଲ୍‌ଡ଼ୋଜୋର ବା ଡ଼ିନାମାଇଟ୍ ଦେଖାଇ ଦମନ କରିପାରିବୁ ? ଦେଖ, ମୁଁ ଇନ୍ଦ୍ରିୟଜିତ୍-ଇନ୍ଦ୍ରଜିତ୍ । ଧର୍ମରେ ମନ ଦେଇ, ଶରୀରେନ୍ଦ୍ରିୟ ଜୟ କରି, ବିଷୟ ଭୋଗ ଛାଡ଼ି, ରାଗ-ଦ୍ୱେଷ-ଅହଂକାର ଛାଡ଼ି, ଲୋଭ-ମୋହାଦି ତ୍ୟାଗ କରି, ମନ ସଂଯତ କରି, କାମ, କ୍ରୋଧ, ମଦ, ମାତ୍ସର୍ଯ୍ୟାଦି ତ୍ୟାଗ କରି ମୋର ବ୍ରହ୍ମତ୍ୱ ପ୍ରାପ୍ତ ହୋଇଛି । ମୋର କାମନା ନାହିଁ । ତେଣୁ ମୋର ଦୁଃଖ ନାହିଁ । ଦେହ ମୋ ପାଖରେ ଏକ ମର ଶରୀର-ମନ ମୋ ନିକଟରେ ଆତ୍ମା ଭଳି ଚିର ଭାସ୍ୱର । ଦେହ-ଦେହର ସମ୍ଭାବ୍ୟ-ସମ୍ଭୋଗ ମୋ ପାଇଁ ପ୍ରଥମଟି ଭଳି ଅନିତ୍ୟ, ଅସତ୍ୟ । ମନ ମନର ସମ୍ଭାବ୍ୟ ସଂଭୋଗ ମୋ ପାଇଁ ଶେଷୋକ୍ତିଟି ଭଳି ନିତ୍ୟ ଓ ସତ୍ୟ-ଚିର ଜାଜ୍ୱଲ୍ୟମାନ । ତେଣୁ ମୁଁ ଦେହର ସଂଭୋଗ ଅପେକ୍ଷା ମନର ସଂଗମକୁ ବେଶୀ ସମ୍ମାନ ଦିଏ । ମନ-ମନର ସଂଗମର ସଂଭୋଗ ହିଁ ମମତା । ଏହା ଦେହାତୀତର, ଜନ୍ମାନ୍ତରର । ସାମାନ୍ୟ ମୃତ୍ୟୁ ଏହାକୁ ନେଇପାରେନା ।''

''ଟିକି, ହଠାତ୍ ପୁଣି ଅନ୍ଧାର ହୋଇଗଲା । ପୁଣି ସେଇ ନିରନ୍ଧ୍ର ଅମା-ଅନ୍ଧାର । ଅନ୍ଧକାରର ଛାଇରେ ମୁଁ ନିଜକୁ ନିଜେ ଦେଖିବାକୁ ସକ୍ଷମ ହୋଇପାରୁନଥିଲି । ସେଇ ଅନ୍ଧାରରେ ମୁଁ କେବଳ ତୁମ ଦିଜଣଙ୍କର ପାଦଶବ୍ଦ କ୍ରମଶଃ ଦୂରେଇ ଯାଉଥିବାର ଅନୁଭବ କରିପାରୁଥିଲି- ଆଉ ନିଜେ ନିଜର ପଥ ଖୋଜି ପାଉନଥିଲି । ଅଣ୍ଡାଳି ଅଣ୍ଡାଳି ମୁଁ ଚାଲୁଥିଲି । କିଛି ବାଟ ଗଲାପରେ ଏକ ନଦୀକୂଳରେ ମୋ ପାଦ ଖସିଗଲା, ମୁଁ ଅସହାୟ ହୋଇ ଭାସିବାକୁ ଲାଗିଲି । ହଠାତ୍ କ'ଣ ଏକ ଜିନିଷ ମୋ ହାତରେ ବାଜିଲା । ବୁଡ଼ିଗଲା ଲୋକକୁ କୁଟାଖିଏ ଯେମିତି ମିଳିଗଲା । ସେଇ ନିରନ୍ଧ୍ର ଅନ୍ଧକାରରେ ମୁଁ

Digitized by srujanika@gmail.com

ଛୁଇଁ ଦେଖିଲି ସେଇଟା ଥିଲା ମୁଁ ହଜାଇ ଦେଇଥିବା ମୋର 'ମମତା' ।'' ମୁଁ ଆବେଗରେ ତାକୁ ଜାବୁଡ଼ି ଧରିଲି ଆଉ କହୁଥିଲି-

''ଟିକି, ଦେଖ ମୁଁ ପାଇଛି । ମୋ ମମତାକୁ ମୁଁ ଖୋଜି ପାଇଛି । ଏଇ ଦେଖ, ନଦୀ ଜଳରେ ସେଥିରୁ ଆସକ୍ତିର ଧୂଳିସବୁ ଧୋଇ ହୋଇ ମୋ ମମତା କେମିତି ମୁକ୍ତା ଭଳି ଚକ୍ ଚକ୍ କରୁଛି ।''

ମୁଁ ଚିତ୍କାର କରୁଥିଲି । କିନ୍ତୁ ମୁଁ ଇଞ୍ଜିନିୟର ଅନୁଭବ ଦାସ ସ୍ୱୟଂ ଅନୁଭବ କରୁଥିଲି ମୋ ଚିତ୍କାର ମୋର ନିଜ କାନ ପର୍ଯ୍ୟନ୍ତ ପହଞ୍ଚିପାରୁନି । ଆଉ ତୁମେ ବା ମୋ ଡାକ ଶୁଣିଥାନ୍ତ କିପରି ?

ଟିକି, ତଥାପି ମୁଁ ଚିତ୍କାର କରୁଥିଲି ମୋ ଗଳା ଫାଟିବା ପର୍ଯ୍ୟନ୍ତ । କହୁଥିଲି-

''ଟିକି, ଏ ଟିକି-ଫେରିଆସ । ଫେରିଆସି ଦେଖ ମୋ ମମତା ।''

ହଠାତ୍ ମୋ ଡାକରେ ତୁମର ନିଦ୍ରା ଭାଙ୍ଗିଗଲା । ତୁମେ ଉଠିବସିଲ-ଆଖି ମଳିମଳି ଆଶ୍ଚର୍ଯ୍ୟ ହୋଇ ପଚାରିଲ-

''ଅନୁଭବ, ଆରେ ମୁଁ କେତେବେଳୁ ଶୋଇପଡ଼ିଥିଲି । ବାଘ କାହିଁ ? ଏତେ ଜୋର୍‌ରେ ବାଘ ଦେଖିଲା ଭଳି ପାଟି କରୁଛ ଯେ !''

ମୁଁ ଏତେ ଥଣ୍ଡାରେ ବି କପାଳରୁ ଝାଳ ପୋଛି କହୁଥିଲି-

''ହଁ ଟିକି, ବାଘ ଆସିଥିଲା । ତୁମେ ତାର ହେଣ୍ଟାଳ ଶୁଣିପାରିଲନି । କାରଣ ତୁମେ ଶୋଇ ପଡ଼ିଥିଲ । ଚାଲ ଶୋଇବା, ରାତି ସରିବାକୁ ବସିଲାଣି ଯେ !''

''ନା, ଅନୁଭବ, ମୁଁ ବାଘ ଦେଖିବି । ଆଜି ଆଉ ଶୋଇବିନି ।''

ଅବୁଝା ଛାତ୍ରୀକୁ ବୁଝାଇବା ଭଳି ମୁଁ କହୁଥିଲି-

''ନା, ଟିକି, ବାଘ ଆଉ ଆସିବନି । ଚିଡ଼ିୟାଖାନାର ବାଘକୁ ଯେତେବେଳେ ଚାହିଁବ ଦେଖିପାରିବ । କିନ୍ତୁ ଜଙ୍ଗଲୀ ବାଘ ରାତିରେ ଥରକ ପାଇଁ ଆସେ ।''

ମୁଁ ଆଉ କ'ଣ କହିଥାନ୍ତି - କିନ୍ତୁ ଦେଖିଲି ପ୍ରାଚୀ ଦିଗନ୍ତରେ ଉଷା ସୀମନ୍ତରେ କିଏ ଯେମିତି ଆଞ୍ଜୁଳା ଆଞ୍ଜୁଳା ସିନ୍ଦୂର ବୋଳିଦେଇଥିଲା । ରାତ୍ରିର ଅନ୍ଧାର ପରେ ଆଲୋକ ଆସୁଥିଲା । ରାତ୍ରିର ଅଦିନ ମେଘ ଅପସରି ଯାଇଥିବାରୁ ଆକାଶ ନିର୍ମଳ ଦେଖା ଯାଉଥିଲା । ବନ୍ୟ ବିହଙ୍ଗମର ସାହାନାଇ କୁଜନରେ ବନାନୀର ସବୁଜିମା ଯେମିତି ନବବଧୂର ସଲଜ ହସ ହସି କହୁଥିଲା- ''କାନ୍ଦିବ ଯଦି କାନ୍ଦ, ତେବେ ଲୁହ ଝରାଇ ନୁହେଁ, ହସି ହସି କାନ୍ଦ- ଆଉ ହସିବ ଯଦି ମନଖୋଲି ହସ, ଏମିତିକି କାନ୍ଦି କାନ୍ଦି ବି ହସ । ହସ ଆଉ ଖୁସି ହୁଅ, ଖୁସି ହୁଅ ଆଉ ସଦା ହସୁଥାଅ !!!''

Digitized by srujanika@gmail.com

ବିଜିତା ବିଜେତା

ଭଗବାନ୍ ସେହି ଜ୍ଞାନ, ସେଇ ଅନୁଭୂତି, ସେଇ ସଚେତନ, ଯାହାପରେ ଜ୍ଞାତବ୍ୟ ଆଉ କିଛି ନ ଥାଏ । ପ୍ରାଣୀ ଉତ୍ପତ୍ତିର ଅବ୍ୟକ୍ତ ପୂର୍ବକାଳ, ଜନ୍ମ-ମୃତ୍ୟୁର ବ୍ୟବଧାନ ମଧ୍ୟ-ବ୍ୟକ୍ତ କାଳ ଏବଂ ମୃତ୍ୟୁ ପରର ଅବ୍ୟକ୍ତ ପରକାଳର ସମସ୍ତ ଅଜ୍ଞାତ ବୃତ୍ତାନ୍ତ ତାଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ଜ୍ଞାତ ।

କିଏ ସେହି ଭଗବାନ୍ ? କେଉଁଠି ସେ ଥାଆନ୍ତି ?? ତାଙ୍କୁ କିଏ ଦେଖିଛି ??? ଯୁଗ ଯୁଗ ଧରି ମଣିଷ ତା'ର ଅଦୃଷ୍ଟ ସୃଷ୍ଟିର ପରିଚୟ ପାଇବାକୁ ଚିର ଅନିସନ୍ଧିତ୍ସୁ ହୋଇ ଆସିଛି !

ଦିନେ ସମ୍ରାଟ୍ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରରେ ଏଇ ପ୍ରଶ୍ନ ଉପସ୍ଥାପନ କରିଥିଲେ ସ୍ୱୟଂ ସମ୍ରାଟ୍ ।

ତାଙ୍କର ପ୍ରଶ୍ନର ଅତୁଆ ଖିଅ ଖୋଜିବାକୁ ଯାଇ ମହାନ୍ ବିଦ୍ୱାନ୍ କୂଟନୀତିଜ୍ଞ ମହାମନ୍ତ୍ରୀ ଚାଣକ୍ୟ କହିଥିଲେ-

''ମହାଭାଗ ! ମଣିଷ ଏକ ମାଟିର ଖେଳନା ଥିଲା । ବ୍ରହ୍ମା ସେ ଖେଳନାକୁ ନିର୍ମାଣ କରିଥିଲେ । ପାର୍ବତୀଙ୍କ କହିବା ଅନୁସାରେ ମହାଦେବ ଜୀବନ୍ୟାସ ଦେଇଥିଲେ । କିନ୍ତୁ କପିଳ ଋଷିଙ୍କ ମତରେ ଏ ସଂସାରକୁ ପ୍ରକୃତି ସୃଜନା କରିଥିଲେ । ଧରିତ୍ରୀ ଓ ଆକାଶର ସଂଭୋଗରେ ମଣିଷ ଜନ୍ମ ନେଲା । ସେ ଆହୁରି କହନ୍ତି- ମଣିଷର ଜନ୍ମ ଏକ ପୃଥକ୍ ଘଟଣା ନୁହେଁ, ଏହା ପଛରେ ଅବଶ୍ୟ ଆହୁରି ଅନେକ ରହସ୍ୟ ଲୁକ୍‌କାୟିତ ହୋଇରହିଛି । କିନ୍ତୁ ବେଦାନ୍ତ କପିଳ ମୁନିଙ୍କ କଥାକୁ ଅସ୍ୱୀକାର କରି ବ୍ରହ୍ମାଙ୍କୁ ହିଁ ସ୍ରଷ୍ଟା ରୂପେ ମାନେ । ସେ କହେ ବ୍ରହ୍ମା ହିଁ ଜୀବାତ୍ମା ଏବଂ ଆତ୍ମା ହିଁ ଈଶ୍ୱର । ମାତ୍ର ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି - ମୁଁ ସେହି ସମୟ, ଯାହାକୁ ଧରି ରଖିହୁଏନା । ମୁଁ ଉଭୟଙ୍କର ମୃତ୍ୟୁ ଅଟେ । ମୁଁ ଏ ଦୁନିଆର ଆଦି ଏବଂ ମୁଁ ହିଁ ଏ ଦୁନିଆର ଅନ୍ତ ।''

ମହାବୀର ଭଗବାନ୍‌ଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ଘୋଷଣା କରନ୍ତି - ଭଗବାନ୍

Digitized by srujanika@gmail.com

ବୋଲି ଏ ଦୁନିଆରେ କେହି ନାହାନ୍ତି । ଏଇ ଦୁନିଆ ନିଜେ ହିଁ ଆଦି, ସେ ନିଜର ଶକ୍ତି ବଳରେ ଛିଡ଼ା ହୋଇଛି । ଏହା ଧର୍ମ, ଅଧର୍ମ ଏବଂ ଆତ୍ମା ସବୁର ସଂଗ୍ରହରେ ତିଆରି ହୋଇଛି । ଏହାହିଁ ସବୁଠାରୁ ବଡ଼ ସଂଜ୍ଞା । କିନ୍ତୁ ଶାକ୍ୟମୁନି ଆଧାତ୍ମିକତାବାଦର ମଧ୍ୟ-ପଥର ପଥିକ ହୋଇ କହନ୍ତି 'ଈଶ୍ୱର ଥାଆନ୍ତୁ ବା ନ ଥାଆନ୍ତୁ ଏଇଟା ସତ୍ୟ ଯେ ଏ ସଂସାରରେ ଦୁଃଖ ଅଛି । ପ୍ରେମ ଓ ମନୋବିଜ୍ଞାନ- ଏ ସବୁ ବେକାର । ଏ ସବୁ ମହାମାୟା, ଧକ୍କା । କୌଣସି ଜିନିଷର ଆଦି ନାହିଁ କି ଅନ୍ତ ନାହିଁ । ଏହା ଏକ ପ୍ରବହମାନ ଧାରା । ସେ ବିଷୟଟିକୁ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି 'ଆମେ ଭାବୁ ଆମେ ଅଛୁ' ଅର୍ଥାତ୍ ଆମର ସ୍ଥିତି ଅଛି । କିନ୍ତୁ ପ୍ରକୃତରେ ଆମେ କିଛିନୋହୁଁ । ଏ ସଂସାରରେ ସବୁ ଅସ୍ଥାୟୀ । ଆତ୍ମାବି ସବୁବେଳେ ରହେନି । ଏହାର ମଧ୍ୟ ବିଲୟ ଘଟିପାରେ । ଏହା ଆତ୍ମାର ଅବଗମନ ନୁହେଁ, କର୍ମର ଅବଗମନ ଅଟେ । ମଣିଷକୁ କର୍ମଫଳ ଭୋଗିବାକୁ ହିଁ ପଡ଼ିବ । ମଣିଷର ଜୀବନ ଏକ ଜଳନ୍ତା ପ୍ରଦୀପ, ଯାହାକୁ ଫୁଙ୍କି ଲିଭାଇ ଦିଆଯାଇପାରେ ।

ମହାମନ୍ତ୍ରୀ ହୁଏତ ଆଉ କ'ଣ କହିଥାନ୍ତେ । କିନ୍ତୁ ସମ୍ରାଟ୍ ଚନ୍ଦ୍ରଗୁପ୍ତ ସେ କଥାର ପୂର୍ଣ୍ଣଚ୍ଛେଦ ପକାଇ ଆଉ ଏକ ପ୍ରଶ୍ନ କରିଥିଲେ : ''ମହାମନ୍ତ୍ରୀ । ମୋର ଆଉ ଏକ ସନ୍ଦେହ ରହିଛି । ଆପଣଙ୍କ ରାଜନୀତି ଗତାନୁଗତିକତା ତଥା ଅନେକ ଶିଳା-ଆଲେଖ୍ୟ ବିରୁଦ୍ଧରେ ଯାଉଛି ବୋଲି ବେଳେବେଳେ ମୋର ସଂଶୟ ହୁଏ । ଆପଣ କ'ଣ ଚାହାନ୍ତି ରାଜନୀତିରେ ଧର୍ମର ସ୍ଥାନ ନ ରହୁ !''

ଅର୍ଥଶାସ୍ତ୍ରର ପ୍ରଣେତା ମହାମନ୍ତ୍ରୀ ସମ୍ରାଟ୍‌ଙ୍କ ବାଚାଳତା ଶ୍ରବଣ ପୂର୍ବକ ଈଷତ୍ ହସି କହିଲେ-

''ମହାଭାଗ ! ମୁଁ ସ୍ୱୀକାର କରୁଛି ଯେ ମୋ ପ୍ରଣୀତ ରାଜନୀତିରେ ତଥାକଥିତ ଧର୍ମର ସ୍ଥାନ ରହୁନି । କାରଣ ଏହା ରାଜନୀତି-ଧର୍ମନୀତି ନୁହେଁ । ରାଜନୀତିର ଯଜ୍ଞ କୁଣ୍ଡରେ ଅନେକ ବିଶ୍ୱସ୍ତ ଓ ବଶମ୍ୱଦ ଦୁର୍ଦ୍ଧର୍ଷର ଆହୁତି ଅଥବା ଅବିଶ୍ୱାସ-ବିଶ୍ୱାସର ଜନକ ଅନେକ ନନ୍ଦବଂଶକୁ ବଳି ଦେବା ଏକ ଦୈନନ୍ଦିନ ଘଟଣା । ଏଥିରେ ଆପଣଙ୍କ ଭଳି ଧୀମାନ୍ ବ୍ୟକ୍ତି ବିଚଳିତ ହେବା ଅଶୋଭନୀୟ । ମୁଁ ବିଶ୍ୱାସ କରେ ଧର୍ମ ସମାଜଦ୍ୱାରା ସୃଷ୍ଟ । ଲକ୍ଷ୍ମଣଙ୍କର ଗାର ସଦୃଶ ଏହି ନାମଧାରୀ ସୀମାରେଖା ସମାଜର ସମସ୍ତ ନୀତି-ନିୟମକୁ ନିୟନ୍ତ୍ରଣ କରେ । ଏହାକୁ ଡେଇଁ ନଗଲେ ଶାସନକଳ ସ୍ଥାଣୁ ପାଲଟିଯାଏ । ରାଜନୀତି-ବିଜ୍ଞାନ ସମାଜର ଉନ୍ନତି କଳ୍ପେ ସୃଷ୍ଟ । ସେଇ ସମାଜର ହିତ ପାଇଁ ସାମାଜିକ ସଂବିଧାନର ଉର୍ଦ୍ଧ୍ୱରେ କିଛି କାମ କଲେ ତାହା ମୋ ଆଖିରେ ଦୋଷାବହ ନୁହେଁ । ରାଜନୀତିରେ ଧର୍ମର ପ୍ରବେଶ ସାମୟିକ ଭାବେ ସାମାଜିକ ଉନ୍ନତି ନିମନ୍ତେ ପ୍ରତିବନ୍ଧକ ବ୍ୟତିରେକେ ଅନ୍ୟ କିଛି ନୁହେଁ । ଏଣୁ ମୋ ସୃଷ୍ଟ ରାଜନୀତି ଧର୍ମର ଲକ୍ଷ୍ମଣ-ଗାରଦ୍ୱାରା ନିୟନ୍ତ୍ରିତ ନୁହେଁ ।

ସଭାସଦ୍‌ବର୍ଗ ମନ୍ତ୍ରମୁଗ୍ଧ ପ୍ରାୟେ କୌଟିଲ୍ୟଙ୍କର ଶ୍ରୁତିର ଅଶ୍ରୁତ ଏହି କୁଟିଳ ବ୍ୟାଖ୍ୟା

Digitized by srujanika@gmail.com

ଶୁଣିଚାଲିଥିଲେ । ଯାହାଙ୍କର କୂଟନୀତି ଉପରେ ବିଶାଳ ମୌର୍ଯ୍ୟ-ସାମ୍ରାଜ୍ୟ ଗଠିତ, ସେଇ ଚାଣକ୍ୟଙ୍କର ଉତ୍ତରକୁ ଅବମାନନା କରିବାର ଆସ୍ପର୍ଦ୍ଧା କାହାର ଅଛି ?

କିନ୍ତୁ ଅଚାନକ ଏକ ଅଘଟଣ ଘଟିଲା । ସମସ୍ତଙ୍କୁ ଅହେତୁକ ବିସ୍ମୟରେ ବିସ୍ମିତ କରି ଅଦୂରରୁ ଏକ ଗୁରୁଗମ୍ଭୀର ସ୍ୱର ଭାସି ଆସିଲା-

''ମହାଭାଗ, ଭଗବାନ୍ ମଣିଷର ସ୍ରଷ୍ଟା । ଆଉ ମଣିଷ ସମାଜର ଜନ୍ମଦାତା । ଧର୍ମ ହିଁ ମଣିଷ ଓ ଭଗବାନଙ୍କ ମଧ୍ୟରେ ଥିବା ଶୂନ୍ୟ ସ୍ଥାନକୁ ପୂରଣ କରିଥାଏ । ସତ୍ୟ ହିଁ ଧର୍ମ । ଯେଉଁ ରାଜନୀତିରେ ଧର୍ମକୁ ଅନୁଚିତ ଭାବେ ଉପେକ୍ଷା କରାଯାଏ, ସେଥିରେ ସତ୍ୟର ସ୍ଥାନ ନାହିଁ ବୋଲି ବୁଝିବାକୁ ପଡ଼ିବ । ସେ ରାଜନୀତି ସୁବିଧାବାଦର ଏକ ମହାରଣ୍ୟ- ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ । ଏଥିରେ ମହାମନ୍ତ୍ରୀ ଦ୍ୱିମତ ପ୍ରକାଶ କରିବେନି ବୋଧହୁଏ ।''

ଚାଣକ୍ୟ ପ୍ରଶ୍ନକର୍ତ୍ତାଙ୍କ ପ୍ରତି କ୍ଷଣିକ ଦୃଷ୍ଟି ନିକ୍ଷେପ କରି ପ୍ରଶ୍ନ କଲେ-

''ଯୋଗୀ ! ତୁମେ ଧର୍ମ ବିଷୟରେ ଆଉ କୁହୁଡ଼ିର ଘର ତୋଳନା । କହିପାରିବ ତୁମ ଧର୍ମର ସ୍ରଷ୍ଟା କିଏ ?''

''ଭଗବାନ୍ !'' ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲେ ଯୋଗୀ କୁମାରଗିରି ।

''କହିପାରିବ ଭଗବାନ୍‌ଙ୍କର ସ୍ରଷ୍ଟା କିଏ ?

ଏହା ଥିଲା କୌଟିଲ୍ୟଙ୍କର କୁଟିଳତାର ଘନ କୁହୁଡ଼ି ।

ଉପସ୍ଥିତ ସଭାସଦ୍, ପାତ୍ରମନ୍ତ୍ରୀ ଏହି ପ୍ରଶ୍ନରେ ଅକସ୍ମାତ୍ ପ୍ରକଂପିତ ହୋଇଉଠିଲେ । ସତରେ ମଣିଷକୁ ଭଗବାନ ସୃଷ୍ଟି କରିଛନ୍ତି, କିନ୍ତୁ ଭବବାନଙ୍କୁ ?? ଏହି ସମୟରେ ସମସ୍ତଙ୍କୁ ଆଚମ୍ୱିତ କରି ଯୋଗୀ କୁମାରଗିରି ତାଙ୍କର ସ୍ୱଭାବସୁଲଭ ଗୁରୁଗମ୍ଭୀର ସମ୍ମୋହକ କଣ୍ଠରେ ଉତ୍ତର ଦେଲେ-

''ଭଗବାନ୍ ନିରାକାର । ତାଙ୍କର ଆକାର ନାହିଁ କି ପ୍ରକାର ନାହିଁ । ସେ ଅନନ୍ତ- ତାଙ୍କର ଆଦି ଅଥବା ଅନ୍ତ କିଛି ନାହିଁ । ସେ ସ୍ଥାବର ଜଂଗମର ସ୍ରଷ୍ଟା । ଅଖିଳ ଜଗତର ସୃଷ୍ଟି, ସ୍ଥିତି, ଲୟ ଯେ ଭଗବାନଙ୍କର ଅଚିନ୍ତନୀୟ ଲୀଳାର ଅନ୍ତର୍ଭୁକ୍ତ ବିଷୟ, ଏକଥା ଆପଣଙ୍କୁ କହିବା ନିଷ୍ପ୍ରୟୋଜନ । ଭଗବାନଙ୍କର ବିରାଟ ଶରୀର ଅତ୍ୟନ୍ତ ସ୍ଥୂଳ ପଦାର୍ଥ ମଧ୍ୟରେ ସ୍ଥୂଳତମ ଏବଂ ତହିଁରେ ଭୂତ, ଭବିଷ୍ୟତ ଏବଂ ବର୍ତ୍ତମାନ ଆଦି ସମସ୍ତ ଜଗତ ଆତ୍ମପ୍ରକାଶ କରିଥାଏ । ଭଗବାନଙ୍କ ପାଦ ତଳକୁ ପାତାଳ, ଚରଣର ଅଗ୍ରଭାଗ ଓ ପଶ୍ଚାଦ୍‌ଭାଗକୁ ରସାତଳ, ଗୁଳ୍‌ଫ ଦୁଇଟିକୁ ମହଦ୍‌ତଳ, ଜଙ୍ଘଦୁଇଟିକୁ ତଳାତଳ, ଜାନୁଦୁଇଟିକୁ ସୁତଳ, ଉରୁ ଦୁଇଟିର ନିମ୍ନ ଭାଗକୁ ବିତଳ ଓ ଉର୍ଦ୍ଧ୍ୱ ଭାଗକୁ ଅତଳ, କଟୀଦେଶକୁ ପୃଥିବୀ, ନାଭି ହ୍ରଦକୁ ଆକାଶ, ବକ୍ଷ ସ୍ଥଳକୁ ସ୍ୱର୍ଗ, ଗ୍ରୀବା ଦେଶକୁ ମହାଲୋକ, ମୁଖକୁ ଜନଲୋକ, ଲଲାଟକୁ ତପଲୋକ, ମସ୍ତକକୁ ସତ୍ୟଲୋକ ବୋଲି କୁହାଯାଏ ।

Digitized by srujanika@gmail.com

ବ୍ରାହ୍ମଣ ତାଙ୍କର ମୁଖ, କ୍ଷତ୍ରିୟ ତାଙ୍କର ବାହୁ, ବୈଶ୍ୟ ତାଙ୍କର ଉରୁ, ଶୂଦ୍ର ତାଙ୍କର ଚରଣ ଏବଂ ଯଜ୍ଞ ତାଙ୍କର ଅଭିପ୍ରେତ କର୍ମ । ସ୍ଥାବର-ଜଂଗମର ସ୍ରଷ୍ଟା ଭଗବାନଙ୍କର ସ୍ରଷ୍ଟା କିଏ ବୋଲି ପ୍ରଶ୍ନ କରିବା ଧୃଷ୍ଟତା ମାତ୍ର । ସେ ସ୍ୱୟଂ ନିଜର ସ୍ରଷ୍ଟା । ସ୍ୱ-ସଂକଳ୍ପରୁ ସେ ଜାତ । ତାଙ୍କୁ ସୃଷ୍ଟି କରିବ ଏମିତି କିଏ ଅଛି ???''

କୁମାରଗିରିଙ୍କ କଥା ଶୁଣି ଚାଣକ୍ୟ ମୃଦୁ ହସି ଅବିଚଳିତ ଭାବେ କହିଲେ-

''ଯୋଗୀ ! ଭାଗବତ ଚର୍ଚ୍ଚା ତୁମର ମୁଁ ଶୁଣିଲି । କିନ୍ତୁ ତୁମକୁ କହିବାକୁ ପଡ଼ିବ ଯେ ତୁମେ କେବେ ଭଗବାନ୍‌ଙ୍କୁ ଦେଖିଛ ? ସତରେ ତୁମେ କ'ଣ ତାଙ୍କୁ ଅନୁଭୂତି ମଧ୍ୟରେ ପାଇଛ ? ଯେଉଁ ଭଗବାନ୍ ଏ ବିଶ୍ୱର ସ୍ରଷ୍ଟା ତାଙ୍କୁ ତୁମର ଏଇ ସୂକ୍ଷ୍ମ ଭାବନା ଶକ୍ତିରେ ସତେ କ'ଣ ରୂପରେଖ ଦେଇ ଦେଖିଛ ? ବରଂ ମୁଁ କହିବି ତୁମେ ଯେଉଁ ଭଗବାନଙ୍କୁ ଦେଖିଛ ସେ ଭଗବାନ୍ ନୁହନ୍ତି । ସମାଜ ଅତୀତରୁ ଆମ ଆଖି ଆଗରେ ଯେଉଁ ପ୍ରସ୍ତର ପ୍ରତିମୂର୍ତ୍ତି ଥୋଇଦେଇ ଯାଇଛି, ଆମେ ଅନ୍ଧ ହୋଇ ତାକୁ ଭଗବାନ୍ ବୋଲି ଗ୍ରହଣ କରିନେଇଛୁ । ମୋର ମତ ହେଲା ଯେଉଁ ଭଗବାନ୍‌ଙ୍କୁ ଆମେ ପୂଜା କରୁ ସେ ଆମର ମାନସ-ସୃଷ୍ଟ ଏକ ପ୍ରତିମୂର୍ତ୍ତି ଭିନ୍ନ ଅନ୍ୟ କିଛି ନୁହେଁ । ସମାଜରେ ବିଭିନ୍ନ ଧର୍ମର ଲୋକେ ବାସ କରନ୍ତି । ସେଥିପାଇଁ ସେମାନେ ଭଗବାନ୍‌ଙ୍କୁ ବିଭିନ୍ନ ରୂପରେ ପୂଜା କରିଥାନ୍ତି, ଭଗବାନ୍ ଏକ ଓ ଅଭିନ୍ନ ବୋଲି ତୁମେ ମୋ ସହିତ ଅବଶ୍ୟ ଏକମତ ହେବ । ସେ ହିଁ ସମସ୍ତ ଧର୍ମର ନୀତିନିୟମ-ପ୍ରଣୟକ । ତେଣୁ ପ୍ରତି ଧର୍ମର ସମସ୍ତ ଆଚାର ସମାନ ରହିବା ଆବଶ୍ୟକ ନୁହେଁ କି ? କିନ୍ତୁ ତାହା ହୁଏନି । ଧର୍ମର ଆଚାର ବିଚାର ନେଇ ଭଗବାନଙ୍କ ରୂପରେଖ ସଦା ପରିବର୍ତ୍ତିତ ହୁଏ । ଏଣୁ ରାଜନୀତିରେ ଧର୍ମକୁ ସ୍ଥାନ ଦେଲେ, ସାମାଜିକ ନୀତିନିୟମର ଭାରସାମ୍ୟ ରକ୍ଷା କରିବା ଦୁରୂହତମ୍ ବ୍ୟାପାର ହୋଇପଡ଼େ । ମଣିଷର ଅନ୍ତଃସ୍ୱର ଧର୍ମଦ୍ୱାରା ପ୍ରଭାବିତ ହେବା ଅପେକ୍ଷା ପାରିପାର୍ଶ୍ୱିକ ପରିବେଷ୍ଟନୀକୁ ହିଁ ମାନି ଚଳିଥାଏ । ତେଣୁ ମୋ ମତରେ ପ୍ରଥମଟି ଅପେକ୍ଷା ଶେଷୋକ୍ତଟି ବେଶି ପ୍ରଣିଧାନଯୋଗ୍ୟ । ଏଥିପାଇଁ ମୋର ରାଜନୀତି ଧର୍ମ ଅପେକ୍ଷା ସମାଜର ପାରିପାର୍ଶ୍ୱିକ ଅବସ୍ଥା ପଛରେ ଗଭୀରଭାବେ ଅନୁଧାବିତ ।''

ଚାଣକ୍ୟ ନିଜ ଯୁକ୍ତିର ଉପସଂହାର କଲେ । ସମସ୍ତେ ଏଇ ଉକ୍ତି ମଧ୍ୟରେ ଯେମିତି ଆତ୍ମବିସ୍ମୃତ ହୋଇ ପଡ଼ିଥିଲେ କେତେକ୍ଷଣ ପାଇଁ । ହଠାତ୍ ଅଭିନିବେଶ ଭାଙ୍ଗିଗଲା କାହାର ପାଦଶବ୍ଦରେ- ମୂର୍ଚ୍ଛିତ ରାଜଦରବାର କଂକଣ ଓ ନୂପୁରର ରିଣିଝିଣି ଗୁଂଜନରେ ଆମୋଦିତ ହୋଇଉଠିଲା ରାଜନର୍ତ୍ତକୀ ଚିତ୍ରଲେଖାର ପ୍ରବେଶ କ୍ଷଣରେ । ହାସ୍ୟ ବିଲୋଳିତ ଆଖିର ସ୍ରୋତରେ ଚଞ୍ଚଳତା, ସେଥିରେ କେବଳ ଲମ୍ଫଦେଇ ସନ୍ତରଣ କରିବାର ଆମନ୍ତ୍ରଣ ଭରା । ଉପସ୍ଥିତ ଗୁରୁ ପରିବେଶକୁ ଲଘୁ କରିପକାଇଲେ ଚିତ୍ରଲେଖା । ସମ୍ରାଟଙ୍କ ଅଂଗୁଳି ଇଙ୍ଗିତରେ କ୍ଷଣକ ମଧ୍ୟରେ ସମସ୍ତେ ସେଇ ନୃତ୍ୟ ମଧ୍ୟରେ ଆତ୍ମସମ୍ମୋହିତ ହୋଇପଡ଼ିଲେ ।

Digitized by srujanika@gmail.com

ଯୋଗୀ କୁମାରଗିରି ଏ ପର୍ଯ୍ୟନ୍ତ ଆଖି ବୁଜି ସମାଧିସ୍ଥ ହୋଇଥିଲେ ଯେମିତି । ହଠାତ୍ ସେ ମୃତ୍ୟୁର ରସଭଙ୍ଗ ପୂର୍ବକ ଚିତ୍କାର କରିଉଠିଲେ-

''ପାଇଛି ! ପାଇଛି । ମୁଁ ନୃତ୍ୟରେ ଭୋଳ ହୋଇ ଯାଇଥିବା ସଭାସଦ୍‌ବର୍ଗ ଯୋଗୀଙ୍କର ଏଇ ବାଚାଳତା ପାଇଁ କ୍ଷୋଭ ପ୍ରକାଶ କରୁଥିଲେ । ଚିତ୍ରଲେଖାର ନୃତ୍ୟ ବନ୍ଦ ହୋଇ ଯାଇଥିଲା । ଯୋଗୀ କୁମାରଗିରିଙ୍କ ଆଖିରେ ସାଗରର କଳା ଘୁମର ପାଣି ପରି ରଙ୍ଗ- ସେଥିରେ ଅତଳ ଗଭୀରତା । ସେଥିରେ ନିମଜ୍ଜିତ ହେବା କ'ଣ ଏତେ ସହଜ !''

ଚାଣକ୍ୟ କିନ୍ତୁ ଏ ସୁଯୋଗର ସଦ୍‌ବ୍ୟବହାର କରିବାକୁ ବସିଲେ । ସେ ସମ୍ରାଟ୍‌ଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଯାଇ କୁଟିଳ ହସ ହସି କହିଲେ-

''ମହାଭାଗ ! ଯୋଗୀ କୁମାରଗିରି ଆମ ସମସ୍ତଙ୍କୁ ଭଗବାନ ଦର୍ଶନ କରାଇବେ । ଏହା ଆପଣଙ୍କର ଅନୁମତି ସାପେକ୍ଷ ।''

ସମ୍ରାଟ୍ ଅଚିରେ ସମ୍ମତି ପ୍ରଦାନ କଲେ ।

ଏଥର କୁମାରଗିରି ଯଜ୍ଞ ବେଦୀ ଆଡ଼କୁ ଅଗ୍ରସର ହେଲେ । ସେ ବଡ଼ ବିଚିତ୍ର ଭାବରେ ଅଙ୍ଗୁଳି ସଂଚାଳନ କରିବାକୁ ଲାଗିଲେ । ଏହି ସମୟରେ ଏକ ଅଦ୍‌ଭୁତ ଘଟଣା ଘଟିଲା । ସମସ୍ତେ ଲିଭିଯାଇଥିବା ଯଜ୍ଞ କୁଣ୍ଡ ମଧ୍ୟରୁ ହଠାତ୍ ଅଗ୍ନି ପ୍ରଜ୍ୱଳିତ ହେବାର ଲକ୍ଷ୍ୟ କଲେ । ତାହା କ୍ରମଶଃ ଉଜ୍ଜ୍ୱଳତର ହେବାକୁ ଲାଗିଲା । ଚାରିଆଡ଼େ କେବଳ ଆଲୋକ । ନିବିଡ଼ ଘନ ଆଲୋକର ଦ୍ୟୁତି । ଏକ ଭୟଙ୍କର ଭୟର ଜୁଆରରେ ସମସ୍ତେ ଯେମିତି ଥରି ଉଠିଲେ । ସୂର୍ଯ୍ୟ ପରି ଉଜ୍ଜ୍ୱଳ ଅଥଚ କି ଶାନ୍ତ, କି ଶୀତଳ !

କୁମାରଗିରିଙ୍କ ସମ୍ମୋହକ କଣ୍ଠସ୍ୱର ଭାସିଆସୁଥିଲା ।

''ଯାହା ଦେଖୁଛ ତାହା ସତ୍ୟ । ଯାହା ସତ୍ୟ ତାହା ଈଶ୍ୱର । ଈଶ୍ୱର ହିଁ ଚିର ସତ୍ୟ ଓ ସତ୍ୟ ହିଁ ଶିବ- ଆଉ ଶିବ ହିଁ ସୁନ୍ଦର ।''

''ମିଥ୍ୟା ! ସମ୍ପୂର୍ଣ୍ଣ ମିଥ୍ୟା । ମୁଁ କିଛି ଦେଖିପାରୁନି ।'' ଚାଣକ୍ୟ ଚିତ୍କାର କରିଉଠିଲେ । ସମସ୍ତଙ୍କର ଦୃଷ୍ଟି ଚାଣକ୍ୟଙ୍କ ଆଡ଼କୁ ଆକୃଷ୍ଟ ହେଲା । ବୃଦ୍ଧ ମହାମନ୍ତ୍ରୀଙ୍କର ମତିଭ୍ରମ ଘଟିନିତ !

କୁମାରଗିରିଙ୍କ କଣ୍ଠସ୍ୱର ତରଂଗାୟିତ ହୋଇ ଭାସିଆସୁଥିଲା ।

''ଯେଉଁମାନେ ଏଇ ଚିର ସତ୍ୟ, ଏଇ ଆଲୋକରୂପୀ ଭଗବାନଙ୍କୁ ଅସ୍ୱୀକାର କରନ୍ତି ସେମାନଙ୍କୁ ଅଜ୍ଞତାର ଅନ୍ଧକାରରୁ ଆଲୋକକୁ ଆଣିବାକୁ ଭଗବାନ ସ୍ୱୟଂ ତମସାର ଅବତାର ଧାରଣ କରନ୍ତି । ଏଇ ଦେଖନ୍ତୁ- ଭଗବାନ ଆଲୋକରୁ ଅନ୍ଧକାର ରୂପ ନେଉଛନ୍ତି- ଭଗବାନ୍ ଧର୍ମ ସଂସ୍ଥାପନ ପାଇଁ ଅବତାର ଧାରଣ କରୁଛନ୍ତି ।''

ମୁହୂର୍ତ୍ତକ ମଧ୍ୟରେ ସେଇ ଆଲୋକରାଶି ଘନୀଭୂତ ହୋଇ ଏକ ବିନ୍ଦୁରେ ପରିଣତ ହୋଇଗଲା । ସେଇ ବିନ୍ଦୁ ଘନ ଅନ୍ଧାର ମଧ୍ୟରେ ମିଶିଗଲା ।

Digitized by srujanika@gmail.com

କୁମାରଗିରି ପୁନଶ୍ଚ କହୁଥିଲେ-

"ପ୍ରଥମ ପର୍ଯ୍ୟାୟରେ ଏଇ ସୃଷ୍ଟି ଜଳମଗ୍ନ ଥିଲା । ଲୁପ୍ତ ପ୍ରାୟ ନିରାଲମ୍ବ ଜ୍ଞାନ ବେଦକୁ ଉଦ୍ଧାର କରିବାକୁ ଭଗବାନ ମୀନ ଅବତାର ଗ୍ରହଣ ପୂର୍ବକ ଶଂଖାସୁରକୁ ହତ୍ୟାକଲେ । ଏହି ଜଳମୟ ବିକାରର ମଧ୍ୟମ ସୋପାନରେ ରସାତଳଗାମୀ ପୃଥିବୀ କଚ୍ଛପାବତାରରେ ରକ୍ଷା ପାଇଲା । ଜଳମୟ ସଭ୍ୟତାର ଅନ୍ତିମ ପର୍ଯ୍ୟାୟରେ ପ୍ରଳୟ ପ୍ଲାବନରୁ ପୃଥିବୀକୁ ଦନ୍ତାଗ୍ରରେ ଧାରଣ କରି ଆଦିପୁରୁଷ ବରାହରୂପୀ ବିଷ୍ଣୁ ଆବିର୍ଭୂତ ହେଲେ । ଏହା ମନୁଷ୍ୟ ସଭ୍ୟତାର ପ୍ରଥମ ନିଦର୍ଶନ । ତାପରେ ଆଣବିକ ସଭ୍ୟତାର ପ୍ରଥମ ପର୍ଯ୍ୟାୟରେ ଅର୍ଦ୍ଧ ପଶୁ ଅର୍ଦ୍ଧ ମଣିଷ ନୃସିଂହ ହିରଣ୍ୟକଶିପକୁ ନିଧନ କରି ଦାନବରାଜ ପ୍ରହ୍ଲାଦକୁ ଅଭୟ ଦେଲେ । ପ୍ରହ୍ଲାଦଙ୍କ ପୁତ୍ର ବିରୋଚନ ଏବଂ ପୌତ୍ର ବଳି । ଏହି ଅନ୍ଧାରରୂପୀ ବଳିକୁ ତ୍ରିପାଦ ଭୂମି ଛଳରେ ବାମନରୂପୀ ବିଷ୍ଣୁ ପ୍ରତାରିତ କରି ପୃଥିବୀରେ ପ୍ରଥମ ଊଷାର ଆଲୋକ ସିଂଚନ କଲେ । ତାପରେ ପ୍ରତିହିଂସାର ଅବତାର ପର୍ଶୁରାମ । ଅନ୍ୟାୟ ବିରୋଧର ଏକ ନିଷେଧାତ୍ମକ ଆତ୍ମପ୍ରତ୍ୟୟ ଉପରେ ପର୍ଶୁରାମ ବେଶିଦିନ ତିଷ୍ଠିପାରିଲେନି । ତାପରେ ଅଭୀପ୍‌ସିତ ଯୁଗାନ୍ତକାରୀ ମନୁଷ୍ୟ - ଶ୍ରୀରାମଚନ୍ଦ୍ର । ସେ ଅନ୍ୟାୟର ବିରୋଧ କରିବା ସଂଗେ ସଂଗେ ସୃଷ୍ଟି ପ୍ରତି ଏକ କାରୁଣିକ ଦୃଷ୍ଟିଭଙ୍ଗୀ ପ୍ରକାଶ କଲେ । ତାପରେ କୃଷ୍ଣ ଓ ବଳରାମ ଉଚ୍ଛ୍ୱସିତ ମାନବବାଦର ସଂକେତ ବହନ କରି ରାମଚନ୍ଦ୍ରଙ୍କ ଆଦର୍ଶକୁ ସଂପ୍ରସାରିତ କଲେ । ତାପରେ ଜନ୍ମନେଲେ ବୁଦ୍ଧ । ସେ ଅହିଂସା ଓ ପ୍ରେମର ପ୍ରତୀକ । ତାଙ୍କର ସଂସ୍କାର ମୁଖ୍ୟତଃ ବ୍ୟକ୍ତି ଜୀବନ ଓ ସାମାଜିକ କ୍ଷେତ୍ରରେ ଆବଦ୍ଧ ରହିଲା, ଦୀର୍ଘ ଶାସନତନ୍ତ୍ରକୁ ସ୍ପର୍ଶ କରିପାରିଲାନି । ତାଙ୍କର ଆଦର୍ଶବାଦ ଉପରେ ପର୍ଯ୍ୟବସିତ ଶାସନତନ୍ତ୍ର କାଳକ୍ରମେ ଉତ୍ସାହବିହୀନ ହୋଇ ଦୁର୍ବଳ ହୋଇପଡ଼ିଲା । ଧର୍ମଠାରୁ ଶାସନ ଦୂରେଇଯିବାରୁ ଦେଶରେ ଦୁର୍ନୀତି ବ୍ୟାପିଗଲା । ପ୍ରଭୁଙ୍କର ଦଶମ ଅବତାର ବା ଶେଷ ଅବତାର ଏବେ ବି ବାକି ରହିଛି । ସେଇଟା କଲ୍‌କୀ ଅବତାର । ଲହ ଲହ ଲାଳାୟିତ ଜିହ୍ୱା ବିସ୍ତାରି ଶାଣିତ ଖଣ୍ଡା ଚଳାଇ ସେ ଧର୍ମର ସଂସ୍ଥାପନା କରିବେ । ଅନ୍ଧାରର ମୃତ୍ୟୁ ହେବ । ପୃଥିବୀ ପୁଣିଥରେ ନୂତନ ସୂର୍ଯ୍ୟାଲୋକରେ ଉଦ୍‌ଭାସିତ ହୋଇଉଠିବ ।"

କୁମାରଗିରି କହୁଥିଲେ-

"ଏହାହିଁ ଅବତାରବାଦ । ଏହାହିଁ ମାନବବାଦର ବିବର୍ତ୍ତନ । ଭଗବାନ୍‌ଙ୍କର ସ୍ଥିତିର ସମୁଜ୍ଜ୍ୱଳ ଉଦାହରଣ ।"

"ମିଥ୍ୟା । ତୁମେ ମିଥ୍ୟାବାଦୀ । ମୁଁ କିଛି ଦେଖିପାରିନି ।" ଚାଣକ୍ୟ ପାଗଳ ପ୍ରାୟେ ଚିତ୍କାର କଲେ ।

କୁମାରଗିରି ଏବେ ଆଖି ଖୋଲିଲେ । କ୍ଷଣକ ମଧ୍ୟରେ ସମସ୍ତେ ସଂବିତ୍ ଫେରିପାଇଲେ ଯେମିତି ।

Digitized by srujanika@gmail.com

ଏଥର ତୁମେ ମିଥ୍ୟାବାଦୀ ମହାମନ୍ତ୍ରୀ । ସମସ୍ତେ ଦେଖିଛନ୍ତି । ଅଥଚ ତୁମେ ସତ୍ୟର ଅପଳାପ କରୁଛ । କୁମାରଗିରି ସ୍ଥିର କଣ୍ଠରେ କହିଉଠିଲେ ।

ଚାଣକ୍ୟ ସମସ୍ତ ସଭାସଦ୍‌ଙ୍କ ମତାମତ ଲୋଡ଼ିଲେ । ସମସ୍ତେ ଦେଖିଛନ୍ତି । ଅଥଚ ସେ ?? ଅସମ୍ଭବ । ଆଜି ପ୍ରଥମ ଥର ପାଇଁ ବାର୍ଦ୍ଧକ୍ୟର ସୀମାରେଖା ଛୁଇଁ ତାଙ୍କର ଚକ୍ଷୁଦୁଇଟି ହୁଏତ ବିଶ୍ୱାସଘାତୀ ହୋଇଛି ।

ସତ୍ୟକୁ ସ୍ୱୀକାର କରି ସେ ମସ୍ତକ ଅବନତ କରି କହିଲେ-

''ଯୋଗୀ । ତୁମେ ବିଜେତା- ମୁଁ ପରାଜୟ ସ୍ୱୀକାର କରୁଛି । କିନ୍ତୁ ସଭାସଦ୍‌ଙ୍କୁ ଆଶ୍ଚର୍ଯ୍ୟ କରି ହଠାତ୍ ଅପ୍ରତ୍ୟାଶିତ ଭାବେ ନର୍ତ୍ତକୀ ଚିତ୍ରଲେଖା ପ୍ରତିବାଦ କରିଉଠିଲେ ।''

''ଯୋଗୀ ! ମୁଁ ବି କିଛି ଦେଖିନି, ସଭାସଦ୍‌ବର୍ଗଙ୍କ ଦୃଷ୍ଟିରେ ମହାମନ୍ତ୍ରୀ ମିଥ୍ୟାବାଦୀ ହୋଇପାରନ୍ତି; କିନ୍ତୁ ମୋ ଆଖିରେ ନୁହେଁ । ଯୋଗୀ, ମୁଁ ତୁମକୁ ତୁମର ସେଇ ସତ୍ୟ ଓ ଭଗବାନ୍‌ଙ୍କ ନାଆଁରେ ପଚାରିବି ସତରେ ତୁମେ କ'ଣ ସତ୍ୟ ଓ ଭଗବାନ୍‌ଙ୍କୁ ଦେଖିଛ ? ତୁମେ କିନ୍ତୁ ମନେରଖ ତୁମେ ସେତେବେଳେ ଆଖି ବୁଜି ରହିଥିବାର ମୁଁ ଦେଖିଛି ।''

ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ଯୋଗୀ କହିଲେ-

''ନା-ନର୍ତ୍ତକୀ-ନା...''

ଚାଣକ୍ୟ ଗଭୀର ଉତ୍ତେଜନାରେ ପ୍ରକମ୍ପିତ ହୋଇଉଠିଲେ । ଜୀବନରେ ପ୍ରଥମ ପରାଜୟକୁ ସେ ପରାଜିତ କରିବାକୁ ଚାହୁଁଥିଲେ ।

ଚିତ୍ରଲେଖା ପୁଣି କହିଲେ-

''ଏକଥା ସତ । ତୁମେ ତୁମର ଶକ୍ତିଶାଳୀ ଇଚ୍ଛାଶକ୍ତି ପ୍ରୟୋଗ କରି ତୁମର କଳ୍ପନାଜାତ ଭଗବାନଙ୍କ ରୂପକଳ୍ପ ଲୋକଙ୍କୁ ଦେଖାଇଛ । ଏହା କ'ଣ ମିଥ୍ୟା ନୁହେଁ ? ତୁମେ ଯୋଗୀ-ସତ୍ୟ ଓ ଭଗବାନଙ୍କୁ ଶପଥ କରି କୁହ ।''

''ହଁ, ତୁମେ ଠିକ୍ କହିଚ ନର୍ତ୍ତକୀ !''

ସମସ୍ତଙ୍କୁ ଅଶ୍ଚର୍ଯ୍ୟରେ ଉଦ୍‌ବେଳିତ କରି ଯୋଗୀ ଉତ୍ତର ଦେଲେ ।

''ତୁମକୁ ଆଉ ଏକ ପ୍ରଶ୍ନ ପଚାରିବି । ତୁମର ଇଚ୍ଛାଶକ୍ତି ଯାହାଠାରୁ ଶକ୍ତିଶାଳୀ ତାଙ୍କୁ କେବଳ ତୁମେ ତୁମର ସମ୍ମୋହନ-ଶକ୍ତିରେ ପ୍ରଭାବିତ କରିପାରିଛ । ମୁଁ ଓ ମହାମନ୍ତ୍ରୀ ତୁମଠାରୁ ଅଧିକତର ଶକ୍ତିଶାଳୀ ଇଚ୍ଛାଶକ୍ତିର ଅଧିକାରୀ । ତେଣୁ ଆମେ କିଛି ଦେଖିପାରିଲୁନି, ନୁହେଁ ?

କୁମାରଗିରି ମସ୍ତକ ହଲାଇ ସମ୍ମତି ସୂଚନା ଦେବା ପରେ ଚାଣକ୍ୟ ଚିତ୍ରଲେଖାଙ୍କ ମଥାରେ ବିଜୟ ମୁକୁଟ ପିନ୍ଧାଇ କହିଲେ-

''ହେ ନର୍ତ୍ତକୀ ! ତୁମେ ହିଁ ବିଜେତା । ତୁମେ ହିଁ ସତ୍ୟର ଉଦ୍‌ଘାଟିକା । ହେ ଯୋଗୀ ! ଆମ ରାଜନର୍ତ୍ତକୀ ଚିତ୍ରଲେଖା ତୁମର ବାଚାଳତା ପାଇଁ ତୁମକୁ ନିଜ ଇଚ୍ଛାରେ

Digitized by srujanika@gmail.com

ଦଣ୍ଡ ଦେଇପାରିବେ । ତୁମେ ଦଣ୍ଡିତ ହେବାପାଇଁ ପ୍ରସ୍ତୁତ ହୋଇ ରୁହ । ଏଥିପାଇଁ ସମ୍ରାଟଙ୍କ ଅନୁମତି ଚାହୁଁଛି ।''

କୁମାରଗିରି କ୍ଷୁବ୍ଧ ହୋଇ ଛିଡ଼ା ହେଲେ । କ୍ରୋଧରେ କମ୍ପିତ ହୋଇ କହିଲେ-

''କେହି ମୋତେ ଦଣ୍ଡ ଦେଇପାରିବେନି । କାରଣ ମୁଁ ସତ୍ୟର ପୂଜାରୀ ।''

''ମୁଁ କିନ୍ତୁ ତୁମକୁ ଦଣ୍ଡଦେବାର ଅଧିକାର ପାଇଛି ।'' ଚିତ୍ରଲେଖା ଲାସ୍ୟମୟୀ ଭଙ୍ଗୀରେ ଆଗେଇ ଆସିଲେ । ନିଜ ମଥାରୁ ଚାଣକ୍ୟଙ୍କ ପ୍ରଦତ୍ତ ବିଜୟ ମୁକୁଟକୁ ଯୋଗୀ କୁମାରଗିରିଙ୍କ ମଥାରେ ପିନ୍ଧାଇ ଦେଇ କହିଲେ-

''ତୁମେ ହିଁ ବିଜେତା । ଭଗବାନ୍ ବିଶ୍ୱାସରେ ମିଳନ୍ତି, ତର୍କରେ ଦୂରେଇ ଯାଆନ୍ତି । ଏକଶତ ବର୍ଷ ତପସ୍ୟାପରେ ବ୍ରହ୍ମା ଯାହାକୁ ଚକ୍ଷୁରେ ଦେଖିପାରିଲେନି ଅଥଚ ନିଜର ସ୍ୱାଭିମାନ ତ୍ୟାଗ କରି ନିଜର ହୃଦୟ ମଧ୍ୟରେ କ୍ଷଣକେ ନାରାୟଣଙ୍କ ସତ୍ତ୍ୱ ଉପଲବ୍ଧି କରିପାରିଲେ ସେଇ ନିରାକାର ପୁରୁଷଙ୍କୁ ଏଇ ନର ଆଖିରେ ଦେଖିବା ଧୃଷ୍ଟତା ମାତ୍ର । ତେଣୁ ମୁଁ ଆଜି ପରାଜିତା । ଯୋଗୀ ! ମୋତେ କ୍ଷମା କରିଦିଅ ।''

ଚିତ୍ରଲେଖାର ଆଖିରେ ଆଷାଢ଼ର ଉଷାମେଘର ଶୋଭାଯାତ୍ରା । ଯୋଗୀ କୁମାରଗିରି ସେଇ ମେଘ ଦେଖି ପ୍ରିୟାବିଧୁର ବିରହୀ ଯକ୍ଷ କଣ୍ଠରେ କହିବାକୁ ଚାହୁଁଥିଲେ-

''ତୁମେ ପରାଜିତା ନୁହଁ ଚିତ୍ରଲେଖା । ତୁମେ ବିଜିତ ବିଜେତା । ମୁଁ ଯାହାଏତେ ସାଧନା କରି ଜାଣିପାରିନଥିଲି ତୁମେ ତାହା ମୋତେ କେତେ ସହଜରେ ଶିଖାଇଦେଇପାରିଲ । ଭଗବାନ୍ ବାସ୍ତବରେ ବିଶ୍ୱାସରେ ମିଳନ୍ତି !''

କିନ୍ତୁ ସେ କିଛି କହିପାରିଲେନି- ଯେମିତି ସ୍ଥାଣୁ ପାଲଟି ଯାଇଥିଲେ । ଆନନ୍ଦ-ପୁଲକାଦି ଭାବରାଶିର ଅବିଶ୍ରାନ୍ତ ଘୂର୍ଣ୍ଣନ ମଧ୍ୟରେ ଦଳିଚକଟି ହୋଇ ଯେମିତି ଅନୁଭବ କରୁଥିଲେ - ଭଗବାନ୍ ସେହି ଜ୍ଞାନ, ସେଇ ଅନୁଭୂତି, ସେଇ ଚେତନା ଯାହା ପରେ ଜ୍ଞାତବ୍ୟ ଆଉ କିଛି ନଥାଏ !!

(ଭଗବତୀ ଚରଣ ବର୍ମାଙ୍କ ରଚିତ ପ୍ରଖ୍ୟାତ ହିନ୍ଦୀ ଉପନ୍ୟାସ, 'ଚିତ୍ରଲେଖା'ର ଛାୟାରେ ଲିଖିତ ଏବଂ ଚିତ୍ରଲେଖାର ସ୍ରଷ୍ଟାଙ୍କ ନିକଟରେ ଏହି ଗଳ୍ପଟି ସକୃତଜ୍ଞ ଉତ୍ସର୍ଗୀକୃତ)

Digitized by srujanika@gmail.com

ଜତୁଗୃହ

କଳାବତୀ କୁହୁକିନୀ ରାତ୍ରିର ବୟସ ବଢ଼ିଚାଲିଥିଲା ।

ବିଛଣାରେ କଡ଼ ଲେଉଟାଇଲେ ସଂବିତ୍ ଚୌଧୁରୀ- ଚୌଧୁରୀ ଜମିଦାରୀର ଶେଷ ଦୀପଶିଖା । ଜୀବନ ତାଙ୍କର ଏଇ ଅବକ୍ଷୟମାନ ଅର୍ଦ୍ଧଶତାବ୍ଦୀର ଚଳନ୍ତି ଇତିହାସ । ସେଦିନର ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଫିରିଙ୍ଗିର ଚିର ଶତ୍ରୁ ଏବଂ ସ୍ୱାଧୀନୋତ୍ତର ସମୟର ଜନପ୍ରିୟ ବିଧାୟକ, ଭୂତପୂର୍ବ ଶିକ୍ଷାମନ୍ତ୍ରୀ, ସଦ୍ୟ ଘୋଷିତ ବିଧାୟକ ଦଳର ନେତା ! ଆଉ କେତେଘଣ୍ଟା ପରେ ଆସନ୍ତାକାଲିର ସୂର୍ଯ୍ୟ ତାହାର ପ୍ରଥମ କିରଣ ଏଇ ଭାବୀ ମୁଖ୍ୟମନ୍ତ୍ରୀଙ୍କ ଚରଣରେ ଅର୍ପଣ କରି ଅଭିନନ୍ଦନ ଜଣାଇବ । ବହୁ ଦିନର ସ୍ୱପ୍ନ ତାଙ୍କର ସାକାର ହେବ !

ହଠାତ୍ ବାହାରେ ଘୋଡ଼ାର ଟାପୁ ଶବ୍ଦ ଶୁଣିଲେ ସଂବିତ୍ ଚୌଧୁରୀ । ଏତେ ରାତିରେ, ଆସନ୍ନ ଝଡ଼ର ବିଭୀଷିକା ମଧ୍ୟରେ କିଏ ସେଇ ଏକାକୀ ଅଶ୍ୱାରୋହୀ ? ଝରକା ଫାଙ୍କରେ ଦେଖିଲେ ଅଶ୍ୱପୃଷ୍ଠରେ ବସିଛନ୍ତି ଜଣେ ସୁଦର୍ଶନ ପୁରୁଷ, ଆଖିରେ ଚଶମା, ମୁଣ୍ଡରେ ଟୋପି, ସୁଠାମ ଦେହ, ସାମରିକ ପୋଷାକରେ ଆଚ୍ଛାଦିତ । ଦ୍ରୁତ ଗତିରେ ସେ ଅନ୍ତର୍ହିତ ହୋଇଗଲେ । ହଠାତ୍ ବାୟୁମଣ୍ଡଳ ତାଙ୍କର ବଜ୍ର କଣ୍ଠରେ ତରଙ୍ଗାୟିତ ହୋଇଉଠିଲା- 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।' ପରକ୍ଷଣରେ ସେଇ ଏକାକୀ ଅଶ୍ୱାରୋହୀ ଅତି ଅସ୍ୱାଭାବିକ ଭାବରେ ଉପଗଳିର ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ମଧ୍ୟରେ ଯେମିତି ବିଲୀନ ହୋଇଗଲା ! ହଠାତ୍ ସଂବିତ୍ ଫେରି ପାଇଲେ ସଂବିତ୍ ଚୌଧୁରୀ ! ତାହେଲେ ସେ ସ୍ୱପ୍ନ ଦେଖୁଥିଲେ !!

ନେତାଜୀଙ୍କ ସ୍ମୃତିର ତରଙ୍ଗାୟିତ ଊର୍ମି ତାଙ୍କ ତନୁମନକୁ ସହସା ଯେମିତି ଲବଣାକ୍ତ କରିପକାଇଲା । କ୍ଷଣକ ମଧ୍ୟରେ ସେ ହଜିଗଲେ ସମୟ-ମହୋଦଧିର ବାଲୁକାମୟ ବେଳାଭୂମିରେ - ଆଣ୍ଠୁ ଉପରକୁ ଲୁଗା ପିନ୍ଧି ଫକୀର ଆସୁଛି - କଟକରେ ମହାନଦୀର ବାଲୁକା ଶଯ୍ୟାରେ ତାଙ୍କର ସଭା ହେବ । ସଂବିତ୍‌ବାବୁ ସେତେବେଳେ ରେଭେନ୍‌ସା

Digitized by srujanika@gmail.com

କଲେଜର ଛାତ୍ର । ବିଲାତକୁ ବାରିଷ୍ଟରି ପାଠ ପଢ଼ି ଯିବାକୁ ଅନୁମତି ମିଳିସାରିଛି । ପିତା ଆଦିତ୍ୟ ଚୌଧୁରୀଙ୍କର ଏକମାତ୍ର ଜିଦ୍ - ପୁଅ ବିଲାତ ଯିବ । ତାଙ୍କ ବଂଶର ନାମ ରଖିବ !

ମାତ୍ର ପିତାଙ୍କ ଅନିଚ୍ଛା ସତ୍ତ୍ୱେ ସଂବିତ୍ ବାବୁ ସେଇ ଫକୀରକୁ ଦେଖିବାକୁ ସଭାସ୍ଥଳକୁ ଆସିଲେ । ସେଇ ମୋହନର ମୋହିନୀ ବଂଶୀ ସ୍ୱରରେ ସେତେବେଳେ ସାରା ଭାରତ କମ୍ପୁଛି ! ସମସ୍ତେ ସ୍ୱାଧୀନତା-ନନ୍ଦିଘୋଷ ଦଉଡ଼ି ଟାଣିବାକୁ ଜୀବନ ପଣ କରି ଆଗେଇ ଆସୁଛନ୍ତି । ପିଲାଦିନୁ ସଂବିତ୍ ଥିଲେ ସ୍ୱାଧୀନଚେତା । ଗାନ୍ଧିଜୀଙ୍କ ସହ ମତଭେଦ ପରେ ସୁଭାଷ ବୋଷ ଗାନ୍ଧିଜୀଙ୍କ ଦେଶ ଛାଡ଼ି ଚାଲିଗଲେଣି । ମାତ୍ର ସୁଭାଷଙ୍କର ଗୋଟିଏ କଥା ତାଙ୍କୁ ଆତ୍ମସମ୍ମୋହିତ କରି ରଖିଛି- 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।' ଯଦିଓ ସେ ଥିଲେ ସୁଭାଷପନ୍ଥୀ ତଥାପି କୌତୂହଳବଶତଃ ସେ ଗାନ୍ଧିଜୀଙ୍କ ସଭାରେ ପହଞ୍ଚିଲେ । ସଭାରେ ଗାନ୍ଧିଜୀ କେବଳ ଗୋଟିଏ କଥା କହିଲେ- 'ତୁମେ ମୋତେ ଅହିଂସା ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।' ସେଇ ଫକୀର ସେଦିନ କି ମନ୍ତ୍ର ଫୁଙ୍କିଲା କେଜାଣି ସଂବିତ୍ ଚୌଧୁରୀ ସେଇ ଦିନଠାରୁ ଅହିଂସାର ପୂଜାରୀ ହୋଇଗଲେ ।

ଏହାପରେ ମହାନଦୀରେ ଅନେକ ଗୋଳିଆ ପାଣି ବହିଯାଇଛି । ଦେଶ ସ୍ୱାଧୀନ ହୋଇଛି ଅହିଂସା ମନ୍ତ୍ରରେ । ସମସ୍ତଙ୍କର ସ୍ୱପ୍ନ ସାକାର ହୋଇଛି । ଲାଲକିଲ୍ଲାରେ ୟୁନିୟନ୍ ଜ୍ୟାକ୍ ବଦଳରେ ତ୍ରିରଙ୍ଗା ପତକା ଉଡ଼ିଛି । ସ୍ୱରାଜପ୍ରାପ୍ତି ପରେ ଏ ଦେଶକୁ ବାପୁଙ୍କର 'ରାମରାଜ୍ୟ' କରି ଗଢ଼ିତୋଳିବାର ଦାୟିତ୍ୱ ଆସି ସଂବିତ୍-ପିଢ଼ିର ଲୋକଙ୍କ ଉପରେ ପଡ଼ିଛି । ସଂବିତ୍ ଚୌଧୁରୀ ହୋଇଛନ୍ତି ଜଣେ ବିଧାୟକ । ପିତାଙ୍କ ମୃତ୍ୟୁ ପରେ ନିଜ ଜମିଦାରୀକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସମଗ୍ର ଦେଶରେ ତାଙ୍କର ଜୟ-ଜୟକାର । ତାଙ୍କର ଦେଶପ୍ରୀତି, ତ୍ୟାଗ ପାଇଁ ଏ ଜାତି ତାଙ୍କୁ ସମ୍ମାନିତ କରିଛି । ସେ ସ୍ୱାଧୀନୋତ୍ତର କାଳରେ ଅନବରତ ଭାବେ ସବୁଥର ନିର୍ବାଚିତ ହୋଇ ବିଧାନସଭାକୁ ଆସିଛନ୍ତି । ଦେଶ ଗଠନରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଅର୍ପଣ କରିବା ପାଇଁ ସେ ଆଜୀବନ ଅବିବାହିତ ରହିଛନ୍ତି ।

କିନ୍ତୁ ଇତିହାସର ଏକ ଅବକ୍ଷୟମାନ ବିଡ଼ମ୍ବିତ ମୁହୂର୍ତ୍ତରେ ହଠାତ୍ ଯେମିତି ସମୟ ଛଦ୍ମବେଶୀ ପାଲଟିଯାଇଛି ! ସ୍ୱାଧୀନୋତ୍ତର ଦେଶସେବୀମାନେ ସମୟ ସହିତ ବଦଳି ସହସା ଛଦ୍ମବେଶୀ ପାଲଟି ଯାଇଛନ୍ତି । ସେ ଦିନର 'ତ୍ୟାଗୀ' ସବୁ ଆଜି 'ଭୋଗୀ' ହୋଇ ସହଜିଆ ପନ୍ଥା ଧାରଣ କରିଛନ୍ତି । ଯେଉଁ ସ୍ୱାଧୀନତା ପାଇଁ ସେମାନେ ଅଜସ୍ର ତ୍ୟାଗ ବରଣ କରି କାରାରୁଦ୍ଧ ହୋଇଥିଲେ ତାହାରି ପ୍ରତିଦାନରେ ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ସମସ୍ତ ରୀତି-ନୀତିକୁ ଅବିବେକିତାର ବାରବାଟୀରେ କାରାରୁଦ୍ଧ କରି ମାନବିକତାକୁ ତ୍ୟାଗ କରି ଦେଶସେବାର ମୁଖା ପିନ୍ଧିଛନ୍ତି । ସମୟର ଚକ ଯେମିତି ଅବାଟକୁ ଘୁଞ୍ଚିଯାଇଛି । ମାତ୍ର ସଂବିତ୍ ଚୌଧୁରୀ ଏମିତି ଏକ ବିଡ଼ମ୍ବିତ ମୁହୂର୍ତ୍ତରେ ସେଇ ପାରଂପାରିକ

Digitized by srujanika@gmail.com

ରୀତି-ନୀତି-ପରଂପରାକୁ ଛାଡ଼ି ସମୟ ସହିତ ତଥାକଥିତ ତାଳ ଦେବାକୁ ବହୁତ ଚେଷ୍ଟା କରିଛନ୍ତି, ମାତ୍ର ସମ୍ପୂର୍ଣ୍ଣ ରୂପେ ନିଜ ବିବେକକୁ ଜଳାଞ୍ଜଳି ଦେଇପାରିନାହାନ୍ତି !

ଆଜିର ଜନତା ସତରେ କ'ଣ ଚାହେଁ ? ଦେଶ ଆଜି ଗୌଣ, ଅପାଙ୍‌କ୍ତେୟ । ନିଜ ସ୍ୱାର୍ଥ ହିଁ ଆଜିର ମୁଖ୍ୟ ଅନୁଚିନ୍ତା । ଦିନ ଥିଲା ତାଙ୍କ ସରକାରୀ ବାସଭବନକୁ ତାଙ୍କ ନିର୍ବାଚନମଣ୍ଡଳୀର ଲୋକ ଆସୁଥିଲେ । କିଏ ଆସୁଥିଲା ପୋଖରୀ ନିର୍ମାଣ ପାଇଁ ଅଥବା ରାସ୍ତା ଗଢ଼ିବା ପାଇଁ । ଆଉ କିଏ ଆସୁଥିଲା ମନ୍ଦିର ତୋଳିବା ସଂକ୍ରାନ୍ତରେ, ଭାଗବତ ଟୁଙ୍ଗୀ ସ୍ଥାପନ ଉଦ୍ଦେଶ୍ୟରେ ଅଥବା ନ୍ୟାୟ ନିଶାପ ବିଷୟରେ । ମାତ୍ର ସେସବୁ ଗଠନମୂଳକ ଚିନ୍ତାଧାରା ଆଉ ଏବେ ନାହିଁ । ଆଜି ହଠାତ୍ ଯେମିତି ସମୟର ମାନଚିତ୍ର ସଂପୂର୍ଣ୍ଣ ବଦଳି ଯାଇଛି !

ସେଦିନ ନିର୍ବାଚନ ପୂର୍ବରୁ ତାଙ୍କ ଗାଆଁର କିଛି ଲୋକ ଆସିଥିଲେ ।

''କିଛି କାମଥିଲା ? ସଂବିଦ୍ ବାବୁ ପଚାରିଥିଲେ ।''

''ଆଜ୍ଞା, ଆମ ବି.ଡ଼ି.ଓ. ଭଲ କାମ କରୁନାହାନ୍ତି । କାହା କଥା ଶୁଣୁ ନାହାନ୍ତି । ଆମ ଲୋକଙ୍କୁ କାମ ଦେଉନାହାନ୍ତି । ତାଙ୍କୁ ବଦଳି କରିବା ନିହାତି ଜରୁରୀ ।''

''କିନ୍ତୁ ମୁଁ ତ ଜାଣିଛି ସେ ଜଣେ ସଚ୍ଚୋଟ ଲୋକ । ବହୁ କଷ୍ଟରେ ତାଙ୍କୁ ଗତବର୍ଷ ଏଠାକୁ ଆଣିଥିଲି । ତାଛଡ଼ା ନିୟମ ଦୃଷ୍ଟିରୁ ତିନିବର୍ଷ ଆଗରୁ ତାଙ୍କୁ ବଦଳି କରିବା ନୀତି ବିରୁଦ୍ଧ । ଏ ଅନ୍ୟାୟ କାମ ମୁଁ କରିପାରିବିନି ।''

''ମାତ୍ର ଏଇଟା ଆମ 'ସମ୍ମାନ'ର କଥା । ଆପଣ ଲୋକଙ୍କ ମତକୁ ଅସମ୍ମାନ କଲେ ଗୁଡ଼ାଏ ଭୋଟ ହରାଇବେ ।''

ଏ ଲୋକମାନଙ୍କର କ'ଣ ହୋଇଛି ? ଆଗରେ ନିର୍ବାଚନ, ବାଧ୍ୟ ହୋଇ ସେମାନଙ୍କ କଥାରେ ସମ୍ମତ ହୋଇ ନିଜ ବିବେକ ବିରୁଦ୍ଧରେ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ବଦଳି କରାଇଥିଲେ ।

ଆଉ ଦିନକର କଥା-

ତାଙ୍କର ବାଲ୍ୟବନ୍ଧୁ ବିଷ୍ଣୁପ୍ରସାଦଙ୍କ ପୁଅ କୃଷ୍ଣଚନ୍ଦ୍ର ଆସି ପହଞ୍ଚିଲେ । ସେ ଜଣେ ଦଳୀୟ ଯୁବକର୍ମୀ ଏବଂ ଏକାନ୍ତ ଅନ୍ତରଙ୍ଗ ପରିବାରର ସଦସ୍ୟ ।

''ମଉସା, ରାଧାଛକରେ ଗୋଟେ ମଦ ଦୋକାନ ଖୋଲିବାକୁ ଦରଖାସ୍ତ ଦେଇଛି । ଅବକାରୀ ମନ୍ତ୍ରୀଙ୍କୁ ଆପଣ ଟିକେ ଫୋନ୍ କରିଦେଲେ କାମଟା ହୋଇଯାଆନ୍ତା ।''

ସଂବିଦ୍ ବାବୁ କ୍ଷଣକ ପାଇଁ ନୀରବ ହୋଇଗଲେ । କହିଲେ-

''କୃଷ୍ଣଚନ୍ଦ୍ର । ଏଇଟା ସରକାରଙ୍କର ଏକ ନୀତିଗତ ପ୍ରଶ୍ନ । ରାଧାଛକ ପାଖରେ ମୋର ଯେତେଦୂର ମନେଅଛି ଏକ ମହିଳା କଲେଜ ରହିଛି । ସେଇଠି ମଦ ଦୋକାନ ଖୋଲିଲେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ହେବ । ଆମ ଝିଅବୋହୂଙ୍କ ଇଜ୍ଜତ୍ ନଷ୍ଟ ହେବ । ଏକଥା ମୁଁ ଅବକାରୀ ମନ୍ତ୍ରୀଙ୍କୁ କହିବାକୁ ଜିଭ ଲେଉଟୁ ନାହିଁ ।''

Digitized by srujanika@gmail.com

''ମଉସା, ଏଇଟା ଆମ ଅଞ୍ଚଳର ସମସ୍ତ ଯୁବକର୍ମୀଙ୍କ ଦାବୀ ବୋଲି ଭାବିନେଇପାରନ୍ତି । ଆଉ ଆପଣ ଜାଣନ୍ତି ଆଜିର ନିର୍ବାଚନ ଜିତିବାକୁ ଭଦ୍ରଲୋକଙ୍କ ସାହାଯ୍ୟ ଖୁବ୍ କମ୍ କାମରେ ଆସେ !''

ସେଦିନ ନିଜ ବିଶ୍ୱାସରେ ଅଟଳ ରହି ରାଧାଛକ ପାଖରେ ମଦ ଦୋକାନ ଖୋଲିବାକୁ ଅନୁମତି ନଦେଇ ନିଜର ବାଲ୍ୟବନ୍ଧୁ ଓ ବନ୍ଧୁପୁତ୍ରଙ୍କର କ୍ରୋଧର ଶିକାର ହେଲେ ସିନା; କିନ୍ତୁ ଅନୀତି ସହ ସାଲିସ୍ କରି ନିଜକୁ ନିଜଠାରେ ଛୋଟକରି ଦେବାକୁ ଚାହିଁଲେ ନି !

ତାପର ଦିନ ଆଉ ଏକ ବିଚିତ୍ର ଘଟଣା ଘଟିଲା ।

ରାତି ଅଧରେ ହଠାତ୍ ପଛ ଦରଜା ଦେଇ ତାଙ୍କର ବିକ୍ରମ ମଉସା ଆସି ପହଞ୍ଚିଲେ ।

''ମଉସା, ଆପଣ !''

''ଧୀରେ କହ ପୁଅ । ଜମିବାଡ଼ି ଗଣ୍ଡଗୋଳରେ ମୋ ଭାଇକୁ ମୁଁ ଗୁଳି କରି ମାରିଦେଇଛି । ପୋଲିସ୍ ମୋ ପଛରେ ପଡ଼ିଛି । ତୁ ତ ମନ୍ତ୍ରୀ । ପୁଣି ମୋ ପୁଅଭଳି । ତୋ ଘରେ କିଛିଦିନ ରହିଯିବି । ଦେଖିବି ପୋଲିସ୍ ମୋର କ'ଣ କରିବ ?''

ସେଦିନ କ୍ଷଣକ ପାଇଁ ନିଜର ସଂବିତ୍ ହରାଇ ବସିଥିଲେ ସଂବିତ୍ ଚୌଧୁରୀ । ଗଣତନ୍ତ୍ରରେ ଏ ପୁଣି କେଉଁ ପରୀକ୍ଷା ? ଗଣତନ୍ତ୍ର ପରା ଲୋକଙ୍କ ପାଇଁ ? ଆଉ ଚିର ଜାଗ୍ରତତା ହିଁ ସ୍ୱାଧୀନତାର ଶ୍ରେଷ୍ଠ ସମ୍ପଦ ! ସେଦିନ ନିଜ ମଉସାଙ୍କୁ ପୋଲିସ୍ ହାତରେ ଅର୍ପଣ କରି ନିଜ ଭୋଟ ବ୍ୟାଙ୍କରୁ କିଛି ଭୋଟ୍ ହରାଇବାର ଦୁଃସାହସ କରିପାରିଥିଲେ ସେ !

ଏମିତି ନୀତି-ଅନୀତି-ଦୁର୍ନୀତିର ଅନେକ ଦ୍ୱନ୍ଦ୍ୱର ଅନ୍ଧ ମୁହାଣିରେ ବନ୍ଦୀ ହୋଇଛନ୍ତି ସଂବିତ୍ ଚୌଧୁରୀ । କେତେବେଳେ ସେ ନୀତି ରକ୍ଷା କରିଛନ୍ତି - ଆଉ କେବେ ପାରିନାହାନ୍ତି ସେସବୁ କହି ବସିଲେ ମହାଭାରତର ପୃଷ୍ଠା ନିଅଣ୍ଟ ପଡ଼ିବ । ଦିନ ଗଡ଼ିଚାଲିଛି । ସେ ନିଜେ କ୍ଷମତାର ସତରଞ୍ଜ ଖେଳରେ କଳାଧଳାର ସୈନ୍ୟସାମନ୍ତ ନେଇ ରାଜନୀତିର ଖେଳ ଖେଳିଛନ୍ତି । କେତେବେଳେ ଜିତିଛନ୍ତି, କେତେବେଳେ ହାରିଛନ୍ତି, ସେ ସବୁର ବେହିସାବୀ ହିସାବ ନିକାଶ କରିବାକୁ ସମୟ ପାଇପାରିନାହାନ୍ତି । ଏକଥା ନିଷ୍ଠୁର ଭାବେ ସତ୍ୟ ଯେ ସେ କ୍ରମଶଃ ରାଜନୀତି ପ୍ରତି ବୀତସ୍ପୃହ ହୋଇପଡ଼ିଛନ୍ତି ।

ଅନେକ ସମୟରେ ତାଙ୍କର ଇଚ୍ଛା ହୋଇଛି ଯେ ସେ ଏଇ ଜନ-ଅରଣ୍ୟ ଛାଡ଼ି ହିମାଳୟକୁ ଚାଲିଯିବେ । କିନ୍ତୁ ସେ ଏଇ ଦେଶକୁ ଆଜୀବନ ଭଲ ପାଇଆସିଛନ୍ତି । ଏଇ ଦେଶକୁ ସେ ମାଆ କହିଆସିଛନ୍ତି । ମାତ୍ର ସେ କାହିଁକି ବିବାହ କରିନାହାନ୍ତି ବୋଲି ପଚାରିଲେ ସେ ଉତ୍ତର ଦିଅନ୍ତି ଭାରତ ବର୍ଷ ହିଁ ମୋର ଅସଲ ପ୍ରେମିକା-ତାକୁ ଛାଡ଼ି ମୁଁ ଆଉ କାହାକୁ ବିଭା ହୋଇପାରିବି ?

Digitized by srujanika@gmail.com

ମାତ୍ର କୁଷ୍ଠଘାତ ଏଇ ଗଳିତ ଭାରତବର୍ଷକୁ ସେ ଛାଡ଼ି ଚାଲିଗଲେ ତ ଏ ସମସ୍ୟାର ସମାଧାନ ହୋଇଯିବନି । ତାଙ୍କ ବଦଳରେ ଆଉ କିଏ ଆସିବ । ଅନୀତିର ପ୍ରତିରୋଧ ପାଇଁ ସେ ଯେଉଁ ଚେକ୍‌ଗେଟ୍ ଗଢ଼ିଛନ୍ତି ସେ ଚାଲିଗଲେ ତାହା ସ୍ୱତଃ ମୁକୁଳିତ ହୋଇଯିବ । ଅନୀତି, ଦୁର୍ନୀତି ଆଉ ଅନ୍ୟାୟର 'ଜାତୀୟ କରଣ' ହେବାକୁ ଡ଼େରି ଲାଗିବନି ! ତେଣୁ ଯଦି ଏ ସବୁକୁ କିଛି ସ୍ୱଚ୍ଛ କରିଦେଇପାରିଲେ ସେଥିରେ କ'ଣ ଆତ୍ମସନ୍ତୋଷ ନାହିଁ ?

ଏଥର ପୁଣି ନିର୍ବାଚନ ଆସିଲା- ବୟସ ଅନେକ ହେଲାଣି । ଭାବିଲେ ହାରିବେ ପଛକେ ଆଉ ଏ ଅନୀତିର ଖେଳ ଖେଳିବେନି । ସେ ଲୋକଙ୍କୁ କହିଲେ- ତାଙ୍କୁ ପଛେ ଭୋଟ୍ ନ ମିଳୁ, ସେ ଆଉ ଅନ୍ୟାୟ କାମ କରିବେନି । ଲୋକମାନେ କ'ଣ ଚାହାନ୍ତି- ନ୍ୟାୟ କି ଅନ୍ୟାୟ ? ନୀତି ଅଥବା ଦୁର୍ନୀତି ? ଏଇଟା ତାଙ୍କ ଜୀବନର ଶେଷ ଯୁଦ୍ଧ-ଧର୍ମ ଯୁଦ୍ଧ । ଟଙ୍କା ଦେଇ, ଧର୍ମର ନାମ କହି, ଜାତିର ଭାବ ନେଇ ଆଉ ଭୋଟ୍ କିଣାଯିବନି ।

ସମସ୍ତେ କହିଲେ ସଂବିତ୍ ଚୌଧୁରୀ ଏଥର ହାରିଯିବେ । ତାଙ୍କର ବୃଦ୍ଧ କାଳରେ ମତିଭ୍ରମ ଘଟିଛି । ମାତ୍ର ବିଧାତାର ଚରମ ରସିକତାର ଶିକାର ହୋଇ କାଳେ କାଳେ ଭାରତର ନେତାମାନଙ୍କର ମତିଭ୍ରମ ଘଟିଛି ସିନା- ମାତ୍ର ଦରିଦ୍ର, ନିରକ୍ଷର ଲୋକଙ୍କର ମତିଭ୍ରମ କେବେ ଘଟିନି । ସମସ୍ତଙ୍କୁ ଆଚମ୍ୱିତ କରି ସଂବିତ୍ ଚୌଧୁରୀ ସଂଖ୍ୟାଧିକ ଭୋଟରେ ଜୟଯୁକ୍ତ ହେଲେ । ତାଙ୍କର ଦଳ ଗରିଷ୍ଠତା ଲାଭ କଲା- ସେ ବିଧାୟକ ଦଳର ନେତା ହେଲେ ।

ସେଦିନ ସନ୍ଧ୍ୟାରେ ବିପୁଳ ଉନ୍ମାଦନା । ଅନେକଙ୍କ ଫୁଲମାଳରେ ସେ ପୋତି ହୋଇଗଲେ । ଅନେକ ସ୍ତାବକ ଆସି ରୁଣ୍ଡ ହେଲେ । ସେ ବିଧାୟକ ଦଳର ନେତା ନିର୍ବାଚିତ ହେଲେ ସତ; କିନ୍ତୁ ସବୁ ବିଧାୟକ ନିଜ ନିଜର ସର୍ତ୍ତ ଜଣାଇଦେଲେ । ନିଜ ଅଞ୍ଚଳର ନିଜ ଅନ୍ତରଙ୍ଗ ଲୋକ ସବୁ ନିଜ ନିଜ ସ୍ୱାର୍ଥର ଲମ୍ୱା ଫର୍ଦ୍ଦ ପେଶ୍ କଲେ । ତାଙ୍କର ତଥାକଥିତ ଶୁଭେଚ୍ଛୁମାନେ, ଯେଉଁମାନେ ଧର୍ମଯୁଦ୍ଧର ସୈନ୍ୟ ଥିଲେ ସେମାନେ ପୁଣିଥରେ ଅନୀତିର ଚକ୍ରବ୍ୟୂହରେ ତାଙ୍କୁ ଥୋଇଦେଲେ । ସେମାନେ ଚାହାନ୍ତି ମଦ ଦୋକାନର ଲାଇସେନ୍‌ସ୍, ଅପରାଧୀ ପାଇଁ ସୁରକ୍ଷା, ଝିଅକୁ ମେଡ଼ିକାଲ କଲେଜରେ ସିଟ୍ ଦରକାର, କିଏ ଖଦୀବୋର୍ଡ଼ର ଚେୟାରମ୍ୟାନ ହେବ, ପୁଣି କେଉଁ ଖବରକାଗଜବାଲାକୁ ଭଲ ବିଜ୍ଞାପନ ଦରକାର - ଇତ୍ୟାଦି ଇତ୍ୟାଦି !

ସମସ୍ତେ ଚାଲିଗଲେ ।

ବାହାରକୁ ଚାହିଁଲେ ସଂବିତ୍ ଚୌଧୁରୀ-ଓଡ଼ିଶାର ଭାବୀ ମୁଖ୍ୟମନ୍ତ୍ରୀ । ବାହାରେ ଅଫିମବୋଳା କଳା କିଟିକିଟି ଅନ୍ଧକାର-ଝଡ଼ ବଢ଼ି ଚାଲିଛି । ପାଗଳ ପ୍ରାୟ ନିର୍ଜନ ରାସ୍ତାରେ ବର୍ଷାମୁଖର ଝଡ଼ର ରାତ୍ରିରେ ସେ ଦୌଡ଼ିବାକୁ ଲାଗିଲେ । ଜୀବନସାରା ସେ କ୍ଷମତା ରାଜନୀତିର ବଳୟରେ ରହି ନିଜକୁ ନିଜେ ଠକିଛନ୍ତି । ରାଜନୀତିର 'ଜତୁଗୃହ'ରେ ନିଆଁ

Digitized by srujanika@gmail.com

ଲାଗିଛି - ଅନୀତି, ଦୁର୍ନୀତି, ଅନ୍ୟାୟର ଆକାଶଚୁମ୍ବୀ ଲେଲିହାନ ଶିଖା ହୁତୁହୁତୁ ହୋଇ ଜଳୁଛି । ସବୁ ଯେମିତି ପାଉଁଶ ହୋଇଯିବ । ତା'ପୂର୍ବରୁ ତାକୁ ବାହାରିଯିବାକୁ ପଡ଼ିବ । ଆଜୀବନ ଏଇ 'ଜତୁଗୃହ'ରେ ତାଙ୍କର ଧର୍ମର ଯୁଧିଷ୍ଠିର, ସାମର୍ଥ୍ୟର ଭୀମ, ପରାକ୍ରମର ଅର୍ଜୁନ, ମାନବିକତାର ନକୁଳ, ଦୂରଦୃଷ୍ଟିତାର ସହଦେବଙ୍କୁ ଯେମିତି ଅନୀତିର ଦୁର୍ଯ୍ୟୋଧନ ବନ୍ଦୀ କରି ରଖିଛି । ଏମାନଙ୍କୁ ମୁକୁଳାଇବାକୁ ପଡ଼ିବ । ବିବେକର ବିଦୁର ତାଙ୍କୁ ହାତ ଧରି ବାଟ କଢ଼େଇ ନେଉଛି ! ଅନୀତିର ସୁଢ଼ଙ୍ଗରୁ ସେ ବାହାରିବାକୁ ଦୌଡୁଛନ୍ତି !!

ବାହାରେ ନିରନ୍ଧ୍ର ଅନ୍ଧକାର । ହଠାତ୍ ଏକ ଶକ୍ତବସ୍ତୁ ଦେହରେ ଧକ୍କା ବାଜି ପଡ଼ିଗଲେ ସଂବିଦ୍ ଚୌଧୁରୀ । ହଠାତ୍ ବିଜୁଳି ଚମକି ଉଠିଲା-ସେଇ ଆଲୋକରେ ସେ ଦେଖିଲେ ଯେ ସେ ଝୁଣ୍ଟି ପଡ଼ିଛନ୍ତି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଧକ୍କା ଖାଇ ।

ଅଳ୍ପ ସମୟ ଆଗରୁ ତାଙ୍କ ସ୍ୱପ୍ନର ଏକାକୀ ଅଶ୍ୱାରୋହୀ ଏଇଠି ବିଲୀନ ହୋଇଯାଇଥିଲା । କହିଥିଲା - 'ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ।' ପାଗଳ ପ୍ରାୟେ ନେତାଜୀଙ୍କ ପ୍ରତିମୂର୍ତ୍ତିର ଚରଣରେ ମୁଣ୍ଡ ପିଟିଲେ ସଂବିଦ୍ ଚୌଧୁରୀ । ରକ୍ତ ସ୍ନାତ ହୋଇ ଉଠିଲା ପ୍ରତିମୂର୍ତ୍ତି-ଏଇ ଅନୀତିର ଦୁଃଶାସନର ଜାନୁଭଙ୍ଗା ରକ୍ତରେ ଦେଶମାତା ଦ୍ରୌପଦୀର କେଶ ଧୋଇବାକୁ ପଡ଼ିବ !

ଅନେକ ଡ଼େରି ହେଲାଣି । ସେ ନିଜ ରକ୍ତ ଅଞ୍ଜୁଳିରେ ଭରି କହୁଥିଲେ- 'ହେ ନେତାଜୀ, ଏଇ ମୋର ରକ୍ତ ନିଅ । ପ୍ରତିଦାନରେ ଆମର ଚିର ଈପ୍‌ସିତ ଆମ ସ୍ୱପ୍ନର ସେଇ ସ୍ୱାଧୀନତା ଦିଅ-ଯାହା ପାଇଁ ଆମ ଯୌବନକୁ ବି ଅର୍ପଣ କରିବାକୁ ଦିନେ ପଶ୍ଚାତ୍‌ପଦ ହୋଇନଥିଲୁ !'

ହଠାତ୍ ସଂବିଦ୍ ହରାଇ ପଡ଼ିଲେ ସଂବିଦ୍ ଚୌଧୁରୀ- ଆସନ୍ତା କାଲିର ଭାବୀ ମୁଖ୍ୟମନ୍ତ୍ରୀ ଲହୁଲୁହାଣ ହୋଇ ସେମିତି ପଡ଼ିଛନ୍ତି !

ଝଡ଼ର ବେଗ ଥମିଆସୁଥିଲା-

ଆକାଶ ନିର୍ମଳ ହୋଇଆସୁଥିଲା-

ମାତ୍ର 'ସଂବିଦ୍' ସେମିତି 'ସଂବିଦ୍' ହରାଇ ରାସ୍ତାକଡ଼ରେ ପଡ଼ିଥିଲେ । ଉଷାର ରକ୍ତିମା ତାଙ୍କର ସଦ୍ୟ ନିର୍ଗତ ରକ୍ତରେ ମିଶି ଆହୁରି ଲାଲ ଦେଖା ଯାଉଥିଲା, କିନ୍ତୁ ସଂବିଦ୍ ଚୌଧୁରୀଙ୍କର ସ୍ୱପ୍ନର ସୂର୍ଯ୍ୟ ଉଇଁବାକୁ ଯେମିତି ଆହୁରି ଅନେକ-ଅନେକ ସମୟ ବାକି ଥିଲା !!!

Digitized by srujanika@gmail.com

କଳାମେଘର ଛାଇ

(ବଂଧୁ ସ୍ୱର୍ଗତ ଡକ୍ଟର ଚର୍ଚ୍ଚିଲ ଚନ୍ଦ୍ର ପୃଷ୍ଟିଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ)

ଅଭିମାନ ଘେରା ଆଖି ପରି ଆକାଶରେ କଳା ମେଘ ଛାଇ ରହିଥିଲା । ବହୁଦିନର ବ୍ୟବଧାନ ପରେ ମୁଁ ଖିଚିଙ୍ଗ୍ ଯାଉଥିଲି । ଖିଚିଙ୍ଗ୍ ମୟୂରଭଞ୍ଜର ମନ୍ଦିରମାଳିନୀ ତୀର୍ଥସ୍ଥଳୀ । କଥିତ ଅଛି 'ମହାଭାରତ'ର ପଞ୍ଚୁପାଣ୍ଡବ ଏଇ ଖିଚିଙ୍ଗ୍‌ର ଅନତିଦୂରରେ ଅବସ୍ଥିତ ଖଣ୍ଡିଆଦର ଗାଆଁ ପାଖରେ ଥିବା ବିରାଟ ଗଡ଼ରେ ଅଜ୍ଞାତବାସ କରୁଥିଲେ । କୀଚକର ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀ ଏଇ ତୀର୍ଥସ୍ଥଳୀରେ ପୂଜିତ ହୁଅନ୍ତି ।

ଖିଚିଙ୍ଗ୍‌ର ଅନତି ଦୂରରେ ଖଇର ଭଣ୍ଡନ ନଈ । ପିଲାଦିନେ ମୁଁ ଏଇ ନଈବାଲିରେ ଅନେକ ବାଲିର ଦେଉଳ ତୋଳିଛି । କଟେଇତୁଣ୍ଡର ଲମ୍ବା ଲମ୍ବା ଶାଳବଣରେ ଅନେକ ଛାଇ-ଆଲୁଅର ଖେଳ ଦେଖି ମୁଁ ମୋ ବାଲ୍ୟ ଚପଳତା ହଜାଇଛି । ଏଥର ଆସି କିନ୍ତୁ ନିରାଶ ହେଲି । ସଂରକ୍ଷିତ ସେଇ ଲମ୍ବା ଲମ୍ବା ଶାଳଗଛ ସବୁ କଟା ଯାଇଛି । ଖିଚିଙ୍ଗ୍‌ର ଅନ୍ୟତମ ଆକର୍ଷଣ ସେଇ ଘନ ସବୁଜିମାର ମୃତ୍ୟୁ ହୋଇଛି । ଆଉ ସେ ସୁନ୍ଦରୀ ସବୁଜିମାର କବର ଉପରେ ଏବେ ଧୂସରତାର ଧୂ-ଧୂ ମରୁବାଲି ଯେମିତି ହାହାକାର କରୁଛି !

ସେଇ ଧୂସର ହାହାକାର ରୂପୀ ରାହୁ ମୋ ତନୁମନକୁ କ୍ଷଣକ ପାଇଁ ଗ୍ରାସ କଲା । ମୁଁ ଆତ୍ମବିସ୍ମୃତ ପ୍ରାୟେ କଟେଇତୁଣ୍ଡର ବାଲିରେ ପଦଚାଳନା କରୁଥିଲି । ଏଇ ବାଲିରେ ଦିନେ ପଦଚିହ୍ନ ରଖି ଶାଳବଣର ଘନତାରେ ମୁଁ ଓ ମୋ ବନ୍ଧୁ ଚର୍ଚ୍ଚିଲ୍ ଅନେକ ଲୁଚକାଳି ଖେଳ ଖେଳିଛୁ । ମୋର ମନେ ଅଛି ଆମେ ସେତେବେଳେ ସ୍କୁଲ୍‌ରେ ପଢୁଥାଉ । ଟିକିଏ ବେଳ ପାଇଲେ ଆମେ ଏଇ କଟେଇତୁଣ୍ଡ ଆସିଛୁ । ମୁଁ ଲୁଚିଛି । ସେ ଖୋଜିଛି । ସେ ଲୁଚିଲେ ମୁଁ ଖୋଜିଛି । ଏମିତି ବି କେବେକେବେ ସମୟ ଆସିଛି ଯେତେବେଳେ ମୋତେ ନ ପାଇ ସେ କାନ୍ଦିଉଠିଛି । ଆଉ କହିଛି-

''ମୋତେ ରଗାଅନା କହୁଛି ।''

''ରାଗିଲେ କ'ଣ କରିବୁ ଯେ ?''

''ଏମିତି ଲୁଚିବି ଯେ ଆଉ କେବେ ଖୋଜି ପାଇବୁନି !''

Digitized by srujanika@gmail.com

''ଆଚ୍ଛା, ଦେଖା ତୋ ବାହାଦୂରୀ ।'' ମୁଁ ହସୁଥିଲି । କହୁଥିଲି- ''ତୋତେ ଯଦି ଖୋଜି ନ ପାଇବି ତାହେଲେ ତୁ ଜିତିବୁ ଆଉ ମୁଁ ହାରିବି । ମୁଁ ହାରିଲେ ତୋତେ ମିଠା ଖାଇବାକୁ ଦେବି- କିନ୍ତୁ ଜିତିଲେ ତୁ ଖାଇବାକୁ ଦେବୁ ।''

''ଠିକ୍ ଅଛି । ତୋ କଥା ମନେ ରହିଲା ।'' ଚର୍ଚ୍ଚିଲ୍ ହସୁଥିଲା । କଥା ସରେ । ବାଜି ପଡ଼େ । ଚର୍ଚ୍ଚିଲ୍ ଲୁଚେ । ମୁଁ ଖୋଜେ । ମୁଁ ତାକୁ ପ୍ରତିଥର ପାଇଯାଏ- ପ୍ରତିଥର ସେ ମିଠା ଖାଇବାକୁ ଦିଏ । ଆଉ କହେ-

''ପ୍ରିୟଦର୍ଶୀ, ତୁ ବଡ଼ ଭାଗ୍ୟବାନ । ପ୍ରତିଥର ତୁ ଜିତୁଛୁ ଆଉ ମୁଁ ହାରୁଛି । କିନ୍ତୁ ମୁଁ ଆତ୍ମସମର୍ପଣ କରୁନି । କାରଣ ମୁଁ ହାରିବା ପସନ୍ଦ କରେନା । ଏମିତି ଥରେ ଲୁଚିବି ଯେ ତୁ ମିଠା ଦେବାକୁ ଚାହିଁଲେ ବି ଖୋଜି ପାଇବୁନି ।''

ମୁଁ ହସୁଥିଲି । କିନ୍ତୁ ମୋ ଅଦୃଷ୍ଟରେ ନିୟତି ହସୁଥିଲା ବୋଧହୁଏ !

ଦିନକର କଥା । ମୁଁ ଓ ଚର୍ଚ୍ଚିଲ ବିରାଟ ଗଡ଼ର ସେଇ ଭଗ୍ନ ସ୍ତୁପର ଭଗ୍ନଭଗ୍ନାଂଶ ଉପରେ ବସି ନୀରବତାରେ ମଗ୍ନ ଥିଲୁ । କଥାଥିଲା ଚର୍ଚ୍ଚିଲ କବିତା ଲେଖିବ । ମୁଁ ବ୍ୟଂଗ କରି ହସୁଥିଲି- କାରଣ ଚର୍ଚ୍ଚିଲ ଭଲ ଗଣିତ କରୁଥିଲା-ଆଉ ସାହିତ୍ୟ ଭଲ ପଢୁଥିଲି ମୁଁ । ମୋର ଯୁକ୍ତି ଥିଲା ମୁଁ ସାହିତ୍ୟରେ ବେଶି ନମ୍ବର ରଖିବି ଯେହେତୁ କବିତା ଲେଖି ପାରୁଛି ନଦୀୟା ସାର୍‌ଙ୍କ ରାୟ ଅନୁସାରେ ସେଇ ମିନି ଗାଣିତିକ ଚର୍ଚ୍ଚିଲ୍ କେମିତି କବିତା ଲେଖିବ ?

ଚର୍ଚ୍ଚିଲ କିନ୍ତୁ ମୋ ହୃଦ୍‌ବୋଧତାର ସ୍ଥିତି ଦୋହଲାଇ 'ବିରାଟ ଗଡ଼' ସଂପର୍କରେ ଲେଖିଥିଲା-

''ନାହିଁ ସେ ରାଜନ ନାହିଁ ପ୍ରିୟ ପ୍ରଜା
ନାହିଁ ସେ କୀଚକ ବୀର
ଭଗ୍ନ ଗଡ଼ ଆଜି ପ୍ରମାଣ କରୁଛି
ଏ ଭବ ଅଟେ ନଶ୍ୱର ।''(୧)*

ତା' କବିତା 'ବିରାଟଗଡ଼' ଆମ ଶୁକୁଳି ଉଚ୍ଚ ବିଦ୍ୟାଳୟର ମୁଖପତ୍ର ଅର୍ଘ୍ୟ-୧୯୬୬'ରେ ଶ୍ରୀମଣ୍ଡନ କରିଥିଲା । ସେ ମୋତେ ବୁଝାଇ କହିଥିଲା ଯେ କବିତା ଏକ କଠିନ ଗଣିତ । ପ୍ରତିଟି ଅକ୍ଷର ଏଥିରେ ହିସାବ କରି ଅତି ସତର୍କତାର ସହିତ ଖଂଜା ହୋଇଥାଏ । ପ୍ରତିଟି ଶବ୍ଦ ଏଥିରେ ବିଭାଜ୍ୟ । ହୃଦୟ ଅଭିବ୍ୟକ୍ତିର ଅବିଭକ୍ତ ଭାଗଶେଷ ଏଥିରେ ମିଳେନା । ମୁଁ ସେଦିନ କବିତାର ଏହି ନୂତନ ଦିଗ୍‌ଦର୍ଶନ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି । ତାକୁ ଅବୁଝା ଛାତ୍ରର ମୁଦ୍ରାଙ୍କନ ପୂର୍ବକ ପ୍ରଶ୍ନ କରିଥିଲି -

''ଚର୍ଚ୍ଚିଲ, ଏଇ ବିରାଟ ଭଗ୍ନଗଡ଼ ଏ ଭବ ନଶ୍ୱର ବୋଲି ପ୍ରମାଣ କରୁଛି ବୋଲି ତୁ କେମିତି ଜାଣିଲୁ ?''

---

*(୧) ଚର୍ଚ୍ଚିଲ୍ ଚନ୍ଦ୍ର ପୃଷ୍ଟି, ଶୁକୁଳି ଉଚ୍ଚ ବିଦ୍ୟାଳୟ, ମୁଖପତ୍ର 'ଅର୍ଚ୍ଚନା'- ୧୯୬୭

Digitized by srujanika@gmail.com

ସେ ପ୍ରତ୍ୟୁତ୍ତରରେ ହସିହସି କହିଥିଲା-

''ତୁ ମ୍ୟାଟ୍ରିକ୍ ଫେଲ୍ ହେବୁ !''

''କାହିଁକି ?''

''ଏତେ ଜ୍ୟାମିତି ଉପପାଦ୍ୟ ଘୋଷୁଛୁ-କେତେ ସୂତ୍ର ପ୍ରମାଣ କରୁଛୁ ପରୀକ୍ଷା ପାଇଁ, ଅଥଚ ଜୀବନର ଏଇ ସାମାନ୍ୟ ଉପାପାଦ୍ୟକୁ ବୁଝି ପାରୁନୁ ?''

''ଚର୍ଚ୍ଚିଲ, ତୁ କ'ଣ କହୁଛୁ ମୁଁ ମୋଟେ ବୁଝିପାରୁନି ।''

''ଏଇ ଉପପାଦ୍ୟଟି ଅତି ସହଜରେ ପ୍ରମାଣ କରାଯାଇପାରେ । ଯଥା- ରଜା ଥିଲେ । ତେଣୁ ପ୍ରଜା ଥିଲେ । ରାଜ୍ୟ ଥିଲା - ତେଣୁ ରାଜ୍ୟ ରକ୍ଷା ପାଇଁ ଏଇ ଗଡ଼ ଥିଲା । ଆଜି ଯେଣୁ ରଜା ନାହିଁ, ତେଣୁ ସେଇ ଅତୀତର ପ୍ରଜା ବି ନାହାନ୍ତି । ଅତୀତର ଗଡ଼ ନାହିଁ, ଅତୀତର ସେଇ ଦେଶ ବି ନାହିଁ । ସଂସାରର ପ୍ରତିଟି କଥା ଏମିତି ଅସ୍ଥାୟୀ, ନଶ୍ୱର । ଏ ସଂସାର କେମିତି ଚିରନ୍ତନ ନୁହେଁ, ଏଇ ଭଗ୍ନଗଡ଼ କ'ଣ ଏମିତି ପ୍ରମାଣ କରୁନାହିଁ ?

ଚର୍ଚ୍ଚିଲର ଏଇ ବିଶେଷ କଥନ ଶୁଣି ମୁଁ ଆହୁରି ବୋକା ପାଲଟିଗଲି । ପଚାରିଲି-

''ଆଚ୍ଛା, କହିପାରିବୁ ମଣିଷ ମରେ କାହିଁକି ?''

''ତା ପୂର୍ବରୁ ମୁଁ ତୋତେ ପଚାରିବି ମଣିଷ ଜନ୍ମ ହୁଏ କାହିଁକି ?''

''ନିଜର କର୍ମ କରିବାକୁ ।''

''ଠିକ୍ କହିଛୁ । ନିଜର କର୍ମ କରିବାକୁ ମଣିଷ ଜନ୍ମ ନିଏ ଏଇ ନଶ୍ୱର ଧରାଧାମରେ ଈଶ୍ୱରଙ୍କ ସଂକଳ୍ପ ଅନୁସାରେ । ଆଉ ଯେଉଁଦିନ ତାର କାମ ସରିଯାଏ, ସେ ଅମର ପଥର ଯାତ୍ରୀ ହୁଏ । ଗୀତା କ'ଣ ଲେଖିଛି, ପଢ଼ିନୁ ?''

''ଗୀତା ପୁଣି କେଉଁ ଝିଅର ନାଆଁ ?''

''ତୁ ସେଇ ଝିଅ ନାଆଁ ନେଇ ଦିନେ ମରିବୁ, ଦେଖୁଛି । ଗୀତା ଝିଅ ନୁହେଁ-ମ ! ଗୀତା 'ଶ୍ରୀମଦ୍ ଭଗବଦ୍ ଗୀତା' । ତହିଁରେ ଲେଖା ଅଛି ମଣିଷର ଆତ୍ମା ଅମର । ଏହାକୁ ଅଗ୍ନି ଦଗ୍ଧ କରିପାରେନା, ଅସ୍ତ୍ର ଛିନ୍ନ କରିପାରେନା, ବାୟୁବି ଉଡ଼ାଇପାରେନା । ମଣିଷର ଆତ୍ମା ଅମର । ମୃତ୍ୟୁ ପରେ ଆତ୍ମା ଆଉ ଏକ ନୂତନ ଶରୀର ମଧ୍ୟରେ ପ୍ରବେଶ କରେ । ଆତ୍ମା ବାରମ୍ବାର ଘଟ ପରିବର୍ତ୍ତନ କରେ ।''

''ତୁ ଏତେ କଥା ଜାଣିଛୁ । ଏ ବିଷୟର ତ କ୍ଲାସରେ ପଢ଼ାହୁଏନିରେ ଚର୍ଚ୍ଚିଲ ?''

''ମଣିଷର ଜୀବନ ଅତି ଅଳ୍ପ । ପ୍ରତ୍ୟେକକୁ ଅନେକ କିଛି ଆଗରୁ ପଢ଼ିବାକୁ ହେବ । ସବୁ କାମ ସାରିବାକୁ ପଡ଼ିବ !''

ତାପରେ ଚର୍ଚ୍ଚିଲ ଓ ମୁଁ ବୁର୍ଲାକୁ ଗଲୁ । ସେ ଡାକ୍ତରି ପଢ଼ିଲା, ଆଉ ମୁଁ ଇଂଜିନିୟରିଂ । ଜୀବନର ଗତିପଥ ବଦଳିଗଲା । ୧୯୭୧-୭୬ର ପାଞ୍ଚଟି ବର୍ଷ ଗଡ଼ିଗଲା । ଯେଉଁଦିନ ମୁଁ ବୁର୍ଲା ଛାଡ଼ି ଭୁବନେଶ୍ୱର ଅଭିମୁଖେ ବାହାରିଲି ସେଦିନ ଚର୍ଚ୍ଚିଲ ଆଖିରେ ଲୁହ । କହିଲା-

''ତୁ କାମ ସାରି ଆଗ ଚାଲିଗଲୁ । ଆଉ ମୋର ଗୋଟିଏ ବିଷୟରେ ବେକ୍ ପେପର ରହିଗଲା ।''

Digitized by srujanika@gmail.com

ମୁଁ ସେଦିନ ତାକୁ ସାନ୍ତ୍ୱନା ଦେଇ କହିଥିଲି-

''ସବୁ କାମ ସାରି ମୁଁ ଚାଲିଯାଉନି । ଅନେକ କାମ ବାକି ଅଛି । ତୁ ତ ଜାଣୁ ପାଠ ତ ଜୀବନର ସବୁ କାମ ନୁହେଁ !''

ଭୁବନେଶ୍ୱରରେ ଶୁଣିଲି ଚର୍ଚ୍ଚିଲ ନିରୁଦ୍ଦିଷ୍ଟ । ପରେ ଶୁଣିଲି ରାଉରକେଲା ପାଖରେ ରେଳଗାଡ଼ିରୁ ଖସିପଡ଼ି ତାର ମୃତ୍ୟୁ ହୋଇଛି । ଶବ ବି ଚିହ୍ନଟ ହୋଇପାରିଲାନି । ନିରୁଦ୍ଦିଷ୍ଟ ବିଜ୍ଞାପନ ବାହାରିବା ପରେ ସେଇ ଚିହ୍ନଟ ହୋଇପାରିନଥିବା ଶବଟି ମୋ ଅନ୍ତରଙ୍ଗ ବଂଧୁର ବୋଲି ପୋଲିସ୍ ରିପୋର୍ଟରୁ ଜଣା ପଡ଼ିଲା । କିନ୍ତୁ ଆମ ମନର ଅଦାଲତରେ ତାହା ଅସମାପିକାର ଲୀଳାହୋଇ ରହିଗଲା ସବୁଦିନ ପାଇଁ ।

ଆତ୍ମସମ୍ମୋହିତ ଭାବରେ ମୁଁ ଯେ କେତେବେଳେ ଖିଚିଙ୍ଗ୍ ମନ୍ଦିର ବେଢ଼ାରେ ଆସି ପହଞ୍ଚିଛି ମୁଁ ଜାଣିପାରୁନି । ପୂଜକ ଧବଳେଶ୍ୱର ନନାଙ୍କ ଡାକରେ ମୁଁ ମୋ ସଂବିତ୍ ଫେରିପାଇଲି । କଟେଇତୁଣ୍ଡର ଜଙ୍ଗଲ କିଏ କାଟିନେଲା ବୋଲି ମୁଁ ପ୍ରଶ୍ନ କଲି । ଜାଣିଲି ମନ୍ଦିର କର୍ତ୍ତୃପକ୍ଷ ଜଙ୍ଗଲ ନିଲାମ କରିଛନ୍ତି । ଲବ୍‌ଧ ଟଙ୍କାରେ ମନ୍ଦିର ବେଢ଼ାରେ କୃତ୍ରିମ ଉପବନ ସୃଷ୍ଟି ହୋଇଛି । କେତୋଟି ଗେଣ୍ଡୁ ଗଛ, ତାରଜାଲି ଓ ଗୋଟିଏ ମଣ୍ଡପ । ପ୍ରକୃତିର ଆତତାୟୀ ଏଇ କୃତ୍ରିମତାର ତୂର୍ଯ୍ୟନାଦ କରୁଛି ସୁଂଦରୀ ସବୁଜିମାର ଅପମୃତ୍ୟୁ ଘୋଷଣା କରି । ଖିଚିଙ୍ଗରେ ମନ୍ଦିର କର୍ତ୍ତୃପକ୍ଷ ଗୋଟିଏ ଭଲ ହୋଟେଲ କରିପାରିଲେନି; ଡାକବଙ୍ଗଳାରେ ବିଜୁଳିବତୀ ଜଳିପାରୁନି ବର୍ଷବର୍ଷ ଧରି, ଅଥଚ ଆଗ ଗଛ କାଟିବାକୁ ତାଙ୍କର ମନ ହେଲା । ବିଷାଦରୂପକ କଳାମେଘର ଛାଇ ମୋ ମନକୁ ଆଚ୍ଛନ୍ନ କରିଦେଲା କ୍ଷଣକ ମଧ୍ୟରେ ।

ହଠାତ୍ ଏକ ପାଗଳୀ ମୋର ଦୃଷ୍ଟି ଆକର୍ଷଣ କଲା । ମୁଣ୍ଡବାଳ ଅସଂଯତ । ଅଟ୍ଟହାସ୍ୟ କରି ସେ କୀଚକେଶ୍ୱରୀ ମାଆଙ୍କୁ ଅଙ୍ଗୁଳି ଦେଖାଇ କହୁଥିଲା-

''ଏଇଟା ମାଆ ନୁହେଁ ଡାହାଣୀ । ମୋ ପୁଅକୁ ଖାଇଛି । ତାକୁ ପୂଜା କରନାହିଁ । ତାକୁ ଆରତି କଲେ ସେ ତୁମ ଭେଣ୍ଡିଆ ପୁଅର ବଳି ମାଗିବ । ହାଃ... ହାଃ... ହାଃ...''

ବୟୋଜ୍ୟେଷ୍ଠ ଚୌଧୁରୀବାବୁ କହିଲେ ଯେ ସେହି ପାଗଳୀଟି ମୋ ସ୍ୱର୍ଗୀୟ ବଂଧୁ ଚର୍ଚ୍ଚିଲର ମାଆ । ଚର୍ଚ୍ଚିଲର ମୃତ୍ୟୁ ପରେ ସେ ଅର୍ଦ୍ଧପାଗଳୀ । ସବୁଦିନେ ସେ ଏମିତି ମନ୍ଦିରକୁ ଆସନ୍ତି । ଠାକୁରାଣୀଙ୍କୁ ଗାଳିଦିଅନ୍ତି । ନିଜର ପୁଅର ମୃତ୍ୟୁ ପାଇଁ ଦାୟୀକରି କାନ୍ଦି କାନ୍ଦି ଚାଲିଯାଆନ୍ତି ।

ହଠାତ୍ ମୁଁ ଏକ ମୃତ ଇଲାକାର ଅଧିବାସୀ ହୋଇଗଲି । ଧବଳେଶ୍ୱର ନନା କହୁଥିଲେ-

''ଚର୍ଚ୍ଚିଲ ବଡ଼ ହତଭାଗା । ନବବଧୂର ପାଦର ଅଳତା, ସୀମନ୍ତରେ ସିନ୍ଦୂର ଦେଖି ପାରିଲାନି । ଯଉବନର ଗୋଲାପ ଶେଯରେ ଶୋଇବା ଆଗରୁ ସେ ଶୂନ୍ୟତାରେ ବିଲୀନ ହୋଇଗଲା ।''

ମୁଁ ଭାବାବେଶରେ ହଠାତ୍ କହିଉଠିଲି-

Digitized by srujanika@gmail.com

''ନା, ନନା ତୁମେ ଭୁଲ ବୁଝିଛ । ଯଉବନର ଗୋଲାପ ଶେଯରେ କେତେ କଣ୍ଟା ଅଛି ତୁମେ ବୁଝିବନି । ସେଇ କଣ୍ଟାରେ ଆମେ ଆଜି କ୍ଷତବିକ୍ଷତ । ବଞ୍ଚିରହିଲେ ଅନେକ କାମନା । କାମନା ହିଁ ସକଳ ଦୁଃଖର କାରଣ । ଦୁଃଖର ଶେଷ ହୁଏ ମୃତ୍ୟୁରେ । ଚର୍ଚ୍ଚିଲ ସତରେ ଏଇ ଦୃଷ୍ଟିରୁ ଭାଗ୍ୟବାନ । ହତଭାଗା ଆମେ ସବୁ, ବଞ୍ଚି ରହି ପ୍ରତିକ୍ଷଣରେ ମୃତ୍ୟୁକୁ ଝୁରୁଛୁ- ଆଶା-ନିରାଶାର ରାସ୍ତାରେ ଆମେ ଗୋଟିଏ ଗୋଟିଏ ଜୀଅନ୍ତା, ଶବ ହୋଇଯାଇଛୁ । ଦିନେ ସେ ମୋତେ ଆଗ ବୁର୍ଲା ଛାଡୁଥିବାରୁ ଦୁଃଖପ୍ରକାଶ କରୁଥିଲା, ଅଥଚ ସେ ଆମ ସମସ୍ତଙ୍କୁ ଛାଡ଼ି, ଏ ଦୁନିଆ ଛାଡ଼ି ଆମକୁ ଠକିଦେଇ ଚାଲିଗଲା ପରେ ଆମେ ମନ ଦୁଃଖ କରୁଛୁ ।

ପାଗଳୀଟି ସେମିତି ଠାକୁରାଣୀକୁ ଗାଳିଦେଇଚାଲିଥିଲା । ଦେଖିଲି ଆଖିପତାରେ ତାର ଅନେକ କଳାମେଘର ଶୋଭାଯାତ୍ରା । ସେଇ ଶୋଭାଯାତ୍ରାର ନେତୃତ୍ୱ ନେଇ ସେ ଅନ୍ତର୍ହିତ ହୋଇଗଲା ମୋ ନୟନ ଅନ୍ତରାଳରୁ । ମୁଁ ଶକ୍ତିରୂପିଣୀ, ମାତୃରୂପିଣୀ ମାଆ କୀଚକେଶ୍ୱରୀଙ୍କୁ ପ୍ରଣତି ଜଣାଇଲି । ମିଠା ଭୋଗଟକ ପୂଜାରୀ ହାତକୁ ବଢ଼ାଇଦେବା ଅବସରରେ ସ୍ୱଗତୋକ୍ତି ପୂର୍ବକ କହିଥିଲି-

''ମାଆ, ତୁମେତ ଇହ ଓ ପରକାଳର ସୀମାରେଖା । ଶୁଣିଛି ସେଇଠି ଚିର ବସନ୍ତ, ଚିର ମଳୟ ଲହରୀ-ଏ ରାଇଜ ଭଳି ଦାରୁଣ ଗ୍ରୀଷ୍ମ କୁଆଡ଼େ ବସନ୍ତକୁ ଭକ୍ଷଣ କରି ପାରେନା । ସେଠିକା ଆକାଶରେ ସପ୍ତରଙ୍ଗ ଇନ୍ଦ୍ରଧନୁ ପରା ସଦା ବିରାଜିତ - ଅନେକ ନିରାଶାର ଧୂଳି ବାଜି ଏଠା ଇନ୍ଦ୍ରଧନୁ ଭଳି ତାହା କୁଆଡ଼େ ବିବର୍ଣ୍ଣ ନୁହେଁ । ସେଇଠି ଚର୍ଚ୍ଚିଲକୁ ଯଦି ମାଆ ତୁମେ କେବେ ଭେଟ, ତାହାହେଲେ ଏଇ ମିଠାଟକ ଦେଇଦେବ । କହିବ ସେ ଲୁଚୁକାଳି ଖେଳରେ ସତରେ ଜିତିଯାଇଛି । ମୁଁ ତାକୁ ଖୋଜି ପାଉନି । ଏ ଜୀବନରେ ବି ଖୋଜି ପାଇବିନି । ତା' କଥା ଅନୁସାରେ ସେ ଜିତିଛି, ଆଉ ମୁଁ ହାରିଛି । ତେଣୁ ତା ବାଜି, ମିଠାଟକ ତାକୁ ଦେଇଦେବ, ମାଆ । ନହେଲେ ମୁଁ ଯେ ସବୁଦିନପାଇଁ ଋଣୀ ହୋଇ ରହିଯିବି !

ମୁଁ କୀଚକେଶ୍ୱରୀ ମାଆଙ୍କ ଦୁଇ ଆୟତ ଆଖିକୁ ଚାହିଁଲି । ମୋତେ ଜଣା ପଡୁଥିଲା ତାଙ୍କ ଆଖିରେବି ସହସ୍ର କଳାମେଘର ଛାଇ । ନିଜର ଘନ ସବୁଜିମାର ପ୍ରାକୃତିକ ସନ୍ତାନକୁ ହରାଇ ସେ ବି ଯେମିତି କାନ୍ଦକାନ୍ଦ ହୋଇଉଠୁଛନ୍ତି । କେତେବେଳେ ତାଙ୍କ ଆଖି ବର୍ଷଣ-ମୁଖର ହୋଇ ଉଠିବ କିଏ ଜାଣେ ?

ହଠାତ୍ ପ୍ରଚଣ୍ଡ ବେଗରେ ବର୍ଷା ହେବାକୁ ଲାଗିଲା । ନିର୍ବାକ୍-ସ୍ତବ୍ଧତାର ତୁଷାର ଶୀତଳତାରେ ଜଡ଼ ହୋଇ ମୁଁ ମୋ ଅଜାଣତରେ ମୋର ମଳିନ, ବିଷଣ୍ଣ ଦୁଇ ଆଖିରୁ ଲୁହ ପୋଛିବାରେ ଲାଗିଥିଲି !!!

**(ଗଳ୍ପଟି ସତ୍ୟଘଟଣା ଉପରେ ପର୍ଯ୍ୟବସିତ)*

Digitized by srujanika@gmail.com

ସ୍ମୃତି-ବିସ୍ମୃତିର

(ଗଳ୍ପର ନାୟିକା ମିସ୍ ହେଲି ମାୟା ଖାର୍‌ଙ୍ଗିଙ୍କୁ ଅନେକ ବିସ୍ମୃତିର ସ୍ମୃତି ସହ ଉତ୍ସର୍ଗୀକୃତ !)

ସେମାନେ କେଉଁ ଶ୍ରେଣୀର ଲୋକ ଯେଉଁମାନେ ଖେଳନା ଦେଖିଲେ ଖେଳିବାକୁ ପସନ୍ଦ କରନ୍ତି ଏବଂ ମନଇଚ୍ଛା ଖେଳିସାରି ବିଚାରୀ ଖେଳନାକୁ ଅଳିଆ ଗଦାରେ ଫିଙ୍ଗିଦେବାକୁ ଇଚ୍ଛା କରନ୍ତି ମୁଁ କହି ପାରିବିନି । ହୁଏତ ସେମାନେ ଖେଳୁଆଡ଼ । ଖେଳିସାରି ଭୁଲି ଯିବାଟା ତାଙ୍କର ପ୍ରକୃତି । ମୁଁ ଜୀବନରେ ସବୁ କରିପାରିଲି, କିନ୍ତୁ କେବେ ଖେଳୁଆଡ଼ ହୋଇପାରିଲିନି । ସେଥିପାଇଁ ହୁଏତ ମୁଁ ଖେଳନା ଦେଖିଲେ ଖେଳିପାରେନି, ଅଥଚ ତାକୁ ଭଲ ପାଇ ବସେ ।

ମାୟା, ତୁମକୁ ଦେଖିବା ପରେ ମୁଁ ଭାବିଥିଲି ସତରେ ତୁମେ ଏକ ରକ୍ତମାଂସର ଜାପାନୀ ଖେଳନା । ତୁମ ରୂପରେ ଯେମିତି ବିଧାତା-ପୁରୁଷ ଜାପାନୀ ଖେଳନାର ସମସ୍ତ ସୌନ୍ଦର୍ଯ୍ୟ ବନ୍ଦୀ କରି ରଖିଥିଲା । ସେ ଦିନର କଥା ମୋର ସ୍ପଷ୍ଟ ମନେ ଅଛି ! ଠିକ୍ ଆଜି ଭଳି ମୁଁ ବାଙ୍ଗାଲୋରରୁ ଭୁବନେଶ୍ୱରର ଫେରୁଥାଏ । ସେଦିନ ଅବଶ୍ୟ ମୋ ବଂଧୁ ସୂର୍ଯ୍ୟ ନାରାୟଣ ବେହେରା ମୋ ସାଥିରେ ଥିଲେ । ଅଚାନକ ତୁମ ସହିତ ଦେଖା ହେଲା ଏଇ ସିକନ୍ଦରାବାଦ୍ ରେଳଷ୍ଟେସନରେ । ତୁମେ ଯେତେବେଳେ ଆମ ବଗିରେ ପ୍ରବେଶ କଲ ମୁଁ ସୂର୍ଯ୍ୟବାବୁଙ୍କ କାନରେ କହୁଥିଲି-

: ସୂର୍ଯ୍ୟବାବୁ, ଜାପାନୀ ଖେଳନା ଦେଖିଛନ୍ତି ?

: ନା, ସେ ଉତ୍ତର ଦେଇଥିଲେ ।

: ଏଇ ଦେଖନ୍ତୁ, ଜୀଅନ୍ତା ଜାପାନୀ ଖେଳନା- ତୁମକୁ ଦେଖାଇ ମୁଁ କହିଥିଲି ।

ତୁମେ ଆସି ତୁମ ଦୁଇ ଭଉଣୀଙ୍କ ଗହଣରେ ବସିଥିଲ । ଟ୍ରେନ୍ ଛାଡ଼ିଥିଲା । ତୁମ କ୍ୟାବିନ୍ ଭିତରୁ ହଠାତ୍ ନାଚ ଗୀତର ତରଙ୍ଗ ଭାସିଆସିଲା । ତୁମେ ଗାଉଥିଲ ଆଉ ନାଚୁଥିଲ ।

Digitized by srujanika@gmail.com

ମୁଁ ଆତ୍ମସମ୍ମୋହିତ ହୋଇ ପଡୁଥିଲି ।

ତୁମେ ଇଂରାଜୀ ଭାଷାରେ ଗାଉଥିଲ ଠିକ୍ ଏମିତି ଅର୍ଥପୂର୍ଣ୍ଣ ଏକ ପପ୍ ସଙ୍ଗୀତ-

'ପାଇ ହଜାଇବାଠାରୁ ଶତଗୁଣ ଭଲ
କିଛି କେବେ ନ ପାଇବା
ଭଲ ପାଇ ଲୁହ ଝରାଇବାଠାରୁ ଭଲ
ନିଜକୁ ଭଲ ପାଇବା ।'

ଗୀତ ଶେଷରେ ହଠାତ୍ ତୁମେ ଲେଡ଼ିଜ୍ କ୍ୟାବିନ୍‌ରୁ ଉଠି ଆସି ମୋ ନିକଟରେ ବସିବାକୁ ଯାଇ କହିଥିଲ-

"Excuse me please !"

ତୁମକୁ ବସିବାକୁ ଇସାରା କରି କହିଥିଲି-

"That's all right-Be seated please."

ତୁମେ ଝରକା ଫାଙ୍କରେ ବସି ବେଗମାନ ରେଳ ତଳେ ଆମ୍ରମାତାର ସୌନ୍ଦର୍ଯ୍ୟ ଅବଲୋକନ କରି ଚାଲିଥିଲ । ଆଉ ମୁଁ ଅପଲକ ନୟନରେ ତୁମକୁ ଚାହିଁଥିଲି । ଏହି ସମୟରେ ଝାଡୁଦାର ବଗି ଭିତରକୁ ଆସିଥିଲା । ତୁମେ ଗୋଡ଼ ଟେକି ମୋ ବର୍ଥରେ ଆଉ ଟିକିଏ ଜାଗା ଦଖଲ କରି ବସିଗଲ ଅତି ନିଃସଙ୍କୋଚ ଭାବରେ ମୋର ଅତି ନିକଟରେ ।

ମୁଁ ଆଉ ଚୁପ୍ ହୋଇ ବସି ପାରିଲିନି । ପଚାରିଲି ଇଂରାଜୀରେ-

''ତୁମେ ବୋଧହୁଏ ନେପାଳକୁ ଯାଉଛ ।''

ତୁମେ ହସିଥିଲ- ତୁମ ଅଧରରୁ ଯେମିତି ଲକ୍ଷ ଲକ୍ଷ ରକ୍ତଜବା ଝରିପଡ଼ିଲା ।

''ହଠାତ୍ ନେପାଳ କଥା କାହିଁକି ଭାବି ବସିଲେ ?''

ତୁମେ ଏକ ଦୁଷ୍ଟାମିର ପ୍ରଶ୍ନ କଲ ।

''କିଛି ମନେ କରିବନି, ତୁମେ ଠିକ୍ ଜାପାନୀ ଝିଅ ଭଳି ଦିଶୁଛ । ଜାପାନ ତ ବହୁଦୂର - ତେଣୁ ଭାବିଲି ଜାପାନ ନ ହେଲେ ବି ତୁମେ ଆମ ପଡୋଶୀ ରାଜ୍ୟ ନେପାଳର ନିଶ୍ଚୟ ।''

ମୋ କଥା ଶୁଣି ତୁମେ କହିଥିଲ-

''ନା, ସାର୍ । ଆପଣ ଭୁଲ ବୁଝିଲେ । ମୁଁ ଜାପାନୀ ନୁହେଁ କି ନେପାଳୀ ବି ନୁହେଁ, ଖାଣ୍ଟି ହିନ୍ଦୁସ୍ଥାନୀ ଝିଅ । ମୋ ଘର ମେଘାଳୟରେ । ମୁଁ କିନ୍ତୁ ଜାପାନ୍ ଯାଇଛି । ନେପାଳ ବି ଯାଇଛି ଅବଶ୍ୟ ଡ୍ୟାନ୍‌ସ-ପ୍ରୋଗ୍ରାମ୍‌ରେ ।''

''ତା ହେଲେ ମୁଁ ହୁଏତ ଠିକ୍ ବୁଝିଛି । ତୁମେ ହୁଏତ ତୁମର ରୂପଶ୍ରୀ ସେଇଠୁ ସ୍ମଗ୍‌ଲିଙ୍ଗ୍ କରି ନେଇ ଆସିଛ, ନୁହେଁ ?''

ମୋ ମୁହଁରେ ଇତର ହସ ।

Digitized by srujanika@gmail.com

''You are very interesting. ତାହେଲେ ପରିଚୟ ପର୍ବଟା ସରିଯାଉ । ମୁଁ ମିସ୍ ହେଲି ମାୟା ଖାର୍ଙ୍ଗି, ଗ୍ରାମ ନଂଗ୍‌କ୍ରେମ୍, ପୋଅ-ମଡ଼ନର୍‌ଟିଙ୍ଗ, ଶିଲଂ-୨୧ । କେବଳ 'ମାୟା' ଡାକିଲେ ଚଳିବ । ମୋ ମାତୃଭାଷା ଖାସି । ଆଉ 'ମାୟା' ଅର୍ଥ ମୋ ନିଜ ଭାଷାରେ କ'ଣ ଜାଣନ୍ତି ? 'ମାୟା' ଅର୍ଥ ଅତି ଆପଣାର-ମାନେ 'ପ୍ରିୟା' କହିଲେ ଚଳିବ ।''

''ତାହେଲେ ମାୟା ନ ଡାକି ପ୍ରିୟା ଡାକିବି । ଚଳିବ ?''

ନିରୁତ୍ତରତା ହିଁ ଥିଲା ତୁମର ତତ୍‌କାଳୀନ ଉତ୍ତର । ମୁଁ ପୁଣି କହିଥିଲି-

''କିନ୍ତୁ ମୋ ମାତୃଭାଷାରେ 'ମାୟା'ର ଅର୍ଥ 'କୁହୁକ' ମାନେ ଇଲ୍ୟୁଜନ୍ । କୁହୁକର ଅର୍ଥ ମୁଁ ଇଂରାଜୀରେ ତର୍ଜମା କରିବାରେ ଲାଗିଥିଲି । ଏ ସମୟରେ ତୁମ ବଡ଼ ଭଉଣୀ ଆସି ମୋ ବର୍ଥରେ ବସି ତୁମ ସହିତ ନିଜ ଭାଷାରେ କ'ଣ ଯେମିତି ହସି ହସି କହୁଥିଲେ । ଜାଣିଛ ମାୟା, ତୁମ ଭାଷା ନ ବୁଝିଥିଲେ ବି ମୁଁ ଜାଣିଥିଲି ତୁମ ଭଉଣୀ କହୁଥିଲେ- ମାୟା, ବାବୁଙ୍କୁ ତୁ କୁହୁକ ଲଗାଇ ଦେଇଛୁ ତ । ତୁମ ଲାଜ ହିଁ ତୁମ ଭାଷାର ଅନୁବାଦକ ସାଜି ମୋତେ ଏ ଅର୍ଥ କହି ଦେଇଥିଲା ।''

''ମାୟା, ଏ ଯେମିତି ଥିଲା ହୃଦୟର ଭାଷା - ଦେଶ-କାଳ-ପାତ୍ର ଭାଷା ନିର୍ବିଶେଷରେ ଏ ଭାଷା ସମାନ । ତେଣୁ ମୋତେ ବୁଝିବାକୁ ବାକି ନଥିଲା । ତୁମର ନିଛକ ପ୍ରଗଲ୍‌ଭତା ସତରେ ମୋ ମନରେ କାଉଁରୀ କାଠି ଲଗାଇ ଦେଇଥିଲା ।''

''ଆପଣ ବେଶ୍ କୃପଣ । ମୋ ପରିଚୟ ବୁଝିନେଲେ । ଅଥଚ ଆପଣ ନିଜ କଥା କିଛି କହିଲେନି ।''

ତୁମେ ଅଭିମାନ ସ୍ୱରରେ କହିଥିଲ । ତୁମ କଥା ଶୁଣି ମୁଁ କହିଥିଲି-

''Oh Sorry - ମୁଁ ଇଞ୍ଜିନିୟର ପ୍ରିୟଦର୍ଶୀ ଦାସ । ଆସିଥିଲି ପ୍ରଶାନ୍ତି ନିଳୟମ୍ ଭଗବାନ୍ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଦର୍ଶନ ଲାଭ ପାଇଁ- ଫେରୁଛି ଭୁବନେଶ୍ୱର ।''

ଆମେ ତିନିହେଁ ମୋ ବର୍ଥରେ ବସି ପ୍ରଗଲ୍‌ଭତା ମଧ୍ୟରେ ଓଡ଼ିଶା ଓ ମେଘାଳୟର ସୀମା ଅତିକ୍ରମ କରି ଅନେକ ଦୂରକୁ ଚାଲିଯାଇଥିଲୁ ।

ଏଥି ମଧ୍ୟରେ ତୁମେ ମୋ ବର୍ଥର ଅଧିକାଂଶ ସ୍ଥାନ ଦଖଲ କରିସାରିଥିଲ । ଏକଥା ଲକ୍ଷ୍ୟ କରି ସୂର୍ଯ୍ୟବାବୁ ମୋ କାନରେ ଚୁପି ଚୁପି କହିଥିଲେ-

''ତୁମର ବେଦୁଇନ୍ ଆଉ ଓଟ ଗଳ୍ପ ମନେ ଅଛି ତ, ପ୍ରିୟଦର୍ଶୀ ।''

''ତୁମେ ବି ଶୁଣିଥିବ ମାୟା- ଥରେ କୌଣସି ଏକ ଶୀତରାତିରେ ବିକଳ ହୋଇ ଗୋଟିଏ ଓଟ ଜନୈକ ବେଦୁଇନ୍‌ର ତମ୍ବୁରେ ମୁଣ୍ଡ ଗୁଞ୍ଜିବା ପାଇଁ ଅନୁରୋଧ କରିଥିଲା । ବେଦୁଇନ୍‌ଟି ବଡ଼ ଦୟାଳୁ ଥିଲା ଏବଂ ତା' ଅନୁରୋଧ ରକ୍ଷା କରିଥିଲା । ଓଟଟି କିନ୍ତୁ ଏଇ ସରଳତାର ସୁଯୋଗ ନେଇ 'ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶ' ରୀତିରେ ପର୍ଯ୍ୟାୟ କ୍ରମେ ସମସ୍ତ ତମ୍ବୁ ଦଖଲ କରିଥିଲା । ଆଉ ବିଚରା ବେଦୁଇନ୍‌କୁ ତମ୍ବୁ ବାହାରେ ରାତ୍ରିଯାପନ କରିବାକୁ ପଡ଼ିଥିଲା ।

Digitized by srujanika@gmail.com

''ମାୟା, ସୂର୍ଯ୍ୟବାବୁଙ୍କ କଥାର ତାତ୍ପର୍ଯ୍ୟ ହେଲା ତୁମେ ଦୁହେଁ ଯେମିତି ଧୀରେ ଧୀରେ ମୋ ବର୍ଥ ଦଖଲ କରିଚାଲିଥିଲ, ତାହା ଯଦି ଅବ୍ୟାହତ ରହେ ତାହେଲେ ତୁମର ଶୋଇଥିବା ତୃତୀୟ ଭଉଣୀ ଜଣକ ଏଠିକି ଉଠି ଆସିବା ସ୍ୱାଭାବିକ । ପରିଣାମରେ ମୋତେ ବର୍ଥ ଛାଡ଼ିବାକୁ ପଡ଼ିବା ବିଚିତ୍ର ନୁହେଁ ।''

ମୋ ନୀରବତା ଲକ୍ଷ୍ୟ କରି ସୂର୍ଯ୍ୟବାବୁ ଆଉ ଥରେ ତାଙ୍କ ପ୍ରଶ୍ନର ପୁନରାବୃତ୍ତି କରିଥିଲେ-

''ଓଟ ଗଳ୍ପର ବେଦୁଇନ୍ କଥା ମନେ ପଡୁଛି ନା ମୁଁ ମନେ ପକାଇଦେବି ?'' ମୁଁ ହସି ହସି କହିଥିଲି-

''ମୁଁ କିନ୍ତୁ ବେଦୁଇନ୍ ନୁହେଁ !''

''ମାୟା, ମୁଁ ସତରେ କେତେ ମିଛ କହିନଥିଲି । ମୁଁ ହୁଏତ ବେଦୁଇନ୍ ନ ଥିଲି; କିନ୍ତୁ ମୋ ମନ ବେଦୁଇନ୍ ଭଳି ଯାଯାବର ନିଶ୍ଚୟ ଥିଲା । ସ୍ମୃତିର ଓଟପିଠିରେ ବିସ୍ମୃତିର ବୋଝ ବୋହି ସମୟର ମରୁଭୂମି ପାରିହେବା ତାର ନିତିଦିନିଆ ପେଶା ଥିଲା । ସେଇ ମନର ତମ୍ବୁରେ ତୁମେ ଓଟ ସାଜି କେତେବେଳୁ ଧୀରେ ଧୀରେ ପ୍ରବେଶ କରିସାରିଥିଲ ମୁଁ ଜାଣେନା । କିନ୍ତୁ ମୋ ମନର ତମ୍ବୁରେ ତୁମେ ଆସ୍ଥାନ ଜମାଇ ତାକୁ ସେଇ ବିଚରା ବେଦୁଇନ୍ ପୋଷାକ ପିନ୍ଧାଇସାରିଥିଲ ଏକଥା ମୁଁ ମର୍ମେ ମର୍ମେ ଅନୁଭବ କରିପାରୁଥିଲି । ଜାଣିଛ ମାୟା, ପ୍ରତିଟି ପୁରୁଷର ମନ ସେଇ ଓଟ ଓ ବେଦୁଇନ୍ ଗଳ୍ପର ତମ୍ବୁ ଭଳି । ଯେତେ ସାବଧାନରେ ତମ୍ବୁର ଦ୍ୱାର ଜଗିଲେ ବି ନାରୀର ପ୍ରୀତିରୂପକ ଓଟର ଅନୁପ୍ରବେଶକୁ ପ୍ରତିରୋଧ କରାଯାଇପାରେନା, ଏଇଟା ସୃଷ୍ଟି ଭଳି ସତ୍ୟ । ଏହା ମଣିଷର ସହଜାତ ପ୍ରବୃତ୍ତି ଭିନ୍ନ ଅନ୍ୟ କିଛି ନୁହେଁ ।''

ମୋ ନୀରବତା ଲକ୍ଷ୍ୟ କରି ତୁମେ ପ୍ରଶ୍ନ କରିଥିଲ-

''କ'ଣ ଭାବୁଛନ୍ତି ?''

''ଭାବୁଛି ତୁମର ସେଇ ଗୀତ କଥା । ସତରେ ମାୟା ତୁମ କଣ୍ଠରେ ଲକ୍ଷେ ସାହାନାଇର ସ୍ୱର । ପୁଣି ଥରେ ସେ ଗୀତଟି ଗାଇବ ମୋ ପାଇଁ ।'' ଆଉ ତୁମେ ମୋ ଅନୁରୋଧ ରକ୍ଷା କରି ଗାଇଥିଲ ସେଇ ଗୀତଟି-

''ପାଇ ହଜାଇବାଠାରୁ ଶତଗୁଣେ ଭଲ
କିଛି କେବେ ନ ପାଇବା
ଭଲ ପାଇ ଲୁହ ଝରାଇବାଠାରୁ ଭଲ
ନିଜକୁ ଭଲ ପାଇବା
ସପନ ଦେଖିବାଠାରୁ ବହୁଗୁଣେ ଭଲ
ସ୍ୱପ୍ନ କେବେ ନ ଦେଖିବା

Digitized by srujanika@gmail.com

ମନ ଦେଇ ମନ ନ ପାଇବାଠାରୁ ଭଲ
ମନ କାହାକୁ ନ ଦେବା ।''

ତୁମ ଗୀତ ଶୁଣିବା ପରେ ମୁଁ ପ୍ରଶ୍ନ କରିଥିଲି-

''ମାୟା, ତୁମେ ଏଡ଼େ ନିଃସଂକୋଚ ଭାବେ କେମିତି ଗାଇପାରୁଛ, ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।

ମୋ କଥା ଶୁଣି ତୁମେ କହିଥିଲ-

''ଆପଣ ବଡ଼ ଅଦ୍ଭୁତ ଲୋକ । ସଂଗୀତ ଏକ ଅନ୍ତଃଫଲ୍‌ଗୁ- ଭାବାବେଶର ବେଗମାନ ପ୍ରବାହ । ତାକୁ ବନ୍ଦ କରିପାରିବ ଏମିତି କିଏ ଅଛି ? ଆପଣ ଯଦି କେବେ ମେଘାଳୟ ଆସନ୍ତି, ଦେଖିବେ ଆମ ଲୋକ ରାସ୍ତାରେ, କ୍ଷେତରେ, ଅଗଣାରେ ସବୁଠି ନାଚଗୀତରେ ମସ୍‌ଗୁଲ ଥାଆନ୍ତି । ତା ମାନେ ଯେ ସେମାନେ ନିଜ କର୍ତ୍ତବ୍ୟରେ ଅବହେଳା କରନ୍ତି ତା ନୁହେଁ । କର୍ମକ୍ଳାନ୍ତ ମନକୁ ସତେଜ ରଖିବାକୁ ଆମେ ନାଚୁ, ଗାଉ । ଆମ ଗୀତ ଶୁଣି ପାହାଡ଼ ବି ପ୍ରତିଧ୍ୱନି ଛଳରେ ଗୀତ ଗାଏ- ଝରଣା ବି ନାଚିଯାଏ ।''

ମାୟା, ଭାବୁଥିଲି ତୁମ ମନ ସତରେ କେତେ ସରଳ ! ଆମେ କିନ୍ତୁ ଏକ କୃତ୍ରିମତାର ଜତୁଗୃହରେ ବାସ କରୁଛୁ - ଏଇଠି ଅନେକ ଆବେଗକୁ ଆମେ ଲୋକଲଜ୍ଜା ପାଇଁ ତଣ୍ଟି ଚିପି ହତ୍ୟା କରୁଛୁ । ମନ ଇଚ୍ଛା ଗୀତ ଗାଇଲେ ଆମକୁ ଲୋକ କହନ୍ତି ପାଗଳ । ଏଥିପାଇଁ ଆମର ଗୀତ ଗାଇବା ବାଥ୍‌ରୁମ୍‌ରେ ହିଁ ସୀମିତ ହୋଇ ରହେ ।

ମୋ କଥା ଶୁଣି ତୁମେ ଆଶ୍ଚର୍ଯ୍ୟ ହୋଇଯାଇଥିଲ ।

ମାୟା, ତା ପର ଘଟଣାଟି ତୁମର ମନେ ଥିବ । ଘଟଣା ତ ନୁହେଁ, ଦୁର୍ଘଟଣା କହିଲେ ଚଳେ । ସେଦିନ ରାତିରେ କେତେଜଣ ମଦ୍ୟପ ସାମରିକ ଅଫିସର ତୁମ କ୍ୟାବିନ୍‌ରେ ଅନୁପ୍ରବେଶ କରିବାକୁ ମସୁଧା କରୁଥିଲେ । ତୁମେ ହୁଏତ ବିଶ୍ୱାସ ଯିବନି ଯେ ସେମାନେ ଏଥିପାଇଁ ମୋର ସାହାଯ୍ୟ ଲୋଡ଼ିଥିଲେ । ସେମାନଙ୍କର ବିଶ୍ୱାସ ଥିଲା ତୁମକୁ ଇସାରା ଦେଲେ ତୁମେ ରାତି ମଝିରେ ମୋ ପାଇଁ କ୍ୟାବିନ୍ ଛାଡ଼ି ବାହାରକୁ ଚାଲିଆସିବ ।

ମୁଁ କିନ୍ତୁ ଆମର ସୀମିତ ପରିଚୟକୁ ଅପଚୟ କରିବାକୁ ଚାହିଁନଥିଲି । ମୁଁ ତାଙ୍କ କଥାରେ ଅମତ ହେବାରୁ ସେମାନେ ମୋ ପ୍ରତି ଖରାପ ବ୍ୟବହାର କରିଥିଲେ । ତାଙ୍କର ଏତାଦୃଶ ବ୍ୟବହାର ମୋ ମନରେ ଅସରନ୍ତି ଘୃଣାର ବୀଜ ବପନ କରିଥିଲା । କାରଣ ଏଇମାନଙ୍କୁ ଦେଶର ରକ୍ଷକ ବୋଲି ଆମେ ଗର୍ବରେ ଘୋଷଣା କରିଥାଉ !

ମାୟା, ମୁଁ ସେମାନଙ୍କର ଧମକରେ ଡରିଯାଇନଥିଲି । ସତରେ ତୁମେ ଯେମିତି ମୋର ଏକାନ୍ତ ନିଜସ୍ୱ ହୋଇଯାଇଥିଲ । ଆମ ଆନ୍ତରିକତାର ସୀମାରେ କିଛି ନ ପାଇ ସବୁ ଦେବାର ଲିପ୍‌ସା ଓ ସବୁ ପାଇ କିଛି ନ ଦେବାର ପାର୍ଥକ୍ୟ ଝାପ୍‌ସା ହୋଇଯାଇଥିଲା ।

Digitized by srujanika@gmail.com

ତେଣୁ ତୁମ ସମସ୍ତଙ୍କୁ ରକ୍ଷା କରିବା ଯେମିତି ମୋର ପ୍ରଧାନ କର୍ତ୍ତବ୍ୟ ମନେହେଲା । ତୁମର ମନେଥିବ ତୁମେ ଯେତେବେଳେ ଶୋଇବା ପୂର୍ବରୁ ମୋତେ ସପୁରୀ ଖାଇବାକୁ ଦେଇଥିଲ, ମୁଁ ତୁମ କାନରେ ସବୁକଥା କହି ଦେଇଥିଲି ଓ କ୍ୟାବିନ୍‌କୁ ଭିତରୁ ଭଲକରି ଲକ୍ କରିବାକୁ ସୂଚନା ଦେଇଥିଲି ।

ସେଦିନ ରାତିରେ ମୁଁ ଶୋଇପାରିନଥିଲି । ମୁଁ ତୁମର କେହି ନ ଥିଲି କି ତୁମେ ମୋର କେହି ନ ଥିଲ । ତଥାପି ତୁମର ମଙ୍ଗଳ ପାଇଁ ଭଗବାନଙ୍କୁ କେତେ ପ୍ରାର୍ଥନା କରିଛି ତା କେବଳ ମୁଁ ଜାଣେ । ଭଗବାନ ହୁଏତ ମୋର ପ୍ରାର୍ଥନା ଗ୍ରହଣ କରିଥିଲେ । ସେଦିନ ରାତ୍ରିରେ ସେଇ ମଦ୍ୟପଙ୍କ ଉଦ୍ୟମ ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଥିଲା ।

ସକାଳ ହୋଇ ଆସୁଥିଲା- ଇଷ୍ଟକୋଷ୍ଟ ଏକ୍‌ସପ୍ରେସ୍ ଭୁବନେଶ୍ୱର ପ୍ଲାଟଫର୍ମ ଛୁଇଁଲା ମୋ ଯାତ୍ରାର ସମାପ୍ତି ଘୋଷଣା କରି । ତୁମେ ମୋତେ ଚିଠି ଦେବାକୁ କହିଥିଲ, ଆଉ ତୁମ ଘରକୁ ଯିବାକୁ ନିମନ୍ତ୍ରଣ କରି କହିଥିଲ-

''ପ୍ରିୟଦର୍ଶୀବାବୁ, ସତେ କ'ଣ ଆଉ ଏ ଜୀବନରେ କେବେ ସାକ୍ଷାତ ହେବନି ?''

ମୁଁ ତୁମକଥା ଶୁଣି କହିଥିଲି-

''ଜୀବନର ପଥରେ ଅନେକ ବାଙ୍କ, ଅନେକ ଛକ । ଏଇଠି ଅନେକ ସମୟରେ ଜୀବନ ପଥହରା ହୁଏ- ଦିଗହରା ହୁଏ । ଏଇ ପଥରେ ଆମର ଆଉ କେବେ ଭେଟ ହେବ କି ନା, ଜାଣେନା । କିନ୍ତୁ ମାୟା, ମୃତ୍ୟୁର ପଥ ଏକ ଓ ଅଭିନ୍ନ । ଜୀବନର ପଥ ଭଳି ଏହା ଅନେକ ନୁହେଁ । ଏ ରାସ୍ତା ସିଧା-ଏଥିରେ ବାଙ୍କ ନାହିଁ, ଛକ ବି ନାହିଁ । ତେଣୁ ବିଶ୍ୱାସ ରଖ, ଆମର ଜୀବିତ ପଥରେ ନ ହେଲେ ବି ମୃତ୍ୟୁ ପଥରେ ନିଶ୍ଚୟ ଭେଟ ହେବ ।''

ଦେଖିଲି ତୁମ ଆଖିରେ ଶ୍ରାବଣର ଭସା ମେଘର ଶୋଭାଯାତ୍ରା- ତୁମେ ନିଜେ ଯେମିତି ମେଘାଳୟା ହୋଇଯାଇଛ- କେଉଁ ମୁହୂର୍ତ୍ତରେ ବର୍ଷଣମୁଖର ହୋଇ ଉଠିବ କିଏ ଜାଣେ !

ଯିବା ପୂର୍ବରୁ ତୁମେ କହିଥିଲ-

''ପ୍ରିୟଦର୍ଶୀବାବୁ, ସତରେ ପାଇ ହଜାଇବାଠାରୁ କେବେ କିଛି ନ ପାଇବା ଶତଗୁଣେ ଭଲ । ଭଲ ପାଇ ଲୁହ ଝରାଇବାଠାରୁ ନିଜକୁ ନିଜେ ଭଲ ପାଇ ଶିଖିବା ସବୁଠୁ ଉତ୍ତମ । ଆଜି ଏଇ ବିଦାୟ ମୁହୂର୍ତ୍ତରେ ମୋ ଗୀତର ତାତ୍ପର୍ଯ୍ୟ ଉପଲବ୍ଧି କରିପାରୁଛି ।''

ଆଉ ସେତେବେଳେ ମୁଁ ତୁମ ହାତକୁ ଚାପିଧରି ଗଭୀର ଆବେଗରେ କହୁଥିଲି-

''ମାୟା, ଇଚ୍ଛା ହେଉଛି ତୁମ ସହିତ ମୁଁ ଅନେକ ଦୂରକୁ ଚାଲିଯାଆନ୍ତି-ଯେଉଁଠି ନ ଥାଆନ୍ତା ଜାତି-ଧର୍ମର ମଣିଷ ତିଆରି ଆବିଳତା । କିନ୍ତୁ ମୋର ସାମାଜିକ ପ୍ରତିଷ୍ଠା, ରୀତି, ନୀତି ମୋତେ ଯେମିତି ବନ୍ଦୀ କରି ରଖିଛନ୍ତି । ମୁଁ ମୁକ୍ତ ବିହଙ୍ଗ ନୁହେଁ । ମୁଁ ମଣିଷ !

Digitized by srujanika@gmail.com

ମୁଁ ଆଜନ୍ମରୁ ବଂଧନମୁକ୍ତ ଥିଲେ ହେଁ ପ୍ରତିଟି କ୍ଷଣ ସାମାଜିକ ଶୃଙ୍ଖଳାରେ ଆବଦ୍ଧ ଏକ ବୋଲକରା ପଶୁ । ମୁଁ ଶିଖିଛି ଜୀବନ କେବଳ ଅତୀତ ବା ବର୍ତ୍ତମାନର ସ୍ୱପ୍ନବିଳାସ ନୁହେଁ, ଜୀବନର ଅନ୍ୟ ନାମ ଭବିଷ୍ୟତ । ଯେଉଁ ଜୀବନର ଭବିଷ୍ୟତ ନାହିଁ, ତାହା ମୃତବତ୍, ଏହି ଭବିଷ୍ୟତ ପାଇଁ ମୋର ଏଇ ସୁନେଲି ବର୍ତ୍ତମାନକୁ ମୁଁ ଜହ୍ଲାଦ ପ୍ରାୟେ ତଣ୍ଟି ଚିପି ହତ୍ୟା କରିଚାଲିଛି । ଯଦି ପାର ମୋତେ କ୍ଷମା ଦେବ ।''

ମୁଁ ଆଉ କ'ଣ କହିଥାନ୍ତି ! କିନ୍ତୁ ଷ୍ଟେସନ୍‌ରେ ଘଣ୍ଟା ବାଜିଲା । ତୁମେ ଯାଇ ବଗିରେ ଠିକ୍ ମୋ ବର୍ଥରେ ବସିଲ । ଟ୍ରେନ୍ ଛାଡ଼ିଲା । ତୁମେ ଝରକା ଫାଙ୍କରେ ରୁମାଲ ହଲାଇ କ୍ରମଶଃ ଅସ୍ପଷ୍ଟ ହୋଇଯାଉଥିଲ । ମୁଁ ପାଗଳ ପ୍ରାୟେ ପ୍ଲାଟଫର୍ମରେ ଦୌଡ଼ୁଥିଲି- ଅନେକ କଷ୍ଟରେ ପାଇଥିବା ଜିନିଷକୁ ହଜାଇଦେବାକୁ ଯେମିତି ଚାହୁଁ ନ ଥିଲି । ହଠାତ୍ ତୁମ ହାତରୁ ରୁମାଲଟି ଖସିପଡ଼ିଥିଲା-ଆବେଗରେ ତାକୁ ଛାତିରେ ଚାପିଧରିଲି । ତାହା ତୁମ ଆଖିର ଲୁହରେ ଆର୍ଦ୍ର ହୋଇଯାଇଥିବାର ଲକ୍ଷ୍ୟ କଲି ।

ମାୟା, ମିଳନର ସ୍ମୃତି ଅଛି-ବିରହର ବିସ୍ମୃତି ଅଛି । ଏସବୁ ସ୍ମୃତିର ସ୍ମୃତି । ମିଳନର ସ୍ମୃତି ମଧୁର-ଆଉ ବିରହର ସ୍ମୃତି ଯନ୍ତ୍ରଣାଦାୟକ । ତଥାପି ଅନେକ ସ୍ମୃତିର ସ୍ମୃତିରେ ଆମେ ମସ୍‌ଗୁଲ୍ ହେଉ-ଅନେକ ବେସୁରା ଜୀବନର ଛନ୍ଦରେ ବି ଆମେ ବେଳେବେଳେ ସୁରକାର ହୋଇପଡୁ । କିନ୍ତୁ ବିସ୍ମୃତିର ସ୍ମୃତି ଅଛି ବୋଲି କ'ଣ ସମସ୍ତେ ଜାଣନ୍ତି ? ମୁଁ ଜାଣେ ବିସ୍ମୃତିର ସ୍ମୃତି ଆହୁରି ହୃଦୟବିଦାରକ । ତୁମର ବିସ୍ମୃତିର ସ୍ମୃତିକୁ ଛାତିରେ ରଖି ସେଥିପାଇଁ ମୁଁ ହୁଏତ ଜଳୁଛି-ମୋ ଛାତିରେ ତାହା ଅହରହ ଜୁଇ ହୋଇ ଜଳୁଛି ।

ମାୟା, ଆଜି ବି ଟ୍ରେନ୍ ଏଇନା ଭୁବନେଶ୍ୱର ଛାଡୁଛି । ଏଇଠି ଠିକ୍ ବର୍ଷକ ତଳେ ମୁଁ ତୁମକୁ ବିଦାୟ ଦେଇଥିଲି । ଟ୍ରେନ୍‌ର ଚକ ସିନା ଆଗକୁ ଗଡ଼ିଚାଲିଲା- ହେଲେ ମୋ ଭାବନାର ଚକ ବର୍ଷକ ପଛକୁ ଘୁଞ୍ଚିଗଲା । ମୋତେ ଦେଖାଗଲା ତୁମେ ଯେମିତି ରୁମାଲ ହଲାଇ ମୋତେ ବିଦାୟ ଦେଉଛ-ଆଉ ତୁମ ମୁହଁଟା ଅସ୍ପଷ୍ଟ ଦେଖାଯାଉଛି- ମୁଁ ହଠାତ୍ ପାଗଳଙ୍କ ଭଳି ପ୍ଲାଟଫର୍ମରେ ଦୌଡ଼ିବା ଆରମ୍ଭ କରିଦେଇ ପରକ୍ଷଣରେ ପ୍ରକୃତିସ୍ଥ ହୋଇ ଉଠିଲି । ଆଜି ଅନୁଭବ କରୁଛି ମୋ ଆଖିପତାରେ ସହସ୍ର ଭସା ମେଘର ଛାଇ- ଗଭୀର ଆବେଗରେ ରୁମାଲ୍‌ଟା ଛାତିରେ ଚାପିଧରିଲି ଟ୍ରେନ୍‌ଟି ଦୂର ଚକ୍ରବାଳରେ ଲୀନ ହେବା ପର୍ଯ୍ୟନ୍ତ । ଏଇଟା ତୁମର ସେଇ ରୁମାଲ-ଠିକ୍ ସେଦିନ ଭଳି ଆଖି ଲୁହରେ ଆର୍ଦ୍ର ହୋଇ ଯାଇଛି-ତୁମ ଲୁହରେ ନୁହେଁ ଏଥର କିନ୍ତୁ ମୋ ଲୁହରେ । ତୁମ ଲୁହ ଯେମିତି ଏଇ ରୁମାଲ୍ ଭିତରେ ମୋ ଲୁହକୁ ତା' ଛାତିରେ ଚାପି ଧରିବାକୁ ଦୀର୍ଘ ଏକବର୍ଷ ହେଲା ପ୍ରତୀକ୍ଷା କରି ବସିଥିଲା !!

ମାୟା, କହିପାରିବ ଦୁଇ ଲୁହର ମିଳନ କ'ଣ ମିଳନ ନୁହେଁ ??

(* ସତ୍ୟ ଘଟଣା ଛାୟାରେ ଲିଖିତ)

Digitized by srujanika@gmail.com

ମୃତ-ସୀମନ୍ତ

''ଏକ୍ ଶେହେନ୍‌ଶାହ ନେ ଦୌଲତ କା ସାହାରା ଲେକର
ହମ୍ ଗରୀବୋକା ମୁହବତ୍ କା ଉଡାୟା ହେ ମଜାକ୍'' – ସହୀର ଲୁଧିଆନ୍‌ଭୀ

'ସବୁ ଅଭିନେତ୍ରୀ ନାରୀ' ଏ କଥା ମୁଁ ବହୁ ପୂର୍ବରୁ ଜାଣିଥିଲି- କିନ୍ତୁ 'ସବୁ ନାରୀ ଯେ ଅଭିନେତ୍ରୀ', ଏ କଥା ବହୁତ ପରେ ଜାଣିଲି ।

ସବୁ ଅଭିନେତ୍ରୀ ନାରୀ- ହୃଦୟର କୋହ ଚାପି ଏମାନେ ହସିପାରନ୍ତି; ସୀମନ୍ତର ସିନ୍ଦୂର ପୋଛି ବିଧବାର ନିଖୁଣ ଅଭିନୟ କରିପାରନ୍ତି, ଏ କଥା ତୁମକୁ ଭଲ ପାଇବା ପୂର୍ବରୁ ଜାଣିଥିଲି । ଆଉ ବି ମୁଁ ଜାଣିଥିଲି ଏମାନେ ଯେତେ ନିଖୁଣ ଅଭିନୟ କଲେ ବି ନାରୀର ପ୍ରତିଟି ନାରୀସୁଲଭ ଗୁଣ ନିଜ ଭିତରେ ଅତି ସତର୍କତାର ସହ ସଂରକ୍ଷିତ କରି ରଖିଥାଆନ୍ତି । ଆଉ ସେଥିପାଇଁ ଅନେକ ଅଭିନେତ୍ରୀ ଗୃହସ୍ଥ ଜୀବନରେ ସଫଳ ଗୃହିଣୀ ହେବାର ବହୁ ଦୃଷ୍ଟାନ୍ତ ରହିଛି । ରଙ୍ଗମଞ୍ଚରେ ନିଜର ସମସ୍ତ ଅଭିନୟ ସମାପ୍ତ କରିଦେଇ ଥିବାରୁ ହୁଏତ ଜୀବନ-ରଙ୍ଗମଞ୍ଚରେ ଏମାନେ ଆଉ ଅଭିନୟ କରିପାରନ୍ତିନି ବୋଲି ଆଉ କାହାର ନ ହେଲେ ବି ମୋର ସମ୍ପୂର୍ଣ୍ଣ ହୃଦ୍‌ବୋଧ ହୁଏ ।

ଲୀନା, ତୁମକୁ ଭଲ ପାଇବା ପରେ ଜାଣିଲି କେବଳ ସବୁ ଅଭିନେତ୍ରୀ ନାରୀ ନୁହନ୍ତି, ସବୁ ନାରୀ ବି ଅଭିନେତ୍ରୀ । ଏମାନେ ପ୍ରୀତିର ରଙ୍ଗମଞ୍ଚରେ ନିଛକ ଅଭିନୟ କରିପାରନ୍ତି । ବିଚରା ପୁରୁଷକୁ ପ୍ରେମର ଦ୍ୱାହି ଦେଇ ଅନେକ ଦୂରକୁ ନେଇଯାଇପାରନ୍ତି । ପରିବାରଠାରୁ, ସମାଜଠାରୁ ଅନେକ ଦୂରର ଅନ୍ଧ ମୁହାଣିକୁ ଅତିକ୍ରମ କଲା ପରେ ପ୍ରେମିକ ନାମଧାରୀ ସେଇ ଅଦ୍ଭୁତ ଜୀବଟି ଯେତେବେଳେ ଜାଣେ ଯେ ନାରୀ ବୋଲି ଯାହାକୁ ସେ ପ୍ରେମ କରିଆସିଛି ସେ ନାରୀ ନୁହେଁ, ସେ ଏକ ହୃଦୟହୀନା ଅଭିନେତ୍ରୀ - ତାଠାରେ ନାରୀସୁଲଭ ଗୁଣ କିଛି ନାହିଁ, କେବଳ ଅଭିନୟର ସମସ୍ତ କଳାରେ ସେ କଳାବତୀ- ସେତେବେଳେ ସେ ନିଜ ଆଖିର ନୀରରେ ଅଞ୍ଜଳି ଭରିବା ଛଡ଼ା ସେ ଆଉ କିଛି କରିପାରେନା ।

ଲୀନା, ତୁମର ଭଲ ପାଇବାର ଅଭିନୟର ପରଦା ଯେତେବେଳେ ଖୋଲିଗଲା ମୁଁ ସେତେବେଳେ ଆଉ 'ମୁଁ' ହୋଇ ରହିନଥିଲି । ମୋର ନିଜସ୍ୱ ସତ୍ତା ତୁମ ଭିତରେ

Digitized by srujanika@gmail.com

କେବେଠାରୁ ବିଲୀନ କରିସାରିଥିଲି । ମୁଁ ଅନେକ ଥର ନିଜକୁ ନିଜେ ପ୍ରଶ୍ନ କରିଛି - ତୁମ ନାଟକ ସରିଛି- ତଥାପି କେଉଁ ଅଭିନୟ ଦେଖିବାକୁ ମୁଁ ବଞ୍ଚିଛି ? ଆଉ ପ୍ରତ୍ୟୁତ୍ତରରେ ମୁଁ ନିରୁତ୍ତରତା ରୂପକ ଉତ୍ତର ପାଇଛି । ସେଇ ଦିନଠାରୁ ପ୍ରତିଜ୍ଞା କରିଛି ଯେ ମୁଁ ଆଉ କାହାକୁ ଭଲ ପାଇବିନି । ଭଲ ପାଇବାଟା ଏତେ ଭଲ ନୁହେଁ ବୋଲି ତୁମେ ହିଁ ମୋତେ ଶିଖେଇଦେଇଯାଇଛ ।

ତୁମର ମନେଥିବ କି ନା ମୁଁ ଜାଣିନି, ମୋର କିନ୍ତୁ ସ୍ପଷ୍ଟ ମନେ ଅଛି, ତୁମ ସହ ଆଗ୍ରାର ତାଜମହଲର ଏକ ଦୁରନ୍ତ ଉପକଣ୍ଠରେ ପ୍ରଥମ ଦର୍ଶନରେ ପ୍ରେମ ହେବା ପରେ ତୁମ ପାଖକୁ ମୋ ଜୀବନର ପ୍ରଥମ ପ୍ରେମପତ୍ର ଲେଖିଥିଲି-

''କେଉଁ ନାମ ତୁମକୁ ଦେଇ ଡାକିବି, ମୁଁ ଜାଣେନା । ତଥାପି ଏଇ ଅଳ୍ପ ଦେଖାରେ ତୁମେ ଯେମିତି ଦିନକୁ ଦିନ ମୋ ନିକଟରେ ସର୍ବନାମ ହୋଇଉଠିଛ ମୋ ସ୍ମୃତିରେ, ମୋ ସ୍ଥିତିରେ, ମୋ ପ୍ରୀତିରେ, ମୋ ଅସ୍ଥିରେ ତୁମେ ଯେମିତି କ୍ରମଶଃ ବିଲୀନ ହେବାକୁ ବସୁଛ । ତୁମ ସହିତ ମାନସିକ ସ୍ତରରେ ଶୁଭପରିଣୟ ହୋଇଯାଇଛି ମୋ ଅଜାଣତରେ । ପ୍ରୀତିର ସାହାନାଇ ସୁରରେ, ପ୍ରଣୟର ବରମାଲ୍ୟ ପିନ୍ଧାଇ, ଅନୁରାଗର ସିନ୍ଦୂର ତୁମ ସିନ୍ଥିରେ ଦେଇ ମୋ ହୃଦୟର ଫୁଲଶେଯରେ ପ୍ରଥମ ଦେଖାରେ ହିଁ ତୁମକୁ ମୁଁ ମୋର ବଧୂ କରିନେଇଛି । ସେଇଦିନୁ ଅନେକ ବିରହର ସମ୍ଭୋଗରେ ଅନେକ ସ୍ମୃତିର ତୁମେ ଜନନୀ ହୋଇସାରିଛ ।''

ମନର ଉପବନରେ ଭଲ ପାଇବାର ଯେଉଁ ବୀଜ ବପନ କରିଥିଲି, ତାହା ସମୟର ତାଳରେ ପରିବର୍ଦ୍ଧିତ ହେବାକୁ ଲାଗିଲା । ସେମିତି ଏକ ସମୟରେ ତୁମ ସହିତ ମୁଁ ଥରେ ଆଗ୍ରା ଯାଇଥିଲି । ସେ ରାତ୍ରିଟି ଥିଲା ଜୋଛନା ଭିଜା ପୂର୍ଣ୍ଣିମାର ରାତ୍ରି । ଆଗ୍ରାର ଆକାଶରେ ଚନ୍ଦ୍ରମା ଉଇଁଥିଲା । ଯମୁନାର ଜଳ ମୋତେ ଉଜାଣି ବହିବା ପରି ଲାଗୁଥିଲା । ମୁଁ ତୁମକୁ ଏକାନ୍ତରେ ପାଇ କହିଥିଲି-

''ଲୀନା, ତୁମକୁ ସବୁଦିନେ ମୁଁ ତାଜ୍‌ମହଲ ଦେଖି ଯିବାକୁ କହିଛି । କିନ୍ତୁ ତୁମେ ମୋତେ ମନା କରିଆସିଛ । ତାର କାରଣ କିଛି କହିନ । ସମସ୍ତେ କହନ୍ତି ଆଗ୍ରା ଆସି ତାଜ୍‌ମହଲ ନ ଦେଖିଲେ ଆଗ୍ରା ଆସିବା ନ ଆସିବା ସହ ସମାନ । ଅଥଚ ତୁମେ ଏକ, ବ୍ୟତିକ୍ରମ । ତାଜମହଲ କ'ଣ ତୁମ ଆଖିରେ ବିଗତ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଏକ ବସ୍ତୁ ନୁହେଁ ?''

ମୋ କଥା ଶୁଣି ତୁମ ଅଧରରେ ବସନ୍ତର ମହୋତ୍ସବ ଖେଳିଗଲା ମୁହୂର୍ତ୍ତକ ପାଇଁ । ତୁମେ କହିଥିଲ-

''ପ୍ରିୟଦର୍ଶୀ, ସେମାନେ କେଉଁ ଶ୍ରେଣୀର ଲୋକ ଯେଉଁମାନେ 'କାଳିଘାଟ ନ ଦେଖିଲେ କଲିକତା ଦର୍ଶନ ବୃଥା', ଏଇ ରୀତିରେ ତାଜ୍‌ମହଲ ନ ଦେଖିଲେ ଆଗ୍ରା ଆସିବା

Digitized by srujanika@gmail.com

ନିରର୍ଥକ ବୋଲି ଯୁକ୍ତି ବାଢ଼ନ୍ତି, ମୁଁ ଜାଣିନି । ମୁଁ କଲିକତା ଯାଇ କାଳିଘାଟ ଦେଖିପାରିନି ବୋଲି ଅନେକ ଦୁଃଖ କରିଛି । କିନ୍ତୁ ତୁମେ ଯଦି ମୋତେ ଆଗ୍ରା ଆଣିଛ ବୋଲି ତାଜମହଲ ଦେଖିବାକୁ ବାଧ୍ୟ କର, ତା ହେଲେ ମୁଁ ତା'ଠାରୁ ସହସ୍ର ଗୁଣରେ ଅଧିକ ଆଘାତ ପାଇବି ।''

''କିନ୍ତୁ କାହିଁକି ?''

''ପ୍ରିୟଦର୍ଶୀ, ତା ପୂର୍ବରୁ ମୁଁ ତୁମକୁ ପ୍ରଶ୍ନ କରୁଛି ତାଜ୍‌ମହଲ ତୁମ ଆଖିରେ କାହିଁକି ଏତେ ମହୀୟାନ୍ ? କାହିଁକି ତାକୁ ତୁମେ ବିଗତ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ କରୁଛ ? କହିପାରିବ ତାଜ୍‌ମହଲ କିଏ କାହା ପାଇଁ ତୋଳିଥିଲା ? ବାରଶହ ବଢ଼େଇ ଓ ଧରମାର ତ୍ୟାଗର ପ୍ରତିମୂର୍ତ୍ତି ସୂର୍ଯ୍ୟ ମନ୍ଦିରଠାରୁ ଏହା କେଉଁ ଗୁଣରେ ମହତ୍ତର ??''

''ଲୀନା, ଦିନେ ରୂପସୀ ମମ୍‌ତାଜମହଲ ନିଜର କୋମଳ ଅଙ୍ଗରେ ପ୍ରୀତିସୁଧା ବୋଳି, ନିଜ ଯୌବନକୁ ଶାହାନ୍‌ଶାହା ଶାହାଜାହାନଙ୍କ ନିକଟରେ ଅଞ୍ଜଳି ଦେଇ ଯେଉଁ ଆରାଧନା କରିଥିଲେ, ସେଇ ସ୍ମରଣୀୟ ସ୍ମୃତିର ଅମଳିନ ପ୍ରତୀକ ତାଜମହଲ- ଭାରତୀୟ ଓ ପାରସ୍ୟ ସ୍ଥାପତ୍ୟର ସଂଗମ ସ୍ଥଳ । ପୃଥିବୀରେ ଅନେକ କବର ଅଛି । କିନ୍ତୁ ଏହା ଯେମିତି ଏକ କବର ନୁହେଁ, ଏହା ଆଜି ସର୍ବଧର୍ମର ସମନ୍ୱୟପୀଠ । ତାଜମହଲ ଆରତିର ପ୍ରଦୀପ ଶିଖା ଭଳି ପବିତ୍ରତାର ଧର୍ମରେ ଦୀକ୍ଷିତ । ସେଥିପାଇଁ ଜାତିଧର୍ମର ରକ୍ଷଣଶୀଳତାକୁ କୁଠାରଘାତ କରି ସବୁରି ଆଖିରେ ମହୀୟାନ୍ । ଏହା ଏକ ପ୍ରେମର ମନ୍ଦିର, ମୁହବ୍‌ବତର ମସ୍‌ଜିଦ୍, 'ଲଭ୍'ର ଗୀର୍ଜା ଆଉ ପ୍ରୀତ୍‌ର ଗୁରୁଦ୍ୱାର ହୋଇ ଯୁଗ ଯୁଗ ଧରି ବିଶ୍ୱର ଅନେକ ପ୍ରଣୟୀ ଯୁଗଳକୁ ପ୍ରୀତିର ମନ୍ତ୍ର ଶିଖାଇଆସିଛି । କହିଛି - ପ୍ରେମର ଅର୍ଥ ନୁହେଁ ସଂପର୍କ ସ୍ଥାପନ କରିବା, ପ୍ରେମର ପ୍ରକୃତ ସଂଜ୍ଞା ହେଲା ସଂପର୍କୀୟ ହେବା । ତେଣୁ ପ୍ରେମ ଏକ ସଂପର୍କ ନୁହେଁ- ଏକ ସଂପର୍କ ସୃଷ୍ଟିକାରୀ ପ୍ରକ୍ରିୟା । ଏହା ବିଶେଷ୍ୟ ପଦ ନୁହେଁ - ଏହା ଏକ କ୍ରିୟାପଦ, ଯାହାର ନିଃଶେଷ ନାହିଁ । ଏଇ ମଧୁଚନ୍ଦ୍ରିକା ରାତ୍ରିର ଅନ୍ତିମ ପ୍ରହର ନାହିଁ । ଏହା ଏକ ଚିର ପ୍ରବହମାନ ପ୍ରମତ୍ତା ନଦୀ । ଏହାର ଆରମ୍ଭ ନାହିଁ, ଶେଷ ବି ନାହିଁ । ଏହା ଏକ ଚିରନ୍ତନ ସତ୍ୟ । ପ୍ରେମିକ-ପ୍ରେମିକା ମରିଯାଆନ୍ତି, କିନ୍ତୁ ସତ୍ ପ୍ରେମ ଚିର ଅମର । ସେଥିପାଇଁ ତାଜ୍‌ମହଲ ମୋର ପ୍ରାତଃ ସ୍ମରଣୀୟ । ଏହା ମୋ ଆଖିରେ ପ୍ରେମ ପାଇଁ ନିଃସ୍ୱାର୍ଥ ତ୍ୟାଗର ଅପୂର୍ବ ନିଦର୍ଶନ ।''

''ନା, ପ୍ରିୟଦର୍ଶୀ । ଏହା ତ୍ୟାଗର ନିଦର୍ଶନ ନୁହେଁ । ଏହା ଛଳନାର ଓ ଗଦ୍‌ଦାରୀର ଚିର ପ୍ରତୀକ । ଏଣୁ ତାଜ୍‌ମହଲ ମୋ ଆଖିରେ ଘୃଣ୍ୟ ।'' ତୁମ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ତୁମ ପାଟିରେ ହାତଦେଇ କହିଥିଲି-

''ଧୀରେ କୁହ ଲୀନା, ଆଉ କିଏ ଶୁଣିଲେ ହସିବ-କହିବ, ତୁମେ ଗୋଟିଏ ପାଗଳୀ । ଆଉ ତୁମକୁ ଯିଏ ଭଲ ପାଇଛି, ସେ ବଦ୍ଧ ପାଗଳ ଭିନ୍ନ ଅନ୍ୟ କିଛି ନୁହେଁ ।''

ତୁମେ ଅବିଚଳିତ କଣ୍ଠରେ ଜବାବ୍ ଦେଇଥିଲ-

''ମୋତେ କିଏ ପାଗଳୀ କହିଲେ, ତାକୁ ହୁଏତ ମୋର ପହିଲା ନମ୍ବର ଶତ୍ରୁ

Digitized by srujanika@gmail.com

କହିବି ! କିନ୍ତୁ ଯଦି କିଏ କୁହେ ମୁଁ ତୁମ ପ୍ରେମରେ ପାଗଳୀ, ତାହେଲେ ତାର ପାଦଧୂଳି ନେବାକୁ ସୌଭାଗ୍ୟ ମଣିବି । ତୁମ ପ୍ରେମରେ ପାଗଳୀ ହୋଇ ଯଦି ମୁଁ ପ୍ରେମର ଶେଷ ସୋପାନରେ ଚଢ଼ିପାରିବି ତାହେଲେ ସତରେ ମୁଁ ଏ ଦୁନିଆ ଆଗରେ ଡିଣ୍ଡିମ ପିଟି କହିବି ମୁଁ ପାଗଳୀ - ବନ୍ଧ ପାଗଳୀ ।''

''କିନ୍ତୁ ତାଜ୍‌ମହଲ ପ୍ରତି ତୁମର ବିତୃଷ୍ଣାର କାରଣ ମୁଁ ତ ଜାଣି ପାରିଲିନି ।''

''କହୁଛି ପ୍ରିୟଦର୍ଶୀ, ତୁମକୁ କହିବିନିତ ଆଉ କାହାକୁ କହିବି ? ଦୁଇଟି କାରଣରୁ ମୁଁ ତାଜମହଲ ପାଇଁ ଶାହାଜାହାନ୍‌ଙ୍କୁ ତାରିଫ୍ କରେନା । ପ୍ରଥମଟି କିମ୍ବଦନ୍ତୀ । ତୁମେ ହୁଏତ ଜାଣିଛ ମମ୍‌ତାଜ୍ ବେଗମ୍‌ଙ୍କ ପାଇଁ ତାଜ୍‌ମହଲ ନିର୍ମିତ । କିନ୍ତୁ ତୁମେ ନ ମାନିଲେ ବି ମୁଁ ଜାଣେ ଏହା ଜାହାନ୍ନାରାଙ୍କ ପାଇଁ ନିର୍ମିତ । ତାଜ୍‌ର ପ୍ରତିଟି ପ୍ରସ୍ତର ଖଣ୍ଡରେ ସେଇ ଅନାମଧେୟ ଶିଳ୍ପୀର ଅସୁମାରି ସ୍ୱପ୍ନ ଲୁକ୍କାୟିତ - ଶାପଗ୍ରସ୍ତା ଅହଲ୍ୟା ସମ ପ୍ରସ୍ତରୀଭୂତା । ସେ ଯଦି କେବେ ଶାପମୁକ୍ତା ହୁଏ, ତାହେଲେ ଏଇ ବିଶ୍ୱକୁ ଆଚମ୍ବିତ କରି ବଜ୍ର କଣ୍ଠରେ ଘୋଷଣା କରିବ ଶାହାଜାହାନ୍ ସେଇ ଶିଳ୍ପୀର ହତ୍ୟାକାରୀ, ଯିଏ ତାଜ୍‌ର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଜାହାନ୍ନାରାଙ୍କୁ ଭଲ ପାଇ ତାରି ପ୍ରେରଣାରେ ତାଜ୍‌ମହଲ ଗଢ଼ିଥିଲେ ଆଉ ନିର୍ମାଣ ଅନ୍ତେ ପୁରସ୍କାର ପାଇଁ ବଚନବଦ୍ଧ ଶାହାନ୍‌ଶାହାଙ୍କ ନିକଟରେ ତାଙ୍କ ଦୁଲାଲୀ କନ୍ୟା ଜାହାନ୍ନାରାର ପାଣି ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରି ତାଙ୍କର ଦୁଇ ହସ୍ତ ହରାଇଥିଲେ । ତେଣୁ ତାଜ୍‌ମହଲ ଦେଖିଲେ ମୋର ମମତାଜ୍ କଥା ମନେ ନ ପଡ଼ି ମୋତେ ଜାହାନ୍ନାରା କଥା ହିଁ ମନେପଡ଼େ । ଏଣୁ ତାଜ୍‌ମହଲ ଦେଖିବାକୁ ମୁଁ ଇଚ୍ଛା କରେନା ।''

''ଲୀନା କିମ୍ବଦନ୍ତୀରେ ମୁଁ ବିଶ୍ୱାସ କରେନା । କିମ୍ବଦନ୍ତୀ ଇତିହାସ ନୁହେଁ, ଏହି ମତରେ ମୋର ମନ ଅଟଳ ଭାବେ ସଂଲଗ୍ନ । ତୁମେ ଯଦି ଏଥିପାଇଁ ମମତାର ତାଜ୍‌କୁ ଘୃଣା କର ତାହେଲେ ତୁମକୁ ଅନ୍ଧବିଶ୍ୱାସରେ ଅନ୍ଧୁଣୀ ବୋଲି ମୁଁ ଭାବିନେବି ।''

''ପ୍ରିୟଦର୍ଶୀ, ବେଳେବେଳେ କିମ୍ବଦନ୍ତୀ ଇତିହାସଠାରୁ ଆହୁରି ପ୍ରାମାଣିକ - ଆହୁରି ସତ୍ୟ ଭଳି ପ୍ରତୀତ ହୁଏ । ସେଇଠି କିମ୍ବଦନ୍ତୀ ଇତିହାସର ଶିରାପ୍ରଶିରାରେ ମିଶିଯାଇ ଜୀବନ୍ତ ହୋଇଉଠେ ଏବଂ ଅତୀତ ବର୍ତ୍ତମାନ ହୋଇଯାଏ- ଇତିହାସ ବର୍ତ୍ତମାନର ଧାରାବିବରଣୀ ପ୍ରଦାନକାରୀ ସାଜେ । ସେଇ ଦୃଷ୍ଟିଭଂଗୀରେ ମୁଁ ତାଜ୍‌ମହଲ ପାଇଁ ଶାହାଜାହାନ୍‌ଙ୍କୁ କେବେ ତାରିଫ୍ କରିନି । କାରଣ ତାଜ୍‌ମହଲ ଗଢ଼ି ସ୍ୱାଭିମାନୀ ବାଦଶାହା ଧନଗର୍ବରେ ହୁଏତ ଦେଖାଇଦେବାକୁ ଚାହୁଁଥିଲେ ଯେ ସେ ହିଁ ପୃଥିବୀର ଶ୍ରେଷ୍ଠ ପ୍ରେମିକ ପ୍ରବୀର । ତାଙ୍କ ପ୍ରେମହିଁ ସାରା ଜାହାଁର ଶ୍ରେଷ୍ଠ ପ୍ରେମ-ତାର ମୃତ୍ୟୁ ନାହିଁ, ତାହା ଜନ୍ମାନ୍ତରର, ଦେହାତୀତର । କିନ୍ତୁ ମୋ ଆଖିରେ ଏହା ହିପୋକ୍ରାସୀର ଚିରନ୍ତନ ନମୁନା । ସ୍ୱର୍ଗୀୟ ପ୍ରେମ ପାଇଁ ସ୍ମୃତିର ମହଲ ଗଢ଼ିବା କ'ଣ ଦରକାର ? କେଦାର-ଗୌରୀ, ଲାଇଲା-ମଜନୁ, ହୀରା-ରାନ୍‌ଜା, ରୋମିଓ-ଜୁଲିଏଟ୍ କ'ଣ ତାଙ୍କର ସ୍ୱର୍ଗୀୟ ପ୍ରେମର ସ୍ଥିତି ପାଇଁ

Digitized by srujanika@gmail.com

ଗୋଟିଏ ଗୋଟିଏ ତାଜମହଲ ଗଢ଼ିଥିଲେ । ନା ପ୍ରିୟଦର୍ଶୀ, ସେମାନେ ଜାଣିଥିଲେ, ତାଙ୍କର ପ୍ରେମ ସ୍ୱର୍ଗୀୟ - ତାହା ନିଜେ ନିଜେ ହିଁ ସ୍ୱୟଂସଂପୂର୍ଣ୍ଣ । ତା' ପାଇଁ ସାମାନ୍ୟ ପଥରର ମହଲ କ'ଣ ଦରକାର ? ତାହା ଯେ ଆତ୍ମା ପ୍ରାୟେ ଚିର ଜାଜ୍ୱଲ୍ୟମାନ । ଆଉ ଶାହାନ୍‌ଶାହା ଶାହାଜାହାନ ଆମ ଗରିବଙ୍କ ପ୍ରେମକୁ ତୁଚ୍ଛ ମଣି; ବିଦ୍ରୂପ କରି ଧନ, ଯୌବନ, ପ୍ରଭୁତ୍ୱ ଆଉ ଅବିବେକିତାର ଧ୍ୱଜା ଉଡ଼ାଇ - ହିନ୍ଦୁସ୍ଥାନର ରାଜକୋଷକୁ ଶୂନ୍ୟ କରି ନିଜର ବିଚିତ୍ର ଖେୟାଲ୍‌କୁ ଚରିତାର୍ଥ କରିବା ପାଇଁ ଗଢ଼ିଲେ ତାଙ୍କର ତଥାକଥିତ ପ୍ରେମର ମନ୍ଦିର ମୁହବ୍‌ବତ୍‌ର ଏଇ ଇବାଦାତ୍ ପୀଠ । କିନ୍ତୁ ମୁଁ କହିବି ଏହା ପ୍ରେମର ମନ୍ଦିର ନୁହେଁ, ଏହା ପ୍ରେମର ସମାଧି ସ୍ଥଳ । ଲୋକେ ମୃତ୍ୟୁମୁଖରେ ପଡ଼ିଲେ ସ୍ମୃତି-ସୌଧ ରୂପେ ସମାଧି ତୋଳନ୍ତି । ଶହାଜାହାନ୍ ଜାଣିଥିଲେ, ତାଙ୍କର ପ୍ରେମ ମୃତ - ସେଥିପାଇଁ ତାଜ୍‌ମହଲ ଭଳି ସମାଧି ଗଢ଼ିଲେ । ଯେଉଁ ଅର୍ଥ ବିନିମୟରେ ହିନ୍ଦୁସ୍ଥାନର କୋଟି କୋଟି ବୁଭୁକ୍ଷୁ ଜନତା ପେଟକୁ ଦାନା, ପିଠିକୁ କନା, ଆଉ ମୁଣ୍ଡ ଗୁଞ୍ଜିବାକୁ ଚାଳ ଖଣ୍ଡିଏ ପାଇ ତାଙ୍କ ସ୍ମୃତିର ମଶାଲ୍‌କୁ ଚିର ଉଜ୍ଜ୍ୱଳ କରି ରଖିବାକୁ ନିଜର ହୃଦୟରେ ଗୋଟିଏ ନୁହେଁ କୋଟିଏ ତାଜମହଲ ଗଢ଼ିଥାନ୍ତେ, ତାହା ନକରି ନିଜର ସ୍ୱାର୍ଥପରତାର ଚରମ ପରାକାଷ୍ଠା ଦେଖାଇ ଏଇ ଗୋଟିଏ ମାତ୍ର ପଥରର ସୌଧ ନିର୍ମାଣ କଲେ । ସେଥିପାଇଁ କଳ୍ପନାର ଦାସାନୁଦାସ, ବିଚିତ୍ର ଖେୟାଲ୍‌ର କ୍ରୀତଦାସ ଶାହାନ୍‌ଶାହା ଶାହାଜାହାନଙ୍କ ତାଜ୍‌ମହଲ ମୋ ଆଖିରେ ବିରାଟ ନୁହେଁ । କହିପାରିବ ପ୍ରିୟଦର୍ଶୀ, ଆମର ସେତିକି ଅର୍ଥବଳ ଆଉ ପ୍ରଭୁତ୍ୱ ଥିଲେ ଆମେ କ'ଣ ଏମିତି ଏକ ଡଜନ୍ ତାଜ୍‌ମହଲ ଗଢ଼ିପାରନ୍ତେନି ?? ସେଥିପାଇଁ ତୁମ ହାତ ଧରି ସବୁ ସ୍ଥାନକୁ ଯାଇପାରିବି କିନ୍ତୁ ତାଜ୍‌ମହଲକୁ ନୁହେଁ । ଏଥିପାଇଁ ମୁଁ କ୍ଷମା ମାଗିନେଉଛି । ଲୀନା, ସେଦିନ ତୁମ କଥା ଶୁଣି ତୁମର ଟିକି ମୁଣ୍ଡରେ ଏତେ ଚିନ୍ତାଧାରା କେମିତି ପଶିଲା, ତାହା ଜାଣିବାକୁ ଚେଷ୍ଟା କରି ଆଶ୍ଚର୍ଯ୍ୟ ହୋଇଯାଇଥିଲି- ଆଉ ତୁମ ନିକଟରେ ସତରେ କେତେ ନ୍ୟୂନ ହୋଇଯାଇନଥିଲି ।

ସେଇଦିନଠାରୁ ମୁଁ ତୁମକୁ ତାଜ୍‌ମହଲ ନେବାକୁ କେବେ ସାହାସ କରିପାରିନି । ତାଜ୍‌ମହଲ ପାଖରେ ଛିଡ଼ା ହୋଇ-ତୁମର ମୋର ଯୁଗ୍ମ ଫଟୋକୁ ଆଲ୍‌ବମ୍‌ରେ ସଜାଇ ରଖିବାର ଯେଉଁ ବାଦଶାହୀ ଖେୟାଲର ଶାହାନ୍‌ଶାହା ସାଜିଥିଲି- ତାହା ମୁହୂର୍ତ୍ତକ ମଧ୍ୟରେ ଏକ ବୁଲା ଫକୀର ପାଲଟିଗଲା । କାରଣ ମୁଁ ଭଲ ଭାବରେ ଜାଣିଥିଲି ତୁମେ ମୋର ହାତ ଧରି ସବୁ ପରିସ୍ଥିତିରେ ନର୍କକୁ ଓହ୍ଲାଇଯାଇପାରିବ କିନ୍ତୁ ତାଜ୍‌ମହଲକୁ କୌଣସି ପରିସ୍ଥିତିରେ ବି ନୁହେଁ ।

ତାପରେ ସମୟ କଡ଼ ଲେଉଟାଇଲା ।

ତାପର କଥା ତୁମର ମନେଥିବ- ତୁମକୁ ଆଗ୍ରା ନେଇ ଯାଇଥିଲି ବୋଲି ଏ ସହରକୁ ଫେରିବା ପରେ ମୁଁ ଅନେକ ବଦ୍‌ନାମର ଶିକାର ହୋଇଥିଲି । ମୁଁ ସବୁବେଳେ ଜୀବନରେ

Digitized by srujanika@gmail.com

ବଦ୍‌ନାମକୁ ବେଶି ଭୟ କରିଛି, କିନ୍ତୁ ତୁମ ପ୍ରେମରେ ବଦ୍‌ନାମ୍ ହେବାଟା ମୋତେ ବର୍ଷାରେ ଭିଜିବା ଭଳି ଲାଗିଥିଲା । ବର୍ଷାରେ ଭିଜିଲେ ଦେହ ଖରାପ ହୁଏ-ଏଇଟା ସତ କଥା । କିନ୍ତୁ ତହିଁରେ ବି ରୋମାଞ୍ଚ ଅଛି । ପ୍ରେମରେ ବଦନାମ ହେଲେ ମନ ଖରାପ ହୁଏ-ଏଇଟା ଆହୁରି ସତ କଥା । ତଥାପି ବର୍ଷାରେ ଭିଜିବାଠାରୁ ଏହା ଆହୁରି ରୋମାଞ୍ଚକର ନିଶ୍ଚୟ !

ଲୀନା, ସମାଜର ମୂଲ୍ୟବୋଧରେ ତୁମକୁ ବିବାହ କରିବାର ସମସ୍ତ ଯୋଗ୍ୟତା ଥିଲେ ବି ମୁଁ କ୍ଷତ୍ରିୟ ଆଉ ତୁମେ ବ୍ରାହ୍ମଣ ହୋଇଥିବାରୁ ମୋର ସମସ୍ତ ଯୋଗ୍ୟତା ପତ୍ରକୁ ଯେମିତି ସାମାଜିକ ଭାଇମାନେ ଚିକିଟିକି କରି ଖାଇ ନିଃଶେଷ କରିଦେଲେ । ମୋର ସମସ୍ତ ଯୋଗ୍ୟତା ଅଯୋଗ୍ୟତାରେ ପର୍ଯ୍ୟବସିତ ହେଲା । ତଥାପି ମୁଁ ତୁମର ରକ୍ଷଣଶୀଳତାର ଦୁର୍ଗ ଏଇ ସମାଜକୁ ଭୟ କରିନଥିଲି । ଭାବିଥିଲି, ତୁମେ ମୋର ହାତ ଧରି ଆଗେଇ ଆସିଲେ ଏଇ ସମାଜଠାରୁ ଦୂରେଇ ଆଉ ଏକ ନୂଆ ସମାଜ ବସାଇବି । ତୁମର ମୋର ରକ୍ତ ମିଶାଇ ଏକ ନୂଆ ସଂସ୍କାରମୂଳକ ଜୀବନ୍ତ କାହାଣୀ ଲେଖିବି । କିନ୍ତୁ ନିରାଶାର ବେଳାଭୂମିରେ କେତେ ବିଶ୍ୱାସଘାତକତାର ବାଲି ଅଛି, ତାହା କ'ଣ ଏଇ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଗଣତି କରିବା ସମ୍ଭବପର ? ତଥାପି ମୋର ସ୍ୱାଭିମାନ ନେଇ ତୁମର ସଂସ୍କୃତ ପାଠ ପଢ଼ାଉଥିବା ସେଇ ପଣ୍ଡିତ ପିତାଙ୍କ ପାଖକୁ ଯାଇଥିଲି ।

ଡାକ୍ତରି ପଢ଼ିଲେ ଜଣେ ଡାକ୍ତର ହୋଇପାରେ, ଇଂଜିନିୟରିଂ ପଢ଼ିଲେ ଜଣେ ଇଂଜିନିୟର ହୁଏ । କିନ୍ତୁ ସାହିତ୍ୟ ପଢ଼ିଲେ କେହି ସାହିତ୍ୟିକ ହୋଇପାରେନା । ମନୋବିଜ୍ଞାନ ପଢ଼ିଲେ କ'ଣ କେହି ଅପରର ମନକଥା ବୁଝିପାରେ ?? ସେଇ ସୂତ୍ରରେ ତୁମର ପଣ୍ଡିତ ପିତା ମୋର ଗୋଟିଏ ଶ୍ଳୋକ ବୁଝିପାରିଲେନି ଯଦିଓ ସେ ଜୀବନସାରା ସଂସ୍କୃତ ପଢ଼ାଇଆସିଛନ୍ତି । ଲୀନା, ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ କହିଛନ୍ତି- ''ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଚଃ ।'' ଏହି ଚାତୁବର୍ଣ୍ୟ ପୃଥିବୀର ସମସ୍ତ ସମାଜରେ ରହିଛି ଓ ରହିବ । କିନ୍ତୁ କାଳକ୍ରମେ ଏଇ ତଥାକଥିତ ପଣ୍ଡିତ ସମାଜ ଏକ ଅନ୍ଧବିଶ୍ୱାସ ସୃଷ୍ଟି କଲେ । ଏହା 'ଚାତୁର୍ବର୍ଣ୍ୟ' ନୁହେଁ - ଚତୁର୍ବର୍ଣ୍ଣ । ତେଣୁ ଅଜ୍ଞତାର ଦାସାନୁଦାସ ଏଇ ମଣିଷ ସମାଜ ବିଶ୍ୱାସ କଲା ଯେ ଯେଉଁ ବର୍ଣ୍ଣରେ ଜନ୍ମଲାଭ କରିବ ସେ ସେହି ବର୍ଣ୍ଣରେ ରହିବ ହିଁ ରହିବ । ଗୀତାର 'ଚାତୁର୍ବର୍ଣ୍ୟ'ର ଏହି କଦର୍ଥ 'ଚତୁର୍ବର୍ଣ୍ଣ' ହେତୁରୁ ଭାରତୀୟ ସମାଜରେ ଜାତିପ୍ରଥାର ହୀନମନ୍ୟତା ଉଦ୍ଭବ ହେଲା ।

ଶେଷରେ ତୁମର ଗର୍ଭବତୀ ନିସ୍ତବ୍ଧତା ଅନେକ ଭୁଲ ବୁଝାମଣାର ଜନନୀ ହୋଇଗଲା । ମୌନ ହିଁ ଅସମ୍ମତିର ଲକ୍ଷଣ ବୋଧ ହେଲା । ଆଉ ଶେଷରେ ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ ତୁମେ ଏତେ ଦିନ ଧରି ମୋ ସହ ନିଛକ ଅଭିନୟ କରିଚାଲିଥିଲ । ତେଣୁ ସବୁ ଅଭିନେତ୍ରୀ ଯେମିତି ନାରୀ, ସେଇ ଲଜିକ୍ ପକାଇ ସବୁ ନାରୀ ବି ସେମିତି ଅଭିନେତ୍ରୀ ବୋଲି ମୁଁ ଭାବିନେଲି । ମୋର ହୃଦ୍‌ବୋଧ ହେଲା ପ୍ରେମ

Digitized by srujanika@gmail.com

ଅଭିନୟର ଏକ ଅତି ସୁନ୍ଦର ଉପନାମ । ସେଇ ଦିନଠାରୁ ମୁଁ କୌଣସି ନାରୀକୁ ବିଶ୍ୱାସ କଲିନି ଏବଂ ଏଇ ଜୀବନରେ କୌଣସି ଅବିଶ୍ୱାସିନୀକୁ ବିବାହ କରିବିନି ବୋଲି ସିଦ୍ଧାନ୍ତ କଲି ଏବଂ ତୁମକୁ ମୋର ଶେଷ ଚିଠି ସେଇ ତାଜ୍‌ମହଲର ଉପକଣ୍ଠରୁ ଲେଖିଥିଲି ଠିକ୍ ଏମିତି...

''...ଏଥି ସହିତ କେତୋଟି ଫୁଲର ପାଖୁଡ଼ା ପଠାଉଛି । ଏ ପାଖୁଡ଼ା ସାମାନ୍ୟ ଫୁଲର ନୁହେଁ । ଆସିଥିଲି ଆଗ୍ରା-ସେଇଠି ତାଜ୍‌ମହଲର ମମତାଜ ବେଗମ୍‌ଙ୍କ କବର ଉପରୁ ଗୋଟିଏ ଫୁଲ ଉଠାଇ ଆଣିଥିଲି ଗଭୀର ଆବେଗରେ । ଏ ପାଖୁଡ଼ା ସବୁ ସେଇ ଫୁଲର କିୟଦଂଶ । ଦିନେ ଏମିତି ଏକ ଫୁଲ ତୁମ କବରୀରେ ସଜାଇ ଦେବାର ଏକ ଦୁରନ୍ତ ଇଚ୍ଛାରେ ମସ୍‌ଗୁଲ ହୋଇ ଏବଂ ସର୍ବୋପରି ଏକ ବାଦଶାହୀ ଖେୟାଲର ଶିକାର ହୋଇ ମୁଁ ବି ଶାହାଜାହାନଙ୍କ ଭଳି ଏକ ମୁହବତ୍‌ର ତାଜ୍ ଗଢ଼ି ତୁମ ପ୍ରୀତିର ଇବାଦାତ୍ ଚଢ଼ାଇବାକୁ ସ୍ୱପ୍ନ ଦେଖି ବିରାଟ ଭୁଲ କରିବସିଥିଲି । ନ ହେଲା ନାହିଁ, ତୁମର କବରୀ ସଜାଇନପାରିବାର ଗ୍ଲାନି ନାହିଁ, ନାହିଁ ବି ଅନୁଶୋଚନା । ତକ୍‌ଦିର ବିରୁଦ୍ଧରେ ନାହିଁ ରଜମ୍ ଅଥବା ଆତ୍ମସମର୍ପଣ । ବିଜୟ ପାଇଁ ନାହିଁ ମୋର ଆଗ୍ରହ, ନାହିଁ ପରାଜୟର ଭୟ । କାରଣ ମୁଁ ଏକ ନିର୍ବିକାର ନିରବଚ୍ଛିନ୍ନ ପୁରୁଷ । ସେଥିପାଇଁ ମୁଁ ଆତ୍ମହତ୍ୟା ନକରି ବଞ୍ଚିରହିବାର ସମସ୍ତ ସଙ୍କଳ୍ପର ପାଣିଗ୍ରହଣ ପୂର୍ବକ ତୁମର ସ୍ମୃତିର କବର ଉପରେ ଏଇ ଐତିହାସିକ ଶୁଖିଲା ଫୁଲର ପାଖୁଡ଼ାରେ ପୁଷ୍ପାଞ୍ଜଳି ଦେଇ ତୁମ ପ୍ରୀତିକୁ ମୋ ଜିନ୍ଦା ଦିଲ୍‌ର ଉପକଣ୍ଠରେ ବହୁଦୂରରେ କବରସ୍ଥ କରିପାରିଛି ଏ ଜନ୍ମ ପାଇଁ !!''

ଲୀନା, ମୁଁ ଏହାପରେ ଅନେକ ଥର ଆଗ୍ରା ଆସିଛି । ଯମୁନାରେ ଅନେକ ଜଳ ବହି ଯାଇଛି ଏଥି ମଧ୍ୟରେ ସମୟ ସହିତ ତାଳ ଦେଇ । ସେଇ ଜଳରେ ମୋ ମୁଣ୍ଡ ବାଳର ରଙ୍ଗ ଧୋଇ ଧଳା ହୋଇଯାଇଛି । ତାଜ୍‌ମହଲ ସନ୍ନିକଟ ଉପବନ ମୋର ବୟସର ଅନେକ ବସନ୍ତ ନେଇ ନିଜେ ବାସନ୍ତୀ ସାଜିଛି । ମୋ ଆଖିର ଜ୍ୟୋତି ନେଇ ରୂପସୀ ତାଜ୍ ଆହୁରି ଦୀପ୍ତିମନ୍ତ ହୋଇଛି ।

ପ୍ରତିବର୍ଷ ତୁମର ସ୍ମୃତିକୁ ପୁନର୍ଜୀବିତ କରିବାକୁ ମୁଁ ତାଜ୍‌ମହଲ ଦେଖିବାକୁ ଆସିଛି- ଆଉ ଶାହାଜାହାନଙ୍କ କବର ପାଖରେ ନତଜାନୁ ହୋଇ ତୁମର ଅତୀତର ସମସ୍ତ ଗୌରଚନ୍ଦ୍ରିକା ପାଇଁ କ୍ଷମା ମାଗିଛି । କାରଣ ତୁମେ ତୁମର ନାଟକୀୟ ପ୍ରେମରେ ତାଜମହଲ ଗଢ଼ିପାରିବନି ବୋଲି ଈର୍ଷାର ଈଶ୍ୱରୀ ହୋଇଉଠି ସେ ଦିନ ଏଇ ସ୍ୱର୍ଗୀୟ ପ୍ରେମର ବିରୋଧାତ୍ମକ ଉକ୍ତି ପ୍ରକାଶ କରିବାକୁ ଦ୍ୱିଧା ବୋଧ କରିନଥିଲ । ଲୀନା, କିନ୍ତୁ ଦିନେ ତାଜମହଲ ଭିତରେ ତୁମକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ବୟସର ଛାପରେ ତୁମର ଚେହେରା ମଳିନ ପଡ଼ିଯାଇଥିଲେ ବି ତୁମକୁ ଚିହ୍ନିବାରେ ମୋର ଭୁଲ୍ ହୋଇନଥିଲା । ଯାହାର ପ୍ରତିମୂର୍ତ୍ତିକୁ ଦିନେ ମୁଁ ପୂଜା କରିଆସିଥିଲି ତାକୁ ମୁଁ ଆଖି ବୁଜି ବି ଚିହ୍ନିପାରିଥାନ୍ତି !

Digitized by srujanika@gmail.com

ଆଉ ମୋ ଆଖିରେ ତ ଥିଲା ଚାଳିଶିଆ ଚଷମା । ତୁମେ ମୋ ପାଖକୁ ଆସିଥିଲ । କ୍ଷଣକ ପାଇଁ ତୁମେ ନୀରବ ଆଉ ମୁଁ ବି ! ସେଇ ନୀରବତାର ନିଜସ୍ୱ ସୁରରେ ଆମ ଆଖି ଆଗରେ ସମୟର ଚକ ଯେମିତି ଅନେକ ପଛକୁ ଘୁଞ୍ଚିଗଲା ଆମ ଆଖି ପତାରେ ଅନେକ ଶ୍ରାବଣର ଭସା ବାଦଲକୁ ସ୍ଥାନ ଦେଇ ।

''ଲୀନା, ଚିହ୍ନିପାରୁଛ ! ମୁଁ ତୁମର ସେଇ ଏକଦା ପ୍ରେମିକ ପ୍ରିୟଦର୍ଶୀ ଦାସ ।''

ତୁମର ଗର୍ଭବତୀ ନିସ୍ତବ୍ଧତାକୁ ଭାଂଗି ମୁଁ ପ୍ରଥମେ କଥା କହିଥିଲି । ମୋ କଥା ଶୁଣି ତୁମେ ତୁମ ହାତ ବାଡ଼ିକୁ ଦୃଢ଼ କରି କହିଥିଲ-

''ଏତେ ଦିନ ପରେ ତୁମେ ମୋତେ ଚିହ୍ନିପାରିଲ, ଏଇଟା ମୋର ସୌଭାଗ୍ୟ । ଆରେ ହଁ, ତୁମେ ମୋତେ ତାଜମହଲରେ ଦେଖି ଆଶ୍ଚର୍ଯ୍ୟ ହେଉଛ, ନୁହେଁ ? ତୁମକୁ ହଜାଇବା ପରେ ମୁଁ ଅନେକ ଥର ଏଠାକୁ ଆସିଛି । କିନ୍ତୁ ତାଜ୍ ଦେଖିବାକୁ ନୁହେଁ, ତୁମକୁ ଖୋଜିବାକୁ । ମୋର ବିଶ୍ୱାସ ଥିଲା, ତୁମକୁ ଦିନେ ଏଇଠି ଭେଟିବି । ଭେଟିଲି ନା ?''

ତୁମ କଥା ଶୁଣି ମୁଁ ବ୍ୟଙ୍ଗ ସ୍ୱରରେ କହିଥିଲି-

''ଲୀନା, ନାଟକ ସରିଛି । କିନ୍ତୁ ତୁମର ଅଭିନୟ ସରିନି ଦେଖୁଛି !''

''ଅଭିନୟ ?''

ହସିଥିଲ ତୁମେ, ଠିକ ନିଦାଘର ସୂର୍ଯ୍ୟଦଗ୍ଧା ଫୁଲପାଖୁଡ଼ା ଝରି ପଡ଼ିଲା ଭଳି ।

''ଛାଡ଼ ସେ ପୁରୁଣା କଥା । କୁହ କେମିତି ଅଛ ? ତୁମର ପୁଅ ଝିଅ କାହାନ୍ତି ?''

''ପୁଅ ଝିଅ ? ମୁଁ ବିବାହ କରିନି ଲୀନା । ତୁମର ସ୍ମୃତି ହିଁ ମୋର ସ୍ତ୍ରୀ-ସେଇ ସ୍ମୃତିର ଅନେକ ବିସ୍ମୃତିର ସନ୍ତାନ-କେଉଁଟା ବଡ଼, କେଉଁଟା ଛୋଟ -ସେମାନଙ୍କୁ ନେଇ ମୁଁ ଜୀଇଁଛି । ସେମାନଙ୍କୁ ଖେଳେଇ କେତେବେଳେ ହସିଛିତ କେତେବେଳେ କାନ୍ଦିଛି । ସେମାନଙ୍କୁ ତୁମେ ତୁମର ଅଭିନେତ୍ରୀ ଚକ୍ଷୁରେ ଦେଖିପାରିବନି । ହଁ, ଆଉ ତୁମ କଥା କୁହ । ତୁମର ସ୍ୱାମୀ କାହାନ୍ତି ?''

''ମୋର ସ୍ୱାମୀ ଏଇଠି ଅଛନ୍ତି । ପୁଅ, ବୋହୂ, ନାତି, ନାତୁଣୀ ବି ଅଛନ୍ତି । ଆରେ ଆସ, ମୁଁ ସେମାନଙ୍କ ସହ ଚିହ୍ନା ପରିଚୟ କରାଇ ଦିଏ ।''

''ତୁମର ସ୍ୱାମୀଙ୍କ ନାମ କ'ଣ ?''

''ବାଳ ଧଳା ହେଲାଣି, କିନ୍ତୁ ତୁମର ପିଲାଳିଆମି ଗଲାନି ଦେଖୁଛି । କିଏ କ'ଣ ନିଜ ସ୍ୱାମୀର ନାଆଁ ତୁଣ୍ଡରେ ଧରିପାରେ ? ଆସ, ତାଙ୍କୁ ଚିହ୍ନାଇ ଦେବି ବୋଲିତ ମୁଁ କୋଡ଼ିଏ ବର୍ଷ ଧରି ତୁମକୁ ଖୋଜି ଆସିଛି ।'' ମୋର ଇଚ୍ଛା ନ ଥିଲେ ବି ମୋତେ ଦିନେ ଜବରଦସ୍ତ ତୁମେ ସେଇ କ୍ରୋଟନ୍ ଗଛ ମୂଳକୁ ନେଇ ଯାଇଥିଲ ।

''ଏ ମୋ ପୁଅ ହେମନ୍ତ ଆଉ ବୋହୂ ଅଲିଭା । ଆଉ ଏ ମୋ ନାତି ଟୁକୁ ଆଉ ନାତୁଣୀ ଚିତ୍ରା ।''

Digitized by srujanika@gmail.com

ତୁମ କଥା ଶୁଣି ସମସ୍ତେ ମୋତେ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଥିଲେ । ସେମାନଙ୍କ ମୋ ପରିଚୟ ଗୋପନ ରଖି ତୁମେ ଏକ ପ୍ରକାର ତଡ଼ିବା ଭଙ୍ଗୀରେ ତାଜ୍‌ମହଲ ଦେଖିବାକୁ ପଠାଇ ଦେଇଥିଲ ।

ସେମାନେ ଯିବାପରେ ମୁଁ ପଚାରିଥିଲି-

''ଲୀନା, ତୁମର ସ୍ୱାମୀ କାହାନ୍ତି ?''

କିନ୍ତୁ ପରକ୍ଷଣରେ ପ୍ରକୃତିସ୍ଥ ହୋଇ କହିଥିଲି - ''ମୋତେ କ୍ଷମା କରିବ ଲୀନା, ଆରେ ତୁମର ସୀମନ୍ତ ନାହିଁ କି ସିନ୍ଦୂର ନାହିଁ ? ମୁଁ ଦୁଃଖିତ-ତୁମ ମନରେ କଷ୍ଟ ଦେଲି ।''

ମୋ କଥା ଶୁଣି ତୁମେ ହସିଥିଲ ଆଉ କହିଥିଲ-

''ନା, ତୁମେ ଭୁଲ ବୁଝିଛ । ମୋ ସ୍ୱାମୀ ଏବେ ବି ଜୀବିତ । ମୁଁ ବିଧବା ନୁହେଁ । ଜାଣିଛ, ମୋର ମଥାରେ ସୀମନ୍ତ ନାହିଁ କି ସିନ୍ଦୂର ନାହିଁ କାହିଁକି ? ତୁମର ମନେଥିବ ତୁମେ ଥରେ କହିଥିଲ ମୋ ସୀମନ୍ତ କୁଆଡ଼େ ଥିଲା ମୋ କପାଳ ଭଳି ପ୍ରଶସ୍ତ - ଆଉ ଯେଉଁ ପ୍ରେମିକାର ସୀମନ୍ତ ପ୍ରଶସ୍ତ ତାର ପ୍ରେମିକର କପାଳ ଭଲ, ସେ କୁଆଡ଼େ ଭାଗ୍ୟବାନ୍-କାରଣ ତା ଉପରେ ପ୍ରେମିକର ପ୍ରୀତିରଥ କେବେ ଦୁର୍ଘଟଣାର ସମ୍ମୁଖୀନ ହୁଏନା । ଆଉ ତୁମକୁ ହଜାଇବା ପରେ ମନେ ହେଲା ଏଇ ସୀମନ୍ତ କାହା ପାଇଁ ? ନାରୀର ସୀମନ୍ତରେ ଯଦି ସିନ୍ଦୂର ନ ରହିଲା ତାହେଲେ ତାହା କେଉଁ କାମର ? ସେଥିପାଇଁ ପ୍ରତିଟି ନାରୀ କିଶୋରୀ ବୟସରୁ ତା ସୀମନ୍ତକୁ ସଜାଡ଼ି ରଖେ ତାର ମନର ମଣିଷର ସିନ୍ଦୂର ଟୋପାକ ଘେନିବା ପାଇଁ । ଯେଉଁଦିନ ତୁମକୁ ହଜାଇଲି ସେ ଦିନ ମୋତେ ଲାଗିଲା ମୋ ସୀମନ୍ତ ଜୀବନ୍ତ ନୁହେଁ ମୃତ - ଏହା ଏକ 'ମୃତ ସୀମନ୍ତ' । ସେଇ ଦିନଠାରୁ ମୁଁ ମୋର ମୁଣ୍ଡ କୁଣ୍ଡାଇଲା ବେଳେ ଆଉ ସିନ୍ଥି କାଟିଲିନି । ଆଜି ନୁହେଁ, ଦୀର୍ଘ କୋଡ଼ିଏ ବର୍ଷ ଏମିତି କରିଆସୁଛି । ମୋ ସୀମନ୍ତର କବର ତୁମେ ଏତେ ସହଜରେ ଦେଖିପାରିବନି । କାରଣ ତୁମ ଆଖିରେ ମୁଁ ଯେ ଏକ ଅଭିନେତ୍ରୀ । ଆରେ ହଁ, ମୋର ସ୍ୱାମୀଙ୍କୁ ଦେଖିବାକୁ ଚାହୁଁଥିଲ ପରା - ଏଇ ଦେଖ,'' ଏତକ କହି ତୁମେ କୃତ୍ରିମ ଜଳାଶୟରେ ପଡ଼ିଥିବା ମୋ ପ୍ରତିବିମ୍ବକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲ ।

ତୁମ କଥା ଶୁଣି ମୁଁ ଆତ୍ମ ବିସ୍ମୃତ ହୋଇ ପଚାରିଥିଲି-

''ତା ହେଲେ ତୁମର ପୁଅ-ନାତି-''

ତୁମେ ହସିଥିଲ ଆଉ କହିଥିଲ-

''ନିଜ ରକ୍ତର ପୁଅ ଯଦି ପିତାମାତାର ସେବା ନ କରେ ତାକୁ କ'ଣ ଆମେ ପୁଅ କହୁନା ? ଆଉ ଅନ୍ୟ ରକ୍ତର ପୁଅ ଯଦି ନିଜ ପୁଅଠାରୁ ବଳି ସେବାଯତ୍ନ କରେ, ତାକୁ ପୁଅ କହିଲେ ଦୋଷ କ'ଣ ? ସଂପର୍କ ମନେଇବାର କଥା ନୁହେଁ, ଏହା ମାନିବାର କଥା । ମାନିଲେ ପର ପୁଅ ବି ନିଜ ପୁଅଠାରୁ ଶହେ ଗୁଣ ଭଲ ହୋଇପାରେ, ଆଉ ନ ମାନିଲେ

Digitized by srujanika@gmail.com

ନିଜ ପୁଅ ବି ପର ପୁଅଠାରୁ ସହସ୍ର ଗୁଣରେ ଖରାପ ହୋଇଯାଏ । ସମସ୍ତେ ମନକଥା ଖୋଲି କହିପାରନ୍ତିନି । ସେଥିପାଇଁ ବୈଦିକ ଯୁଗରୁ ସଂସ୍କୃତକାର ମାନେ କହିଯାଇଛନ୍ତି- ମୌନଂ ସମ୍ମତିଲକ୍ଷଣମ୍ ।' କିନ୍ତୁ ତୁମେ ମୋର ମୌନକୁ ଗର୍ଭବତୀ ନିସ୍ତବ୍ଧତା ନାମ ଦେଇ ମୌନୀ ପାହାଡ଼ର ବିଭୀଷିକାରୁ ବୀଭତ୍ସତର କରି ତୋଳିଲ । ତୁମେ ଯେଉଁ ପ୍ରକାରେ ମୋତେ ଭୁଲ ବୁଝିଲ ତାହା ଦୂର କରିବାକୁ ଅଶ୍ରୁ ତର୍ପଣ କରି ଖବର ପଠାଇଥିଲି ଯେ ତୁମେ ଭାବୁଛ ଯେପରି ସେ ପ୍ରକାର ଝିଅ ନୁହେଁ । ତେବେ ସେ ଖବର ତୁମ ପାଖରେ ପହଞ୍ଚିଥିଲା କି ନାହିଁ ସେ କଥା ଜାଣିବାର ଉପାୟ ମୋର ନଥିଲା । ସେଇଦିନଠାରୁ ପାଗଳିନୀ ପ୍ରାୟେ ମୁଁ ତୁମକୁ ଅନେକ ଖୋଜିଛି । ଶେଷରେ ଆତ୍ମହତ୍ୟା କରିବାକୁ ଗଲାବେଳେ ଏଇ ହେମନ୍ତ ମୋତେ ନିବୃତ୍ତ କରିଛି । ସେଦିନଠାରୁ ମୁଁ ତାରି ପାଖରେ ରହୁଛି । ମୋ ଛଡ଼ା ତାର ଆଉ ମାଆ ବି ନାହିଁ !

ଲୀନା, ତୁମ କଥା ଶୁଣି ମୁଁ ନିଜ ନିକଟରେ ଅନେକ ଛୋଟ ହୋଇଯାଇଥିଲି । ଭାବୁଥିଲି ସବୁ ଅଭିନେତ୍ରୀ ନାରୀ ହୋଇ ପାରନ୍ତି, କିନ୍ତୁ ସବୁ ନାରୀ ଅଭିନେତ୍ରୀ ନୁହନ୍ତି, ହୁଏତ କେତେକ ହୋଇପାରନ୍ତି । ଆତ୍ମସମ୍ମୋହନ ଭାବରୁ ମୁଁ ଦ୍ରୁତ ବିଗଳିତ ହେବାକୁ ଲାଗିଲି । ଭାବାବେଶରେ ଅଭ୍ୟାସବଶତଃ ସବୁଥର ଭଳି ମମତାଜ୍‌ଙ୍କ କବର ଉପରୁ ଉଠାଇ ଆଣିଥିବା ଫୁଲଟିକୁ ଟିକି ଟିକି ଛିଣ୍ଡାଇ ପକାଇଲି-ଆଉ ତୁମର ମୃତ ସୀମନ୍ତର କବର ଭିତରୁ ତୁମ ସିନ୍ଥିର କଙ୍କାଳକୁ ଖୋଜି ବାହାର କରି ସେଇ ଐତିହାସିକ ଫୁଲର ପାଖୁଡ଼ାରେ ପୁଷ୍ପାଞ୍ଜଳି ଦେଇ ସ୍ମୃତି ତର୍ପଣ ସହ ଅଶ୍ରୁ ବିସର୍ଜନ କରୁଥିଲି ।

ଏହି ସମୟରେ ହେମନ୍ତ ଓ ଅଲିଭା ତାଙ୍କର ପୁଅ ଓ ଝିଅକୁ ନେଇ ପହଞ୍ଚିଲେ । ତୁମେ କହିଥିଲ-

''ଏଇ ତୁମର ବାପା । ପାଦଧୂଳି ନିଅ ।''

ସେମାନେ ମୋର ପାଦଧୂଳି ନେଲାବେଳେ ମୁଁ ଅନାହୁତ ପିତୃତ୍ୱର ବ୍ୟକ୍ତିତ୍ୱରେ ଅଭିଭୂତ ହୋଇ ଯାଇଥିଲି । ମୁଁ ଆଜି ପର୍ଯ୍ୟନ୍ତ ନିଜକୁ ଚିହ୍ନି ପାରିନଥିଲି - ତୁମେ ମୋତେ ମୋ ସହିତ ପରିଚୟ କରାଇ ମୋତେ ଅନ୍ୟ ଏକ ସ୍ୱପ୍ନିଳ ରାଜ୍ୟକୁ ନେଇଯାଇଥିଲ । ଆମର ବିବାହ ନହୋଇ ମଧ୍ୟ ବିବାହର ଫଳପ୍ରାପ୍ତି ହୋଇଛି । ମଲାପରେ ଅସ୍ଥି ବିସର୍ଜନ ପାଇଁ ଆମ ପୁଅ ତ ରହିଛି ।

ମୁଁ କହିଥିଲି-

''ଲୀନା, ଅନେକ ଦିନରୁ ତୁମ ସହିତ ଏଇଠି ଫଟୋ ନେବି ବୋଲି ଭାବିଥିଲି । କିନ୍ତୁ ତୁମେ ତାଜ୍‌ମହଲ ଆସୁନଥିବାରୁ ମୋ ଆଶା ସଫଳ ହୋଇନଥିଲା । ଆଜି ସମସ୍ତେ ଏକାଠି ଅଛୁ । ମୋ ରାଣ, ମନା କରନା, ତୁମ ସମସ୍ତଙ୍କୁ ଛାଡ଼ିଗଲେ, ଆଲବମ୍‌ରେ ଏଇ ଫଟୋ ଦେଖି ମୁଁ ଜୀଇଁବି - ଯେଉଁଠି ଥିଲେ ବି ଭାବିବି ମୁଁ ମୋ ପରିବାର ସହ ଅଛି ।''

Digitized by srujanika@gmail.com

''ତୁମକୁ ଆମ ସହିତ ଯିବାକୁ ପଡ଼ିବ ।'' ତୁମ କଣ୍ଠ ଭାରାକ୍ରାନ୍ତ ହୋଇଉଠୁଥିଲା ॥

ମୁଁ ହଠାତ୍ ପ୍ରକୃତିସ୍ଥ ହୋଇ ଉଠିଲି- ମୁହୂର୍ତ୍ତକ ମଧ୍ୟରେ ମୋ ସଂବିତ୍ ଫେରି ପାଇଲି । କହଲି-

''ଲୀନା, ପ୍ରତିଟି ନାରୀ ଭାବେ ତାର ପୁରୁଷକୁ ଜାଣିଛି-ଆଉ ସେଥିପାଇଁ ତାକୁ ତା ମନର ରାଜା କରିଦିଏ । ସେମିତି ପୁରୁଷ ଭାବେ ତା ନାରୀକୁ ଚିହ୍ନିଛି -ସେଥିପାଇଁ ସେ ତାକୁ କିଛି ନ ଭାବି ହୃଦୟର ରାଣୀ କରିଦିଏ । କିନ୍ତୁ ଅସଲ କଥା ହେଲା କେହି କାହାରିକୁ ଜାଣିପାରନ୍ତିନି କି ଚିହ୍ନିପାରନ୍ତିନି । ଜଣକୁ ସର୍ବତୋଭାବେ ଚିହ୍ନିବା ବା ଜାଣିବା ଏକ ଦୁରୂହ ବ୍ୟାପାର । ଏଥିପାଇଁ ଅପରର ଆତ୍ମାରେ ମିଶିବାକୁ ହୁଏ-ଆତ୍ମା ଆତ୍ମାର ସଂଭୋଗରେ ଦେହାତୀତର ପ୍ରେମ ଜନ୍ମ ନିଏ । ସାମାନ୍ୟ ବିବାହ ସେମିତି ପ୍ରେମର ସ୍ୱପ୍ନ ମଧ୍ୟ ଦେଖିପାରେନା । ତୁମ ସମାଜର ତଥାକଥିତ ବିବାହ ମୋ ଦୃଷ୍ଟିରେ ଏକ ଶୀତଳ ଯୁଦ୍ଧ । ଯେଉଁ ଯୁଦ୍ଧ କେବେ ଘୋଷିତ ହୁଏନା - ଅଥଚ କାର୍ଯ୍ୟରେ ଆରମ୍ଭ ହୁଏ । ଆଖିରେ, ଆଖିରେ, ପ୍ରତିଟି କଥାରେ, ପ୍ରତି ପଦକ୍ଷେପରେ ଯାହା କହିହୁଏନା ତାହା କରିହୁଏ- ଯାହା କରି ହୁଏନା ତାହା କହି ହୁଏ । ଅଥଚ ବିବାହ ଦୁଇ ବିରୋଧୀ ପକ୍ଷକୁ ବାନ୍ଧି ରଖେ । ସେ ବନ୍ଧନର ମୂଲ୍ୟ ବା କ'ଣ ଅଛି ? ଶାନ୍ତି ସ୍ଥାପନ କାଗଜ କଲମରେ କରି କ'ଣ ଲାଭ ? ଯେଉଁଠି ନିଜ ନିଜ ମଧ୍ୟରେ ବିଶ୍ୱାସ ନଥାଏ ସେମିତି ବିବାହକୁ ମୁଁ ଘୃଣା କରେ, ଯେଉଁ ବିବାହରେ ନାରୀ-ପୁରୁଷ ଗୋଟିଏ ଗୋଟିଏ କାଚ ଘରେ ଗୋଟିଏ ଛାତ ତଳେ ମୁଣ୍ଡ ଗୁଂଜନ୍ତି, ପରସ୍ପରକୁ ଦେଖନ୍ତି - ଅଥଚ ହୃଦୟକୁ ସ୍ପର୍ଶ କରି ପାରନ୍ତିନି । ତଥାପି ଜୀବନ ସାରା ଅଭିନୟ କରି ଚାଲନ୍ତି - ପିଲାଛୁଆ ନେଇ ଘର କରନ୍ତି, ବର୍ଷ ଶେଷରେ ବିବାହ-ବାର୍ଷିକୀ ପାଳନ କରନ୍ତି, ସାବିତ୍ରୀ ଉପବାସ କରନ୍ତି । ଏଇ ଚିରାଚରିତ ପ୍ରଥାରୁ ଦୂରେଇଯାଇ ସେଥିପାଇଁ ତୁମକୁ ଏ ଜନ୍ମରେ ବିବାହ କରିବିନି ବୋଲି ତୁମ ପିତାଙ୍କୁ କଥା ଦେଇଥିଲି । ଲୀନା, ଆମ ସଂପର୍କ ସଂପର୍କୀୟ ହୋଇଯାଇଛି - ଏହା ସାମାନ୍ୟ ବିଶେଷ୍ୟ ପଦରୁ କ୍ରିୟାପଦ ହୋଇସାରିଛି । ଏହାକୁ ଆଉ କୌଣସି ନାମ ଦେଇ ସ୍ଥାଣୁ କରିଦିଅନା । ଏଇ ଗତିଶୀଳ ସଂପର୍କ ସ୍ଥାପନର ପ୍ରକ୍ରିୟାକୁ ଧାରାବାହିକ ପ୍ରବହମାନ ପ୍ରକ୍ରିୟା ହୋଇ ରହିବାକୁ ଦିଅ । ଆମର ଚିର ବିବାହର ମଧୁଚନ୍ଦ୍ରିକାକୁ ଉଦ୍‌ଯାପିତ ହେବାକୁ ଦିଅନା । କାରଣ ଏହା ଆମର ପ୍ରେମ ନୁହେଁ- ଏହା ଆମର ତପସ୍ୟା, ଏଇ ପ୍ରୀତିର ଅନ୍ୟନାମ ଆରତି । ତାକୁ ସେଇ ଆରତି ହୋଇ ରହିବାକୁ ଦିଅ । ତାକୁ ଅନ୍ୟ ନାମରେ ନାମିତ କରନା ।''

ତୁମର ସମ୍ମତି କ୍ରମେ ମୁଁ ଏକ ଫଟୋଗ୍ରାଫର୍ ଡ଼ାକିଥିଲି ଓ ତାକୁ ତାଜମହଲକୁ ପଛ କରି ଫଟୋ ନେବାକୁ କହିବା ବେଳେ ତୁମେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରିଥିଲ-

''ପ୍ରିୟଦର୍ଶୀ, କିନ୍ତୁ ତାଜମହଲ ତ ଫଟୋଗ୍ରାଫର ପଛରେ ରହିଲା । ଫଟୋ କଣ ନେବ ?''

Digitized by srujanika@gmail.com

ମୁଁ କହିଥିଲି-

''ଲୀନା, ତୁମର 'ମୃତ-ସୀମନ୍ତ'ର କବର ଉପରେ ତୁମେ ଯେଉଁ ଅଦୃଷ୍ଟ ପ୍ରୀତିର ତାଜମହଲ ତୋଳିଛ ତାହା ଏଇ ସାମାନ୍ୟ ପ୍ରସ୍ତରର ତାଜମହଲଠାରୁ ଅନେକ ଅନେକ ଗୁଣରେ ଐଶ୍ୱର୍ଯ୍ୟପୂର୍ଣ୍ଣ । ମୁଁ ତାହାରି ଫଟୋ ନେବାକୁ ଚାହୁଁଛି ।''

ଲୀନା, ଲକ୍ଷ୍ୟ କରି କହିଥିଲି, ମୁଁ କହିଲା ବେଳେ ତୁମ ଆଖିର ନୀରଧାର ଯମୁନାର ଜଳଧାର ହୋଇ ମୋର ନୂତନ ତାଜମହଲର ରୂପକଳ୍ପନାକୁ ସ୍ୱୟଂସଂପୂର୍ଣ୍ଣ କରିଦେଇଥିଲା । ଆଉ ତାହାରି ନିକଟରେ ବିଗତ କେତେ ଶତାବ୍ଦୀର ସପ୍ତାଶ୍ଚର୍ଯ୍ୟ ଶାହାନ୍‌ଶାହା ଶାହାଜାହାନଙ୍କର ତାଜମହଲ ଯେମିତି ଅସମ୍ଭବ ଭାବେ ଜ୍ୟୋତିର୍ହୀନ ବୋଧହେଉଥିଲା ।

ପରକ୍ଷଣରେ ନିଜ ଇଚ୍ଛାରେ ନିଜ ଠିକଣା ହଜାଇ ଗଭୀର ଆତ୍ମତୃପ୍ତିରେ ଆଗ୍ରାର ଜନଅରଣ୍ୟ ମଧ୍ୟରେ ମୁଁ ହଜିଗଲି !!!

Digitized by srujanika@gmail.com

ଶାନ୍ତି ଦାସ

ଆକାଶରେ ଭସା ମେଘର ଶୋଭାଯାତ୍ରା - ସେଇ ଭସା ମେଘ ପଛରେ ପକ୍ଷୀ ସବୁ ଧାଉଁଥିଲେ କି ଉଡ଼ିବା ପକ୍ଷୀ ପଛରେ ମେଘସବୁ ପ୍ରମତ୍ତ ପ୍ରାୟ ଅନୁଧାବନ କରୁଥିଲେ ସେ କଥା ଭାବି ବସିଲେ ପ୍ରହେଳିକାମୟ ବୋଧ ହେଉଥିଲା ।

ସେଦିନ ଟେନ୍‌ସା ଘାଟିର ସୁପ୍ତ ଅଜଗର ପିଠିରେ ଆମ ବସ୍‌ଟି ଚଢ଼ିଲା ବେଳକୁ ଆଶ୍ୱିନର ଅଳସ ଅପରାହ୍ନ କଡ଼ ଲେଉଟାଇ ସାରିଥିଲାଣି । ମୁଁ ମୋର ଜଣେ ବଂଧୁଙ୍କ ସହିତ ରାଉରକେଲା ଯାଉଥିଲି - ତିନି ଜଣିକିଆ ସିଟ୍‌ର ଶେଷ ବ୍ୟକ୍ତି ଜଣକ ଥିଲେ ଆମର ସଂପୂର୍ଣ୍ଣ ଅପରିଚିତ । ସନ୍ନିକଟସ୍ଥ ଜଙ୍ଗଲର ଲୁପ୍ତ ପ୍ରାୟ ସବୁଜିମା ଅବଲୋକନ କରି ତାଙ୍କ ମୁହଁରେ ଏକ ଅହେତୁକ ସ୍ମିତ ହାସ୍ୟରେଖା କ୍ଷଣକ ପାଇଁ ଉକୁଟି ଉଠିଲା ।

''ଆପଣ କ'ଣ ରାଉରକେଲାରେ ଚାକିରୀ କରନ୍ତି ?''

ହଠାତ୍ ନୀରବତା ଭଙ୍ଗ କରି ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ । ଅଗତ୍ୟା ମୋତେ ମୋର ପରିଚୟ ଦେବାକୁ ପଡ଼ିଲା । କହିଲି-

''ମୋତେ ଇଂଜିନିୟର ପ୍ରିୟଦର୍ଶୀ ଦାସ କହନ୍ତି । ଆଉ ଆପଣ ?''

''ମୁଁ ଜଙ୍ଗଲରୁ ଚୋରା କାଠ କାରବାର କରେ ।''

କି ଶାନ୍ତ, କି ନିର୍ଲିପ୍ତ ସେ ଉତ୍ତର ! ତାଙ୍କର ସ୍ପର୍ଦ୍ଧିତ ଅହମିକା ମୋତେ ବିସ୍ମୟର ଅତଳ ଗର୍ଭକୁ ନିକ୍ଷିପ୍ତ କଲା । ଚୋରା କାରବାର ଲୁଚାଛପାରୁ ଏବେ ଆମ ସମାଜରେ ଏକ ସମ୍ମାନାସ୍ପଦ ସ୍ଥାନ ଅଧିକାର କଲାଣି ବୋଲି ମୋର ପ୍ରଥମ ଥର ପାଇଁ ହୃଦ୍‌ବୋଧ ହେଲା । ସମାଜର ଏଇ ଘୃଣ୍ୟ କୀଟମାନଙ୍କୁ ବାସନ୍ଦ କରିବାର ବ୍ୟବସ୍ଥା ଥିଲେ ହୁଏତ ଏମାନେ ଏତେଟା ନିର୍ଲଜ୍ଜତା ପରିପ୍ରକାଶ କରୁନଥାନ୍ତେ ! କିନ୍ତୁ ଟଙ୍କାହିଁ ଆଜିର ଜୀବନର ମାନଦଣ୍ଡ । କିଏ କହେ ପୃଥିବୀ ସୂର୍ଯ୍ୟ ଚାରିପାଖରେ ତିନିଶହ ପଅଁଷଠି ଦିନରୁ ଉର୍ଦ୍ଧ୍ୱ ଅହରହ ଅତିକ୍ରମ କରୁଛି । ମୋତେ ଲାଗେ ଏହା ଟଂକା ଚାରିପାଖରେ ପ୍ରତିମୁହୂର୍ତ୍ତରେ ଘୂରୁଛି ।

Digitized by srujanika@gmail.com

''କଣ ଭାବୁଛନ୍ତି ? ଚୁପ୍ ରହିଲେ ଯେ ! ମୁଁ ଜାଣେ ଚୋରା-ବେପାରୀ ବୋଲି ଆପଣ କ'ଣ ମୋତେ ଘୃଣା କରୁଛନ୍ତି ? ଯଦି ବି କରୁଥାନ୍ତି ମୁଁ କହିବି ଆପଣ ଭୁଲ କରୁଛନ୍ତି । ଆପଣ କେବେ ଆମ ଘରକୁ ଆସନ୍ତୁ- ଦେଖିବେ ମୋର ଆନ୍-ବାନ୍-ଶାନ୍ କେତେ । ମୋର ତ୍ରିତଳ ପ୍ରସାଦ ଆଗରେ ସୁନ୍ଦର ଏକ ଫୁଲବଗିଚା ଅଛି । ପ୍ୟାରିସ୍‌ରୁ ଗୋଲାପ ଗଛ ଆଣି ଲଗାଇଛି, ଲନ୍‌ରେ ଆମେରିକାନ୍ ଭେଲ୍‌ଭେଟ୍ ଘାସ; ଇଂଲଣ୍ଡରୁ ଆମଦାନୀ ସୁନାମାଛ କାଚର ପୋଖରୀରେ ଦିନରାତି ଖେଳୁଛନ୍ତି - ଗ୍ୟାରେଜ୍‌ରେ ଲମ୍ବାଲା ଗାଡ଼ି - ମୋର ଆଲସେସିଆନ୍ ଯାହା ଖାଏ ଏ ଦେଶର ଅର୍ଦ୍ଧାଧିକ ଲୋକ ସେମିତି ଖାଇପାରନ୍ତିନି - ତଥାପି ଆପଣ ଘୃଣା କରିବେ ମୋତେ ? ଆପଣ ଆସନ୍ତୁନା ? ମୋର ସୁଇସ୍ ବ୍ୟାଙ୍କ ବାଲେନ୍‌ସ ଦେଖାଇଦେବି - ସ୍ଥାବର ଅସ୍ଥାବର ସଂପତ୍ତିର ଦର୍ଶନ କରାଇଦେବି- ମୋତେ କେତେ ଲୋକ ଭଲ ପାଆନ୍ତି ଦେଖାଇଦେବି । କହନ୍ତୁ ଟଙ୍କା ଦେଇ ମୁଁ କ'ଣ ନ କିଣି ପାରିବି ? ଏ ଦୁନିଆକୁ ଖରିଦ କରିବାକୁ ମୋତେ ମାତ୍ର ଦୁଇ ସେକେଣ୍ଡ ଲାଗିବ ପ୍ରିୟଦର୍ଶୀ ବାବୁ ।''

ଭଦ୍ରବ୍ୟକ୍ତି ଉଚ୍ଚ ସ୍ୱରରେ ହସିବାକୁ ଲାଗିଲେ ।

''ଆପଣ ତାହେଲେ ଜଣେ କୋଟିପତି !''

''ମୁଁ ଜଣେ ସମାଜସେବୀ- ଦେଶସେବା ହିଁ ମୋର ପରମ କର୍ତ୍ତବ୍ୟ । ଘରେ ମୋର କୁକୁର ଇମ୍ପାଲା କାର୍ ଚଢୁଛି- ଅଥଚ ମୁଁ ବସର ଏଇ ବିରକ୍ତିକର ଯାତ୍ରାର ଜଣେ ଯାତ୍ରୀ । ଘରେ ମୋର ଜର୍ମାନୀ ଗାଲିଚା ତଳକୁ ପାଦ ଓହ୍ଲାଏନି- ଆଉ ଏଇଠି ମୋ ପାଦ ଧୂଳିଧୂସରିତ- ଦେହରେ ଖଦୀ ଜାମା, ଖଦୀ ଧୋତି ଆଉ ଗାନ୍ଧୀଟୋପି- ଏସବୁ ବିଜିନେସ୍ ଟ୍ରେଡ୍ ସିକେଟ୍ । ଆପଣ ବୁଝିପାରିବେନି । ଗରୀବ ଜନତାକୁ ଦିପଇସିଟିଏ ଫିଙ୍ଗିଲେ ସେ କହେ ମୋତେ ସମାଜସେବୀ । ଯେଉଁମାନଙ୍କୁ ଲକ୍ଷେରେ କେତୋଟି ଶୂନ୍ୟ ଅଛି ପଚାରିଲେ ଗ୍ରାମ୍ୟ ଚାଟଶାଳୀ ପାଠର ରୋମନ୍ଥନ କରିବାକୁ ଯାଇ ଅଙ୍ଗୁଳିଗାରରେ ଏକ-ଦଶ-ଶହ ଗଣିବସି ପାଞ୍ଚମିନିଟ ଅମୂଲ୍ୟ ସମୟ ନଷ୍ଟ କରନ୍ତି; ସେମାନେ ମୋତେ କହନ୍ତି ଲକ୍ଷପତି । ମୁଁ ଇନ୍‌କମ୍ ଟ୍ୟାକ୍‌ସ ଠକିବାକୁ ଗଲାବେଳେ ଟ୍ୟାକ୍‌ସ ରିକଭରି ଅଫିସରମାନେ ବେଶ୍ ଜାଣନ୍ତି ଯେ ମୁଁ ଜଣେ କୋଟିପତି । ମିଷ୍ଟର ଦାସ୍ ! ମାର୍କଟୁଇନ୍ ଠିକ୍ କହିଥିଲେ ମଣିଷର ଚରିତ୍ର ଠିକ୍ ଚନ୍ଦ୍ର ଭଳି । ଗୋଟିଏ ଦିଗ ଆଲୋକ - ଅପର ଦିଗ ଅନ୍ଧକାର । ମୋର ଆଲୋକ ଦିଗ ସମସ୍ତେ ଜାଣନ୍ତି- ଅନ୍ଧକାର ଦିଗକୁ କେହି ଦେଖିପାରନ୍ତିନି । ଆମେ ସମସ୍ତେ ହିପୋକ୍ରାଟ୍-ବିରାଟ ବିରାଟ ହିପୋକ୍ରାଟ୍- ଦେଶସେବା ଆମର କାମ୍ୟ ନୁହେଁ - କିନ୍ତୁ ଏଇ ଗଣତନ୍ତ୍ରର ଶାସନ ବ୍ୟବସ୍ଥାରେ ଗାନ୍ଧୀ ଟୋପି ନ ପିନ୍ଧିଲେ ବ୍ୟବସାୟ କରିହୁଏନା-କୋଟ୍ ଟାଇ ପିନ୍ଧି ପାଶ୍ଚାତ୍ୟ ଦେଶମାନଙ୍କରେ ହିଁ କେବଳ ବିଜିନେସ୍ କରି ହୁଏ । ହଁ, କହିପାରିବେ ଏଇ ଦୁର୍ନୀତିର ମୂଳ କାରଣ କ'ଣ ??'' ଭଦ୍ରବ୍ୟକ୍ତି ଏଥର ତାଙ୍କର ଝୁଲାମୁଣି

Digitized by srujanika@gmail.com

ଭିତରୁ ବିଲାତି ୫୫୫ ସିଗାରେଟ୍ ପ୍ୟାକେଟ୍ ଓ ଜର୍ମାନୀ ଲାଇଟର୍ ବାହାର କରି ସିଗାରେଟ୍ ଫୁଙ୍କିବାକୁ ଆରମ୍ଭ କରି ମୋ ମୁହଁକୁ ଚାହିଁଲେ ।

''ଦେଖନ୍ତୁ, ଲୋକେ ତାଙ୍କ କ୍ଷମତା ବହିର୍ଭୂତ ପରିମାଣର ଉପଭୋଗ ପାଇଁ ଲାଳାୟିତ ହେଲେ ହିଁ ଦୁର୍ନୀତି ହୋଇଥାଏ । ବିଦେଶୀ ଦ୍ରବ୍ୟ ବ୍ୟବହାରର ଲୋଭ, ପାଶ୍ଚାତ୍ୟ ଦେଶମାନଙ୍କରେ ମିଳୁଥିବା ସୁବିଧା ସୁଯୋଗ ପାଇବାର ଆସକ୍ତି, ଆଇନ ଭଙ୍ଗ କରିବାର ଏକ ଅହେତୁକ ଇଚ୍ଛା ଧର୍ମ ଓ ପରଂପରାଗତ ନିଷେଧର ଅବମାନନା ଓ ମୁଦ୍ରାସ୍ଫୀତିର ଚାପ ସବୁ ମିଶି ଦୁର୍ନୀତିର ଜନକ ସାଜନ୍ତି । ଦେଶର ଦୁର୍ନୀତିର ମୂଳ କାରଣ ଏହା ନୁହେଁ- ଏହା ହେଉଥିଲେ ଉନ୍ନତଶୀଳ ରାଷ୍ଟ୍ରମାନଙ୍କରେ ଶାସନଗତ ଦୁର୍ନୀତି ହେଉନଥାଆନ୍ତା । ମୁଁ କହିବି ଦରିଦ୍ର ଲୋକେ ଦୁର୍ନୀତିର କାରଣ ନୁହନ୍ତି ବରଂ ସେମାନେ ହିଁ ଦୁର୍ନୀତିର ଅସଲ ଶିକାର ।''

ଭଦ୍ରବ୍ୟକ୍ତି ଟିକିଏ ବ୍ୟାବସାୟିକ ହସ ହସି କହିଲେ-

''ଦୁର୍ନୀତି ସମ୍ପର୍କରେ ଆପଣଙ୍କର ଅନେକ ଗବେଷଣା ରହିଛି, ନୁହେଁ ପ୍ରିୟଦର୍ଶୀ ବାବୁ ।''

''ଦୁର୍ନୀତିକୁ ମୁଁ ସବୁବେଳେ ଘୃଣା କରିଆସିଛି- ଆଉ କାହାକୁ ଭଲରୂପେ ନ ଚିହ୍ନି ଘୃଣା କରିବା ମୋର ସଂପୂର୍ଣ୍ଣ ନୀତିବିରୁଦ୍ଧ ।''

''ଆପଣ ତାହେଲେ ବିଶ୍ୱରେ ସର୍ବାଧିକ ଲୋକଙ୍କୁ ଘୃଣା କରୁଥିବା ବିଶ୍ୱରେକର୍ଡ୍ ସ୍ଥାପନକାରୀ ବ୍ୟକ୍ତି ବିଶେଷ । ଆପଣ ଗିନିସ୍ ବୁକ୍ ଅଫ୍ ଓ୍ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇବାର ଯୋଗ୍ୟ ।''

''ମୁଁ ବୁଝି ପାରିଲିନି ।''

''ଦେଖନ୍ତୁ ପ୍ରିୟଦର୍ଶୀ ବାବୁ, ଏ ଦୁନିଆର ରାସ୍ତାସବୁ ସମତଳ ଅଥବା ସିଧାସଳଖ ନୁହନ୍ତି- ଏ ସବୁ ରାସ୍ତାରେ ଅନେକ ବାଙ୍କ, ଅନେକ ଛକ, ଅନେକ ଖାଲ, ଅନେକ ଢ଼ିପ । ସିଧା ରାସ୍ତାରେ ଚାଲୁଥିବା ଲୋକସବୁ ଏ ଦେଶରେ ଅତିକମ୍ । ପ୍ରାକ୍ ସ୍ୱାଧୀନତା କାଳର ସଂଗ୍ରାମୀମାନଙ୍କ ମଧ୍ୟରୁ ଯେଉଁମାନେ ଫାଶୀ ପାଇନଥିଲେ ସମୟ ସେମାନଙ୍କୁ ଫାଶୀ କାଠରେ ଝୁଲାଇସାରିଛି । ତେଣୁ ସଂପ୍ରତି ସିଧା ରାସ୍ତାରେ ଚାଲୁଥିବା ଲୋକସଂଖ୍ୟା ଏ ଦେଶରେ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି । ବେଶି ଲୋକ ଏବେ ଏଇଠି ସ୍ମଗ୍‌ଲିଂ କରନ୍ତି- ଦୁର୍ନୀତି କରନ୍ତି । ଏ ଦେଶର ଡାକ୍ତର ନନ୍‌ପ୍ରାକ୍‌ଟିସିଂ ଆଲାଉନ୍‌ସ୍ ପାଇଲେ ବି ମରିଯାଉଥିବା ଲୋକର ହାତମୁଠାରୁ ଶହେ ଟଙ୍କା ନ ପାଇଲେ କୋରାମିନ୍ ଦିଏନା- ଏ ଦେଶର ଇଞ୍ଜିନିୟର କଣ୍ଟ୍ରାକ୍ଟରଠାରୁ ପଇସା ନେଇ ଅଳ୍ପ ସିମେଣ୍ଟରେ ବେଶି ଭାଗ ବାଲି ମିଶାଇ ସରକାରୀ କୋଠାବାଡ଼ି, ବନ୍ଧବାଡ଼ ତିଆରି କରି ଉଦ୍‌ବୃତ୍ତ ଟଙ୍କାରେ ରାଜଧାନୀରେ ବିରାଟ ପ୍ରସାଦ ତୋଳିବାକୁ ଆରିଷ୍ଟୋକ୍ରାସୀ ମନେକରେ- ଏ ଦେଶର ଓକିଲ ଟଙ୍କା ନେଇ

Digitized by srujanika@gmail.com

କଳାକୁ ଧଳା କରିବାକୁ ତାର ଜୀବନର ପରମଧର୍ମ ମନେକରେ - ଏ ଦେଶର ଜନପ୍ରତିନିଧି ଟଙ୍କା ବଦଳରେ ଅଫିସରମାନଙ୍କର ବଦଳି ଓ ବଦଳି ରଦ୍ଦ କରିବାକୁ ହିଁ ଯେମିତି ଭୋଟ୍ ପାଇଛନ୍ତି ବୋଲି ମନେ କରେ- ଏ ଦେଶର ଶିକ୍ଷକ ଟଙ୍କା ନେଇ ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ପାନ ଦୋକାନୀକୁ ଦେଇଦିଏ- ଏ ଦେଶର କିରାଣୀର ଶକ୍ତିଶାଳୀ କଲମ ପଇସା ନ ଦେଲେ ବୋଲ ମାନେନା- ଆଉ ଏ ଦେଶର ବେପାରୀ ଚାଉଳରେ ଗୋଡ଼ି, ଅଟାରେ ତେନ୍ତୁଳି ମଞ୍ଜିଶସ, ନଡ଼ିଆ ତେଲରେ ବାଦାମ ତେଲ ଓ ପେଟ୍ରୋଲରେ କିରୋସିନ ନ ମିଶାଇଲେ ବ୍ୟବସାୟ କରିପାରେନା । ଏମିତି ଅନୀତିର ପୁରାଣ ପୃଷ୍ଠା ଖୋଲି ବସିଲେ ରାମାୟଣ, ମହାଭାରତ, ଗୀତା, କୋରାନ୍, ବାଇବେଲ୍ ଓ ଗ୍ରନ୍ଥସାହେବର ସମସ୍ତ ପୃଷ୍ଠା ନିଅଣ୍ଟ ପଡ଼ିବ । ଆପଣ କାହାକୁ ଘୃଣା କରିବେ ? କୟଲ ଯାକ ବାଳ- କହନ୍ତୁ କାହାକୁ ନିର୍ମୂଳ କରିବେ ? ଏ ଦେଶର ସବୁ 'ମନଫସଲ'ରେ ବାଳୁଙ୍ଗା ହିଁ ବାଳୁଙ୍ଗା !!''

''ଏହାହିଁ ଆଜିର ବାସ୍ତବ ପରିସ୍ଥିତିର ଦୁଃଖଦାୟକ ଚିତ୍ର ଏବଂ ଅନୁଭୂତିର ଦୀର୍ଘଶ୍ୱାସ । ଏହା ନୈରାଶ୍ୟବାଦର ଉକ୍ତି ନୁହେଁ- ଏ ଅବସ୍ଥା ଚିରସ୍ଥାୟୀ ନୁହେଁ । ଅବସ୍ଥା ବଦଳିବ ନିଶ୍ଚୟ- ଏଇ ଦୁର୍ନୀତିର ବରଫ କ'ଣ ନ ତରଳି ରହିପାରେ ? ଏହି ଶତାବ୍ଦୀର ଶେଷ ଭାଗକୁ ଚେତନାର ରକ୍ତିମ ସୂର୍ଯ୍ୟ ଉଠିବ ନିଶ୍ଚୟ... କାରଣ ତାହାହିଁ ସୃଷ୍ଟିର ସତ୍ୟ... ପରମ ସତ୍ୟ । ନୈତିକତାର ଏଇ ଅବକ୍ଷୟକୁ କେବେ ନା କେବେ ଏ ଜାତି ଅନୁଭବ କରି ଅଶ୍ରୁ ଢ଼ାଳିବ । ଏହାହିଁ ତାର ଭାଗ୍ୟଲିପି ହେବ ।''

''ନୈତିକତା କାନକୁ ଭଲ ଶୁଭେ; କିନ୍ତୁ ପେଟ ପାଇଁ ଦାନା ଦେଇ ପାରେନା । ଜାଣିଛନ୍ତି ଏତେ କାରବାର ଥାଉ ଥାଉ ମୁଁ କାହିଁକି ଚୋରା କାରବାର କରିବାକୁ ପସନ୍ଦ କଲି ?? କାରଣ ମୁଁ ଶାନ୍ତିର ପ୍ରେମିକ !''

ମୋ ମନଟା ହଠାତ୍ ବରଫ ଭଳି ଥଣ୍ଡା ହୋଇଗଲା । ଚୋରାବେପାର ସହିତ ମୋ ପରିଚିତା ବିଚାରୀ 'ଶାନ୍ତି'ର 'ଅବୈଧ ପ୍ରଣୟ' କଥା ମୁଁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲି । ମୋର ପ୍ରଶ୍ନବାଚୀ ମୁଦ୍ରା ଅଧ୍ୟୟନ କରି ସେ କହିଲେ-

''ବୁଝିଲେ ଆଜ୍ଞା, ମୁଁ ପିଲା ଦିନୁ ଶାନ୍ତିପ୍ରିୟ । ଅଶାନ୍ତି ମୋର ଚିରଶତ୍ରୁ । ଆମ ସମାଜରେ ସତ୍ ଉପାୟରେ ଯେଉଁମାନେ ଚଳନ୍ତି ସେମାନେ ମୃତ୍ୟୁ ପରେ ସ୍ୱର୍ଗରେ ସ୍ଥାନ ପାଆନ୍ତି କି ନା ମୁଁ ଜାଣେନା, ତେବେ ଏତିକି ଜାଣେ ଜୀବନ କାଳ ତାଙ୍କର ନର୍କମୟ ହୋଇପଡ଼େ । ସେମାନେ ନିଜ ପିଲାମାନଙ୍କୁ ଖାଇବାକୁ ଦିପଟ ରୋଟି, ରହିବାକୁ ଘର ବା ପିନ୍ଧିବାକୁ କପଡ଼ାଟିଏ ଦେଇପାରନ୍ତିନି । ସବୁଦିନେ ଖାଲି ଅଶାନ୍ତି ଭୋଗ କରନ୍ତି । ମୁଁ ତେଣୁ ଗୋଟିଏ ରାତି ଚୋରା କାରବାରରେ ଅଶାନ୍ତି ପ୍ରତିବଦଳରେ ଅନେକ ଦିନର ଶାନ୍ତି ଖରିଦ କରିପାରେ । ଏଥିରେ କ'ଣ ଭୁଲ ରହିଲା ?

Digitized by srujanika@gmail.com

ବିଶ୍ୱ ଦରବାରରେ ଶାନ୍ତିର ବାର୍ତ୍ତା ବହନ କରୁଥିବା ଭାରତ ଭୂମିରେ ଶ୍ରୁତିରେ ଅଶ୍ରୁତ ଶାନ୍ତିର ଏକ ନୂତନ ସଂଜ୍ଞା ଶ୍ରବଣ କରି ମୁଁ କହିଲି-

''ଆପଣଙ୍କୁ 'ଶାନ୍ତି ଦୂତ' ସମ୍ବୋଧନ କଲେ କିଛି ଆପତ୍ତି ଅଛି କି ?''

ସେ କିନ୍ତୁ ପ୍ରତିବାଦ କଲେ । କହିଲେ-

''ମୋର ଶାନ୍ତିଦୂତ ହେବାର ଭାଗ୍ୟ କାହିଁ ? ବରଂ ମୋତେ 'ଶାନ୍ତି ଦାସ' ଡାକିଲେ ଚଳିବ । କାରଣ ମୁଁ ଶାନ୍ତିର ଦାସାନୁଦାସ ।''

ବସ୍ ରାଉରକେଲାରେ ପହଞ୍ଚିଲା । ମୋର ସ୍ୱଳ୍ପ ପରିଚିତ 'ଶାନ୍ତିଦାସ' ଯିବାକୁ ଉଠିଲେ । ପଚାରିଲି ତାଙ୍କ ନାମ । ସେ ଯିବା ପୂର୍ବରୁ ମୋ କାନରେ କହିଗଲେ ଚୁପ୍‌ଚୁପ୍-

''ଆଜ୍ଞା; ମୋ ନାଆଁ ଆପଣ ଜାଣିଲେ ମୋତେ ହିଁ ଅସୁବିଧା । ଆପଣଙ୍କର ବି ଅସୁବିଧା । ବରଂ ଆପଣଙ୍କ ଠିକଣା ଦିଅନ୍ତୁ; ଉଭୟଙ୍କର ସୁବିଧା ହେବ କହିବେ ଯଦି ଯେତେ ଟ୍ରକ କାଠ ଦରକାର, ଶିମିଳିପାଳ ଜଙ୍ଗଲରୁ ପହଞ୍ଚାଇ ଦେବି - ସବୁଠାରୁ ସୁବିଧା ଦରରେ !''

ମୁଁ କହିବା ପୂର୍ବରୁ ଶାନ୍ତିଦାସ ଓହ୍ଲାଇ ଗଲେ ଶାନ୍ତିର ଏକ ନୂତନ ସଂଜ୍ଞା ନିରୂପଣ କରିଦେଇ !

ବାହାରେ ଅସମ୍ଭବ ଭିଡ଼ । ଅନେକ ଫୁଲମାଳ- ସେଇ ଫୁଲମାଳ ଭିତରେ ଯେମିତି ପୋତି ହୋଇ ଗଲେ ଶାନ୍ତିଦାସ । ହଠାତ୍ ଜନତା ଜନାର୍ଦ୍ଦନ ବୁକୁ ଫଟାଇ ଚିତ୍କାର କରିଉଠିଲେ -ଆମର ନେତା ଜିନ୍ଦାବାଦ୍ । ଇନ୍‌କିଲାବ୍ ଜିନ୍ଦାବାଦ୍ । ଆଉ ତଳୁ ସେ ଯେମିତି ମୋତେ ଇସାରା କରି କହୁଥିଲେ ଏସବୁ ଟ୍ରକ୍‌ରେ ବୁହା ହୋଇ ଆସିଥିବା ଜନତା- ନିଜ ହାତର ଶକ୍ତି ଏମାନେ ଜାଣନ୍ତିନି । ବସ୍‌ରେ ବସି ଆସିଥିବା ହିପୋକ୍ରାଟ୍‌ଙ୍କ ଛଳନା ଏମାନଙ୍କ ପାଇଁ ମହାନୁଭବତା ।

ବସ୍ ଚାଲିବାକୁ ଆରମ୍ଭ କଲା । ଶୂନ୍ୟତାର ଶିକାର ହୋଇ ମୁଁ ଆକାଶକୁ ଚାହିଁଲି- ଆକାଶରେ ଏକ କପୋତ ଉଡ଼ିଯାଉଥିଲା । ହୁଏତ ଶାନ୍ତିର ଏଇ ନୂତନ ବାର୍ତ୍ତାକୁ ବିଶ୍ୱବ୍ୟାପୀ ପ୍ରଚାର କରିବା ପାଇଁ । ମୁଁ ଜାଣିଥିଲି ସଂସାରର ପ୍ରତିଟି ବ୍ୟକ୍ତି, ଦେଶ-ବିଦେଶର ପ୍ରତିଟି ନେତା ଶାନ୍ତି ନିମନ୍ତେ ଅତ୍ୟନ୍ତ ଆତୁରତା ପ୍ରକାଶ କରୁଛନ୍ତି- ଆଣବିକ ଶକ୍ତି ନୁହେଁ ବରଂ ପରସ୍ପର ମଧ୍ୟରେ ଭଲ ବୁଝାମଣା ଏବଂ ପରସ୍ପର ପ୍ରତି ସ୍ନେହ-ଭାବ ହିଁ ଏଇ ବିଶ୍ୱରେ ଶାନ୍ତି ଆଣିପାରିବ । କିନ୍ତୁ ଛଳନା, ଆତ୍ମପ୍ରବଞ୍ଚନା, ହିଂସା, ଦ୍ୱେଷ, ପରଶ୍ରୀକାତରତା ଏବଂ ସର୍ବୋପରି ଅନୀତି - ଦୁର୍ନୀତିଦ୍ୱାରା ଶାନ୍ତି ଖରିଦ କଥା ଆଜି ହିଁ ମୋତେ ଶାନ୍ତିଦାସ ଶିକ୍ଷା ଦେଇଗଲେ । ମୁଁ ଗଭୀର ଅଶ୍ୱସ୍ତିରେ ମୋର ଆଖି ଦୁଇଟିକୁ ଅର୍ଦ୍ଧ କମୀଳିତ କରି ଏଇ ଘୃଣ୍ୟ ଉପସାଗରରେ ଶେଷ କେଉଁଠି ଚିନ୍ତା କରୁଥିଲି !!!

Digitized by srujanika@gmail.com

ସ୍ନେହ-ସ୍ନାନ

ଯେଉଁସବୁ ଝିଅ ବିବାହ ପୂର୍ବରୁ ରାତି ନଅଟା ସମୟରୁ ଆଖି ମୁଦି ହୋଇ ଆସେ ବୋଲି ପଢ଼ା ବହିର ଗୋଟିଏ ସୁଦ୍ଧା ପୃଷ୍ଠା ଓଲଟାଇ ପାରନ୍ତିନି, ସେମାନେ ଷାଣ୍ମାସିକ ପରୀକ୍ଷା ନ ହେଲେ ବି ବାର୍ଷିକ ପରୀକ୍ଷା ଆଗରୁ ଆଖିରେ ଅମୃତାଞ୍ଜନ ଲଗାଇ ସାରା ରାତି ଅନିଦ୍ରା ରହି ପାଠ ପଢ଼ି ପରୀକ୍ଷାକୁ ଠିକି ଚାଲିଯାଇପାରନ୍ତି, ସେଇ ଝିଅମାନେ ପୁଣି ବିବାହ ପରେ ରାତିସାରା ଉଜାଗର ରହିପାରନ୍ତି । ସେଥିପାଇଁ ସେତେବେଳେ ତାଙ୍କୁ ଆଖିରେ ଅମୃତାଞ୍ଜନ ଲଗାଇବାକୁ ପଡ଼େନା । ବିବାହଟା ତାଙ୍କର ଯେମିତି ଷାଣ୍ମାସିକ ପରୀକ୍ଷା । ଅସଲ ବାର୍ଷିକ ପରୀକ୍ଷା ଆରମ୍ଭ ହୁଏ ତାଙ୍କର ମାତୃତ୍ୱ ଲାଭ ପରେ । ସନ୍ତାନର ମାଆ ହେବା ପରେ ଶୋଇ ଶୋଇ ସେମାନେ ଯେମିତି ଚେଇଁଥାଆନ୍ତି, ଦେହଟା ତାଙ୍କର ଶୋଇଯାଏ ସିନା, ହେଲେ ସେମାନଙ୍କର ମନ ଚିର ଜାଗ୍ରତ ପ୍ରହରୀ ହୋଇ ପ୍ରତିଟି ମୁହୂର୍ତ୍ତରେ ସନ୍ତାନର ପାଖେ ପାଖେ ରହିଥାଏ ।

ନଟୀ, ସାମାନ୍ୟ କେତୋଟି ମାସର ବ୍ୟବଧାନରେ ତୋ ଭଳି ମୋ ଭାଷାରେ ବହୁ କଥିତ ଏକ ନଟୀ ଗାର୍ଲ - ଏକ ପ୍ରବଳା ପ୍ରମତ୍ତା ପ୍ରଗଲ୍‌ଭା ନଈର ସୁଅ ଯାହାର ପ୍ରତିଟି ଶିରା ପ୍ରଶିରାରେ ପ୍ରବାହିତ ହେଉଥିଲା, ସେ କେମିତି ପ୍ରସ୍ତର ନଟୀ ଭଳି ଶାନ୍ତ-ସ୍ନିଗ୍ଧା ହୋଇ ଏକ କଲ୍ୟାଣୀ ଜନନୀ ହୋଇଗଲା ସେ କଥା ଆଜି ଭାବିବସିଲେ ମୋତେ କେଜାଣି କାହିଁକି 'ଆଲ୍ଲାଦିନର କହୁକ ପ୍ରଦୀପ' ଫିଲ୍ମ ଦେଖିଲା ଭଳି ମନେହୁଏ । ସତରେ ଜୀବନର ଗୋଟିଏ ଗୋଟିଏ ବିଶେଷ ପରିସ୍ଥିତିରେ ମଣିଷର ରୂପ, ଚରିତ୍ର କେମିତି ବଦଳି ଯାଇପାରେ ? ତାର ଏଇ ପରିବର୍ତ୍ତିତ କଥା ଲେଖିବସିଲେ କହ କ'ଣ ଏକ ଇତିହାସ ହେବନି ?

ବାଲ୍ୟକାଳର ସେଇ କର୍ପୂରଭିଜା ଦିନଗୁଡ଼ିକ ରୋମନ୍ଥନ କରିବସିଲେ ମୋ ଦାନ୍ତରେ ଖାଲି ପ୍ରସ୍ତ-ପ୍ରସ୍ତ କର୍ପୂର ବିବର୍ଜିତ କନାର ମେଟାମୋର୍‌ଫସିସ୍ ହିଁ ଲାଖିଯାଏ । ସେଇ ମୁହୂର୍ତ୍ତରେ ମୋର ସେଇ ରୋମନ୍ଥନର ରସଭଙ୍ଗ ହୋଇଯାଏ । ସେ ଦିନର ଧୂଳିଘର,

Digitized by srujanika@gmail.com

ମିଛିମିଛିକା ବା'ଘର ଆଉ 'ତୁ କନିଆ ମୁଁ ବର' ଗୀତ ବୋଲା କଥା ମନେ ପଡ଼ିଲେ ମୁଁ କେବେ ଭୂତ ଦେଖିନଥିଲେ ବି ସେଇ ଭୂତ-ଭୂତକୁ ଦେଖି ଚମକିପଡ଼େ ଏବଂ ସ୍ପଷ୍ଟ ଦିବାଲୋକରେ ଅମା-ଅନ୍ଧାର ରାତ୍ରିର ଭୟଙ୍କରତା ସ୍ୱତଃ ଉପଲବ୍ଧି କରିପାରେ ।

ନଟୀ, ଜାଣେନା ମୁଁ କେମିତି ଦିନେ ମୂର୍ଖତାର ଅମୁହାଁ ଦୁର୍ଗରେ ବନ୍ଦୀ ହୋଇ ତୋର ମୋର ଆସନ୍ନ ଘର ସଂସାରକୁ ଏକ ଧୂଳିଘର ବୋଲି ଭାବିନେଲି ! କେମିତି ତୋର ସ୍ମୃତିକୁ ବିସ୍ମୃତିର ମୃତ ଗହ୍ୱରକୁ ନିକ୍ଷେପ କରି 'ସସେମିରା' ଗଳ୍ପର ଏକ ଆଧୁନିକ ସଂସ୍କରଣ ହୋଇଗଲି !

ପିଲାଦିନର ସେଇ ଧୂଳିଘର କଥା ତୋର ମନେପଡ଼େନା ନଟୀ ? ମୋର କିନ୍ତୁ ସ୍ପଷ୍ଟ ମନେ ଅଛି- ମିଛିମିଛିକା ଘର-ସଂସାରରେ ମୁଁ ହୁଏ ତୋର ବର ଆଉ ତୁ ମୋର କନିଆ । ମିଛିମିଛିକା କାର୍ ଚଢ଼ି ମୁଁ ସେଇ ଧୂଳିଘରୁ ବାହାରିଗଲେ ତୁ ବାଟ ବଳାଇ ଦେବାକୁ ଆସୁ । ପାଟି ଲାଗିବା ଖନି ଖନି ଭାଷାରେ ମୋତେ ସନ୍ଧ୍ୟାରେ ଶୀଘ୍ର ଫେରିବାକୁ କେତେ ରାଣ ନିୟମ ପକାଉ । ଆଉ ମୁଁ ମିଛିମିଛିକା ସନ୍ଧ୍ୟାରେ ଫେରିଲାବେଳେ ତୁ ଦ୍ୱାର ମୁହଁରେ ମୁହଁକୁ ବେଲୁନ୍ ଭଳି ଫୁଲାଇ ଅଭିମାନ କରି ଛିଡ଼ା ହୋଇ ଏତେ ଡ଼େରିରେ ଫେରିବାର କୈଫିୟତ ମାଗିବସୁ । ତା ପରେ ମାନଭଞ୍ଜନ ପର୍ବ । ଅଭିମାନର ବେଲୁନ୍ ଫଟାଇ ତୁ ହସିହସି ମୋତେ ମିଛିମିଛିକା ଜଳଖିଆ ବାଢ଼ିଦେଉ, ମୁଁ ଖାଇସାରି ତୋ କାନିରେ ହାତ ପୋଛି ତୃପ୍ତିରେ ହାକୁଟି ମାରି କହିଥାଏ-

ନଟୀ, ସତରେ ତୁ କେତେ ସୁନ୍ଦର ରୋଷେଇ କରି ଜାଣୁ ? ତୁ ମୋ କଥା ଶୁଣି ମିଛକୁ ସତ ମଣୁ- ତୁ ଜାଣୁନା ଯେତେ ଖରାପ ରାନ୍ଧିଲେ ବି ସ୍ତ୍ରୀକୁ ପରା 'ଭଲ ରାନ୍ଧିଛୁ' କହି ବକ୍‌ସିସ୍ ଦେବାକୁ ହୁଏ ! ମୋ କୈଶରରେ ଏ କଥା ବହି ପଢ଼ି ଜାଣିଥିଲି ଓ ତୋ ରୋଷେଇର ବାରମ୍ବାର ତାରିଫ୍ କରୁଥିଲି ।

ଦିନେ ଦିନେ ମୋ କଥା ଶୁଣି ତୋ ଟିକି ଟିକି ଦାନ୍ତ ପଂକ୍ତିରେ ଯେମିତି ମଲ୍ଲୀ ଫୁଲର ଗଜରା ଗୁନ୍ଥି ହୋଇଯାଏ । ତୁ ଜବାବରେ କହୁ-

''ତୋ ପାଇଁ ମୁଁ ସବୁ କରିପାରିବି । ବଡ଼ ହେଲେ ତୋ ପାଇଁ ମୁଁ ଅପା ଭଳି ଡୋମେଷ୍ଟିକ୍ ସାଇନ୍‌ସ ପଢ଼ିବି । ଗୃହ ବିଜ୍ଞାନର ସମସ୍ତ କଳା ଜାଣି ମୁଁ ଏକବାର ପକ୍‌କା ଗୃହିଣୀ ସାଜିବି । ତାହେଲେ ତୋର କେବେ ଅଭିଯୋଗ ରହିବନି ଯେ ମୋତେ ରୋଷେଇ କରି ଆସେନା । ଆଜି କୀର୍ତ୍ତନ ସାର୍ କହୁଥିଲେ ଯେ ସ୍ତ୍ରୀ ସ୍ୱାମୀକୁ ମନ ପସନ୍ଦ ରୋଷେଇ କରି ଖାଇବାକୁ ନଦେଲେ ସ୍ୱାମୀର ସ୍ୱାସ୍ଥ୍ୟ କୁଆଡ଼େ ଭାଙ୍ଗିଯାଏ ପରା ! ଆଉ ତୁ ଜାଣିନୁ ସ୍ୱାମୀର ସ୍ୱାସ୍ଥ୍ୟ କୁଆଡ଼େ ଏମିତି ଏକ ବ୍ୟାଙ୍କ୍ ବ୍ୟାଲେନ୍‌ସ ଯାହାକୁ ନେଇ ପ୍ରତିଟି ସ୍ତ୍ରୀ ଆଜୀବନ ସୁଖର ଚେକ୍ କାଟିପାରେ ।''

''ତାହେଲେ କାଲିକାର ନାଲିଚୁଡ଼ା ଆଜି ଫୁଲି ଫୁଲି କଥା କହିବାର ଧାରା ଶିଖି ଗଲାଣି ।''

Digitized by srujanika@gmail.com

ମୁଁ ଏତକ କହି ତୋର ବେଣୀକୁ ଜୋର୍‌ରେ ଟାଣି ଦେଉଥିଲି । ଆଉ ତୁ କେବେ କେବେ ହଠାତ୍ ସତକୁ ସତ ନାଲିଚୁଡ଼ା ଭଳି ମୁହଁଟାକୁ ଫୁଲାଇ ମନ୍ଦାର ଫୁଲ ଭଳି ଲାଲ କରି ଅସ୍ପଷ୍ଟ ଭାବେ କହୁଥିଲୁ-

:ତୁଟା ଭାରି ଇଏ- ମୁଁ ତୋ ସହ ଜମ୍‌ମା କଥା ହେବିନି । ତୋ ସହ ଏ ନଟୀର ଏ ଜୀବନ ପାଇଁ କଟୀ... କଟୀ... କଟୀ । ତୁ ଆଙ୍ଗୁଠି ଦେଖାଇ ଚାଲିଯାଇଥିଲୁ ।

ତା ପର ଦିନ ତୁ ଆସିଥିଲୁ । ମୁଁ ଚୁପ୍ ହୋଇ ମୋ ଧୂଳି ଘରେ ବସିଥିଲି । ତୋତେ ଦେଖି ରଗାଇବାକୁ ଯାଇ କହିଥିଲି-

: ତୁ ପୁଣି ଆସିଲୁ ଯେ ! କହ ତୁ କାହିଁକି ଆସିଛୁ ?

: କନିଆ ମାଆ ଘରକୁ ଗଲେ ଆଉ ଥରେ ତାର ବର ଘରକୁ ଫେରିଆସେନି କି ପ୍ରିୟ ଭାଇ ?

: ତା ହେଲେ ତୁ ମାଆ ଘରକୁ ଯାଇଥିଲୁ ?

: ଯିବିନି ଅଲବତ୍ ଯିବି । ଯେତେଦିନ ମୁଁ ତୋ ପିଲାର ମାଆ ନ ହୋଇଛି ସେତେଦିନ ପର୍ଯ୍ୟନ୍ତ ମୁଁ ନିତି ବୋଉ ପାଖକୁ ଯିବି ।

: ତା ହେଲେ ତୁ ମୋ ଛୁଆର ମାଆ, ହେବୁ ?

: ହଁ ତ । ହେଲେ ଆମ ପୁଅର ନାଆଁ କ'ଣ ଦେବା, ପ୍ରିୟଭାଇ ।

: ରାମଚନ୍ଦ୍ର

: ଧେତ୍ ଏଇଟା ପୁରୁଣା କାଳିଆ !

: ତା ହେଲେ ସୌମ୍ୟ ଶିବାଶିଷ୍...

: ଏଇଟା ବହୁତ ନୂଆ ଟାଇପ୍ ହୋଇଯାଉଛି ।

: ତା ହେଲେ କ'ଣ ଦେବା ?

: ଆଗ ମୁଁ ମାଆ ହୋଇଯାଏ ।

ତା ପରେ ଗେହ୍ଲେଇ ହୋଇ କହିଲା-

: ପ୍ରିୟଭାଇ, ତୁ ମୋ ଉପରେ ରାଗିଛୁ । କାଲି ପଳାଇଗଲି ବୋଲି ? ମୁଁ ହସିଥିଲି । ଆଉ ଥରେ ତୋ ବେଣୀଟାକୁ ଟାଣି ମୋ ମିଛିମିଛିକା ଘର ଭିତରକୁ ଟାଣିନେଇଥିଲି । ତୁ ମୋ ପାଇଁ ସବୁ ଦିନ ପରି ରୋଷେଇ କରିଥିଲୁ ଓ ମୁଁ ଖାଇ ଅଫିସ୍‌କୁ ଯାଇଥିଲି, ଆଉ ଡ଼େରିରେ ଫେରିଥିଲି ।

ତୁ ମୁହଁଟା ହାଣ୍ଡି କରି ଦ୍ୱାର ମୁହଁରେ ଛିଡ଼ା ହୋଇଥିଲୁ ।

: ମୁହଁଟା ହାଣ୍ଡି କରିଛୁ ଯେ ?

: ମୋ ଇଚ୍ଛା !

: ତୋ ଇଚ୍ଛା !

Digitized by srujanika@gmail.com

: ହଁ, ମୋର ଇଚ୍ଛା । ତୁ କ'ଣ କରି ପକାଇବୁ କି ?

: ଏମିତି ମାରିବି ଯେ କେଉଁଠି ବାଜିବନି ।

: ତାହେଲେ ମାଇଲୁ-ମାଇଲୁ ଦେଖି । କେତେ ମରଦ ପଣିଆ ତୋର ଅଛି ଆଜି ଦେଖେ । ନାକରେ ନିଶ ନାଇଁ ମୋତେ ପୁରୁଷ ପଣିଆ ଦେଖାଉଛି । ଯାଃ, ଆଜି ରୋଷେଇ ବନ୍ଦ ।

: କିନ୍ତୁ କାହିଁକି ?

: ଜାଣିନୁ ? ବାଃରେ ମୋର ଗଧ । ମୁଁ ତୋର ବାଟ ଚାହିଁ ଦ୍ୱାର ମୁହଁରେ ଅନାଇ ବସିଛି, ତୁ ଏତେବେଳେ ଯାଏ କେଉଁଠି ଥିଲୁ । କହ କାହା ପାଖରେ ଥିଲୁ ? ମୋ କଥା ମନେ ଥିଲା କି ନାହିଁ ? ବିଦ୍ୟାରାଣ, ମୁଁ ଆଉ ଜମ୍‌ମା ରୋଷେଇ କରିବି ନାଇଁ-କି ତୋ ସହ କଥାବାର୍ତ୍ତା ବି ହେବି ନି ।

ତୁ ଚୁପ୍ ହୋଇ ବସିଗଲୁ । ଆଉ ତୋତେ ଫୁସୁଲାଇବାକୁ ଯାଇ କହିଥିଲି-

: ପୁଅ ପିଲାଙ୍କ ପାଇଁ ଡୋମେଷ୍ଟିକ୍ ସାଇନ୍‌ସ ବାଧ୍ୟତାମୂଳକ କରିଦେବା ଉଚିତ ।

ତୁ ଆଶ୍ଚର୍ଯ୍ୟ ହୋଇ ବିଦ୍ୟାରାଣକୁ ତୋ ଅଜାଣତରେ ପୋଡ଼ି ଖାଇ ହଠାତ୍ ଏକ ପ୍ରଗଳଭ ନଈର ସୁଅ ପ୍ରାୟେ କହିଥିଲୁ-

: କାହିଁକି ? କାହିଁକି ??

: ମାଇକିନା ଯେଉଁଦିନ ମୁହଁ ହାଣ୍ଡି କରି ବସିବ । ସେ ଦିନ ମରଦକୁ ତ ପୁଣି ହାଣ୍ଡିରେ ଚାଉଳ ପକାଇବାକୁ ପଡ଼ିବ ।

ତୁ ଏତେ ରାଗରେ ବି ହସି ପାକଇଥିଲୁ ଆଉ କହିଥିଲୁ-

: ତୁ ଯେତେ ଫୁସୁଲା ଫୁସୁଲି କଲେ ବି ମୁଁ ଜମ୍‌ମା ଶୁଣିବିନି । ଆଜି ମାଆ ଘରକୁ ଚାଲିଯିବି ।

: ଆଖି ଛୁଇଁ କହୁଛି । ତୁ ଯଦି ଚାଲି ଯିବୁନା ମୁଁ ରୋଷେଇ କରିବାକୁ ଆଉ ଗୋଟେ ସଉତୁଣୀ ଆଣିବି ।

: ସେଇଟା ପୁଣି କ'ଣ ?

: ଆଲୋ ସେଇଟା ଆଉ ଗୋଟେ କନିଆ । ତୁ ଥାଉ ଥାଉ ଗୋଟିଏ କନିଆ ।

: ତୁ ଟା ଭାରି ଦୁଷ୍ଟ । ଏଇ ନେ ମୋ ପୁଅକୁ ଖେଳା । କାଲି ପୁଅ ମାଗୁ ଥିଲୁ ବୋଲି ଆଜି ପୁଅଟିଏ ନେଇ ଆସିଛି । ରୀନା, ମୀନା ଆଉ କୁନିକୁ ପଚାରି ତାର ନାଆଁ ଦେଇଛି ଅମିତାଭ୍, ଡାକ ନାଆଁ ମୁନ୍ନା । ତୁ ହସି ହସି ଖେଳନାଟା ମୋ ହାତକୁ ବଢ଼ାଇ ରୋଷେଇ ଘରକୁ ପଶିଗଲୁ । ଶୈଶବ, କୈଶର ଛାଡ଼ି ଯୌବନର ନାଲି ନେଳି ପୋଷାକ ପିନ୍ଧି ସାରିଥିଲେ ଆମେ ସମୟର ପଇସା ଖର୍ଚ୍ଚ କରି ! ଆଖିରେ ଆମର ଷୋହଳଟି ବସନ୍ତର ସୁନ୍ଦର ଫୁଲ ବଗିଚା । ଠିକ୍ ସେତିକିବେଳେ ଦିନେ-

Digitized by srujanika@gmail.com

: ନଟୀ !

: ହୁଁ

: ତୁ ଯଦି ମୋତେ ମିଠା ଖାଇବାକୁ ଦେବୁ, ତାହେଲେ ତୋତେ ମୋ ଗପ ଶୁଣାଇବି-ମାନେ ନିଜ ଗପ । ନିଜ କାଳିରେ ଲେଖା ଗଳ୍ପ !

: ଯାଃ... ଯାଃ... ତୁ ପୁଣି ଗପ ଲେଖିବୁ ? ତୁ ଲେଖିବୁ ନା ଗପ ତୋତେ ଲେଖିବ ?

: ଆଲୋ ସତରେ ଲେଖିଛି, ବିଶ୍ୱାସ କର ।

: ଆଖି ଛୁଁ...

: ଆଖି ଛୁଇଁ କହୁଛି, ମୁଁ ଯଦି ମିଛ କହୁଥିବି ନା ତେବେ ମୋର ଏଇ ଦୁଇ ଆଖି ଫୁଟିଯିବ ।

: ପଢ଼ି ଶୁଣାଇଲୁ ।

: ମିଠା ନ ଦେଲେ ଗପ ମିଠା ଲାଗେନା ।

: ଦେବି ତ ! ବିଦ୍ୟାରାଣ, ଦେବି କହୁଛି । ଆଗ କାମ, ପଛେ ଦାମ୍ । ନଦିୟା ସାର୍‌ଙ୍କ କଥା ମନେ ରଖିନୁ ?

ତୋ କଥା ଶୁଣି ମୁଁ ମୋ ଗଳ୍ପ ପଢ଼ି ଶୁଣାଇଥିଲି-

: ଘୋର ଅଗନା ଅଗନି ବନସ୍ତରେ ଯେଉଁଠି କୁଟାଖିଏ ପଡ଼ିଲେ କାଠଟିଏ ପଡ଼ିଲା ଭଳି ଶୁଭେ - ଆଉ କାଠଟାଏ ପଡ଼ିଲେ ଢ଼ିଙ୍କିଟାଏ ପଡ଼ିଲା ଭଳି ମନେହୁଏ-ହଁ ସେଇଠି ଦୁଇଟି ଶୁଆସାରୀ ବାସ କରୁଥିଲେ । ନିତି ସକାଳୁ ଶୁଆ ନୀଳ ଗଗନରେ ଉଡ଼ି ଖାଦ୍ୟ ଖୋଜିବାକୁ ଯାଉଥିଲା ଓ ସଂଧ୍ୟାରେ ତାର ଶାରୀ ପାଇଁ ନିଜ ଥଣ୍ଟରେ ବହୁ ଦୂରରୁ ଖାଦ୍ୟ ନେଇ ଫେରୁଥିଲା । ଏମିତି ସୁଖର ଦିନଗୁଡ଼ିକ ପାଣି ଭଳି ବହି ଯାଉଥିଲା ।

: ତାପରେ ??

: ଦିନେ ସକାଳେ ଶୁଆ ଗଲା ସବୁ ଦିନ ଭଳି; କିନ୍ତୁ ସଂଧ୍ୟାରେ ଫେରିଲାନି । ଗୋଟିଏ ରାଜା ପାରିଧିକୁ ଆସିଥିଲେ । ସେ ଶୁଆଟିକୁ ଧରି ନେଇଗଲେ । ସୁନା ପଞ୍ଜୁରିରେ ରଖି ରୁପାର ଥାଳିରେ କେତେ ମିଠା ମିଠା ଖାଦ୍ୟ ଖାଇବାକୁ ଦେଲେ । କିନ୍ତୁ ଶୁଆ କିଛି ଖାଇଲାନି - ଦିନ ରାତି କାନ୍ଦିଲା - ଶେଷରେ ଶାରୀ କଥା ଝୁରିଝୁରି ଦିନେ ଶେଷ ନିଃଶ୍ୱାସ ତ୍ୟାଗ କଲା ।

: ଆହା ବିଚାରୀ-ଆଚ୍ଛା ଶାରୀର କ'ଣ ହେଲା ପ୍ରିୟଭାଇ ?

: ସାରୀ ଦିନେ ଦୁଇ ଦିନ ଶୁଆ ପାଇଁ ମନ କଷ୍ଟ କଲା । ଆଉ ତାପରେ ଦିନେ ଅନ୍ୟ ଏକ ଶୁଆ ସହିତ ଉଡ଼ିଯାଇ ଏକ ନୂଆ ବସାରେ ବାସ କରିବାକୁ ଲାଗିଲା । ସେଇ ପୁରୁଣା ଶୁଆ କଥା ପୂରାପୂରି ଭୁଲିଗଲା ।

Digitized by srujanika@gmail.com

ତୁ ମୋ ଗଳ୍ପ ଶୁଣି ସେ ଦିନ କହିଥିଲୁ-

: ତୁ ପୁଅ ପିଲା ବୋଲି ଏ କଥା ଲେଖିପାରିଲୁ । ଝିଅର ମନ କଥା ତୁ ବା ଜାଣିବୁ କେମିତି ? ଶାରୀ ତାର ଶୁଆକୁ ଏତେ ଭଲ ପାଉଥିଲା; ଅଥଚ ମାତ୍ର ଦୁଇ ଦିନରେ ଭୁଲିଗଲା ?

: ନଟୀ ତୋତେ ଯଦି ଭଲ ଲାଗୁନି ତେବେ ମୋ ଗଳ୍ପଟିକୁ ବଦଳାଇ ଦେବି ।

: ନା, ପ୍ରିୟ ଭାଇ । ଯାହା ଥରେ ଲେଖି ହୋଇଗଲା ସେଇଟା ତ ବିଧିର ବିଧାନ । ତାକୁ ବଦଳାଇବା ମହାପାପ । ଶୁଣିଛି ଲେଖକ ପରା ଦ୍ୱିତୀୟ ଈଶ୍ୱର ।

ମୁଁ କ୍ଷଣକ ପାଇଁ ଭାବନା ରାଜ୍ୟରେ ହଜି ଯାଇଥିଲି । ଆଉ ବହୁତ ସମୟ ପରେ କହିଥିଲି-

: ତୁ ମୋ ପାଇଁ ପିଲା ଦିନେ ଡୋମେଷ୍ଟିକ୍ ସାଇନ୍‌ସ୍ ପଢ଼ିବୁ ବୋଲି କହୁଥିଲୁ ନା ?

: ହଁ, ତାହେଲେ ମୁଁ ଭଲ ରୋଷେଇ କରି ଖାଇବାକୁ ଦେଇପାରିବି ।

: ତୁ ତା' ନ କରି ବରଂ ଭଲ ହସ୍ତାକ୍ଷର ଲେଖି ଶିଖ ।

: ଏ ମାଆ- ତୁ ହସ୍ତାକ୍ଷର ଖାଇ ଅଫିସ୍ ଯିବୁ ନା କ'ଣ ?

: ତୁଟା ଗୋଟେ ହୁଣ୍ଡି । ମୁଁ ଅଫିସ୍ ଗଲେ ମୋ ଗପସବୁ ସୁନ୍ଦର ଅକ୍ଷରରେ ଲେଖି ମ୍ୟାଗାଜିନ୍‌କୁ ପଠାଇବୁ । ଜାଣୁ ତ ମୋ ଅକ୍ଷର କେମିତି ବରୁଣେଇ ପାହାଡ଼ ଭଳି ଦିଶେ !

ନଟୀ, ଏମିତି କେତେଦିନ ଚାଲିଗଲା- ବେଖିଆଲି ହୋଇ ମୁଁ ଏହାପରେ କେତୋଟି ବର୍ଷା-ବସନ୍ତ-ବୈଶାଖର ଖେଳା ନିଜ ହାତଗୋଡ଼ରେ ଆଙ୍ଗୁଠି ନେଇ ଗଣିଛି, ମୁଁ ଜାଣେନା । କିନ୍ତୁ ଅଚାନକ ଆଉ ଏକ ବାସନ୍ତୀ ସନ୍ଧ୍ୟାରେ ମୁଁ ଲକ୍ଷ୍ୟ କଲି ସେଇ ବସନ୍ତକୁ ନିରୂପଣ କରିବା ପାଇଁ ମୋ ହାତଗୋଡ଼ର ଆଙ୍ଗୁଠିସବୁ ନିଅଣ୍ଟ ପଡୁଛି ! ସବୁ ମଣିଷଙ୍କ ଜୀବନରେ ଏମିତି ଏକ ନିଅଣ୍ଟିଆ ବଜେଟ ଦେଖାଦିଏ । ସେତେବେଳେ ଏହାର ଭରଣାପାଇଁ ସେମାନେ ଜୀବନସାଥୀ ଖୋଜିଆଣି ତା'ର ହାତଗୋଡ଼ର ଆଙ୍ଗୁଠିର ସ୍କେଲରେ ସମୟର ସୀମା ମାପି ବସନ୍ତି । କିନ୍ତୁ ସମୟର ସୀମା ଯେ ଅସୀମ, ତା' ସହିତ ମଣିଷର ନିଜ ନାଆଁକୁ ବଞ୍ଚାଇରଖିବାର ଲିପ୍‌ସା ତାଠାରୁ ଅସୀମତର । ଯେତେବେଳେ ତା ସାଥୀର ଆଙ୍ଗୁଠିର ସଂଖ୍ୟାକୁ ହତାଦର କରି ସମୟ ଆଗେଇ ଚାଲେ, ଭବିଷ୍ୟତର ନିଅଣ୍ଟିଆ ବଜେଟ୍‌କୁ ଆଖି ଆଗରେ ରଖି ମଣିଷ ସନ୍ତାନ ଖୋଜେ-ତା ପରେ ସନ୍ତାନର ସନ୍ତାନ-ନାତି-ଅଣନାତି-ପଣନାତି ଏମିତି କେତେ କଣ-ସମୟ ସହିତ ତାଳ ଦେଇ ମଣିଷର ଉତ୍ତର ପୁରୁଷଗଣ ତାଙ୍କର ପୂର୍ବ ପୁରୁଷଙ୍କ ବଂଶ ପରଂପରା ତଥା ଆଭିଜାତ୍ୟର ସ୍ମୃତିର ବୋଝକୁ ବିସ୍ମୃତିର ଓଟ ପିଠିରେ ଲଦି ସମୟର ଅଲଂଘ୍ୟ ମରୁସୀମାକୁ ନିଜ ନିଜର ଅଙ୍ଗୁଳି ପରିସର ମଧ୍ୟରେ ମାପି ଚାଲିଥାନ୍ତି । ନଟୀ, ବୟସଟା ବି କେଡ଼େ ଅଦ୍ଭୁତ ସତେ ! ଝିଅଙ୍କୁ ଛାଡ଼ି ସେ ଯେମିତି

Digitized by srujanika@gmail.com

ଆଗଭର ହୋଇ ଚାଲିଯାଏ... ସେମିତି ପୁଅଙ୍କ ପଛରେ ଅନୁସରଣ କରି କରି ଥକିଯାଏ । ବୟସର ଏଇ ବିଚିତ୍ର ଆବର୍ତ୍ତନ ଚକ୍ରରେ ଯେତେବେଳେ ତୋର ବିବାହ ବୟସ ହୋଇ ଯାଇଥିଲା, ସେତେବେଳ ତାହା ମୋତେ ସ୍ପର୍ଶ ବି କରିନଥିଲା । ସବୁଠାରୁ ବିଡ଼ମ୍ବନା ଏହି ଯେ ମୁଁ ସେତେବେଳେ ନିଜ ଗୋଡ଼ରେ ଛିଡ଼ା ମଧ୍ୟ ହୋଇ ପାରିନଥିଲି ।

ନଟୀ, ନାରୀ ପୁରୁଷକୁ ଉଦ୍‌ବର୍ଦ୍ଧନ କରିବା ଓ ପୁରୁଷ ନାରୀକୁ ସର୍ବତୋଭାବେ ବହନ କରି ନିଜର ଜୀବନକୁ ବିସ୍ତାରରେ ପରିପ୍ଲୁତ କରିବାକୁ ବିବାହ କହନ୍ତି । ତୁ ଯେ ପ୍ରଥମଟିରେ ଗରୀୟସୀ ହୋଇ ପାରିଥାନ୍ତୁ, ଭଗବାନଙ୍କ ଦ୍ୱାହି ସେଥିରେ ମୋର ତିଳେ ହେଲେ ସନ୍ଦେହ ନ ଥିଲା । ପୁନଶ୍ଚ ମୁଁ ନିଃସନ୍ଦେହ ଥିଲି ଯେ ଦ୍ୱିତୀୟଟି କରିନପାରି ନିଜଠାରେ ନ୍ୟୂନ ହୋଇଯାଇଥାଆନ୍ତି ଯାହା କି ମୁଁ କେବେ ମୋ ଜୀବନରେ ଚାହିଁନି ! ଜ୍ୟୋତିଷ ଶାସ୍ତ୍ରରେ ଗଭୀର ଭାବରେ ମୁଁ ବିଶ୍ୱାସ କରୁଥିଲି, ମୋର କପାଳରେ ଅଠେଇଶ ବର୍ଷରେ ସ୍ତ୍ରୀକୁ ହରାଇବାର ଯୋଗ ଅଛି । ଏହି ଅବିଶ୍ୱାସୀ ବିଶ୍ୱାସ ଫଳରେ ଅଚାନକ ଅଘଟଣ ଘଟିଗଲା । ସମସ୍ତ ଅନୁକୂଳ ପରିସ୍ଥିତି ମୋ ପାଇଁ ତେଣୁ ପ୍ରତିକୂଳ ପକ୍ଷ ହୋଇ ଛିଡ଼ା ହେଲା । ସମାଜ ଆଉ ସମୟ ଏ ଦୁହେଁ ମିଶି ଆମ ମଧ୍ୟରେ ଏକ ବିରାଟ ଅଲଂଘ୍ୟ ପ୍ରାଚୀର ଛିଡ଼ା କରିଦେଲା । ଆଉ ସେଇ ପ୍ରାଚୀର ଅନ୍ତରାଳରୁ ମୁଁ ସାହାନାଇର ଗୁଞ୍ଜନ ସିନା ଶୁଣିଲି, ହେଲେ ତୋ ସିନ୍ଥିରେ ଆଉ କେହି ସିନ୍ଦୂର ଲଗାଇବାର ଦୃଶ୍ୟ ଦର୍ଶନରୁ ସୌଭାଗ୍ୟକ୍ରମେ ବଞ୍ଚିତ ହେଲି, ଯାହା ଦେଖିଲେ ମୁଁ ସହ୍ୟ କରିପାରିନଥାଆନ୍ତି ।

ଏହାପରେ ସମୟର ନଈରେ ଅନେକ ସୁଅ ବହିଯାଇଛି । ମୁଁ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ନୈତିକତାକୁ ଜଳାଞ୍ଜଳି ଦେଇ ସୁପ୍ରତିଷ୍ଠିତ ହୋଇଛି । ପୁନଶ୍ଚ ସାହିତ୍ୟ କ୍ଷେତ୍ରରେ ଜଣେ ଶକ୍ତିଶାଳୀ ଦରଦୀ କଥାକାର ଭାବେ ମୋ ନିଜସ୍ୱ ଏକ ପାଠକ ଗୋଷ୍ଠୀ ସୃଷ୍ଟି କରିପାରିଛି । ଅନେକ ସୁନାମର ପୁଷ୍ପମାଲ୍ୟରେ ବିଭୂଷିତ ହୋଇଛି । କିନ୍ତୁ ତୋର ବିବାହ ପରେ ଆଉ ତୋ ସହ ସାକ୍ଷାତ ହୋଇନି । ଆଉ ଅବଲୀଳା କ୍ରମେ ମୁଁ ବି ବିବାହ କରିସାରିଛି ।

କିନ୍ତୁ ଅଚାନକ ତୋ ସହ ସାକ୍ଷାତ ହୋଇଗଲା ଏଇ ଭୁବନେଶ୍ୱର ରେଳ ଷ୍ଟେସନରେ । ତୁ ଯାଉଥିଲୁ ପୁରୀ ଆଉ ମୁଁ ହାଓଡ଼ା-ରେଳ ପଥ ଏକ, କିନ୍ତୁ ଦିଗ ଭିନ୍ନ... ଏ ବି ଯେମିତି ଠିକ୍ ଆମ ଜୀବନର ଚଲାପଥ ହୋଇଗଲା ! ତୋତେ ଦେଖି ମୁଁ ଚମକି ପଡ଼ିଥିଲି... ତୋ ସିନ୍ଥିରେ ସିନ୍ଦୂର ଦେଖି ନୁହେଁ... ତୁ ଏହା ଭିତରେ ଜାୟାରୁ ଜନନୀ ହୋଇଯାଇଛୁ ଉପଲବ୍ଧ କରି ।

ମୋ ମୁହଁରୁ ହଠାତ୍ ବାହାରିପଡ଼ିଲା...

: ଆରେ ନଟୀ ଯେ !

ତୁ ପାଖକୁ ଆସିଥିଲୁ ଓ କହିଥିଲୁ-

Digitized by srujanika@gmail.com

: ତାହେଲେ ମୋତେ ତୁମେ ମନେରଖିଛ, ପ୍ରିୟଦର୍ଶୀ ଭାଇ ।

: ଜୀବନଟା ଧୂଳି ଘର ନୁହେଁ, ନଟୀ । ମୁଁ ହୁଏତ ତୋ ନିକଟରେ 'ତୁ' ରୁ 'ତୁମେ' ବା 'ପ୍ରିୟ'ରୁ 'ପ୍ରିୟଦର୍ଶୀ' ହୋଇ ଯାଇଛି- କିନ୍ତୁ ତୁ ସବୁ ଦିନେ ମୋ ପାଖରେ ମୋର ହିଁ ଅତିପ୍ରିୟ 'ତୁ' ହୋଇ ରହିଯାଇଛୁ ।

ମୋ କଥା ଶୁଣି ତୁ ଗମ୍ଭୀର ହୋଇଗଲୁ ! ସବୁ ପ୍ରଗ୍‌ଲଭା ନଈ ଭଳି ଝିଅମାନେ ସେମାନଙ୍କର ବିବାହ ପରେ, ବିଶେଷ କରି ମାତୃତ୍ୱ ଲାଭ ପରେ ଏମିତି ଗମ୍ଭୀରତାର ବାଲିଚର ହୋଇପଡ଼ନ୍ତି ବୋଲି ଶୁଣିଥିଲି- ଏବେ ଆଖିରେ ଦେଖିଲି ।

: ତା ହେଲେ ମୁଁ ନ ପଚାରୁ ପଚାରୁ ଅନେକ ଦିନରୁ ସଞ୍ଚିଥିବା ପ୍ରଶ୍ନଟିର ଉତ୍ତର ଦେଇ ଦେଲ । ଦିନେ ଭାବି ଭୁଲ କରିଥିଲି ଧୂଳି ଘରର ସାଥୀ ଭଳି ତୁମର ଘର ସଂସାରର ସାଥୀ ହେବି-କିନ୍ତୁ ମୋର ଜାଣିବା ଉଚିତ ଥିଲା, ଜୀବନଟା ଧୂଳିଘର ନୁହେଁ, ନା' କ'ଣ ପ୍ରିୟଦର୍ଶୀ ଭାଇ ?

ମୁଁ ନଟୀର କଥା ଶୁଣି ନୀରବ ହୋଇଯାଇଥିଲି । ଏମିତି ଅନେକ ପ୍ରଶ୍ନ ଅଛି ଯାହାର ଉତ୍ତର ଥାଏ ନା- ଯେମିତି ସମସ୍ତ ହରଣ ବିଭାଜ୍ୟ ହୁଏନା, ଅଥବା ଯେମିତି ସବୁ କଥା ଚିଠିରେ ଲେଖିହୁଏନା ।

ନୀରବତା ଭାଙ୍ଗି ସେ ପଚାରିଥିଲା-

: ଛାଡ଼ ସେ କଥା, କୁହ କେମିତି ଅଛ ।

: ହଁ, ଭଲ ଅଛି । ଯୌବନରେ ମତୁଆଲା ହୋଇ ପ୍ରତିଟି ଯୁବକ ଭାବନ୍ତି କେବେ ତାଙ୍କ ବୟସ ଅଠେଇଶ ହୁଅନ୍ତା ନି କି ? କିନ୍ତୁ ମୁଁ ସେଇ ବୟସରେ କେମିତି ଅଠେଇଶ ବର୍ଷ ଟପିବି ଭାବୁଥିଲି । ଆଉ ଠିକ୍ ଅଠେଇଶ ହେଲା ବେଳକୁ ମୋ ଅଜାଣତରେ ମୋ ଜୀବନର ମୂଲ୍ୟବାନ ପଦାର୍ଥଟି ହଜାଇ ସାରିଥିଲି । ମୋ କଥା ଛାଡ଼ । ଏକ ଥୁଣ୍ଟା ଗଛର କାହାଣୀ ଇଏ-ଆଉ ତୋ କାହାଣୀ ଶୁଣା ।

: ମିଠା ଦେଲେ କହିବି । ତୁମେ ତ କହିଥିଲ ମିଠା ନ ଦେଲେ ଗପ ମିଠା ଲାଗେନା, ମନେ ଅଛି ?

ତୁ ଯେମିତି ପ୍ରଗ୍‌ଲଭା ହୋଇଉଠୁଥିଲୁ ଠିକ୍ ମୋ ସୁଦୂର ଅତୀତର ଧୂଳି ଘରର ସାଥୀ ସେଇ ନଙ୍ଗୀ ଗାର୍ଲ ପରି । ଆଉ ମୁଁ ସେଇ ଚିରାଚରିତ ପ୍ରଥାରେ ଉତ୍ତର ଦେଇଥିଲି-

: ନଟୀ, ଆଗ କାମ ପରେ ଦାମ୍ । ନଦିୟା ସାର୍‌ଙ୍କ କଥା ମନେ ଅଛି ? ସତରେ ନଟୀ, ମୁଁ ଏତେ ପଇସା ପାଇଲେ ବି ପଇସା ରହୁନି ବୋଲି ଅନେକ ଦୋକାନରେ ବାକି ଖାତା ଖୋଲିଛି । ଏବେ ତୋ ପାଖରେ ବି ଏକ ବାକି ଖାତା ଖୋଲା ଥାଉ । ତୋ ଉଧାରୀ ସ୍ନେହର ଋଣଭାର ଚକ୍ରବୃଦ୍ଧି ହାର ସୁଧରେ ବଢ଼ିଚାଲିଥାଉ !

: ପ୍ରିୟଦର୍ଶୀ ଭାଇ, ମୋତେ ତାହେଲେ ଶେଷରେ ଦୋକାନ ସହ ତଉଲି ଦେଲ !

Digitized by srujanika@gmail.com

ଓଃ, ସେଥିପାଇଁ ମୋ ଜୀବନକୁ ବାକି ସଉଦା କରି ଚାଲିଗଲ-ପଇସା ଦେବାକୁ ଭୁଲି ଗଲ କି ଦୋକାନ ଆଗକୁ ଫେରି ବି ଚାହିଁଲନି । କୁହ ପ୍ରିୟଦର୍ଶୀ ଭାଇ, ଏମିତି କାହିଁକି ହେଲା ? ସବୁ ଦୋଷ କଅଣ ମୋରହିଁ ଥିଲା ??

: ନା ନଟୀ । ସବୁ ଦୋଷ କାହିଁକି ତୋର ହେବ ? ହୁଏତ କିଛି ଦୋଷ ମୋର ଥିଲା, କିଛି ଦୋଷ ତୋର ଥିଲା- ଆଉ ହୁଏତ କିଛି ଦୋଷ ଆମ ଦୁଇଜଣଙ୍କର ବି ଥିଲା । ଦୋଷ ମୋର ଏଇ ଯେ ମୁଁ ଅଂଧବିଶ୍ୱାସର ଶିକାର ହୋଇ ଗର୍ଭବତୀ ନୀରବତାର ଜନକ ସାଜିଲି-ଦୋଷ ତୋର ଏଇ ଯେ ତୁ ଅନେକ କଥା ମନରେ ରଖି ମୋତେ ସାମାନ୍ୟ ଚିଠିଟିଏ ବି ଦେଇପାରିଲୁନି- ଦୋଷ ଆମ ଦୁହିଁଙ୍କର ଏହି ଯେ ଆମେ ଦୁହେଁ ଏକ ବିକର୍ଷିତ ଆକର୍ଷଣର ଶିକାର ହୋଇ କେହି କାହାରିକୁ ପ୍ରତୀକ୍ଷା କରିପାରିଲେ ନାହିଁ । ହଁ, ତୁ ତ କାହାଣୀ ଶୁଣାଇଲୁ ନାହିଁ ?

: ପ୍ରିୟଦର୍ଶୀ ଭାଇ, ଅନେକ ଦିନ ପରେ ପାଇଛି ଯେତେବେଳେ ତୁମେ ମିଠା ନ ଦେଲେବି ମୋ କାହାଣୀ ଶୁଣାଇବି । ସେଇ ମୋ ମନ ଗହନର ଘୋର ଅଗନାଅଗନି ବନସ୍ତ କଥା... ଯେଉଁଠି ଆଜି କୁଟାଟିଏ ପଡ଼ିଲେ କାଠିଟାଏ ପଡ଼ିଲା ଭଳି ଶୁଭେ, ଆଉ କାଠିଟାଏ ପଡ଼ିଲେ ଢ଼ିଙ୍କିଟାଏ ପଡ଼ିଲା ଭଳି ମନେହୁଏ । ସେଇ ମନର ବନରେ ତୁମ ଗଳ୍ପର ଶୁଆସାରୀ ଭଳି ମୋର ବି ଦୁଇଟି ଶୁଆସାରୀ ଥିଲେ । ନିତି ଶୁଆ ବାହାରକୁ ଯାଉଥିଲା... ଆଉ ସାରୀ ତାକୁ ସତରେ ହେଉ କି ମିଛରେ ହେଉ ଜଗିବସୁଥିଲା । ଡେରିରେ ଫେରିଲେ ମୁହଁ ଫୁଲାଇ କହୁଥିଲା... କହ କାହିଁକି ଡ଼େରିରେ ଆସିଲୁ । ଏତେବେଳଯାଏ କାହା ପାଖରେ ଥିଲୁ ? ଇତ୍ୟାଦି... ଇତ୍ୟାଦି । ଏମିତି ଅନେକ ଦିନ ଚାଲିଗଲା । ତେବେ ତୁମର ସେ ଦିନର ଗଳ୍ପଠାରୁ ମୋର ଆଜିର ଗଳ୍ପର ଫରକ ଏତିକି ଯେ ତୁମର ଶୁଆକୁ ରଜା ଧରି ନେଇଥିଲେ- ମୋ ସାରୀକୁ କିନ୍ତୁ ଅନ୍ୟ ଏକ ଦେଶର ରଜା ପଞ୍ଜୁରୀ ବନ୍ଧ କଲେ । ଆଈ ମା କାହାଣୀର ଅସୁରପୁରୀର ବନ୍ଦିନୀ । ଜେମା ଭଳି ସେ ସାରୀଟି କିଛି ଖାଇଲାନି । ଶୁଆକୁ ଝୁରି ଝୁରି ତା ଦେହ ଶୁଖି କଣ୍ଟା ହୋଇଗଲା । ହଠାତ୍ ଦିନେ ଅଚାନକ ଦେଖିଲା ଯେ ତାର ପ୍ରିୟ ଶୁଆ ଆସିଛି । କିନ୍ତୁ ହାୟ, ସେ ଯେ ବନ୍ଦିନୀ... ଶୁଆ ପାଖକୁ ଯିବ କେମିତି ? ଖାଲି ଆଜୀବନ ଜୀଇଁବାର ଛଳନା କରିବାକୁ ହେବ ସିନା ?

ତୁ ଚୁପ୍ ହୋଇଯାଇଥିଲୁ । ମୁଁ ତୋ କଥା ଶୁଣି କହିଥିଲି...

: ତୋର ସ୍ୱାସ୍ଥ୍ୟ ଏମିତି ଭାଙ୍ଗିପଡ଼ିଛି ଯେ ! କ'ଣ ଭଲ ଖାଉନୁ ?

: ମୁଁ ବହୁତ ସୁଖରେ ଅଛିନା ? ତେଣୁ ଦେହ ଭଲ ରହିବା କଥା, ନୁହେଁ ?

ତୁମେ ହୁଏ ତ ଜାଣନା, କିନ୍ତୁ ମୁଁ ଭଲ ଭାବରେ ଜାଣିଛି ମୋତେ ଏମିତି ଆଜୀବନ ଜଳିବାକୁ ପଡ଼ିବ... ଦୁଃଖରେ ହସିବାର ଛଳନା କରିବାକୁ ପଡ଼ିବ । କିନ୍ତୁ ନିଜକୁ ନିଜେ ଠକିଲେ କେତେ ଅସହାୟ ଲାଗେ, ତୁମେ କି ସତରେ ଜାଣିନ, ପ୍ରିୟଦର୍ଶୀ ଭାଇ ?

Digitized by srujanika@gmail.com

ତୋ କଥା ଶୁଣି ତୋତେ ବୁଝାଇବାକୁ ଯାଇ କହିଥିଲି...

:ନଟୀ, ଅତୀତର ସ୍ମୃତିର ପୟୋଧାରରେ ଜୀବନକୁ ଅଭିଜ୍ଞ କରି ବର୍ତ୍ତମାନର ଭିତ୍ତିଭୂମିକୁ ଦୃଢ଼ ଓ ପ୍ରତ୍ୟୟ ନିପୁଣ ଭାବେ ଗଢ଼ିସାରିବା ପରେ ଭବିଷ୍ୟତରେ ସ୍ୱପ୍ନ କଳ୍ପନାକୁ ବାସ୍ତବରେ ରୂପଦାନ କରିବାହିଁ ଏକ ସାର୍ଥକ ଜୀବନର ଶିଳ୍ପକଳା । ତୋତେ ମୁଁ କିଛି ଦେଉନି... କିନ୍ତୁ ଏଇ ମନ୍ତ୍ରରେ ଦୀକ୍ଷିତ ହୋଇ ଜୀବନ କ୍ଷେତ୍ରରେ ଏକ ସାର୍ଥକ ଶିଳ୍ପୀ ହେବାକୁ ଆଜି ଆଶିଷ ଦେଉଛି ! କାରଣ ତା ନ ହେଲେ ମୁଁ ଜୀବନରେ ଶାନ୍ତି ପାଇପାରିବିନି ।

ମୋ କଥା ତୁ ଭାବାବେଶରେ କହିଥିଲୁ...

ପ୍ରିୟଦର୍ଶୀ ଭାଇ, ତୁମେ କେବଳ ମୋ ଭଳି ଏକ ସାମାନ୍ୟ ନାରୀର ସ୍ୱାମୀ ହେବ, କେବଳ ମୁଁ ହିଁ ତୁମକୁ ସ୍ନେହ ଦେବି ଆଉ ଭଲ ପାଇବି ଏଇ ସଂକୀର୍ଣ୍ଣତାର ଅନ୍ଧ ଗଳିରେ ପଥହରା ହୋଇ ସ୍ୱାର୍ଥାନ୍ୱେଷିଣୀ ହେବାକୁ ମୁଁ କେବେ ଚାହିଁନି । ତେଣୁ ତୁମେ ମୋତେ ଏକାନ୍ତ ଭାବେ ହତାଦର କରି ଦୂରକୁ ଠେଲିଦେଇଛ ଜାଣି ମଧ୍ୟ ମୁଁ ତୁମକୁ କେବେ ଘୃଣା କରିନି । ତୁମର କାହାଣୀ ସର୍ବଦା ଓ ସର୍ବଥା ଅତୁଳନୀୟ ଜନପ୍ରିୟତା ଦାବୀ କରୁ, ତୁମେ ଅସଂଖ୍ୟ ମଣିଷର ସ୍ନେହ ପାଅ, ଆଶୀର୍ବାଦ ପାଅ, ନମସ୍ୟ ହୁଅ... ସେମାନଙ୍କର 'ସ୍ନେହସ୍ନାନ'ରେ ତୁମକୁ ଶତ ସହସ୍ର ଗଙ୍ଗାସ୍ନାନର ସୁଫଳ ମିଳୁ... ସେଇ ପୁଣ୍ୟରେ ତୁମ ପ୍ରତିଷ୍ଠା ସର୍ବତୋଭାବେ ଦୀପ୍ତିମନ୍ତ ହୋଇଉଠୁ, ଏହାହିଁ ମୋର ଶୟନେ ସ୍ୱପନେ ଜାଗରଣେ ଚିରକାମ୍ୟ ହୋଇଆସିଛି । କେତେ ନାରୀ ତୁମକୁ ଚାହିଁବେ କିନ୍ତୁ ଏକା ମୋ ଛଡ଼ା ଶତ ଚେଷ୍ଟା କରି ବି କେହି ଯେ ତୁମର ପିଲାଦିନର ଧୂଳିଘରର ମିଛିମିଛିକା ଗୃହିଣୀ ସାଜି ଶାସନ କରିବାର ସୁଯୋଗ ପାଇବେନି ଏକଥା ଭାବି ବସିଲେ ଆଜି ବି ମୋ ମନ ଗଭୀର ଆତ୍ମତୃପ୍ତିରେ ଭରିଯାଏ ।

ତୁ ଆଉ କ'ଣ କହିଥାଆନ୍ତୁ କିନ୍ତୁ ତୋ ଟ୍ରେନ୍ ଆସିଗଲା । ତୁ ଟ୍ରେନ୍ ଛାଡ଼ିବା ଅବସରର କହିଥିଲୁ-

: ପ୍ରିୟଭାଇ, ମୁଁ ଅନ୍ୟର ସିନ୍ଦୂର ସିନ୍ଥିରେ ଘେନିଛି ବୋଲି ତୁମକୁ ଯିବା ବେଳେ ମୁଣ୍ଡ ନୁଆଇଁ ପ୍ରଣାମ କରିପାରୁନି । କିଛି ମନେ କରିବନି... କାରଣ ଆଜି ସାବିତ୍ରୀ ଅମାବାସ୍ୟା । ସ୍ୱାମୀ ଛଡ଼ା ଆଉ କହାକୁ ପ୍ରଣତି ଜଣାଇବା ହିନ୍ଦୁ ନାରୀର ନୀତି ବିରୁଦ୍ଧ । ଏଣୁ କ୍ଷମା କରିଦେବ । କିନ୍ତୁ ମୋର ଏକ ଛୋଟ ଅନୁରୋଧ ରହିଲା... ତୁମ ପୁଅର ନାମ ମୁନ୍ନା ରଖିବ । ଭୁଲିନଯାଅ ଯେମିତି । ଆଉ ଭାଉଜଙ୍କୁ ମୋର ଶୁଭେଚ୍ଛା ଜଣାଇଦେବ ।

ମୁଁ କିଛି ଉତ୍ତର ଦେବା ପୂର୍ବରୁ ଟ୍ରେନ୍ ଆଗକୁ ଚାଲିବାକୁ ଚାଲିଲା... ହୁଏତ ଚାଲିବାର ନାମ ହିଁ ଜୀବନ କହିଦେଇ ।

Digitized by srujanika@gmail.com

ନଟୀ, ଇଚ୍ଛା ହେଉଥିଲା ମୁଁ ସେଇ ଭାଗ୍ୟବାନ୍ ପୁଅର ବାପ ନହୋଇ ସେଇ ଅଭାଗ୍ୟବାନ୍ ବାପର ପୁଅ ହୋଇଯାଆନ୍ତି । ଆଉ ତୋ ସ୍କୁଲର ପିଲାଙ୍କ ମେଳରେ ଧଳା ନେଳି ପୋଷାକ ପିନ୍ଧି ଗୋଟିଏ ହାତରେ ସିଙ୍ଘାଣୀ ପୋଛୁ ପୋଛୁ ଅପର ହାତରେ ତୋର ମୁନ୍ନା ସାଜି ମଧ୍ୟାହ୍ନ ଭୋଜନ ଖାଇବାକୁ ହାତ ପତାନ୍ତି । କିନ୍ତୁ ପରକ୍ଷଣରେ ଏଇ ଭାବନା ମଧ୍ୟରେ ଏତେବଡ଼ ବ୍ୟବଧାନକୁ ମୁଁ ସହ୍ୟ କରିପାରିଲିନି । ଶୁଣିଥିଲି ପ୍ରାଣପ୍ରିୟା ରସମଞ୍ଜରୀର ମୃତ୍ୟୁରେ ଉପେନ୍ଦ୍ରଭଞ୍ଜ ଚିରବିରହୀ ହୋଇ କବିସମ୍ରାଟ୍ ହୋଇଥିଲେ । ତୋର ମୋର ଇଚ୍ଛାର ମୃତ୍ୟୁରେ ମୁଁ ଯେଉଁ ବେଦନା ପାଇଛି ତାହାହିଁ ଆଜି ବୋଧହୁଏ ମୋତେ ଏକ ଦରଦୀ କଥାକାର କରିପାରିଛି ! ତୋ 'ସ୍ନେହ-ସ୍ନାନ'ରେ ମୋତେ ଶତସହସ୍ର ଗଙ୍ଗାସ୍ନାନର ପୁଣ୍ୟ ମିଳିଛି... ତା ସହ ତୋର ତଥାକଥିତ ଅନେକ ନାରୀର ଅନୁରାଗ କଦାପି ତୁଳନୀୟ ନୁହେଁ । କାରଣ ତୋର ସ୍ନେହଦାନ ମୋ ଜୀବନରେ ଏକ ଅମୂଲ୍ୟ ଅଭୁଲା-ଅତୁଳନୀୟ ସ୍ମୃତି... ମୋ ଅନ୍ଧାରୀ ଜୀବନରେ ଏକ ପ୍ରଭାତୀ ତାରା... ସେଇ ଜ୍ୟୋତି ମୋ ଜୀବନ ପଥକୁ ଆଲୋକିତ କରିବା ପୂର୍ବରୁ ଉଷା ଚାଲିଗଲା ଅଭିମାନ କରି... କିନ୍ତୁ ବିଚାରୀ ଜାଣିନଥିଲା ଚିରବିରହର ସୂର୍ଯ୍ୟୋଦୟ ମୋ ଦରଦୀ ଲେଖନୀର ଅନ୍ଧକାରପଥକୁ ଉଦ୍‌ଭାସିତ କରି ତାର ଶିରାରେ ପ୍ରଶିରାରେ ଅଭିଜ୍ଞତାର ରକ୍ତ ପ୍ରବାହିତ କରାଇ ଅନେକ ମୁନ୍ନା-ମୁନ୍ନି ମାନସ ସନ୍ତାନର ଜନନୀ ହୋଇଯିବ !!!

Digitized by srujanika@gmail.com

ବାପା ଜଲ୍‌ଦି ଆସିଯା

ମୋ ନାଆଁ ଲକି ।

ମୋ ବୋଉ କହୁଥିଲା-

ମୁଁ ଯେତେବେଳେ ଜନ୍ମ ହେଲି, ମୋ ବାପା ଏଇ ନାଆଁ ରଖିଥିଲେ ମୁଁ କୁଆଡ଼େ ଅତି ଭାଗ୍ୟବତୀ ହେବି ବୋଲି !

ସତରେ ଲକି ନାଆଁ ଧାରଣ କରି ମୁଁ କେତେ ଭାଗ୍ୟବତୀ ତା' କେବଳ ମୁଁ ଜାଣେ । ପିଲାଟି ଦିନରୁ ମୁଁ ବାପାଙ୍କୁ ପାଖରେ ପାଇନି । ବାପାଙ୍କର ପଥକୁ ଚାହିଁଚାହିଁ ଆଖିର ଲୁହଧାରକୁ ଶୁଖାଇବା ଯଦି ଭାଗ୍ୟବାନ୍‌ର ସଂଜ୍ଞା ହୁଏ, ତେବେ ସତରେ ମୁଁ ଅତି ଭାଗ୍ୟବତୀ ।

ମୁଁ ଯେଉଁ ଘରେ ବାସକରେ ତାର ନାଆଁ 'ଆନନ୍ଦ ଭବନ' । ଏ ଘରେ ଟଙ୍କା ଦେଇ ଆନନ୍ଦ କିଣା ହୁଏ । ସ୍ନେହ, ଶ୍ରଦ୍ଧା, ସମ୍ମାନ ସବୁ ଏଇଠି ଟଙ୍କାର ନିକିତିରେ ତଉଲାଯାଏ । ଏହି ମହାଜନୀ କାରବାର ଯିଏ କରନ୍ତି, ସେ ହେଉଛନ୍ତି ମୋ ବାପାଙ୍କର ବାପା-ମୁଁ ଯାହାଙ୍କୁ ଜେଜେବାପା କୁହେ ! ତାଙ୍କ ଆଖିରେ ଟଙ୍କାହିଁ ବଡ଼ । ଜୀବନରେ କଣ୍ଟ୍ରାକ୍‌ଟରୀ ବ୍ୟବସାୟ କରି ସେ ଅନେକ ଟଙ୍କା କମାଇଛନ୍ତି । ଘର, ସିନ୍ଧୁକ, ବ୍ୟାଙ୍କ ପାଶ୍‌ବୁକ୍, ପକେଟ୍, ତକିଆ ତଳ ସବୁଠି ଖାଲି ଟଙ୍କା-ଟଙ୍କା । ଏଇ ଟଙ୍କା ପଇସାର ରୁଣୁଝୁଣୁ ଶବଦ ଭିତରେ ସେ ତାଙ୍କ ଜୀବନର ଅନେକ ବସନ୍ତର କୋଇଲି-ସ୍ୱର ସ୍ପଷ୍ଟ ଭାବେ ଶୁଣିନାହାନ୍ତି । ଟଙ୍କାହିଁ ତାଙ୍କର ସ୍ତ୍ରୀ, ଭାଇ, ସଖା, ପରିବାର, ପୁତ୍ର, କନ୍ୟା ଟଙ୍କା ବିନା ସବୁ ତାଙ୍କ ନିକଟରେ ତୁଚ୍ଛ !

ମୋ ବାପାଙ୍କର ନାଆଁ ରଞ୍ଜନ । ପ୍ରାଣୀ ବିଜ୍ଞାନର ସେଇ ସୁପ୍ରସିଦ୍ଧ ଜେନେଟିକ୍‌ସ୍ ତତ୍ତ୍ୱ ମୋ ବାପାଙ୍କଠାରେ ହୁଏତ ଫେଲ ମାରିଥିଲା । ମୋ ବାପା ତାଙ୍କ ବାପାଙ୍କ ଗୁଣର ଏକ ଶତାଂଶ ମଧ୍ୟ ଗ୍ରହଣ କରିନଥିଲେ । ପିଲାଟି ଦିନରୁ ସେ ଯାହାକୁ ଘୃଣା କରୁଥିଲେ, ତାହା ହେଉଛି ଟଙ୍କା । ଜେଜେବାପା ଯେତେବେଳେ ଟଙ୍କା ଦେଇ 'ସର୍ବସ୍ୱ କିଣା

Digitized by srujanika@gmail.com

ଯାଇପାରେ'-ନୀତି ପ୍ରୟୋଗ କରୁଥିଲେ, ସେତେବେଳେ ପ୍ରତିବାଦ କରିଥିଲେ ମୋ ବାପା । ସେ ସଦ୍ୟ ବି.ଏ.ଏଲ୍.ଏଲ୍.ବି. କରି ଫେରିଥାନ୍ତି । ବର୍ଷକ ଆଗରୁ ବିଭା ହୋଇସାରିଥାନ୍ତି । ଜୀବନର ଛୁନି ଛୁନି ସ୍ୱପ୍ନକୁ ବାସ୍ତବ କରି ଗଢ଼ିତୋଳିବାକୁ ଚାହିଁବା ବେଳେ ତାଙ୍କର ପଥରୋଧ କଲା ଜେଜେବାପାଙ୍କର ସେଇ ତଥାକଥିତ ଆଲ୍ଲାଦିନ୍‌ର କୁହୁକ ପ୍ରଦୀପ 'ଟଙ୍କା' । ବାପା କିନ୍ତୁ ନିଜର ମତ ଜାହିର କରିବାକୁ ଜେଜେବାପାଙ୍କର ଟଙ୍କାକୁ ପଦାଘାତ କରି କହିଥିଲେ-

:ବାପା, ଟଙ୍କା ଦେଇ ଦୁନିଆର ସବୁ ଜିନିଷ ଯଦି କିଣିବାକୁ ଚାହୁଁଥାଅ, ତେବେ ସେଇଟା ତୁମର ଭୁଲ । ଟଙ୍କା ମଣିଷକୁ ବଡ଼ କରେନା । ଟଙ୍କା ଯଦି ମଣିଷକୁ ବଡ଼ କରୁଥାନ୍ତା, ତେବେ କଳାବଜାର କରି ରାତାରାତି ଲମ୍ବା ଦାଢ଼ି ବଢ଼ାଇଥିବା ଲୋକ ସବୁ ଆଜି ହୁଏତ ସମାଜର ଜଣେ ଜଣେ ମହାପୁରୁଷ ରୂପେ ପୂଜା ପାଉଥା'ନ୍ତେ । ମଣିଷକୁ ବଡ଼ କରେ ମଣିଷର ମନ, ତାହାର ହୃଦୟ । ସ୍ନେହ, ପ୍ରେମ ବଳରେ ଏ ଦୁନିଆରେ ସବୁ କିଣା ଯାଇପାରେ, କିନ୍ତୁ ଟଙ୍କାଦ୍ୱାରା ନୁହେଁ ।

ମୋ ବାପାଙ୍କ କଥା ଶୁଣି ତାଙ୍କ ବାପା ସେଦିନ କୁଆଡ଼େ ରାଗରେ ପାଚି ଲାଲ୍ ହୋଇଯାଇଥିଲେ । ପଟ୍ଟନାୟକ ବଂଶର ବୁନିଆଦିରେ ବାପ ମୁହଁରେ ପୁଅ ଜବାବ ଦେବା ଏହାହିଁ ଥିଲା ସର୍ବପ୍ରଥମ । ସେ କହିଥିଲେ-

:ରଞ୍ଜନ ! ପ୍ରେମ, ସ୍ନେହ, ଶ୍ରଦ୍ଧା ଏ ସବୁ କାବ୍ୟ କବିତାରେ ସ୍ଥାନ ପାଏ ବୋଲି ମୁଁ ଶୁଣିଛି । କିନ୍ତୁ ଏ ଦୁନିଆରେ ଟଙ୍କା ଦେଇ ସବୁ କିଣା ଯିବାର ମୁଁ ଦେଖିଛି । ଏ କୋଠା, ଏ ମୋଟରଗାଡ଼ି, ଏ ସାମାଜିକ ପ୍ରତିଷ୍ଠା-ଏସବୁ ଯାହା ଦେଖୁଛୁ, ସବୁ ମୁଁ ଟଙ୍କା ଦେଇ କିଣିଛି । ମୋ ଅଭିଧାନରେ ତୋର ତଥାକଥିତ ପ୍ରେମ, ସ୍ନେହ, ଶ୍ରଦ୍ଧାର ସ୍ଥାନ ନାହିଁ, ଏହାର ପ୍ରତିଟି ପୃଷ୍ଠାରେ କେବଳ ଟଙ୍କାର ବିଭିନ୍ନ ଅର୍ଥ ରହିଛି ।

ଜେଜେବାପା ସେମିତି କହିଚାଲିଥିଲେ-

:ରଞ୍ଜନ ! ତୋ ପାଇଁ ମୋ ଦ୍ୱାର ସେଦିନ ଖୋଲାହେବ, ଯେଉଁଦିନ ମୋ କଥାରେ ତୁ ସମ୍ମତି ପ୍ରକାଶ କରିବୁ । ତୁ ଏବେ ତୋର ତଥାକଥିତ ସ୍ନେହ, ପ୍ରେମ, ଶ୍ରଦ୍ଧା ନେଇ ଯାଇପାରୁ । କିନ୍ତୁ ମନେରଖିଥା ତୋତେ ନିଶ୍ଚୟ ଦିନେ ଫେରିବାକୁ ହେବ । ଯେଉଁଦିନ ତୋର ସ୍ନେହ, ମମତା ଦେଇ ପେଟକୁ ଦିପଟ ରୋଟି ଦେଇପାରିବୁନି, ସେଦିନ ମୁଁ ଜାଣିଛି ତୁ ବି ମୋ କଣ୍ଠରେ କଣ୍ଠ ମିଳାଇ କହିବୁ- ଏ ଦୁନିଆରେ ଟଙ୍କା ହିଁ ବଡ଼ । ସ୍ନେହ, ମମତା କିଛି ନୁହେଁ । ବାପା ମୋତେ କ୍ଷମା କର ।

ଜେଜେବାପାଙ୍କ କଥା ଶୁଣି ବାପା ସେଦିନ ଡ଼ରିଯାଇନଥିଲେ । ସ୍ୱାଭିମାନରେ ଦୀପ୍ତମନ୍ତ ହୋଇ ମୋ ବାପା ତାଙ୍କ ବାପାଙ୍କୁ କହିଥିଲେ-

Digitized by srujanika@gmail.com

:ବାପା, ତୁମେ ଟଙ୍କାଦ୍ୱାରା ଏ ଦୁନିଆର ସମସ୍ତଙ୍କୁ କିଣିପାର, କିନ୍ତୁ ମୋତେ ନୁହେଁ । ମୁଁ ଚାଲିଲି । ଏ ଘର ମୋ ପାଇଁ ନର୍କ । ଯେଉଁଦିନ ତୁମେ ମୋ କଥାରେ ଏକମତ ହେବ, ଯେଉଁଦିନ ତୁମର ଏଇ ତଥାକଥିତ ଟଙ୍କାର ମହଲ ମାଟିରେ ମିଶି ପ୍ରେମର କୁଟୀର ତିଆରି କରିପାରିବ, ସେଦିନ ମୁଁ ଏଠାକୁ ଆସିବି, ତା ପୂର୍ବରୁ ନୁହେଁ ।

ବାପାଙ୍କ କଥା ଶୁଣି ଜେଜେବାପା ରାଗରେ ଆଉକିଛି କହିନଥିଲେ । ବାସ୍ ପ୍ରଥମ ଅଙ୍କର ଏଇଠି ସମାପ୍ତି । ବାପା ତାଙ୍କ ପଥରେ ଚାଲିଗଲେ ତାଙ୍କର ପ୍ରେମ, ସ୍ନେହ, ଶ୍ରଦ୍ଧାକୁ ନେଇ । ଆଉ ଜେଜେବାପା ଏଇଠି ପଡ଼ିରହିଲେ ତାଙ୍କର ଟଙ୍କାକୁ ନେଇ । ତାଙ୍କ ସହିତ ମୋ ବୋଉ ବି ଏଇଠି ରହିଲା । ଧନିକର ଦୁଲାଳୀ ସିଏ - ଟଙ୍କା ଛାଡ଼ି ବାପାଙ୍କ ସହିତ ସେ ବା କେମିତି ଚାଲିଯାଇପାରିଥାନ୍ତା ! ବାପା ବହୁତ ଅନୁରୋଧ କରିଥିଲେ ବି ଟଙ୍କାର ମହଲାକୁ ଛାଡ଼ି ବୋଉ ଯାଇନଥିଲା । ବାପାଙ୍କୁ ସେଇ ମୁହୂର୍ତ୍ତରେ ଘୃଣା କରିଥିଲା ବୋଧ ହୁଏ । ବାପା ଚାଲିଯିବା ପରେ ଏ ଆନନ୍ଦ ଭବନରେ ମୁଁ କେବଳ ଟଙ୍କା ଦେଖିଛି । ସ୍ନେହ, ଶ୍ରଦ୍ଧା, ପ୍ରେମ - ଏପରିକି ଆଖି ଲୁହର ମୂଲ୍ୟ ଏଠାରେ କିଛି ନୁହେଁ ।

ଦିନକର କଥା ମୋର ମନେ ପଡୁଛି । ସେଦିନ ମୁଁ ସାହିତ୍ୟ ବହିରୁ ଧରମା କଥା ପଢୁଥାଏ । ଧରମାକୁ ବିଦ୍ୟାଳୟରେ ଖଡ଼ି ଗୋଟାଉଥିବା ଅବସରରେ ଜଣେ କେହି ଅଣବାବୁଆ କହିଦେଲା । ତା'ପରେ ଧରମା ତା ମାଆକୁ ପଚାରି ବାପା ଚିହ୍ନିବେ ବୋଲି ବାରିର ବରକୋଳି କାନିରେ ବାନ୍ଧି ଚନ୍ଦ୍ରଭାଗା କୂଳକୁ ଗଲା ଓ ବିଧିର ବିଧାନରେ କୋଣାର୍କର ମୁଣ୍ଡିମାରି ବାପର ଟେକ ରଖିବାକୁ ସମୁଦ୍ରରେ ଝାସ ଦେଲା । ସତରେ ଏ ଗଳ୍ପ ପଢ଼ିବା ପରେ ମୋର ମନେହେଲା ମୋତେ ବି କିଏ ହୁଏତ ଅଣବାବୁଆ କହିପାରେ ! ହଠାତ୍ ସେଦିନ ମୁଁ ଘରକୁ ଆସି ବାପାଙ୍କ ପାଖକୁ ମୋତେ ନେଇଯିବାକୁ ବୋଉ ପାଖରେ ଅଳିକଲି, ବୋଉ କଥାରେ ମୋଡ଼ ବୁଲାଇ ମୋତେ ଭୁଲାଇବାକୁ ଚେଷ୍ଟା କରିଥିଲା । ମୁଁ କିନ୍ତୁ ରାଗରେ କହିଥିଲି-

: ବୋଉ, ତୁ ଯଦି ନଯିବୁ, ତେବେ ମୋ ବାପା କେଉଁଠି ଅଛନ୍ତି କହ । ମୁଁ ମୋ ବାପାଙ୍କୁ ନିଜେ ଖୋଜି ବାହାର କରିବି ।

ବୋଉ ମୋ କଥା ଶୁଣି ଶୁଖିଲା ହସ ହସି କହିଥିଲା-

: ଲକି, ତୁ ଟିକି ଝିଅଟେ । ତୁ ତୋ ବାପାଙ୍କୁ ଖୋଜି ବାହାର କରିପାରିବୁ ?

: ଧରମା ତ ମୋ ଭଳି ଟିକି ପିଲା ଥିଲା । ସେ କେମିତି ତା ବାପାଙ୍କୁ ଖୋଜି ପାଇଥିଲା ? ବୋଉ, ଧରମା ସିନା ବାଡ଼ିର ବରକୋଳି ନେଇଥିଲା, ମୁଁ କ'ଣ ନେଇ ଗଲେ ବାପା ତାହା ଦେଖି ମୋତେ ତାଙ୍କର ଝିଅ ବୋଲି ଚିହ୍ନିବେ ।

Digitized by srujanika@gmail.com

ବୋଉ ମୋ କଥା ଶୁଣି ଗମ୍ଭୀର ହୋଇଯାଇଥିଲା । ମୁଁ ବହୁତ ଅଳି କଲାପରେ ବିରକ୍ତ ହୋଇ କହିଲା-

:ଏଇ ନେ କଲମ । ଏହାକୁ ଦେଖିଲେ ସେ ଠିକ୍ ଚିହ୍ନିପାରିବେ । କାରଣ କଲମ ହିଁ ତାଙ୍କର ଜୀବନ ।

ମୁଁ ସେଇଦିନ ଜାଣିଲି ମୋ ବାପା କୁଆଡ଼େ ଓଡ଼ିଶାର ଜଣେ ସୁନାମଧନ୍ୟ କବି । ମୁଁ ସେଦିନ ବହୁତ ଗର୍ବ କରିଥିଲି । ଧରମାର ବାପା ସିନା ପଥରରେ କୋଣାର୍କ ତୋଳିଥିଲେ, ମୋ ବାପା କିନ୍ତୁ କାବ୍ୟ-କୋଣାର୍କର ମହାନ୍ ଶିଳ୍ପୀ । ମୁଁ ଭାବିଲି ମୋ ବିନା ଏ ମନ୍ଦିରର ମୁଣ୍ଡି ମାରିବ କିଏ ? ସେଦିନ ରାତିରେ ବୋଉ ଦେଇଥିବା କଲମଟି ଧରି ଲୁଚି ପଳାଇଆସିଲି । ଟିକି ଟିକି ପାଦରେ କେତେଦୂର ଆସିଛି ଜାଣିନି, ହଠାତ୍ ଜେଜେବାପାଙ୍କର କାର୍‌ଟା ଧୂଳି ଉଡ଼ାଇ ମୋ ଆଗରେ ଆସି ଛିଡ଼ାହେଲା । କାର୍‌ରୁ ବୋଉ ବାହାରିଆସି ମୋତେ କୋଳେଇ ନେବାବେଳେ ଛୋଟ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦି ଉଠିଲା ।

ମୁଁ କିନ୍ତୁ ତାଙ୍କ ସହିତ ଯିବାକୁ ନାରାଜ ହୋଇ ବହୁତ କାନ୍ଦିଥିଲି । ମୋତେ ଜବରଦସ୍ତ କାର୍‌ରେ ଭର୍ତ୍ତିକରି କାର୍ ଛାଡ଼ିବା ବେଳେ ଜେଜେବାପା କହିଥିଲେ-

:ଲକି, ତୁ ଯଦି ନ କାନ୍ଦିବୁ, ତେବେ ତୁ ଯାହା ମାଗିବୁ ତାହା ଦେବି । ହାତୀ ଦେବି, ଘୋଡ଼ା ଦେବି-କହିବୁତ ସରଗର ଚାନ୍ଦ ବି ଗଢ଼ାଇଦେବି । କହ ମାଆ, ତୋର କ'ଣ ଦରକାର । ମୁଁ କିନ୍ତୁ କାନ୍ଦ ବନ୍ଦ ନକରି କହିଥିଲି-

:ମୋତେ ଗୋଟେ 'ବାପା' କିଣିଦେଇପାରିବ ଜେଜେ ? ବାସ୍ ଜେଜେବାପାଙ୍କ ମୁହଁରୁ ଆଉ କଥା ବାହାରିଲାନି । ମୋ ମୁହଁରୁ ଆଉ କ'ଣ ବାହାରିବ ବୋଲି ବୋଉ ମୋର ମୁହଁକୁ ଚାପି ଧରିଥିଲା ।

ତା'ପରଠାରୁ ମୋ ପିଛାରେ ଅନେକ ଲୋକ ନିଯୁକ୍ତି କଲେ ଜେଜେବାପା । ମୋ ପାଇଁ ସେ ଟିଉସନ ମାଷ୍ଟର, ମୋ ପାଇଁ ଖେଳସାଥୀ, ସ୍କୁଲରେ ପହଞ୍ଚାଇବା ପାଇଁ ଓ ଆଣିବା ପାଇଁ ବି ଲୋକ ଖଞ୍ଜିଦେଲେ ।

ମୋର କିନ୍ତୁ ଏଇ 'ଆନନ୍ଦ ଭବନ' ରୂପୀ ପଞ୍ଜୁରୀରେ ଦୁଧଭାତ ଖାଇବାକୁ ଇଚ୍ଛା ନାହିଁ । ମନ ପକ୍ଷୀ ମୋର ଡହଳ ବିକଳ ହେଉଛି । ସବୁବେଳେ ଉଡ଼ିଯିବାକୁ ଚାହୁଁଛି ମୋର ବାପାଙ୍କ ପାଖକୁ; କିନ୍ତୁ ମୁଁ ଯେ ତାଙ୍କର ଠିକଣା ଜାଣିନି ।

ତୁମେ ଯଦି କେହି କେବେ ମୋ ବାପାଙ୍କୁ କଟକର କେଉଁ ବିଖ୍ୟାତ ପତ୍ରିକା ଅଫିସ୍‌ରେ ଦେଖ ତାହେଲେ କହିବ- ତାଙ୍କ ଟିକି ଝିଅ 'ଲକି' ତାଙ୍କୁ ଦିନରାତି ଝୁରୁଛି । ତାଙ୍କୁ ଆଉ ମଧ୍ୟ କହିବ- ତାଙ୍କର କାବ୍ୟିକ - କୋଣାର୍କର ମୁଣ୍ଡି ମାରିବା ପାଇଁ ଧରମା

Digitized by srujanika@gmail.com

ଭଳି ସାହାଯ୍ୟ କରି ନ ପାରିଲେ ବି ଗୁଣ୍ଡୁଚି ମୂଷା ଭଳି ସାହାଯ୍ୟ ନିଶ୍ଚୟ କରିପାରିବି । ତାଙ୍କ କଲମରେ ମୁଁ କାଳି ଭରିଦେବି ।

ତୁମେ ଶେଷରେ କହିବ ଆନନ୍ଦ ଭବନର ଚାରି କାନ୍ଥ ମଧ୍ୟରେ ଟଙ୍କାର ପ୍ରାଚୁର୍ଯ୍ୟ ଭିତରେ ମୁଁ ଅଣନିଃଶ୍ୱାସୀ ହୋଇପଡୁଛି । ଜେଜେବାପା ଅଥବା ମୋର ବୋଉ ଯଦି କିଛି ଭୁଲ୍ କଲେ ମୁଁ ନିର୍ଦ୍ଦୋଷରେ କାହିଁକି ପରାଭବ ଭୋଗିବି । ତେବେ ବାପା ଯେମିତି ଜଲଦି ଆସି ଏଇଠୁ ମୋତେ ନେଇଯାଆନ୍ତି ! ଏଇଠି ରହିଲେ ମୁଁ ବଞ୍ଚିପାରିବିନି ।

ମୋର ମନ କହୁଛି ତମ କଥା ଶୁଣି ବାପା ମୋର ତାଙ୍କର ଏଇ ଟିକି ଝିଅ ଲକିକୁ ନେବାକୁ ନିଶ୍ଚୟ ଆସିବେ । ସତରେ ସେ କ'ଣ ତାଙ୍କର ରକ୍ତର ଡାକକୁ ଅବଜ୍ଞା କରି ଜଲ୍‌ଦି ନଆସି ରହିପାରିବେ ???

(ଗଳ୍ପଟି ୧୯୭୫ ମସିହାରେ ବଲାଙ୍ଗିରଠାରେ ଘଟିଥିବା ଏକ ସତ୍ୟ ଘଟଣା ଉପରେ ଆଧାରିତ ।)

Digitized by srujanika@gmail.com

ଅସ୍ତ ସୂର୍ଯ୍ୟର ରଙ୍ଗ

"Every middle class bed is a cross, on which the woman is crucified"

- Kamala Das

ବ୍ୟବସାୟରେ ପ୍ରେମ ପଶିଲେ ବ୍ୟବସାୟ ଚଳେନା । ପ୍ରେମରେ ବ୍ୟବସାୟ ମିଶିଲେ ପ୍ରେମ ହୁଏନା । ଯେଉଁ ମାନେ ଭଲ ବ୍ୟବସାୟ କରିପାରନ୍ତି, ସେମାନେ ଭଲ ପ୍ରେମିକ ହୋଇପାରନ୍ତିନି । ବ୍ୟବସାୟ ଲାଭ-କ୍ଷତିର ଦୁଇ ସ୍ତମ୍ଭ ଉପରେ ଆଶ୍ରିତ ଏକ ଦୋଦୁଲ୍ୟମାନ ସ୍ଥାୟୀତ୍ୱ । ସଫଳ ବ୍ୟବସାୟର ମୂଳସୂତ୍ର ହେଲା କିଛି ନ ଦେଇ ସବୁ କିଛି ପାଇବା, ଅନ୍ୟ ଆଖିରେ ଲୁହ ଦେଇ ନିଜେ ହସିବା ଏବଂ ଅନ୍ୟର ପେଟ କାଟି ନିଜର ଉଦର ବଢ଼ାଇବା । ପ୍ରେମ କିନ୍ତୁ ଠିକ୍ ତାର ଓଲଟା । କାରଣ ପ୍ରେମରେ ଲାଭକ୍ଷତିର ନାଲି ହିସାବଖାତା ନ ଥାଏ । ଏହାର ପ୍ରଥମ ଓ ଶେଷ ସୂତ୍ର ହେଲା-ନିଜ ଆଖିରେ ଲୁହ ନେଇ ଅପରର ଓଠରେ ହସି ବୋଳିଦେବା । ସେଥିପାଇଁ ବୋଧହୁଏ ଯେଉଁମାନେ ଭଲ ପ୍ରେମିକ ହୋଇପାରନ୍ତି, ସେମାନେ ଜୀବନରେ ସଫଳ ବ୍ୟବସାୟୀ ହୋଇପାରନ୍ତିନି ।

ବନ୍ଦିତା, ବ୍ୟବସାୟ ଓ ପ୍ରେମର ଏଇ ଦୁଇ ମୂଳ ମନ୍ତ୍ର ନ ଜାଣି ମୁଁ ଏକ ସଙ୍ଗରେ ବ୍ୟବସାୟ ଓ ପ୍ରେମ କରିବସିଲି । ମୋ ବ୍ୟବସାୟରେ ପ୍ରେମ ପଶିଲା ତୁମରି ଯୋଗୁଁ । ମୋ ପ୍ରେମରେ ବ୍ୟବସାୟ ମିଶିଲା ତୁମର ମାଆଙ୍କ ଯୋଗୁଁ । ତେଣୁ କେବଳ ତୁମ ଦୁଇ ଜଣଙ୍କ ପାଇଁ ମୋ ଜୀବନରେ ମୁଁ ଅସଫଳ ବ୍ୟବସାୟୀ ହୋଇଗଲି ଓ ସଫଳ ପ୍ରେମିକ ହୋଇପାରିଲିନି !

ହଁ, ମୁଁ ପ୍ରିୟଦର୍ଶୀ ଦାସ । ପଚିଶ ବର୍ଷ ବୟସ୍କ ଏକ ସୁଦର୍ଶନ ଯୁବକ । ତୁମ ସହିତ ମାନସିକ ସ୍ତରରେ ପ୍ରେମ କରିବସିଲି କେବଳ ତୁମ ପାଇଁ ଆଉ ତତ୍ ସଂଗେ ସଂଗେ ଦୈହିକ ସ୍ତରରେ ତୁମ ମାଆଙ୍କ ସହିତ ବନ୍ଧା ପଡ଼ିଗଲି ସେଇଟା କେବଳ ତୁମ ମାଆଙ୍କ

Digitized by srujanika@gmail.com

ପାଇଁ ଏ କଥା ଏକକାଳୀନ କେମିତି ସମ୍ଭବ ହେଲା ଆଜି କହି ବସିଲେ ନିଜକୁ ଅବିଶ୍ୱାସ ଲାଗେ । ଏ କଥା ମନେ ପଡ଼ିଲେ ମୋତେ ଦୂର ଅତୀତକୁ ଫେରିବାକୁ ଭୟ ଲାଗେ । ମୋ ଚଲାପଥର ନିଜସ୍ୱ ପାଦ ଚିହ୍ନ ଗଣିବାକୁ ସାହାରା ପାଏନା ।

ବନ୍ଦିତା, ମୋର ସ୍ପଷ୍ଟ ମନେ ଅଛି ମୁଁ ତୁମର କ୍ୱାର୍ଟର ସାମନାରେ- ସେତେବେଳେ ଅସ୍ଥାୟୀ ଭାବରେ ରହୁଥିଲି । କିନ୍ତୁ ମୋ ମନରେ ତୁମେ ଦିନେ ସ୍ଥାୟୀ ଭାବରେ ରହିଯିବ ଏ କଥା ମୁଁ କଳ୍ପନା ବି କରିନଥିଲି । ସେଦିନର କଥାଟି ମୋର ମନେ ଅଛି । ମୋ ବଗିଚାରେ ଅନେକ ଗୋଲାପ ଫୁଲର ସୁରଭି ବିଚ୍ଛୁରିତ ହୋଇ ପବନ ସାଥିରେ ଭାସିଆସୁଥିଲା । ପ୍ରତିଟି ସଂଧ୍ୟାରେ ମୁଁ ଅନେକ ଫୁଲର କଢ଼ ଦେଖୁଥିଲି । କିନ୍ତୁ କିଛି ଦିନ ପରେ ଲକ୍ଷ୍ୟ କଲି ଯେ ସକାଳୁ ଉଠିଲା ବେଳକୁ ଗୋଟିଏ ବି ଫୁଲ ମୋ ବଗିଚାରେ ନାହିଁ । ମୋର ଦିନେ ସଂଦେହ ହୋଇଥିଲା ତୁମକୁ ଦେଖି । ତୁମେ ନିତି ତୁମ ଗଭାରେ ସଦ୍ୟ ପ୍ରସ୍ଫୁଟିତ ଗୋଲାପ ଫୁଲ ଖୋସି ବୁଲୁଥିଲ । ମୁଁ ଭଲ କରି ଜାଣିଥିଲି ତୁମ ବଗିଚାରେ ଗୋଲାପ ଗଛ ନ ଥିଲା । ତେବେ ସଂଧ୍ୟା ବେଳାର ମୋ ବଗିଚାର ଗୋଲାପ କଳି ସକାଳକୁ ତୁମ ଗଭାରେ କିପରି ଫୁଲ ହୋଇ ଫୁଟୁଛନ୍ତି ଦିନେ ଦେଖିବାକୁ ଛପିରହିଲି । ପିଲାଟି ଦିନରୁ ସକାଳ ଆଠଟା ପୂର୍ବରୁ ମୁଁ ଶଯ୍ୟାତ୍ୟାଗ ନ କରିବାଟାକୁ ମୋର ଏକ ହବି ବୋଲି ଧରି ନେଇଥିଲି । ଏହି ସୁଯୋଗର ସଦୁପଯୋଗ କରି ତୁମେ ମୋର ଶଯ୍ୟାତ୍ୟାଗ ପୂର୍ବରୁ ଅତି ସନ୍ତର୍ପଣରେ ଆସି ଗୋଲାପ ଫୁଲ ସବୁ ତୋଳି ନେଇ ଚାଲିଯାଉଥିଲ ଓ ସକାଳୁ ଫୁଲରାଣୀ ସାଜୁଥିଲ । ସେ ଦିନ କିନ୍ତୁ ତୁମେ ଧରା ପଡ଼ିଯାଇଥିଲ ଓ ମୁଁ ସେଇ ସ୍ୱାର୍ଥପର ଦୈତ୍ୟର ଭୂମିକା ନେଇ ତୁମକୁ ମୋ ବଗିଚାରୁ ଫୁଲ ତୋଳିନେବାକୁ ମନା କରି ଦେଇଥିଲି ।

ବନ୍ଦିତା, ମୁଁ ଦିନେ ଆବିଷ୍କାର କଲି ମୋ ପଢ଼ା ଘର ଝରକାରୁ ତୁମ ଘର ଝରକା ସ୍ପଷ୍ଟ ରୂପେ ଦେଖା ଯାଉଛି । ଦିନେ ଲକ୍ଷ୍ୟ କଲି ତୁମ ଝରକା ପାଖରେ ଥିବା ପତ୍ରବହୁଳ ମଧୁମାଳତୀ ଲତାଟିକୁ ଉପାଡ଼ି ଦିଆଯାଇଛି । ପରେ ଜାଣିଲି ତୁମେ ଏ କାମ କରିଛ ବୋଧହୁଏ ମୋତେ ତୁମ ଝରକାରୁ ସ୍ପଷ୍ଟ ଭାବେ ଦେଖିପାରିବ ବୋଲି । କିନ୍ତୁ ମୋ ବଗିଚାର କେତୋଟି କ୍ରୋଟନ୍ ଗଛ ଏଥିରେ ଅନ୍ତରାୟ ସୃଷ୍ଟି କରୁଥିଲେ ।

ତାପରେ ହଠାତ୍ ଆଉ ଦିନେ ତୁମେ ଆସି ପହଞ୍ଚିଲ । ମୋ ଘର ଫାଟକ ପାଖରେ ନୀରବରେ ଛିଡ଼ା ହେଲ !

ନୀରବତା ଭଙ୍ଗ କରି ମୁଁ ପ୍ରଶ୍ନ କରିଥିଲି-

:ମୁଁ ତ ଫୁଲ ଦେଇ ପାରିବିନି ବୋଲି କହିଦେଇଛି

ମୋ କଥା ଶୁଣି ତୁମେ ଅତି ଧୀରେ କହିଥିଲ-

:ଫୁଲ ସିନା ନ ଦେବାକୁ ରାଣ ଖାଇଛନ୍ତି । କିନ୍ତୁ ସେଇ କ୍ରୋଟନ୍ ଗଛରୁ ଡ଼ାଳ କେତୋଟି ଦେବାକୁ ଆପତ୍ତି ନଥିବ ବୋଲି ମନେ କରୁଛି । କାରଣ କ୍ରୋଟନ୍ ଗଛରେ

Digitized by srujanika@gmail.com

ଫୁଲ ଫୁଟେନା ବୋଲି ମୁଁ ଜାଣିଛି ତା ଛଡ଼ା ସେ ଡାଳ ନେଇ ଆମ ବଗିଚାରେ ଲଗାଇବା ପାଇଁ ମାଗୁଛି ।

ମୁଁ ଆଉ କିଛି ନ କହି ନୀରବରେ କ୍ରୋଟନ ଡାଳଟାଏ ଭାଂଗି ତୁମ ହାତକୁ ବଢ଼ାଇ ଦେଇଥିଲି ।

ତାପର ଦିନ ତୁମେ ପୁଣି ଆସିଥିଲ ।

:କ'ଣ ଦରକାର ? ରୁକ୍ଷ କଣ୍ଠରେ ମୁଁ ପ୍ରଶ୍ନ କଲି ।

ଗତକାଲି ଦେଇଥିବା ଡାଳଟା ବଂଚିଲାନି । ଭଲ ମନରେ ଦେଇଥିଲେ ହୁଏତ ବଞ୍ଚିଥାଆନ୍ତା । ଛାଡ଼ନ୍ତୁ । ଆଜି ଅନ୍ତତଃ ପକ୍ଷେ ମୋତେ ଚାହିଁ ଭଲ ମନରେ ଡାଳଟିଏ ଦିଅନ୍ତୁ ।

ତୁମ କଥା ଶୁଣି, ମୁଁ ଯେମିତି ତୁମକୁ ଏକ ନୂଆ ରୂପରେ ଆବିଷ୍କାର କଲି ।

ସତରେ ବନ୍ଦିତା, ବସନ୍ତ ତୁମକୁ ଦେଇଥିଲା ସୌନ୍ଦର୍ଯ୍ୟ; ଗ୍ରୀଷ୍ମ ଦେଇଥିଲା ବଞ୍ଚିବାର ଉତ୍ତାପ, ବର୍ଷା ଦେଉଥିଲା ଚାଞ୍ଚଲ୍ୟ, ଶରତ ଦେଇଥିଲା ଶୁଭ୍ରତା, ହେମନ୍ତ ଦେଇଥିଲା କୋମଳତା ଆଉ ଯେମିତି ଶୀତ ଦେଇଥିଲା ତୁମକୁ ସ୍ନିଗ୍ଧତା ।

ମୁଁ ଆତ୍ମସମ୍ମୋହିତ ହୋଇ ତୁମ ହାତକୁ କ୍ରୋଟନ୍ ଡାଳଟିଏ ବଢ଼ାଇଦେଇଥିଲି । ଆଉ ସେଇ ସମ୍ମୋହନରେ ମୋ ମଧ୍ୟସ୍ଥ ସ୍ୱାର୍ଥପର ଦୈତ୍ୟର ମୃତ୍ୟୁ ହେଲା ।

ତା ପରଦିନ ପୁଣି ସେଇ କଥାର ପୁନରାବୃତ୍ତି ।

:ବନ୍ଦିତା- ମୁଁ ଆଗ ଡାକିଲି ।

:ପୁଣି ସେ ଡାଳଟି ବଞ୍ଚିଲାନି ? ମୁଁ ପଚାରିଲି ।

:ହଁ ।

:ମୁଁ ଭଲ ମନରେ ଦେଉଛି ବୋଲି ତୁମର ବିଶ୍ୱାସ ନାହିଁ । ସେଥିପାଇଁ ଗଛଟି ବଞ୍ଚୁନି । କାହାଠାରୁ କିଛି ନେବା ପୂର୍ବରୁ ତାକୁ ବିଶ୍ୱାସ କରି ଶିଖ । କାରଣ ଅବିଶ୍ୱାସ କଲେ ଔଷଧ ବି ଗରଳ ହୋଇଯାଏ । ମୋ କଥା ଶୁଣି ତୁମେ କହିଥିଲ-

: ବିଶ୍ୱାସ କରନ୍ତୁ ମୁଁ ଆସିନଥାନ୍ତି । ଖାଲି ମାଆ ପଠାଇଲା ବୋଲି ଆସିଛି । ଏମିତି ଦିନେ ନୁହେ ମୋ କ୍ରୋଟନ୍ ଗଛଟି ଥୁଣ୍ଟା ହେଲା ପର୍ଯ୍ୟନ୍ତ ଡ଼ାଳ ନେବାର ପୁନରାବୃତ୍ତି ଚାଲିଥିଲା- ତୁମେ ଆସୁଥିଲ ଆଉ ସେଇ ଗୋଟିଏ କଥା କହୁଥିଲ- 'ମାଆ ପଠାଇଥିବାରୁ ଆସିଛି ।'

ବନ୍ଦିତା, ତୁମର ମାଆଙ୍କ କଥା ଭାଂଗିନପାରି ମୁଁ ନିତି ନିଜ ହାତରେ ବଢ଼ାଇଥିବା ଗଛଟିକୁ ବିନା ଦ୍ୱିଧାରେ ଭାଂଗିବାକୁ ପଶ୍ଚାତ୍‌ପଦ ହେଉନଥିଲି । ସେଇ ଦିନଠାରୁ ତୁମର ମାଆଙ୍କୁ ଦେଖିବାକୁ କେଜାଣି କାହିଁକି ଇଚ୍ଛା ହେଲା ? ଆଉ ଦିନେ ଦେଖିଲି ଯେ ତୁମେ ତୁମ ପଢ଼ା ଘରୁ ମୋତେ ଚାହିଁ ହସୁଛ । ପରମୁହୂର୍ତ୍ତରେ ସେଇ ଥୁଣ୍ଟା ଗଛଟି ମୋ ନଜରରେ

Digitized by srujanika@gmail.com

ପଡ଼ିଗଲା । ସେତେବେଳେ ଜାଣିଲି ଯେ ଆମ ଦୁହିଁଙ୍କ ଦେଖାଚାହାଁରେ ଅସୁବିଧା ହେଉଥିବାରୁ ତୁମେ କ୍ରୋଟନ୍ ଡାଳ ଭାଂଗିବାକୁ ଚାହୁଁଥିଲ । ସେ ଦିନ ମୁଁ ଉଲ୍ଲସିତ ହୋଇଉଠିଲି । ତାପରେ ତୁମର ମୋର ସମ୍ପର୍କ ଦିନକୁ ଦିନ ବଢ଼ିବାକୁ ଲାଗିଲା । ହଠାତ୍ ଦିନେ ମୋଠାରୁ ନେଇଥିବା ଏକ ବହି ମାଗିବାକୁ ଯାଇ ତୁମେ ଘରେ ପହଞ୍ଚିଲି ।

ତୁମର ମାଆ ବାହାରିଲେ ।

କାହାକୁ ଖୋଜୁଛ ?

ସତରେ ବନ୍ଦିତା, ମୁଁ ତୁମ ମାଆଙ୍କୁ ଦେଖି ସ୍ତମ୍ଭୀଭୂତ ହୋଇଗଲି । ତୁମଠାରୁ ଦିନେ କଥା ପ୍ରସଙ୍ଗରେ ଶୁଣିଥିଲି ତାଙ୍କ ନାଆଁ ପାରିଜାତ । ତାଙ୍କୁ କିଏ ପାରିଜାତ ନାଆଁ ଦେଇଥିଲା ତାର ଦୂରଦର୍ଶିତାକୁ ତାରିଫ୍ ନକରି ରହିପାରିଲିନି ।

ସ୍ୱର୍ଗର ନନ୍ଦନକାନନର ପାରିଜାତ କେବେ ଝଡ଼ି ପଡ଼େନା । ତା ସୌରଭ ଯେମିତି ସବୁଦିନେ ରହିଥାଏ, ତୁମ ମାଆଙ୍କ ସୌନ୍ଦର୍ଯ୍ୟର ସୁରଭି ବି ସେମିତି ଚାଳିଶଟି ବସନ୍ତର ପୁଷ୍ପ ମଧ୍ୟରେ ବନ୍ଦୀ ହୋଇ ରହିଥିଲେ । ତାଙ୍କୁ ଦେଖିଲେ ଜଣା ପଡୁଥିଲା ଯୌବନ ଯେମିତି ପଥହୁଡ଼ି ତାଙ୍କ ତନୁରେ ସବୁ ଦିନ ପାଇଁ ରହିଯାଇଛି !

:କାହାକୁ ଖୋଜୁଛ ?

ପୁଣି ସେଇ ପ୍ରଶ୍ନ ଶୁଣି ମୁଁ ସଂବିତ୍ ଫେରିପାଇଲି । ଆମେ ଦୁହେଁ ଯେମିତି ପରସ୍ପରକୁ ଚାହିଁ ଆତ୍ମବିସ୍ମୃତ ହୋଇପଡ଼ିଥିଲୁ ।

:ମାଉସୀ, ବନ୍ଦିତା ଅଛି ?

:ନା, ସେ ସ୍କୁଲକୁ ଯାଇଛି । କିଛି କାମ ଥିଲା ?

:ମୋ ବହିଟା ତା ପାଖରେ ଅଛି । ସେଥିପାଇଁ ଆସିଥିଲି ।

:ଆଚ୍ଛା, ସେ ଆସିଲେ ମୁଁ ତାକୁ ପଠାଇଦେବି ।

ସେହି ଦିନଠାରୁ ତୁମ ମାଆ ମୋତେ ତୁମେ ନଥିଲା ବେଳେ ଅନେକଥର ଡାକିଛନ୍ତି । ନିଜ ହାତରେ ଖୁଆଇଛନ୍ତି । ତାଙ୍କ ହାବଭାବରୁ ଜଣାପଡୁଥିଲା ହୁଏତ ତୁମର ମୋର ପ୍ରେମର ସ୍ୱୀକୃତି ସେ ଅନେକ ଦିନରୁ ଦେଇସାରିଛନ୍ତି ।

ବନ୍ଦିତା, ତୁମର ମନେଥିବ ତୁମେ ଥରେ ଭୀଷଣ ଭାବେ ପୀଡ଼ିତା ହୋଇ ହସ୍‌ପିଟାଲ୍‌ରେ ପଡ଼ିଥିଲ । ମୁଁ ଓ ତୁମ ମାଆ ନିତି ଯାଇ ତୁମକୁ ଦେଖିଆସୁଥିଲୁ । ଦିନେ ମୁଁ ତାଙ୍କ ସହ ସଂଧ୍ୟାରେ ଡାକ୍ତରଖାନାରୁ ଫେରିବା ବେଳେ ମୋ ରୁମ୍‌ର ଚାବିକାଠିଟା ପାଇଲିନି । ହୁଏତ ତୁମ ବେଡ୍ ପାଖରେ ବସିଥିବା ବେଳେ ଛାଡ଼ି ଆସିଥିଲି ଭୁଲବଶତଃ । ସେତେବେଳକୁ ବର୍ଷା ଅନବରତ ବର୍ଷୁଛି । ଆମେ ଦୁହେଁ ପୂରାପୂରି ଓଦା । ମୋ ବ୍ୟସ୍ତତା ଦେଖି ତୁମ ମାଆ କହିଥିଲେ-

Digitized by srujanika@gmail.com

:ଆଉ ଏ ବର୍ଷାରେ ଚାବି ଖୋଜିବାର ବୃଥା ପ୍ରୟାସ କରନା । ଆଜି ଏଇଠି ଶୋଇ ପଡ଼ । ବନ୍ଦିତାର ବିଛଣା ଖାଲି ଅଛି । ତା ବାପା ଆଜକୁ ଦଶବର୍ଷ ହେଲା ଦୁର୍ଘଟଣାର ଶିକାର ହୋଇ ଆରପାରିକୁ ଚାଲିଗଲା ପରେ ଆମେ ମାଆ-ଝିଅ ଏଇଠି ଛୋଟ ଘରଟିରେ ପଡ଼ିଛୁ । ତୁମେତ ଜାଣ ମୁଁ ସଚିବାଳୟର କିରାଣୀ ମାତ୍ର । ଛୋଟ ଘର । ପରିବାର ଛୋଟ-ଅସୁବିଧା ହୁଏନା !

ସେଦିନର କଥା ଶୁଣି ଆଶ୍ଚର୍ଯ୍ୟ ହେବ ମୁଁ ତୁମର ଶାଢ଼ୀକୁ ଲୁଂଗି ଭଳି ପିନ୍ଧିଥିଲି । କାରଣ ତୁମ ଘରେ ପୁରୁଷ ଲୋକ ନ ଥିବାରୁ ପୁରୁଷ ପୋଷାକ ନଥିଲା । ତୁମ ଶାଢ଼ୀ ପିନ୍ଧି ତୁମର ଶେଯରେ ଶୋଇଲା ବେଳକୁ ଏତେ ବର୍ଷାରେ ବି ମୁଁ ତୁମ ଦେହର ଉଷ୍ଣତା ଯେମିତି ଆଘ୍ରାଣ କରିପାରୁଥିଲି ।

ହଠାତ୍ ତୁମ ମାଆ ଆସି ପହଂଚିଲେ । ହାତରେ ଏକ ଗ୍ଲାସ କ୍ଷୀର । ମୁଁ କ୍ଷୀର ପିଉଥବା ଅବସ୍ଥାରେ ସେ କହିଲେ ଯେ କେତେ ଦିନ ହେଲା ସେ ତାଙ୍କ ଦେହ ଉପରେ ରେଳଗାଡ଼ି ଯାଉଥିବାର, ଶାଢ଼ୀ ଭିତରେ ସାପ ପଶିଯାଉଥିବାର, ଛାତି ଉପରେ ଭାରି ବୋଝ ଲଦା ହୋଇଥିବାର ଓ କେବେକେବେ ତାକୁ କେହି ବନ୍ଧୁକରେ ଆଘାତ କରୁଥିବାର ସ୍ୱପ୍ନ ଦେଖୁଛନ୍ତି, ତେଣୁ ତାଙ୍କୁ କୁଆଡ଼େ ଭଲ ଲାଗୁନି- ନିଦ ବି ହେଉନି ।

:ମାଉସୀ, ସ୍ୱପ୍ନ ହିଁ ସ୍ୱପ୍ନ, ଏହା ସତ୍ୟ ହୋଇ ପାରେନା । ତେଣୁ ସ୍ୱପ୍ନ କଥା ଭାବି ମନ ଖରାପ କରିବା ଅନୁଚିତ । କାରଣ ସ୍ୱପ୍ନ ବାସ୍ତବତାର ବହୁଦୂରରେ । ମୋ କଥା ଶୁଣି ସେ ହସିଲେ । ଶୁଭରାତ୍ରି ଜଣାଇ ଯିବା ପୂର୍ବରୁ କହିଲେ-

:ପ୍ରିୟଦର୍ଶୀ, ତୁମ ଚେହେରା ସହିତ ବନ୍ଦିତାର ବାପାଙ୍କର ରୂପର ଅନେକ ସାମଞ୍ଜସ୍ୟ ରହିଛି ।

ସେ ଚାଲିଯିବା ପରେ ମୁଁ ତାଙ୍କ କଥା ବୁଝିବାକୁ ଚେଷ୍ଟା କରୁଥିଲି । ହଠାତ୍ ଟେବୁଲ ଉପରେ ଏକ ସ୍ୱପ୍ନବୃତ୍ତାନ୍ତ ବହି ଦେଖି ମୁଁ ତୁମ ମାଆ କହିଥିବା ସ୍ୱପ୍ନର ଫଳାଫଳ ଜାଣିବାକୁ ଅନିସନ୍ଧିତ୍ସୁ ହୋଇପଡ଼ିଲି । ହଠାତ୍ ଗୋଟିଏ ପୃଷ୍ଠାରେ ମୋ ଆଖି ଲାଖି ରହିଲା ସେଥିରେ ଲେଖା ଥିଲା- ''ଯେଉଁ ପୁରୁଷ ଯୌନ ମିଳନ ନିମନ୍ତେ ଅତ୍ୟନ୍ତ ଇଚ୍ଛା କରୁଥାଏ, ସେ ମାଛ ଧରୁଥିବାର, ବନ୍ଧୁକ ମାରୁଥିବାର, ଘୋଡ଼ା ଚଢୁଥିବାର ସ୍ୱପ୍ନ ଦେଖିଥାଏ । କୁମାରୀ କନ୍ୟା ତାର ପ୍ରଥମ ମିଳନ ପରେ କୁମାରୀତ୍ୱ ନଷ୍ଟ ହେବା ଘଟଣାକୁ ସ୍ୱପ୍ନରେ କୌଣସି ପଦାର୍ଥ ହଜିଯିବା, ନଷ୍ଟ ହୋଇଯିବା, ଭାଙ୍ଗିଯିବା ଓ କ୍ଷତବିକ୍ଷତ ହେବା ରୂପରେ ଦେଖିଥାଏ । ଆଉ ଯେଉଁ ନାରୀ ଯୌନ ମିଳନ ନିମନ୍ତେ ପ୍ରବଳ ଇଚ୍ଛା କରୁଥାଏ, ମାତ୍ର ସୁଯୋଗ ପାଏ ନାହିଁ, ସେ ତାର ଶରୀର ଉପରେ ରେଳଗାଡ଼ି ମାଡ଼ିଯାଉଥିବାର, ଶାଢ଼ୀ ଭିତରେ ସାପ-'' ମୁଁ ଆଉ ପଢ଼ିପାରିନଥିଲି, ବନ୍ଦିତା । ସବୁ ଯେମିତି ଅଳ୍ପ ସମୟ ପୂର୍ବରୁ ଶୁଣିଥିବା କଥାର ଉଦ୍ଧୃତାଂଶ । ମୁଁ ଆଉ ଭାବି ପାରିଲିନି । ବୁଝା ଅବୁଝାର ସୀମାରେଖାରେ

Digitized by srujanika@gmail.com

ମୁଁ ପଥହୁଡ଼ି କେତେବେଳେ ଶୋଇ ଯାଇଥିଲି ଜାଣେନା । ହଠାତ୍ କାହାର ସ୍ପର୍ଶରେ ମୋ ନିଦ ଭାଂଗିଗଲା । ଧୀରେ ଧୀରେ ଚନ୍ଦ୍ରାଚ୍ଛନ୍ନାବସ୍ଥାରେ ଆଖି ଖୋଲିଲି ମୁଁ । ରୁମ୍‌ଟିରେ ଜଳୁଥିବା ନୀଳବତୀଟି ଲିଭିଯାଇଛି । ଭାବିଲି ଝଡରେ ହୁଏତ ବିଜୁଳି ଲାଇନ୍ କଟିଯାଇଛି ।

ବନ୍ଦିତା ହଠାତ୍ ମୋ ଚଦର ଭିତରେ କିଏ ପଶିଯାଉଥିବାର ଅନୁଭବ କଲି । ସେଇ ଅନ୍ଧାରରେ କିଏ ଯେମିତି କ'ଣ ଖୋଜୁଥିଲା । ଠିକ୍ ଅନେକ ଦିନରୁ ହଜି ଯାଇଥିବା ଦରକାରୀ ଜିନିଷକୁ ଯେମିତି ମନପ୍ରାଣ ଦେଇ ଖୋଜା ହୁଏ । ତା ପରେ ମୋତେ ଲାଗୁଥିଲା ମୋ ଦେହ ଉପରେ ଯେପରି ଏକ ରେଳଗାଡ଼ି ମାଡ଼ିଯାଉଛି । ମୋ ଛାତି ଉପରେ ଏକ ଭାରି ବୋଝ ଲଦି ହୋଇପଡୁଛି । ମୋତେ ଯେମିତି କିଏ ବନ୍ଧୁକରେ ଆଘାତ କରୁଛି । ଏମିତି ଭାବେ ଦୁର୍ବଳତାର ପଙ୍କରେ ମୋ ପାଦ ଯେମିତି ଖସିବାକୁ ଲାଗିଥିଲା । ଶତଚେଷ୍ଟା କରି ମଧ୍ୟ ମୁଁ ନିଜକୁ ସମ୍ଭାଳି ନପାରି ସେଇ କାଦୁଅରେ ଲଟପଟ ହୋଇଗଲି ।

ବନ୍ଦିତା, ମଣିଷ ଜୀବନରେ ଏପରି କେତେକ ଦୁର୍ବଳ ମୁହୂର୍ତ୍ତ ଆସେ, ଯାହା ମଣିଷକୁ ଆହୁରି ଦୁର୍ବଳତର କରିଦିଏ ।

ସେହି ଅନ୍ଧାରରେ ଚାପା ଗଳା ଶୁଣିପାରୁଥିଲି-

:ପ୍ରିୟଦର୍ଶୀ, ତୁମକୁ ଦେଖିଲେ ମୋତେ ବନ୍ଦିତାର ବାପାଙ୍କ କଥା ମନେ ପଡ଼େ । ଆଉ ମୁଁ ଜବାବରେ କହୁଥିଲି-

:ଚାଳିଶ ବର୍ଷ ବୟସ୍କା ହେଲେ ବି ଷୋଳ ବର୍ଷ ବୟସ୍କା ବନ୍ଦିତାର ରୂପ ତୁମ ଆଗରେ ଝାପ୍‌ସା ଦିଶେ ମୋତେ ।

ବନ୍ଦିତା, ମନସ୍ତତ୍ତ୍ୱବିତ୍‌ଙ୍କର କହିବା ଅନୁସାରେ ମଣିଷ ମନର 'ଇଗୋ' ତାର ଈର୍ଷାର ପ୍ରଥମ କାରଣ । ପ୍ରତ୍ୟେକ ମଣିଷ ତା ଆଗରେ ଅନ୍ୟର ପ୍ରଶଂସା ଶୁଣିଲେ ଈର୍ଷା କରେ । ଏମିତିକି ମାଆ ଆଗରେ ତା ଝିଅର ସୌନ୍ଦର୍ଯ୍ୟ ସମ୍ପର୍କରେ ପ୍ରଶଂସା କଲେ ସେ ବି ଈର୍ଷାର ଈଶ୍ୱରୀ ହୋଇଯାଏ । ଏକଥା ସତ୍ୟ ମାଆକୁ ତା ଝିଅ ତାଠାରୁ ବେଶି ସୁନ୍ଦରୀ କହିଲେ ଯେତେ ଖୁସିହୁଏ ତାଠାରୁ କମ୍ ସୁନ୍ଦରୀ କହିଲେ ବରଂ ବେଶି ଖୁସିହୁଏ ।

ମୋ କଥା ଶୁଣି ସେ କହିଥିଲେ-

:ଷୋହଳ ବା ଚାଳିଶବର୍ଷ- ଏ ସବୁ ମୋ ଦୃଷ୍ଟିରେ ବୟସ ନୁହନ୍ତି । ଏ ସବୁ ଗୋଟିଏ ଗୋଟିଏ ସାମାନ୍ୟ ସଂଖ୍ୟା ମାତ୍ର । ମଣିଷର ପ୍ରକୃତ ବୟସ ଏଇ ଗାଣିତିକ ସଂଖ୍ୟାର ହିସାବ ନିକାଶ ଦ୍ୱାରା କଳନା କରାଯାଇପାରେନା । ବୟସ-ଗଣ୍ଡାଘରର ଏକ ମାତ୍ର ଚାବିକାଠି ହେଉଛି ମଣିଷର ନିଜର ମନ । ଯିଏ ଏଇ ଚାବିକାଠି ସଯତ୍ନେ ରଖିପାରେ ସେ ଚିର ସବୁଜ । ସେଥିପାଇଁ ଅନେକ ଷୋହଳ ବର୍ଷର ଝିଅ କୁମାରୀ ଜୀବନରୁ ଅକାଳ ବାର୍ଦ୍ଧକ୍ୟତା

Digitized by srujanika@gmail.com

ସ୍ୱର୍ଣ୍ଣ କଳାଭଳି ବୋଧ ହୁଅନ୍ତି ଅଥଚ ଅନେକ ଚାଳିଶବର୍ଷ ବୟସ୍କା ପ୍ରୌଢ଼ା କୁମାରୀ ମନର ପ୍ରଗଲ୍‌ଭତା ଭିତରେ ନିଜ ବୟସକୁ ଫାଙ୍କିଦେଇପାରନ୍ତି !

ବନ୍ଦିତା, ସ୍ୱର୍ଗ ନର୍କ ବୋଲି କିଛି ଅଛି କି ନା ମୁଁ ଜାଣେନା । କିନ୍ତୁ ଏତିକି ଜାଣେ ଯେ ମଣିଷ ନିଜ ହାତରେ ସ୍ୱର୍ଗ ଗଢ଼େ- ଏଇଠି ପୁଣି ସେ ନିଜ ହାତରେ ନର୍କ ଗଢ଼ିପାରେ । ମୁଁ ବି ସେମିତି ଏକ ଦୁର୍ବଳ ମୁହୂର୍ତ୍ତର ଶିକାର ହୋଇ ନର୍କର ବିଶ୍ୱକର୍ମା ସାଜିଥିଲି ।

ତାପର ଦିନ ସକାଳେ ବିଛଣାରୁ ମୋ ଚାବିକାଠି ପାଇଲି । ହୁଏତ ତୁମ ମାଆ ଗତ ରାତିରେ ଅଣ୍ଟାରେ ଖୋସିଥିବା ଚାବିକାଠିଟି ଭୁଲରେ ଛାଡ଼ି ଯାଇଥିଲେ ।

ସକାଳୁ ତୁମ ମାଆ ଆସି ପହଂଚିଲେ । ରାତିରେ ଅଜସ୍ର ବର୍ଷା ପରେ ପ୍ରକୃତି ଶାନ୍ତ ହୋଇପଡ଼ିଥିଲା । ବାହାରେ ନରମ ଖରାର ଗାଲିଚା ।

ମୁଁ ବାହାରୁ ଆଖି ଫେରାଇବା ଆଗରୁ ସେ କହିଲେ-

: ବନ୍ଦିତାକୁ ତୁମେ ବିବାହ କର ପ୍ରିୟଦର୍ଶୀ । ଏହାଦ୍ୱାରା ଆମ ତିନିଜଣଙ୍କର ମଙ୍ଗଳ ହେବ । ଆମ ସମ୍ପର୍କ ସବୁଦିନ ଅତୁଟ ରହିବ ।

ତାଙ୍କ କଥା ଶୁଣି ମୁଁ ନିଜକୁ ସମ୍ଭାଳି ପାରିଲିନି । ସମସ୍ତ ବ୍ୟାପାର ପୂତିଗନ୍ଧମୟ ହୋଇପଡ଼ିଥିଲା । ମୁଁ ମୋ ନିଜ ବିଚାରରେ ନିଜେ ନ୍ୟୂନ ହୋଇ ପଡ଼ିଥିବାର ଅନୁଭବ କରିପାରି କହିଥିଲି-

:ବନ୍ଦିତାର ମାଆ ବୋଲି ତୁମେ ବନ୍ଦନୀୟା, ଏ କଥା ମୁଁ ଆଜି ସ୍ୱୀକାର କରିବାକୁ ବାଧ୍ୟ ନୁହେଁ । ଦିନେ ମୋ ବ୍ୟବସାୟରେ ପ୍ରେମ ପଶି ଅନେକ କ୍ଷତି କରିଥିଲା, ତଥାପି ଦୁଃଖ କରିନଥିଲି । କାରଣ ଭାବୁଥିଲି ମୁଁ ଜୀବନରେ ବ୍ୟବସାୟ କରିପାରିଲିନି; କିନ୍ତୁ ପ୍ରେମତ କରି ପାରିଲି । ଆଜି ତୁମେ ମୋ ପ୍ରେମରେ ବ୍ୟବସାୟ କରିବାକୁ ଚାହୁଁଛ । ମୁଁ ଏହାକୁ ସହ୍ୟ କରିପାରିବିନି । କାଲି ପର୍ଯ୍ୟନ୍ତ ମୁଁ ବନ୍ଦିତାକୁ ବିବାହ କରିବାକୁ ଯୋଗ୍ୟ ଥିଲି । ଆଜି ତୁମେ ସେ ଯୋଗ୍ୟତା ଛଡ଼ାଇ ନେଇଛ । ତାକୁ ବିବାହ କରିବାର ଯୋଗ୍ୟତା ଆଜି ମୋର ନାହିଁ । ପାରିବତ ବନ୍ଦିତାକୁ କହିବ ସେ ମୋତେ କ୍ଷମା କରିଦେବ ।

ସେଦିନ ଏତକ କହି ଝଡ଼ ବେଗରେ ତୁମ ଘରୁ ଚାଲିଆସିଥିଲି । ମୋ ପ୍ରେମକୁ ମୋ ବ୍ୟବସାୟରୁ ବିତାଡ଼ିତ କରି ତମ ସହର ଛାଡ଼ି ତମଠାରୁ ବହୁଦୂରକୁ ଚାଲିଆସିଲି । କାରଣ ମୋର ଏ ଅପବିତ୍ର କାୟାର ଛାୟା ତୁମ ଉପରେ ପଡ଼ିବାକୁ ମୁଁ ଚାହୁଁନଥିଲି କେବଳ ଏଥିପାଇଁ ଯେ ମୁଁ ତୁମକୁ ଅନ୍ତରରେ ଭଲ ପାଉଥିଲି ।

ବନ୍ଦିତା, ତୁମେ କିନ୍ତୁ ମୋତେ ଭୁଲ ବୁଝିଲ । ପଳାୟନପନ୍ଥୀ ବୋଲି ଦୋଷ ଦେଲ । ଏଥିରେ ଦୋଷ ତୁମର ନାହିଁ । ସବୁ ଦୋଷ ମୋର । ଅସ୍ତ ସୂର୍ଯ୍ୟର ରଙ୍ଗ ଦେଖି ମୁଁ ମତୁଆଲା

Digitized by srujanika@gmail.com

ହୋଇଗଲି । ଅସ୍ତ ସୂର୍ଯ୍ୟର ରଙ୍ଗ ଠିକ୍ ଲିଭା ଦୀପାଳିର ଶିଖା ଭଳି କେଉଁ ମୁହୂର୍ତ୍ତରେ ଲିଭିଯିବ, ରୂପସୀ ସନ୍ଧ୍ୟା ପରେ ନୀରବ ଅମା ଅନ୍ଧାରର ରାତ୍ରି ଆସିବ, ଏ କଥା ଜାଣିରଖିବା ଉଚିତ ଥିଲା । ସତରେ ମୋ ଜୀବନରେ ଆଜି ଅନ୍ଧକାରର ରାଜତ୍ୱ । ସେଇ ନିରନ୍ଧ୍ର ଅନ୍ଧକାରରେ ମୁଁ ଆଜି ନିଜକୁ ନିଜେ ଖୋଜିପାରୁନି କି ଷୋହଳ ଓ ଚାଳିଶ ବର୍ଷର ଫରକ ମୁଁ ଦେଖି ପାରୁନି । ଆଜି ପ୍ରତିଟି ନାରୀ ମଧ୍ୟରେ ମୁଁ ଏକ ଶୀତଳ ରକ୍ତର ପ୍ରବାହ ଦେଖେ । ସେଇ ଅନ୍ଧାରରେ ମୁଁ ପ୍ରତିକ୍ରିୟାଶୂନ୍ୟ ଏକ ଗନ୍ଧହୀନ, ବର୍ଣ୍ଣହୀନ ଓ ସ୍ୱାଦହୀନ ବ୍ୟକ୍ତିତ୍ୱ-ଯିଏ ବୈଶାଖର ପ୍ରଚଣ୍ଡ ରୌଦ୍ରତାପରେ ପ୍ରସାରିତ ହୁଏନି, ଶ୍ରାବଣର ରିମ୍‌ଝିମ୍ ସ୍ୱରରେ ରୋମାଂଚିତ ହୁଏନି, ପୌଷର ବୁକୁ ଦୋହଲା ଶୈତ୍ୟରେ ସଂକୁଚିତ ହୁଏନି ଅଥବା ଫଗୁଣର ମୃଦୁ ମଳୟ ସ୍ପର୍ଶରେ ଶିହରିତ ହୁଏନି !!!

Digitized by srujanika@gmail.com

ଶେଷ ଶ୍ରାବଣର ବର୍ଷା

ତୁମର ସେ ଦିନଟିର କଥା ମନେଅଛି କି ନା ଜାଣେନା, ମୋର କିନ୍ତୁ ସ୍ପଷ୍ଟ ମନେ ଅଛି ସେଦିନ ଶେଷ ଜ୍ୟୋତି ନେଇ ଯେମିତି ବର୍ଷା ତେଜୀୟାନ ହୋଇ ଜଳିଉଠିଥିଲା- ଆଉ ସେଇ ବସ୍ଷ୍ଟାଣ୍ଡରେ ତୁମେ ମୋତେ ଅପେକ୍ଷା କରି ନିଜ ଆଖି ନୀରରେ ଯେମିତି କହୁଥିଲ- ରେ ଅଧମ ବର୍ଷା, ତୁ କାହୁଁ ଜାଣିବୁ ବିରହିଣୀ ଚାତକୀର ପ୍ରତୀକ୍ଷା । ତୁ ଟିକେ ସଦୟ ହୋଇ ଥମିଯା । ମୋ ପ୍ରିୟ ଆସିଯାଆନ୍ତୁ । ଆଉ ତୁ ତାପରେ ଯେତେ ପାରୁଛୁ ବର୍ଷିଯା । ମୁଁ ମନା କରିବିନି । ବର୍ଷା ତୁମ କଥା ଶୁଣି ଥମିଯାଇଥିଲା କି ନା ମୁଁ ଜାଣେନା । କିନ୍ତୁ ମୁଁ ଆସିବା ପରେ ତୁମ ଆଖିର ବାରି ଝରଣା ଯେ ଥମିଯାଇଥିଲା । ମୁଁ ଏ କଥା ସ୍ପଷ୍ଟ ଦେଖିପାରୁଥିଲି । ମୁଁ ଭିଜି ଭିଜି ପହଞ୍ଚିଥିଲି; ଆଉ ତୁମେ ପଣତରେ ମୋ ଦେହ ପୋଛିଦେଇ କହିଥିଲ-

:ପ୍ରିୟଦର୍ଶୀ ! ଜାଣିଛ କେତେଟା ବାଜିଛି !

:ମାତ୍ର ନଅଟା ! ମୁଁ ଉତ୍ତର ଦେଇଥିଲି ମୋ ହାତଘଣ୍ଟାକୁ ଚାହିଁ !

:ଛେନାଗୁଡ଼ । ସେଇଟା ଘଡ଼ି ନା ଘୋଡ଼ା । ଘଡ଼ି ହୋଇଥିଲେ ଠିକ୍ ସମୟ ଦେଇଥାନ୍ତା । ଆଉ ତୁମେ ଠିକ୍ ସମୟରେ ପହଞ୍ଚିପାରିଥାନ୍ତ । ଆଉ ଘୋଡ଼ା ହୋଇଥିଲେ ବି ଦ୍ରୁତ ଗତିରେ ପିଠିରେ ବସାଇ ଠିକ୍ ସମୟରେ ପହଞ୍ଚାଇଦେଇଥାନ୍ତା । ମୁଁ ହୁଏତ ଏତେ ସମୟ ଅପେକ୍ଷା କରିନଥାଆନ୍ତି । ଜାଣିଛ, ମୁଁ ଘଣ୍ଟାଏ ହେଲା ବର୍ଷାରେ ଭିଜୁଛି, ତୁମେ ଏକ ନିଃଶ୍ୱାସରେ କହିଯାଇଥିଲ ଆଉ ତୁମ କଥା ଶୁଣି କହିଥିଲି;

ଆରତି, ମୋ ଘଣ୍ଟା ସିନା ଅଧ ଘଣ୍ଟା ବିଳମ୍ବରେ ଚାଲୁଛି । କିନ୍ତୁ ତୁମ ଘଣ୍ଟାର କଣ୍ଟା ଯେ ଅଧ ଘଣ୍ଟା ଫାଷ୍ଟ ଅଛି । ତେଣୁ ତୁମେ ଘଣ୍ଟାଏ ଆଗରୁ ଆସିଲ ବୋଲି କହୁଛ । ଦୋଷ କେବଳ ମୋ ଘଣ୍ଟାର ଆଉ ତୁମ ଘଣ୍ଟାର ନୁହେଁ ?

ମୋ କଥା ଶୁଣି ତୁମେ ହସିଥିଲ । ଅଧରରେ ଆଷାଢ଼ର ପ୍ରଥମ କଦମ୍ବ ଫୁଲ ଯେମିତି ଫୁଟିଉଠିଲା କ୍ଷଣକ ପାଇଁ । କହିଥିଲ-

Digitized by srujanika@gmail.com

:ଜାଣ ପ୍ରିୟଦର୍ଶୀ, ତୁମ ଘଣ୍ଟା ଆଉ ମୋ ଘଣ୍ଟାର ସମୟ କେବେ ଏକ ହେବନି ଦେଖୁଛି । ଦୁହେଁ ତ ଅନେକ ଥର ସଜାଡ଼ିବାକୁ ଯାଇଛୁ, କିନ୍ତୁ କାହିଁ ? ବରଂ ପ୍ରତିଥର ମୋ ଘଣ୍ଟା ଯେତେ ଫାଷ୍ଟ ହେଉଛି ତୁମ ଘଣ୍ଟା ସେତିକି ଲେଟ୍ ହେବାରେ ଲାଗିଛି । ତେଣୁ ଦୋଷ କାହାକୁ ଦେବା, କୁହ ।

ତୁମ କଥା ଶୁଣି ମୁଁ କହିଥିଲି-

:ତୁମର ମୋର ସମୟର ମେଳ କେବେ ହେବନି ଦେଖୁଛି । ଆରତି, ମୋର ଥରେ ଥରେ ଭୟ ହୁଏ ଜୀବନ ପଥରେ ବି ତୁମେ ଏମିତି ଫାଷ୍ଟ ଗତିରେ ଅନେକ ବାଟ ଆଗେଇ ଯିବ ଠିକ୍ ତୁମର ଏଇ ହାତ ଘଣ୍ଟା ଭଳି । ଆଉ ମୁଁ ହୁଏତ ବହୁତ ପଛରେ ରହିଯିବି ଠିକ୍ ମୋ ହାତ ଘଣ୍ଟାର ସମୟ ଭଳି । ଆମ ଦୁହିଁଙ୍କ ବ୍ୟବଧାନ ହୁଏତ ଆମ ଦୁହିଁଙ୍କ ଏଇ ଦୁଇ ହାତ ଘଣ୍ଟାର ସମୟର ଭୁଲ ଭଳି ଦ୍ୱିଗୁଣିତ ହୋଇଯିବ !

ମୋ କଥା ଶୁଣି ତୁମେ ଭାବାବିଷ୍ଟ ହୋଇ କହିଥିଲ :-

ସେଥିପାଇଁ କହୁଛି, ଏବେ ଆଉ ଆମେ ଘଣ୍ଟା ଦେଖି ସମୟ ଜାଣିବାନି । ଆଦିମ ଲୋକେ କ'ଣ ଘଣ୍ଟା ଦେଖି ସମୟ ଜାଣୁଥିଲେ ପ୍ରିୟଦର୍ଶୀ ? ଆମେ ବି ଚାଲ ସେମିତି ଏକାନ୍ତ ଆଦିମ ହୋଇଯିବା । ଉଷାର ରକ୍ତିମ ସୀମନ୍ତ ଦେଖି ଆମେ ଜାଣିବା ସକାଳ ହୋଇଛି । ମସ୍ତକର ସୂର୍ଯ୍ୟ ଆମର ଉତ୍ତରାୟନ କ୍ଷୁଦ୍ର ଛାଇ ସହ ମଧ୍ୟାହ୍ନର ସଂକେତ ଦେବ । ଆଉ ଆକାଶର ଟିକି ଟିକି ଅନେକ ତାରା ଆଖି ଠାରି ଆମକୁ 'ରାତି ହୋଇଛି-ଶୋଇପଡ଼' ବୋଲି ଚୁପି ଚୁପି କହିଦେବେ । ତେଣୁ ଚାଲ ଆମେ ଆମର ଏଇ କୃତ୍ରିମତାକୁ ବାହାରକୁ ଫିଙ୍ଗି ପ୍ରକୃତିକୁ ନିଜର କରିନେବା ।

ତୁମେ ଏତକ କହି ବର୍ଷା ପାଣିରେ ତୁମର ହାତ ଘଣ୍ଟାକୁ ବାହାର କରି ଫିଙ୍ଗି ଦେଇଥିଲ ।

ଆଉ ମୁଁ ବର୍ଷା ଜଳରୁ ସେଇ ଘଣ୍ଟାକୁ ଉଠାଇ ତୁମ ହାତରେ ବାନ୍ଧିଦେଇ କହୁଥିଲି: ନା, ଆରତି । ଏଇଟା ଆମ ଭାଗ୍ୟର ଦୋଷ । ବିଚରା ଘଣ୍ଟାର ଦୋଷ କ'ଣ ରହିଲା ? ସମୟ ଦେଖିବାକୁ କ'ଣ ସମସ୍ତେ ହାତରେ ଘଣ୍ଟା ପିନ୍ଧନ୍ତି ? ଅନେକ ତ ପୁଣି ଘଣ୍ଟା ଦେଖାଇବାର ପ୍ରବୃତ୍ତି ନେଇ ସମୟ ବାରମ୍ବାର ଦେଖନ୍ତି !

:ମୁଁ କିନ୍ତୁ ସେ ପ୍ରବୃତ୍ତିର ଝିଅ ନୁହେଁ । ଯାହା ଦରକାରରେ ଆସେନା, ସେ ମୋ ପାଇଁ ଅଦରକାରୀ । ଆଉ ମନେ ରଖିଥିବ ଅଦରକାରୀ ଜିନିଷକୁ ଫିଙ୍ଗିଦେବାକୁ ମୁଁ ଭଲପାଏ ।

ତୁମେ ପୁଣିଥରେ ତୁମ ହାତଘଣ୍ଟାକୁ ଫିଙ୍ଗିଦେବାକୁ ବସୁଥିଲ । ତୁମକୁ ତହିଁରୁ ନିବର୍ତ୍ତାଇବାକୁ ଯାଇ ମୁଁ କହିଥିଲି-

Digitized by srujanika@gmail.com

:ଆରତି, ଯେଉଁ ଝିଅ ନିକଟରେ କାଲିଯାଏ ସମୟ ଠିକ୍ ଦେଉଛି ବୋଲି ଘଣ୍ଟା ଏକ ଦରକାରୀ ବସ୍ତୁ ଥିଲା; ଆଜି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ତାର ଘଣ୍ଟା ଯେମିତି ମୁହୂର୍ତ୍ତକ ମଧ୍ୟରେ ତା ନିକଟରେ ଅଦରକାରୀ ବସ୍ତୁ ହେଲା, ସେ ଝିଅର ପ୍ରେମ ଦରକାର ବୋଲି ମୁଁ ହୁଏତ ଆଜି ନିଜର ହୋଇଛି, କିଏ ଜାଣେ କାଲି ଏଇ ଘଣ୍ଟା ଭଳି କେଉଁ ମୁହୂର୍ତ୍ତରେ ସେମିତି ଅଚାନକ ଅଦରକାରୀ ହୋଇଯିବ । ଆଉ ତୁମେ ଠିକ୍ ଏଇ ଘଣ୍ଟା ଭଳି ମୋତେ ତୁମ ହୃଦୟରୁ କାଢ଼ି ପଦାରେ ପକାଇ ନିଃସହାୟ କରି ଚାଲିଯିବ ।

ମୋ କଥା ଶୁଣି ତୁମ ଆଖି ପୁଣିଥରେ ଶ୍ରାବଣୀ ହୋଇଗଲା । ନାରୀର ନୀର ପାଖରେ ପ୍ରତିଟି ପୁରୁଷ ଯୁଗ ଯୁଗ ଧରି କ୍ରୀତଦାସ ହୋଇଆସିଛି । ଏ କଥା ଚାଣକ୍ୟ ଭିନ୍ନ ଅନ୍ୟ ସବୁ ପୁରୁଷ ନ ଜାଣିଲେ ବି ସବୁ ନାରୀ ନିଶ୍ଚୟ ଜାଣିଛନ୍ତି । ତେଣୁ ଯେଉଁଠି ସେମାନେ ହାରିଯାଆନ୍ତି, ବିଧାତା ପ୍ରଦତ୍ତ ଏଇ ଫାଉଲ ଗେମ୍ ଖେଳି ପ୍ରତିଟି ଖେଳରେ ସେମାନେ ହାରି ବି ଜିତିଯାଆନ୍ତି । ମୁଁ ବି ଆହତ ସୈନିକ ପ୍ରାୟେ ଆତ୍ମସମର୍ପଣର ସମସ୍ତ ମୁଦ୍ରା ମୁହଁରେ ଅଙ୍କନ କରି କହିଥିଲି-

:କାନ୍ଦନା ଆରତି । ଜାଣିନା, କାନ୍ଦିଲେ ଦେହ ଖରାପ ହୁଏ ?

ତୁମେ କିନ୍ତୁ ସେମିତି କାନ୍ଦି କାନ୍ଦି ଉତ୍ତର ଦେଇଥିଲ-

:ଯେଉଁମାନେ ଆଖି ନୀରରେ ଭିଜିଲେ ଦେହ ଖରାପ ହୁଏ ବୋଲି ଜାଣନ୍ତି ସେମାନେ ବର୍ଷାରେ ଭିଜିଲେ ଦେହ ଖରାପ ହୁଏ ବୋଲି ବୋଧହୁଏ ଜାଣନ୍ତିନି । ଜାଣ ପ୍ରିୟଦର୍ଶୀ, ବର୍ଷାରେ ଭିଜିଲେ ଦେହ ଭାରି ଭାରି ଲାଗେ, କିନ୍ତୁ ଲୁହରେ ଭିଜିଲେ ହାଲ୍କା ଲାଗେ । ତୁମେ ଅନେକ ଭିଜିଲଣି । ମୋ ରାଣ ଆଉ ଭିଜନା, ଦେହ ଖରାପ ହେବ ।

କିନ୍ତୁ ଏ ଯେ ଶ୍ରାବଣର ଶେଷ ବର୍ଷା, ଆରତି । ଆଜି ଦିନଟି ହୁଡିଗଲେ ହୁଏତ ଏ ସୁଯୋଗ ଆଉ ମିଳିବନି ।

:ସେଇଠୁ କ'ଣ ହେଲା ? ଏମିତି ଆମ ଜୀବନରେ କେତେ ଶ୍ରାବଣ ଆସିବ- କେତେଥର ସେଇ ଶ୍ରାବଣର ଶେଷ ବର୍ଷାରେ ଆମେ ମତୁଆଲା ହୋଇ ଭିଜିବା, ବିତିଗଲା ଦିନକୁ ପଛକୁ ଫେରାଇନେବା ।

:ଆରତି, ବର୍ଷା ସହିତ ମଣିଷର ଆଦିମ ପ୍ରବୃତ୍ତିର କେଜାଣି କ'ଣ ସଂଯୋଗ ରହିଛି । ବର୍ଷାର ରିମ୍‌ଝିମ୍ ଗୀତରେ ମସ୍‌ଗୁଲ୍ ହୋଇଗଲେ ତୁମ କଥା ହିଁ ମନରେ ଖେଳେ । ଜାଣ, ବର୍ଷାର ରିମ୍‌ଝିମ୍ ଗୀତରେ ମୁଁ ତୁମର କଣ୍ଠସ୍ୱର ଶୁଣିପାରେ । ବିଜୁଳିର ଝଲକରେ ତୁମର ନୀଳ ଆଖିର ତୀର ଚାହାଣୀ ଦେଖିପାରେ । ଭିଜା ମାଟିର ଗନ୍ଧରେ ମୁଁ ତୁମର ସଦ୍ୟ ସଂଭୋଗଯୋଗ୍ୟ ଦେହର ବାସ୍ନା ଆଘ୍ରାଣ କରିପାରେ ।

ମୋ କଥା ଶୁଣି ତୁମେ ଲାଜକୁଳୀ ଲତା ପ୍ରାୟେ ଝାଉଁଳି ପଡିଥିଲ, କହିଥିଲ : ତୁମେ ସତରେ କ'ଣ ସେ ସୁଯୋଗ ପାଇଛ, ପ୍ରିୟଦର୍ଶୀ ।

Digitized by srujanika@gmail.com

ତୁମ କଥାର ଜବାବ ଦେବାକୁ ଯାଇ ମୁଁ କହିଥିଲି-

:ଆରତି, ସେମାନେ କେମିତି ପ୍ରେମିକ ଯେଉଁମାନେ ନାରୀର ମନ ଅପେକ୍ଷା ଦେହକୁ ବେଶି ଗୁରୁତ୍ୱ ଦିଅନ୍ତି ମୁଁ କହିପାରିବିନି । କିନ୍ତୁ ମୁଁ କହିବି ସେମାନେ ପ୍ରେମିକ ନୁହନ୍ତି କାମୁକ । ତନୁର ସଂଭାବ୍ୟ ସଂଭୋଗ ସେମାନଙ୍କର ଏକାନ୍ତ କାମ୍ୟ ହୋଇପଡ଼େ । ସେଇ ପ୍ରେମିକ ନାମକ କାମୁକମାନେ ବିବାହ ପରେ ନିଜ ସ୍ତ୍ରୀର ପ୍ରଥମ ପୁରୁଷ ହୁଏତ ହୋଇପାରିଥାନ୍ତି, ଶେଷ ପୁରୁଷ ହୋଇପାରନ୍ତିନି । କିନ୍ତୁ ନାରୀର ମନ ସହ ଯେଉଁ ପୁରୁଷର ମନର ସ୍ୱର୍ଗୀୟ ସଂଗମ ହୋଇସାରିଥାଏ, ବିବାହ ପରେ ସେ ତା ସ୍ତ୍ରୀର ପ୍ରଥମ ପୁରୁଷ ହୋଇନଥିଲେ ବି ଶେଷ ପୁରୁଷ ହୋଇ ରହିଯାଏ । ତେଣୁ ମୁଁ ତନୁର ସଭାବ୍ୟ ସଂଭୋଗ ଅପେକ୍ଷା ମନର ସଂଭାବ୍ୟ ସଂଗମକୁ ବେଶି ସମ୍ମାନ ଦିଏ । ସାମାଜିକ ବିବାହ ସେମାନଙ୍କୁ ପ୍ରଥମଟିର ଅଧିକାରୀ କରିପାରେ । କିନ୍ତୁ ଶେଷୋକ୍ତର ନୁହେଁ । ତୁମେ ଜାଣିଛ କି ନା ଜାଣିନି, ମୁଁ ଜାଣିଛି ତୁମ ସହିତ ମୋର ମାନସିକ ସ୍ତରରେ ଶୁଭ ପରିଣୟ ହୋଇସାରିଛି । ପ୍ରୀତିର ସାହାନାଇ ସ୍ୱରରେ, ପ୍ରଣୟର ବରମାଲ୍ୟ ପିନ୍ଧାଇ, ଅନୁରାଗର ସିନ୍ଦୂର ତୁମ ପ୍ରଶସ୍ତ ସିନ୍ଥିରେ ଦେଇ, ମୋ ହୃଦୟର ଫୁଲ ଶେଯରେ ପ୍ରଥମ ଦେଖାରେ ହିଁ ତୁମକୁ ମୁଁ ବଧୂ କରିନେଇଛି । ମନ ସହ ମନର ସଂଗମ କ'ଣ ସଂଭୋଗ ନୁହେଁ, ଆରତି ? ସେଇ ସଂଗମର ସଂଭୋଗରେ ମୋର ଅନେକ ସ୍ମୃତିର ସନ୍ତାନର ତୁମେ ଜନନୀ ହୋଇସାରିଛ । ଏ କିଛି କମ୍ କଥା !

ବର୍ଷାରେ ଭିଜି ଭିଜି ତୁମକୁ ବୋଧହୁଏ ସର୍ଦ୍ଦି ଧରିଥିଲା । ତୁମ ନାକରୁ ନିଗିଡ଼ି ପଡୁଥିବା ପାଣି ପୋଛି ଦେଉ ଦେଉ ମୁଁ କହୁଥିଲି-

ଆରତି, ତୁମର ପାନପତ୍ରୀ ଗୋଲ ମୁହଁ ସାଥେ ସାଥେ ତୁମ ଭ୍ରୂଲତାର ତିଳ ଚିହ୍ନ ଆଉ ଏଇ ଛୋଟ ନାକ ଯେମିତି ହୀରା, ନୀଳା, ଆଉ ମୋତି, ଏଇଠି ଅଭାବ ଅଛି ଏକ ମୁକ୍ତାର ।

ତୁମେ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରିଥିଲ-

:କ'ଣ ?

:ତୁମର ଏଇ ଛୋଟ ନାକରେ ଏକ ଛୋଟ ଧଳା ପଥର ବସା ନାକଫୁଲ ମୋ କଥିତ ମୁକ୍ତାର ସ୍ଥାନ ପୂରଣ କରିପାରିବ ।

ମୋ କଥା ଶୁଣି ହସିଉଠି କହିଥିଲ-

:ଜାଣିଛ ପ୍ରିୟଦର୍ଶୀ, ମୁଁ ଯେତେବେଳେ ଛୋଟ ଥିଲି, ମୋ ମାଆ ମୋ କାନ ଫୋଡ଼ିଥିଲା ବୋଲି ମୁଁ ସାତ ରାତି କାନ୍ଦିଥିଲି । ସେଥିପାଇଁ ମୋର ନାକ ଫୋଡ଼ିବାକୁ ଆଜି ପର୍ଯ୍ୟନ୍ତ କେହି ସାହସ କରିନାହାନ୍ତି । ନାକ ଫୋଡ଼ିଲେ କେତେ କଷ୍ଟ ହୁଏ ତାହା ତୁମେ ପୁରୁଷ ହୋଇ କାହୁଁ ଜାଣିବ ?

Digitized by srujanika@gmail.com

:ନୂପୁର ପିନ୍ଧିଲେ ଚାଲିବାରେ ଅସୁବିଧା ହୁଏ ଜାଣି ବି ନାରୀ ନୂପୁର ପିନ୍ଧେ । କଜ୍ଜଳ ନାଇଲେ ଆଖି ପୋଡ଼େ ଜାଣି ମଧ୍ୟ ନାରୀ କଜ୍ଜଳ ଲଗାଏ । ଶାଢ଼ୀର କାନି ବାରମ୍ବାର ଦେହରୁ ଖସିଯାଏ ବୋଲି ନାରୀ କ'ଣ ଶାଢ଼ୀ ପିନ୍ଧିବା ଛାଡ଼ିଦିଏ ? ନା ଆରତି, କଷ୍ଟ ହେଲେ ବି ଏମିତି ଅନେକ କାମ କରିବାକୁ ହୁଏ । ତା ଛଡ଼ା ତୁମେ ତ କହିଛ ଆଖି ନୀରରେ ଭିଜିଲେ ଦେହ ହାଲୁକା ଲାଗେ । ନାକ ଫୋଡ଼ି ଅନ୍ତତଃପକ୍ଷେ ମାସକ ପାଇଁ ଦିନରାତି କାନ୍ଦିଲେ ତୁମେ ବହୁତ ହାଲୁକା ହୋଇଯିବ । ଅଯଥା ଡାଏଟିଂରୁ ତ୍ରାହି ମିଳିଯିବ । ଆଉ ମୁଁ କେବେ ତୁମକୁ 'ମୋଟୀ-ଗେଡ଼ୀ' ବୋଲି ଭବିଷ୍ୟତରେ ଚିଡ଼ାଇବାକୁ ସୁଯୋଗ ପାଇବିନି ।

'ତୁମେ ଭାରି ଇଏ'- ଏହାହିଁ ଥିଲା ଆମ କଥୋପକଥନର ଉପସଂହାର । ଏମିତି ଏକ ଦିନ ପ୍ରତିଦିନର ଘୂର୍ଣ୍ଣନ ପ୍ରକ୍ରିୟାରେ ଆସିଲା ପରବର୍ଷର ଗ୍ରୀଷ୍ମଛୁଟି । ତୁମେ ପରୀକ୍ଷା ଦେଇ ଘରକୁ ଚାଲିଗଲ, ଆଉ ମୁଁ ତୁମ ସ୍ମୃତିର ସନ୍ତାନମାନଙ୍କର ଲାଳନ ପାଳନ କରିବାକୁ ଏଇ ମୃତ ସହରର ଇଲାକାରେ ପଡ଼ିରହିଲି । ମାଆ ପାଖରେ ନଥିଲେ ସନ୍ତାନମାନେ କେତେ ହଇରାଣରେ ବାପାଙ୍କୁ ପକାନ୍ତି ତାହା ତୁମେ କ'ଣ ଜାଣନା, ଆରତି ?

ତା'ପର କଥା ମୋର ସ୍ପଷ୍ଟ ମନେ ଅଛି । ଛୁଟିରେ ତୁମ ସହିତ ବସ୍‌ଷ୍ଟାଣ୍ଡରେ ଦେଖା ହୋଇଥିଲା ସେମିତି ଆଉ ଏକ ବର୍ଷଣମୁଖର ଦିନରେ ହିଁ । ମୁଁ ଭିଜି ଭିଜି ବସ୍ ପାଖକୁ ଯାଉଥିଲି ଆଉ ତୁମେ ବି ଭିଜିଭିଜି ତୁମ ବାନ୍ଧବୀ ଚିତ୍ରା ଗୋସ୍ୱାମୀ ସହ ବସ୍ ପାଖକୁ ଆସୁଥିଲ । ବସ୍ କିନ୍ତୁ ଆମପାଇଁ ଉଦ୍ଦିଷ୍ଟ ନଥିଲା । ହୁଏତ ଠିକ୍ ଏଇ ସମାଜ ଭଳି ! ବାଧ୍ୟ ହୋଇ ବସ୍‌ଷ୍ଟାଣ୍ଡର ସେଇ କଣ୍ଟା ଗଛ ପାଖରେ ଆମେ ଛିଡ଼ା ହୋଇଥିଲେ ।

ଆରତି, ମୁଁ ଲକ୍ଷ୍ୟ କଲି ତୁମେ ଅସମ୍ଭବ ଭାବେ ଗମ୍ଭୀରତାର ଏକ ନୂତନ ଧର୍ମରେ ଦୀକ୍ଷିତ ।

ତୁମେ ଜାଣକି ନା ମୁଁ ଜାଣେନା, ନାରୀପାଇଁ ଲଜ୍ଜା ଭୂଷଣ ଆଉ ପୁରୁଷ ପାଇଁ ଗାମ୍ଭୀର୍ଯ୍ୟ । ଯେଉଁ ନାରୀର ଲଜ୍ଜା ନଥାଏ, ସେ ନାରୀ ନୁହେଁ, ଆଉ ଯେଉଁ ପୁରୁଷର ଗାମ୍ଭୀର୍ଯ୍ୟ ନଥାଏ ସେ ପୁରୁଷ ନୁହେଁ । ତେବେ ଯେଉଁ ନାରୀର ଗାମ୍ଭୀର୍ଯ୍ୟ ଥାଏ ସେ ଲଜ୍ଜାହୀନ ପ୍ରାୟେ ପୁରୁଷଙ୍କ ଭଳି ହାତ ଫୁଙ୍ଗୁଳା ରଖିବା ଏବଂ ଯେଉଁ ପୁରୁଷର ଲଜ୍ଜା ଭୂଷଣ ସେ ନାରୀ ଭଳି ସଲଜ୍ଜା ପ୍ରାୟେ ହାତରେ ଚୁଡ଼ି ପିନ୍ଧିବା ବିଧେୟ କି ନା ମୁଁ କହିପାରିବିନି ।

ତୁମେ ବହୁତ ନମ୍ବର ରଖି ପରୀକ୍ଷାରେ ପାଶ୍ କରିଯାଇଥିଲ- ସେଥିପାଇଁ ହୁଏତ ଗମ୍ଭୀରତାର ପୁରୁଷ ହୋଇଯାଇଥିଲ । ଆଉ ମୁଁ ପରୀକ୍ଷାରେ ଫେଲ୍ ହୋଇଯାଇଥିଲି ବୋଲି ତୁମ ପାଖରେ ଲଜ୍ଜାରେ ନାରୀ ପାଲଟିଯାଇଥିଲି !

Digitized by srujanika@gmail.com

ସେଦିନ ସେମିତି ବର୍ଷା ତାର ରିମ୍‌ଝିମ୍ ସୁର ତୋଳିରଖିଥିଲା । ଦେଖିଲି ତୁମ ନାକ ସଦ୍ୟ ଫୋଡ଼ା ହୋଇଛି-ଆଉ ସେଇଠି ବର୍ଷାର ବିନ୍ଦୁ ଯେମିତି ମୁକ୍ତାର ପରିପୂରକ ସାଜିଛି ।

ତୁମେ ମୋତେ ଦେଖି କିଛି କହିଲନି, ବରଂ ତୁମ ବାନ୍ଧବୀ ସହିତ ମୋତେ ନ ଦେଖିଲା ଭଳି କଥାବାର୍ତ୍ତା ହେବାରେ ଲାଗିଲ । ମୁଁ ଜଣେ ଅତି ପରିଚିତ ଅପରିଚିତ ପାଲଟିଗଲି ।

ଆରତି, ମୁଁ ମୋ ହାତ ଘଣ୍ଟାକୁ ଦେଖିଲି ବସ୍ ସମୟ ଜାଣିବାକୁ । ତୁମର ହାବ-ଭାବ ଦେଖି ଜଣା ପଡୁଥିଲା, ବସ୍ ଆସିଲେ ତୁମେ ହୁଏତ ମୋତେ କିଛି ନ କହି ଚାଲିଯିବ । ସେଥିପାଇଁ ମୁଁ ବର୍ଷାକୁ ମନେ ମନେ କହୁଥିଲି-

ରେ ବର୍ଷା । ତୁ ବିରହୀ ପକ୍ଷୀର ମନ ବୁଝି ସେମିତି ବର୍ଷୁଥା । ଶହେ ବର୍ଷ ପର୍ଯ୍ୟନ୍ତ ବର୍ଷୁଥା । ମୋ ପ୍ରିୟା ଯେମିତି ଏଇଠୁ ମୋତେ ଛାଡ଼ି କୁଆଡ଼େ ଯାଇନପାରୁ । ଆଉ ତା ସହିତ ବସ୍ ନ ଆସୁ ବୋଲି ମନେ ମନେ ପ୍ରାର୍ଥନା କରୁଥିଲି ।

ବର୍ଷା ହୁଏତ ମୋ କଥା ମାନିଲା । ଆହୁରି ଜୋର୍‌ରେ ବର୍ଷିଲା; କିନ୍ତୁ ଅଧମ ବସ୍ ମୋ କଥା ନ ମାନି ଆସିଗଲା । ତୁମେ ବସ୍‌ରେ ଚଢ଼ିବାକୁ ଉଦ୍ୟତ ହେଲ ।

ଅନେକ ଥର ତୁମେ ବସ୍‌ର ସୋପାନ ଚଢ଼ିଲାବେଳେ ତୁମର ଗୋଡ଼ର ସୌନ୍ଦର୍ଯ୍ୟକୁ ଶାଢ଼ୀ ଟେକି ହେବା ଅବସରରେ ଦେଖିଛି । ସେଦିନ ମୁଁ କିନ୍ତୁ ତୁମର ହାତ ଘଣ୍ଟାକୁ ଦେଖି କେତେଦୂର ମୋଠାରୁ ଆଗେଇଯାଇଛ ଜାଣିବାକୁ ଚାହୁଁଥିଲି ।

ଆରତି, ତୁମ ହାତରେ ଘଣ୍ଟା ନ ଥିଲା- ହୁଏତ ତାକୁ ଅଦରକାରୀ ବୋଲି କେବେଠୁ ଫିଙ୍ଗି ଦେଇଥିଲ ।

ମୁଁ ସେତେବେଳେ ଜାଣିନଥିଲି ତୁମେ ଏଇଠୁ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ପାଇଁ ଆଉ କେଉଁଠାକୁ ଚାଲିଯିବ । ଆଉ ମୁଁ ତୁମପାଇଁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ଏଇଠି ପଡ଼ି ରହିବି । ତୁମ ଆଖିରେ ପାଠ ପଢ଼ା ଆଉ ପ୍ରେମ ଯେମିତି ଏକ କଥା ହୋଇଯିବ ! ନୂଆ ବହିକୁ ଛାତିରେ ଯାକି ଗଲାବେଳକୁ ତୁମର ଏଇ ଦୂର ଅତୀତର ପୁରୁଣା ବହିଗୁଡ଼ାକୁ ଭୁଲିଯାଇଥିବ । ଆଉ ତୁମର ମନେ ପଡ଼ିବନି ତାଙ୍କ ପାଇଁ ତୁମେ ବଡ଼ ହୋଇଛ- ତାଙ୍କ ଛାତିର ଉଷ୍ମତା ନେଇ ତୁମେ ନିଜେ ଅତୀତରେ ନିଜକୁ ଉଷ୍ମ କରିଛ !

ସେଦିନ ଜାଣି ନ ଥିଲି ମୁଁ ବି ତୁମର ପରିତ୍ୟକ୍ତ ସେଇ ଏକ ପୁରୁଣା ବହି-ଯିଏ ଦିନେ ଅଳି ପ୍ରାୟେ ତୁମକୁ କଳିରୁ ଫୁଲ କରି ତୋଳିଥିଲା । ତୁମେ ଫୁଲର ସୌରଭରେ ଝୁମି ଆଜି ମୋତେ ଭୁଲିଯାଇଛ, ଏକଥା ମୋର ଜାଣିବା ଉଚିତ ଥିଲା !

ଆରତି, ସେଦିନ ମୁଁ ବସ୍‌ରୁ ସେମିତି ଭିଜିଭିଜି ଓହ୍ଲାଇପଡ଼ିଲି । ଭାବିଥିଲି ଆଉ ଦିନେ ଦେଖା ହେଲେ ତୁମକୁ କଥା କହିବିନି । ଅଭିମାନ କରି ବସିବି । କିନ୍ତୁ ଅଧିକାର ନ ଥାଇ ଅଭିମାନ କଲେ ଲାଭ କ'ଣ ମିଳେ କୁହ ?

Digitized by srujanika@gmail.com

କିନ୍ତୁ ପାରିଲିନି । ଯେମିତି ଏକ ବସ୍‌ଷ୍ଟାଣ୍ଡରେ ତୁମକୁ ଦିନେ ପାଇଥିଲି, ସେମିତି ଏକ ବସ୍‌ଷ୍ଟାଣ୍ଡରେ ହିଁ ତୁମକୁ ହଜାଇବସିଲି । କେବଳ ଫରକ୍‌ଟା ଏତିକି ଯେ, ଯେଉଁଠୁ ବସ୍‌ରେ ବସିଥିଲି ସେଇଠୁ ତୁମକୁ ପାଇଥିଲି- ଆଉ ଯେଉଁଠି ଯାତ୍ରା ଶେଷ ହୋଇଥିଲା ସେଇ ବସ୍‌ଷ୍ଟାଣ୍ଡରେ ତୁମକୁ ହଜାଇବସିଲି ।

ଆରତି, ଏବେ ମୋ ହାତ ଘଣ୍ଟାର ସମୟ ଦିନକୁ ଘଣ୍ଟାଏ ଡେ଼ରି ହେଲେ ବି ମୁଁ ଜାଣେ ଯେ ଏହା ବାର ଦିନରେ ଥରେ ଠିକ୍ ସମୟ ଦେବ । ଆଉ ତାରି ଅପେକ୍ଷାରେ ମୁଁ ଏହାକୁ ବଦଳାଇବାକୁ ଇଚ୍ଛା କରିନି । ଯଦି ସଠିକ୍ ଭାବେ କହିପାରିବ ତୁମର ମୋର ଆଗାମୀ ମିଳନ ସେମିତି ବାରଟି ଜନ୍ମ ପରେ ସମ୍ଭବ ହୋଇପାରିବ, ତେବେ ମୁଁ ସେଇ ସମୟ ପର୍ଯ୍ୟନ୍ତ ତୁମ ପ୍ରତୀକ୍ଷାରେ ରହିପାରିବି । ଆଉ କେଉଁ ଏକ ଜନ୍ମରେ ହୁଏତ କେଉଁ ଏକ ଶ୍ରାବଣର ଶେଷ ବର୍ଷାରେ ଭିଜିଭିଜି କହିବି-

:ରେ ବର୍ଷା, ତୁ ସେମିତି ବର୍ଷୁଥା । ଆହୁରି ଜୋର୍‌ରେ ବର୍ଷୁଥା । ଜୀବନସାରା ବର୍ଷୁଥା । ମୋ ପ୍ରିୟା ସାରା ଜୀବନ ତାରି ପଣତ ତଳେ ମୋତେ ଲୁଚାଇରଖିଥାଉ ।

ବର୍ଷାରେ ଭିଜିଭିଜି ମୁଁ ସେମିତି ଚାଲିଥିଲି । ଭାବୁଥିଲି ଏଇତ ଶ୍ରାବଣର ଶେଷ ବର୍ଷା । ଜୀବନରେ ଏମିତି ଅନେକ ଶ୍ରାବଣ ଆସିବ । କେତେ ଥର ତାର ଶେଷ ବର୍ଷାରେ ଆମେ ମତୁଆଲା ହୋଇ ଭିଜିବା, ବିତିଲା ଦିନକୁ ପଛକୁ ଫେରି ଚାହିଁବା । କିନ୍ତୁ ମୁଁ ଜାଣି ନଥିଲି, ସେ କେବଳ ଶ୍ରାବଣର ଶେଷ ବର୍ଷା ନଥିଲା- ସେ ଥିଲା ଶେଷ ଶ୍ରାବଣର ବର୍ଷା । ମୋ ଜୀବନରେ ହୁଏତ ଅନେକ ଶ୍ରାବଣର ଶେଷ ବର୍ଷାରେ ଭିଜିବାର ଦିନ ଆସିବ- କିନ୍ତୁ ତୁମକୁ ସାଥିରେ ନେଇ ଭିଜିବାର ଏହାହିଁ ତ ଶେଷ ଶ୍ରାବଣର ବର୍ଷା ।

ଆରତି, ମୁଁ ଉପେକ୍ଷିତ ଚାତକ ଶେଷ ଶ୍ରାବଣର ବର୍ଷା ପ୍ରାୟେ କାନ୍ଦିଉଠିଲି । ପ୍ରିୟା-ବିରହୀ ମେଘ ପ୍ରାୟେ ବିଗଳିତ ହେବାକୁ ଲାଗିଲି । ତୁମେ ତ କହିଥିଲ ବର୍ଷାରେ ଭିଜିଲେ ଦେହ ଭାରି ଭାରି ଲାଗେ । କିନ୍ତୁ ଆଖି ନୀରରେ ଭିଜିଲେ ହାଲୁକା ଲାଗେ । ନା, ଆରତି ଏବେ ମୁଁ ବର୍ଷାରେ ଭିଜି ଦେହ ଖରାପ କଲେ ମନ ହାଲୁକା ଲାଗୁଛି । ଏଇଥିପାଇଁ ଯେ ମୋର ମୃତ୍ୟୁ ଆସନ୍ନ; କିନ୍ତୁ ଆଖି ନୀରରେ ଭିଜିଲେ ମନ ଭାରି ଲାଗୁଛି । ଭାବୁଛି ମୁଁ ଏତେ ସହଜରେ ମରିପାରିବିନି, ମୋତେ ହୁଏତ ଆହୁରି ଅନେକ କଷ୍ଟ ସହିବାକୁ ହେବ ।

ଆରତି, କହିପାରିବ ଆଖି ନୀରରେ ଭିଜିଲେ କେବଳ ଝିଅମାନଙ୍କର ମନ ହାଲୁକା ଲାଗେ । ଆଉ ପୁଅମାନଙ୍କର ମନ କ'ଣ ଭାରିଭାରି ଲାଗେ ??

Digitized by srujanika@gmail.com

ଭଲ ପାଇବାର ମାନେ

ଆରତି !

ତୁମେ ଥିଲ ମୋର ସେଇ ନାୟିକା ଯାହାର କାହାଣୀ ଶୁଣି ହଜାରେ ଏକ ରାତ୍ରି ବିତାଇ ଦେବାର ସ୍ୱପ୍ନ ମୁଁ ଦିନେ ଦେଖିଥିଲି । କିନ୍ତୁ ତୁମେ ଆଜି ମୋଠାରୁ ବହୁତ ଦୂରରେ ଅଛ । ତଥାପି ତୁମର ଏଇ ସ୍ମୃତିର ଆରବ୍ୟ କାହାଣୀ ଏକ ହଜାର ଏକ ରାତ୍ରି ନୁହେଁ, ଶତଶତ ହଜାର ରାତ୍ରି ମୋତେ ଉଜାଗର ରଖିପାରିଛି, ଏ କ'ଣ କିଛି କମ କଥା !

ସତରେ ଜୀବନରେ ଅନେକେ ମୋ ଗଳ୍ପର ନାୟକ ନାୟିକା ହୋଇ ଆସିଛନ୍ତି- ପୁଣି ଯାଇଛନ୍ତି । କିନ୍ତୁ ମୁଁ କଳ୍ପନା କରିନଥିଲି, ସ୍ୱପ୍ନରେ ସୁଦ୍ଧା ଭାବିନଥିଲି ମୁଁ ଦିନେ ନାୟକ ହେବି ମୋ ନିଜ ଗଳ୍ପରେ-ଆଉ ସେ କାହାଣୀ ପୁଣି ହେବ ମୋ ଝରା ଅତୀତର ଅଲିଭା ସ୍ମୃତିର ପୃଷ୍ଠାରୁ ପୃଷ୍ଠାଏ ।

ଆରତି, ତୁମର ମନେଥିବ ମୁଁ ତୁମକୁ ନେଇ କୋଣାର୍କର ବେଳାଭୂମିରେ ବୁଲିଥିଲି- ଅସ୍ତାୟମାନ ସୂର୍ଯ୍ୟ ଯେମିତି ଦିନସାରା ହୋରି ଖେଳି ନିଜ ଦେହକୁ ସମୁଦ୍ରରେ ଧୋଇ ଲାଲ୍ କରିପକାଇଥିଲା ।

ତୁମେ ମୋର କେଉଁ ଏକ ପ୍ରଶ୍ନର ଜବାବ ଦେବାକୁ ଯାଇ ହଠାତ୍ ଯେମିତି ପ୍ରଗଳ୍ଭା ହୋଇଉଠିଥିଲ ।

ସବୁ ଝିଅ ତ ସୀତା ସାବିତ୍ରୀ ନୁହନ୍ତି, ସେମାନଙ୍କ ଭିତରେ ଉର୍ବଶୀ, ମେନକା ବି ତ ଥାଆନ୍ତି ।

ତୁମ କଥା ଶୁଣି ତୁମକୁ ରଗାଇବାକୁ କହିଥିଲି-

ତୁମେ କେଉଁ ଶ୍ରେଣୀୟ, ଆରତି ?

ତୁମେ କିଛି ନ କହି ଗୋଡ଼ ଦୁଇଟାକୁ ଫୁଙ୍ଗୁଳା କରି ହଠାତ୍ ଦୌଡ଼ିବା ଆରମ୍ଭ କରିଦେଇଥିଲ ।

Digitized by srujanika@gmail.com

ଆକାଶରେ ପୂର୍ଣ୍ଣିମାର ଚାନ୍ଦ ଉଇଁ ସାରିଥିଲା । ସମୁଦ୍ରରେ ଜୁଆର । ତୁମେ ଓଦା ହୋଇ ଯାଇଥିଲ ଜୁଆରର ଲୁଣି ଜଳରେ ।

ଜୁଆର ସହିତ ପୂର୍ଣ୍ଣିମାର ସମ୍ପର୍କ ଏକାନ୍ତ ଆଦିମ । ଜହ୍ନଟା ବଉଦ କୋଳରେ ମୁଣ୍ଡ ଗୁଞ୍ଜିଲା । ତୁମେ ଯାଇ ଅନତିଦୂରରେ ବସିଥିଲ ବାଲିକୁଦ ଉପରେ ।

ମୁଁ ତୁମକୁ ପାଖକୁ ଟାଣିଆଣିଲି । ଛୋଟ ପିରାମିଡ୍ ଭଳି ବାଲିକୁଦ ହଠାତ୍ ଭାଙ୍ଗିଗଲା ।

ଜୀବନଟା ବି ଠିକ୍ ଏମିତି - ସମ୍ପର୍କଟା ପୁଣି ତାଠାରୁ ବଳି । ତୁମର ମୋର ସମ୍ପର୍କ ଯେ ଏମିତି କେବେ ଭାଙ୍ଗିଯାଇପାରେ, କିଏ କହିବ ?

ତୁମେ ଓ ମୁଁ ବେଳାଭୂମିର ଏକ ନିର୍ଜନ ଅଂଶକୁ ଚାଲିଆସିଥିଲେ । ଝାଉଁ ଗଛର ପତ୍ରେ ପତ୍ରେ ପବନର ବିଳାପ ଠିକ୍ ସଦ୍ୟ ବିଧବା ରମଣୀର କ୍ରନ୍ଦନ ଭଳି ଶୁଭୁଥିଲା ।

- ଆରତି

- ହୁଁ

- କହିପାରିବ ଝିଅମାନେ ଫୁଲକୁ କାହିଁକି ଭଲ ପାଆନ୍ତି ।

- ତା'ର ସୌରଭ ପାଇଁ !

- ତାକୁ ଛିଣ୍ଡାଇ ଖୋସାରେ ଖୋସନ୍ତି କାହିଁକି ?

- ଖୁସିରେ !

- ନା, ଈର୍ଷା ଯୋଗୁଁ । ଯେ ନିଜେ ଅସୁନ୍ଦର-ସେ ଫୁଲ ତାଠାରୁ ସୁନ୍ଦର ଭାବି ରାଗରେ ଛିଣ୍ଡାଇଦିଏ । ସେ ଚାହେଁ ତା'ର ପ୍ରତିଦ୍ୱନ୍ଦୀର ସୌନ୍ଦର୍ଯ୍ୟ ଛିନ୍‌ଭିନ୍ କରି ନଷ୍ଟ କରିଦେବାକୁ ।

ଆରତି, ତୁମ ଗଭାରେ ସେତେବେଳେ ଥିଲା ସଦ୍ୟ ପ୍ରସ୍ଫୁଟିତ ମଲ୍ଲୀଫୁଲର ମାଳ । ମୁଁ ସେକଥା ଲକ୍ଷ୍ୟ କରିପାରିନଥିଲି, ତୁମେ ହଠାତ୍ ରାଗିଉଠି କହିଲ-

- ପ୍ରିୟଦର୍ଶୀ, ତା'ହେଲେ ତୁମେ କହୁଛ, ମୁଁ ସୁନ୍ଦରୀ ନୁହେଁ । ସେଥିପାଇଁ ଫୁଲକୁ ମୁଁ ଛିଣ୍ଡାଇ ଗଭାରେ ଖୋସିଛି, ନୁହେଁ ?

- ଆରତି !

- ଛାଡ଼, ଜଣା ପଡ଼ିଗଲା ତୁମେ ମୋତେ କେତେ ଭଲ ପାଅ ! ତୁମେ ମୋଠାରୁ ଦୂରେଇ ବସିଥିଲ ତା'ପରେ ।

ଆକାଶରେ ବାଦଲ ଓ ଜହ୍ନର ଲୁଚକାଳି ଆଉ ବେଳାଭୂମିରେ ତୁମ-ମୋ ମନର ଲୁଚକାଳି ଖେଳ ଦେଖି ମୁଁ ଆତ୍ମହରା ହୋଇପଡୁଥିଲି । ସେଦିନ ମୁହଁ ଫୁଲାଇ ଚାଲିଯାଇଥିଲ ।

ତା'ପରଦିନ ତୁମ ବଗିଚାରେ ତୁମ ସହିତ ଦେଖାହେଲା ।

Digitized by srujanika@gmail.com

: ଆରତି !

: ହୁଁ ।

: କ'ଣ କରୁଛ ?

: ଫୁଲ ଛିଣ୍ଡାଉଛି ।

: କାହିଁକି ?

: ଈର୍ଷାରେ...

ତୁମେ ଅନେକ ଫୁଲ ଛିଣ୍ଡାଇସାରିଥିଲ । ମୁଁ ତୁମ ହାତ ଧରି କହିଥିଲି-

: ଦୋଷଟା ମୋର । ବିଚାରୀ ଫୁଲ ଉପରେ ତୁମର ଏତେ ରାଗ କାହିଁକି ?

: ଜାଣିଛ ତ ମୁଁ ଅସୁନ୍ଦରୀ ବୋଲି ଈର୍ଷା ହେଉଛି ଫୁଲ ଉପରେ ।

: ତୁମେ ଅସୁନ୍ଦରୀ ବୋଲି ମୁଁ ତ କେବେ କହିନି । ସତରେ ଆରତି, ତୁମେ ଏତେ ସୁନ୍ଦରୀ ଯେ ତୁମର ଉପମା ନାହିଁ । ତୁମର ସ୍ୱର୍ଶ ମୋର ଲୋଡ଼ା ନାହିଁ, ତୁମର ଚାହାଣୀରେ ମୁଁ ତୁମର ଜନ୍ମ ଜନ୍ମର ସ୍ୱର୍ଶ ଲାଭ କରିପାରେ ।

: ମିଛ । ମୁଁ ତ ଭାରି ଅସୁନ୍ଦରୀ ।

: ତୁମର ରାଗ ସରିନି ତାହାହେଲେ ।

: କେଉଁ ଅଧିକାରରେ ମୁଁ ତୁମ ଉପରେ ରାଗିବି କୁହ ?

ତୁମ ମୁହଁ ଅନେକ ଅଭିମାନ ବୋଝରେ ଭାରାକ୍ରାନ୍ତ ହୋଇଉଠୁଥିଲା ।

ମୁଁ ତୁମର ମାନ-ଭଞ୍ଜନ କରିବାକୁ ଯାଇ କହିଥିଲି-

: ଭଲ ପାଇବାର ଅଧିକାରରେ !

: ଭଲ ପାଇବାର ସଂଜ୍ଞା ଜାଣିଛ ?

: ନା ।

: ତାହାହେଲେ କେମିତି କହୁଛ ?

: ସେଇ କଥାତ ତୁମକୁ ପଚାରୁଛି ।

: ମୁଁ ବି ଜାଣେନାହିଁ ।

: ତାହାହେଲେ ଆସ ଏଇ ଫୁଲକୁ ପଚାରିବା ।

: ପଚାର ତୁମର ସେଇ ପରମା ସୁନ୍ଦରୀକୁ !

ତୁମେ ଚାଲିଯାଉଥିଲ ।

: ଆରତି- ଏ ଆରତି । ତୁମକୁ ମୋ ରାଣ । ଦେଖ ଫୁଲ କଣ କହୁଛି ।

: ହଉ, ପଚାର ।

ମୁହଁ ବିକୃତ କରି ତୁମେ ଜବାବ ଦେଇଥିଲ ।

ଆରତି, ତୁମର ମନେଥିବ ମୁଁ ଗୋଟିଏ ଗୋଲାପ ଫୁଲ ପାଖକୁ ଯାଇ କହିଥିଲି-

Digitized by srujanika@gmail.com

: ଏ ଫୁଲ, କହିଲୁ ଭଲ ପାଇବାର ମାନେ ।

ତାପରେ ତୁମକୁ ଡ଼ାକି କ'ଣ କହୁଛି ଶୁଣିବାକୁ କହିଥିଲି । ତୁମେ ଆସି ଫୁଲ ପାଖରେ କାନ ଲଗାଇ ଯେମିତି କିଛି ଶୁଣିବାକୁ ଚାହୁଁଥିଲ ।

: କ'ଣ କହୁଛି ? -ମୁଁ ପ୍ରଶ୍ନ କରିଥିଲି ।

: ନା, ମୋତେ ତ କିଛି କହୁନି । ମୋତେ ବୋଧହୁଏ ଲାଜ କରୁଛି ।

ଫୁଲ- ତୋ' ସାହେବଙ୍କୁ ତାଙ୍କ କଥାର ଜବାବଟା ଦେଇଦେ ।

ତାପରେ ମୁଁ ଫୁଲଟିକୁ କାନରେ ଲଗାଇ କିଛି ଶୁଣିବାର ଛଳନା କରିଥିଲି ।

: କ'ଣ କହୁଛି ? -ତୁମେ ପ୍ରଶ୍ନ କରିଥିଲ ।

: ଶୁଣୁଛି ତ ।

: ମୋତେ ବି କୁହନା ।

: ଫୁଲ କହୁଛି ସେ ଆଜି ଭଅଁରର ପ୍ରତୀକ୍ଷାରେ ବ୍ୟସ୍ତ ଅଛି । କାଲି ଆସିଲେ ମୋ କଥାର ଜବାବ ଦେବ ।

ତାପରେ ତୁମେ ଓ ମୁଁ ଚାଲିଯାଇଥିଲେ ।

ଆରତି, ତୁମର ବେଶ ମନେଥିବ ସେଦିନ ରାତିରେ ଭୀଷଣ ଝଡ଼ ଆସିଥିଲା । ବିଚାରୀ ଫୁଲଟି ବୃନ୍ତଚ୍ୟୁତ ହୋଇ ବଗିଚାରେ ପଡ଼ିଥିଲା । ପହଞ୍ଚିଲା ବେଳକୁ ତୁମେ ସେଇ ବୃନ୍ତଚ୍ୟୁତ ଫୁଲ ପାଖରେ ବସିଥିଲ ।

: ଆରତି ।

: ହୁଁ ।

: କ'ଣ ଭାବୁଛ ?

: ଏଇ ଫୁଲଟିର କଥା । ବିଚାରୀ ମୋତେ ଭଲ ପାଇବାର ମାନେ କହିଦେଇ ଯାଇଛି ।

: କ'ଣ କହୁଛି ?

: ଭଲ ପାଇବାର ମାନେ ଏଇ ଫୁଲ ଭଳି ଅକାଳେ ଝଡ଼ି ପଡ଼ିବା । କୁହ ପ୍ରିୟଦର୍ଶୀ, ସତରେ ମୁଁ ବି କ'ଣ ଏଇ ଫୁଲ ଭଳି ଦିନେ ଅକାଳେ ଝଡ଼ି ପଡ଼ିବି ?

ମୁଁ ତୁମ କଥା ଶୁଣି ଫୁଲଟିକୁ ଧୂଳିରୁ ଝାଡ଼ି ନିଜ ହାତ ପାପୁଲିରେ ଟୋକିନେଇ କହିଥିଲି-

ନା, ଆରତି । ଏ ଫୁଲ ଭୁଲ କହିଛି । ବିଚାରୀ ଭଲ ପାଇବାର ସଂଜ୍ଞା ହୁଏତ ଜାଣିନି । ଅକାଳେ ଝଡ଼ି ପଡ଼ିବା ଭଲ ପାଇବାର ମାନେ କେବେ ହୋଇପାରେନା । ଝଡ଼ିପଡ଼ିଥିଲେ ପୁଣି ନିଜ କୋଳକୁ ଟୋକିନେବା ହିଁ ଭଲ ପାଇବାର ପ୍ରକୃତ ଅର୍ଥ । ଭଲ ପାଇବା ଉପବନରେ ମଳୟ ସାମୟିକ ଭାବେ ଲୁଚକାଳି ଖେଳେ । କିନ୍ତୁ ଅନେକ ସମୟରେ

Digitized by srujanika@gmail.com

ଝଡ଼ ହୁଏ । ଏହା ଝଡ଼ ନୁହେଁ, ଏହା ବରଂ ଭଲ ପାଇବାର ପରୀକ୍ଷା । ତୁମେ ଯଦି ଏଇ ଝଡ଼ରେ ଅକାଳେ କେବେ ଝଡ଼ିପଡ଼ିବ, ତେବେ ମୁଁ ତୁମକୁ ପୁଣି କୋଳକୁ ଟେକିନେଇ ପାରିବି । ତୁମେ ମୋ ଉପରେ ସର୍ବତୋଭାବେ ଭରସା ରଖିପାର, ଆରତି ।

ଆରତି, କିନ୍ତୁ ମୁଁ ଏଇଠି ଭୁଲ କରିଥିଲି । ପଥରକୁ ଦେବୀ ବୋଲି ଭାବି ମୁଣ୍ଡ ପିଟିଲେ ପଥରର କିଛି ହୁଏନି, ବରଂ ନିଜ ମୁଣ୍ଡ ଫାଟି ବୁନ୍ଦା ବୁନ୍ଦା ରକ୍ତ ବୋହିବାହିଁ ସାର ହୁଏ ।

ଆରତି, ଆଜି ତୁମେ ଚେଷ୍ଟା କଲେ ଦେଖିପାରିବ ମୋ କପାଳରୁ ବି ସେମିତି ବୁନ୍ଦାବୁନ୍ଦା ରକ୍ତ ଝରୁଛି, ଆଉ ସେଇ ତତଲା ରକ୍ତରେ ମୋର ଭଲ ପାଇବାର ମାନେ ଚିରଦିନ ପାଇଁ ଅଲିଭା ସ୍ୱର୍ଣ୍ଣାକ୍ଷରରେ ଲେଖା ହୋଇରହିଛି !!!

Digitized by srujanika@gmail.com

ଅଳ୍ପ ଦିନର ଗଳ୍ପ

ଅରଣ୍ୟ ରୋଦନ ଶ୍ରୁତିର ଅଶ୍ରୁତ ବୋଲି ଜ୍ଞାତ ଥିଲେ ହେଁ କେବେଥରେ କୌଣସି ଏକ ଅରଣ୍ୟକୁ ଯାଇ ରୋଦନ କରି କେହି ଶୁଣିପାରୁଛନ୍ତି କି ନାହିଁ ପରୀକ୍ଷା କରି ଦେଖିବାର ଏକ ଅହେତୁକ ଇଚ୍ଛା ପିଲାଟି ଦିନରୁ ମୋ ମନକୁ ପ୍ରଲିପ୍ତ କରି ରଖିଥିଲା । ସେଥିପାଇଁ ସେଦିନ ମୟୂରଭଂଜର ଶାନ୍ତ ବନାନୀର ସବୁଜିମା-ଗନ୍ତାଘର 'ଶିମୁଳିପାଳ' ଗଲାବେଳେ ମୋ ମନ ଖୁସିରେ ନାଚି ଉଠୁଥିଲା । ବିପଦସଂକୁଳ ସର୍ପିଳ ରାସ୍ତାରେ ମୋ ଜିପ୍ ଯେତେବେଳେ ଘଞ୍ଚ ଅରଣ୍ୟରେ ପ୍ରବେଶ କରୁଥିଲା, ସେତେବେଳେ ମୋର ସହସା ଭାବାନ୍ତର ଘଟିଲା । ମନେହେଲା କାନ୍ଦିବା ପାଇଁ ଆମ ସହରରେ ଅନେକ ଜାଗା ଅଛି, କିନ୍ତୁ ମନ ଖୋଲି ହସିପାରିବାର ସ୍ଥାନଟିଏ ସେଇଠି କେବେ ବି ଖୋଜିପାଇନି । ଶିମୁଳିପାଳ ଦେଖି ମନେ ହେଲା, ଏଇଟା କପଟତାର ଥର୍ ମରୁଭୂମି, ସରଳତାର ଉର୍ବର ଗାଂଗେୟ ସମତଳ ଅଂଚଳ । ବୁଢା-ବଳଂଗ ନଈ, ବରେଇ ପାଣି ଓ ଜୋରନ୍ଦା ଜଳ ପ୍ରପାତ ଦେଖି ମନେହେଲା, ସତେ ଯେମିତି ହସର ଝରଣା ଖିଲ୍‌ଖିଲ୍ ହୋଇ ଝରୁଛି । ଏଇଠି କାନ୍ଦିବାର ଜାଗା ମୁଁ ଖୋଜିପାଇଲିନି !!

ଏଇ ଜନ-ଶୂନ୍ୟ ଘଂଚ ବନାନୀକୁ ଏବେ ସରକାର 'ଅଭୟାରଣ୍ୟ'ରେ ପରିଣତ କରିଛନ୍ତି । ପ୍ରାକୃତିକ ପରିବେଶକୁ ସଂରକ୍ଷିତ କରିବା ପାଇଁ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି । ଜିପ୍‌ରେ ଗଲାବେଳେ ରାସ୍ତାକଡରେ ହରିଣ, ମାଙ୍କଡ, ହାତୀ ଇତ୍ୟାଦି ନିର୍ଭୟରେ ବୁଲୁଥିବାର ଲକ୍ଷ୍ୟ କଲି । ଏହି ଅଭୟାରଣ୍ୟରେ ବିଭିନ୍ନ ପଶୁପକ୍ଷୀ ଏକ ପରିବାର ଭଳି ରହିଛନ୍ତି । ଶିମୁଳିପାଳର ଗର୍ଭବତୀ ନିସ୍ତବ୍ଧତାର ଏକ ନିଜସ୍ୱ ସ୍ୱର ରହିଛି । ଏଠାକୁ ଆସିଲେ ନିଜକୁ ବଂଧନମୁକ୍ତ ଲାଗେ । ଏଇ ପଶୁପକ୍ଷୀଙ୍କ ପରିବାର ଦେଖି ମୋର ମଣିଷ କଥା ମନେ ପଡିଲା । ପଶୁ କ୍ଷୁଧା ନିବାରଣ ପାଇଁ ଅପରକୁ ମାରି ଖାଏ । ଆମେ କିନ୍ତୁ ଅମୃତର ସନ୍ତାନ । ଆମେ କ'ଣ ଏକ ପରିବାର ଭଳି ପୃଥିବୀରେ ବାସ କରୁଛୁ ? ହିଂସା, ଦ୍ୱେଷ ଓ ପରଶ୍ରୀକାତରତାର ଶିକାର ହୋଇ ଆମେ ପୃଥିବୀକୁ ଏକ ଜନ-ଅରଣ୍ୟ କରିଦେଲିଛୁ -

Digitized by srujanika@gmail.com

ମୃତ ଇଲାକାରେ ପରିଣତ କରିଆସିଛୁ । ଜୀବନର ଅର୍ଦ୍ଧ ଶତାବ୍ଦୀ ସହରରେ କଟିଛି । ସେଥି ପାଇଁ ଆଜି ସହର ଛାଡି ଶିମୁଳିପାଳ ଜଂଗଲକୁ ଆସୁଛି ଏକ ନୂତନ ସୂର୍ଯ୍ୟାଲୋକର ଅଭିଷିକ୍ତ ହେବାକୁ । ଯନ୍ତ୍ରବତ୍ ଯନ୍ତ୍ରୀ ଜୀବନର, ସଂଚିତ ଧନରେ ମୁଁ ଏଇ ଜଂଗଲରେ ଏକ ଫାର୍ମ କରି ଶେଷ ଜୀବନ ଅବସର ନେବି ବୋଲି ଭାବିଛି । ଯେଉଁ ଦିନ ମୁଁ ବାରିପଦା ଷ୍ଟେଟ୍‌ବ୍ୟାଙ୍କରୁ ଏକ ମୋଟା ଅଂକର ଟଂକା ଉଠାଇ ଏଠାରେ ଜମି କିଣିଲି ସେଦିନ ମୋ ନିଜ ଘରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲି । ଆଦିବାସୀଙ୍କ ଉନ୍ନତି କଳ୍ପେ ଏଇ ପ୍ରକଳ୍ପ ଉଦ୍ଦିଷ୍ଟ ଥିବାରୁ ସରକାର ସିନା ମୋତେ ଅନୁମତି ଦେଲେ, କିନ୍ତୁ କାଳେ ଆଦିବାସୀ-ଜଂଗଲୀ ହୋଇଯିବି ସେଇ ଆଶଂକାରେ ମୋ ସ୍ତ୍ରୀ ପ୍ରତିରୋଧ କରି କହିଥିଲେ - ମୋ ସହିତ ଜଂଗଲକୁ ଯାଇ ସେ ଜଂଗଲୀ ହୋଇପାରିବେନି । ତାଂକ କଥାକୁ ସମର୍ଥନ କରିଥିଲେ ମୋର ପୁଅ ବିପ୍ଳବ ଆଉ ଝିଅ ମନିକା ।

ମୁଁ କିନ୍ତୁ ମୋ ସିଦ୍ଧାନ୍ତରେ ଅଟଳ ରହିଥିଲି । ମୋ ସ୍ତ୍ରୀ ଅବସରପ୍ରାପ୍ତ ସାମରିକ ଡାକ୍ତରଙ୍କ ଅଲିଅଳୀ କନ୍ୟା ଏବଂ ମୋ ପୁଅଝିଅମାନେ ଅବସରପ୍ରାପ୍ତ ଇଂଜିନିୟରର ସନ୍ତାନ । ସେମାନେ କେମିତି ମୋ ସହିତ ଜଂଗଲକୁ ଆସନ୍ତେ ? କିନ୍ତୁ ମୁଁ ନଥିଲି ଏଭଳି ତଥାକଥିତ ସଂଭ୍ରାନ୍ତ ଡାକ୍ତର, ଇଂଜିନିୟର, ଅଧ୍ୟାପକ ଅଥବା ଓକିଲଙ୍କର ପୁଅ । ମୁଁ ଥିଲି ବ୍ରିଟିଶ୍ ପ୍ରଶାସନିକ ଅଭିଧାନର ଭାଷାରେ ଏକ ଖୁନୀ ଆସାମୀର ପୁଅ, ଯିଏକି ତାଂକ ଜୀବନର ସମସ୍ତ ଅମୂଲ୍ୟ ବସନ୍ତ ଏଇ ଶିମୁଳିପାଳ ଜଂଗଲରେ ଆତ୍ମଗୋପନ କରି କଟାଇଥିଲେ ।

ଆଜି ଭଳି ସେ ଦିନଟି ମୋର ମନେ ଅଛି । ପରାଧୀନ ଭାରତରେ ମୋର ଜନ୍ମ । କେଉଁ ଏକ ଅତ୍ୟାଚାରୀ ଗୋରା ଅଫିସରକୁ ମାରି ମୋ ବାପା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ତାଂକ ମୁଣ୍ଡ ପାଇଁ ସେତେବେଳେ ପାଞ୍ଚହଜାର ଟଂକାର ଟଂକାଥଲି । ପିଲାଟି ଦିନରୁ ମୁଁ ଦେଖି ଆସିଛି ମୋ ବାପା କେବେକେବେ ଆମ ଘରର ପଛପଟ ଦ୍ୱାର ଦେଇ ଆସନ୍ତି ରାତ୍ରିର ବିଳମ୍ବିତ ପ୍ରହରରେ, ଆଉ ଚାଲିଯାଆନ୍ତି ଆଗପଟ ଦ୍ୱାର ଦେଇ ସୂର୍ଯ୍ୟ ଉଇଁବାର ଅନେକ ଆଗରୁ । ମାଆକୁ ଏକଥା ପଚାରିଲେ କହନ୍ତି- ସେ ଯାଇଛନ୍ତି ଶିମୁଳିପାଳ ଜଙ୍ଗଲକୁ । ସେଇଠି ଆମର କୁଆଡେ ଅନେକ ଚାଷ ଜମି ଅଛି !

ବାପା ମୋତେ ବହୁତ ଭଲ ପାଉଥିଲେ । ଅନେକ ଦିନ ପରେ ସେ ଯେତେବେଳେ ଆସନ୍ତି ମୋତେ କୋଳେଇ ଚୁମା ଦିଅନ୍ତି । ବେଳେବେଳେ ମୋ ମୁହଁ ଓଦା ହୋଇଯାଏ । ମୁଁ ତାଙ୍କ ସହିତ ଯିବାକୁ ଅଳି କରେ । ଲମ୍ୱାଦାଢୀ ଝିଂକି ମୋତେ ନ ନେଲେ ତାଙ୍କ ଦାଢୀ ଛାଡିବିନି ବୋଲି ଅଡିବସେ । ସେ କଥା ବୁଲାଇବାକୁ ଯାଇ କହନ୍ତି-

:ଜଙ୍ଗଲରେ ମଣିଷ ରହନ୍ତିନି । ସେଠାରେ ପଶୁ ରହନ୍ତି ।

:ବାପା,ତୁମେ ବି ତାହେଲେ ଗୋଟିଏ ପଶୁ !

Digitized by srujanika@gmail.com

ବାପା ମୋ କଥାରେ ଜବାବ ଦେବା ପୂର୍ବରୁ ମାଆ ଆସି ପହଞ୍ଚେ । ତାପରେ କ'ଣ ଚୁପିଚୁପି କାନରେ କହି ବାପାଙ୍କୁ ଆମ ଘରୁ ତଡିଦିଏ । ଥରେ ଥରେ ମୁଁ ରାଗିଗଲେ ମାଆଙ୍କୁ ଜବାବ ଦିଏ-

ରାଗ ନା କହୁଛି । ମୁଁ ବି ଚାଲିଯିବି ଶିମୁଳି-ପାଳକୁ, ବାପାଙ୍କ ପାଖକୁ ।

କେଜାଣି କାହିଁକି ମୋ ମୁହଁରୁ ଏକଥା ନ ସରୁଣୁ ମାଆ ମୋ ମୁହଁକୁ ଚାପି ଚାରିଆଡକୁ ସତର୍କ ଦୃଷ୍ଟି ଦେଇ ଏମିତି ନ କହିବାକୁ ମୋତେ ଇସାରା କରନ୍ତି । ସେଇଦିନୁ ଜଙ୍ଗଲ ଦେଖିବାକୁ ମୋର ବିରାଟ ଝୁଙ୍କ । ଶିମୁଳିପାଳ ଜଙ୍ଗଲରେ ଏମିତି କ'ଣ ଗୋଟେ ଜିନିଷ ଅଛି ଯେ ଯାହାକୁ ଦେଖିବାକୁ ବା ତା କଥା କହିବାକୁ ମନା !!

ଆଉ ଦିନକର କଥା ମୋର ମନେ ଅଛି । ବାପା ପୁଣି ସେଇ ଜଙ୍ଗଲରୁ ଆସିଥାନ୍ତି । ମୋତେ କୋଳରେ ବସାଇ ଗେଲ କରୁଥାଆନ୍ତି-

: ବାପା । ମୁଁ ତୁମ ସଂଗରେ ଜଙ୍ଗଲ ଯିବି ।

: ସହରରେ କୋଠା ଅଛି, ଗାଡି, ମୋଟର, ସିନେମା ଅଛି । ଜଙ୍ଗଲରେ ସେସବୁ କିଛି ନାହିଁ । ବାପା କହି ହସୁଥିଲେ ।

:ଜଙ୍ଗଲରେ ଝରଣା ଅଛି, ସବୁଜ ଗଛ-ଲତା ଅଛନ୍ତି । ମୁଁ ସେଇ ଗହଳିଆ ପତ୍ର ମଧ୍ୟରେ ଲୁଚିବି । ତୁମେ ମୋତେ ଖୋଜି ପାଇବନି । ଆମ ଲୁଚକାଳି ଖେଳ ବେଶ୍ ଜମିବ । ଭାରି ମଜା ହେବ ନା ବାପା ? ମୁଁ କହିଥିଲି ।

:ଚଗଲା ! କେତେ ସମୟ ଜଙ୍ଗଲରେ ଲୁଚିବୁ ? ଥରେ ନା ଥରେ ତ ଧରାପଡ଼ିବୁ, ନୁହେଁ ? ବାପାଙ୍କ କଥାଶୁଣି କେଜାଣି କାହିଁକି ସେଦିନ ମାଆଙ୍କ ସୁନ୍ଦର ମୁହଁଟା ହଠାତ୍ ରକ୍ତଶୂନ୍ୟ ହୋଇଗଲା !

ବାପା ଯିବାକୁ ଉଠିଲେ । କାନିରେ ବାନ୍ଧିଲେ ଗହମ ବିହନ ।

:ବାପା, କେବେ ପୁଣି ଦେଖାହେବ ?

:ଏଇ ଗହମ ବିହନ ନେଉଛି । ବୁଣିବି । ଫୁଲ ଫୁଟିବ । ଫଳ ଧରିବ । ସେ ଫଳକୁ ଅମଳ କରି ଫେରିବି ।

:ବାପା, ତୁମେ ଆସିବା ଦରକାର ନାହିଁ । ତୁମେ ଜଙ୍ଗଲରେ ଲୁଚ । ମୁଁ ତୁମକୁ ଖୋଜି ବାହାର କରିବି । ଭାରି ମଜାହେବ ନା ?

ବାପା କିନ୍ତୁ ସତରେ ଲୁଚିଗଲେ । ଆଉ ଫେରିଲେନି । ମାଆଙ୍କୁ ପଚାରିଲେ କହନ୍ତି ଗହମ ପାଚିଲେ ଆସିବେ । ଏହାପରେ ଅନେକ ବର୍ଷା ଆସିଛି ମୋ ଦୁଃଖିନୀ ମାଆର ଆଖିର ନୀର ସହ ତାଳ ଦେଇ । ଅନେକ ଥର ଗହମ ବୁଣା ଯାଇଛି । ଫୁଲ ଫୁଟିଛି । ଫଳ ଧରିଛି । ଅମଳ ସରିଛି । ପରାଧୀନ ଇଣ୍ଡିଆର ୟୁନିୟନ୍ ଜ୍ୟାକ୍ ବଦଳରେ ସ୍ୱାଧୀନ

Digitized by srujanika@gmail.com

ଭାରତର ତ୍ରିରଙ୍ଗ ପତାକା ଉଡ଼ିଛି । ଅନେକ ନେତାଙ୍କ ଭାଷଣ ଶୁଣିଛି । କିନ୍ତୁ ମୋ ମାଆ ତାର ହାତର ବିପଟ ଶଂଖା ଆଉ ସୀମନ୍ତର ଗାରେ ସିନ୍ଦୁର ଫେରି ପାଇବାର ମୁଁ ଦେଖିନି ।

: ସାର୍, ଚହଲା ପହଞ୍ଚିଗଲା । ଏଇଠି ଜିପ୍ ରହିବ । ଚାଲି ଚାଲି ଯିବାକୁ ପଡ଼ିବ ।

ମୋ ଡ୍ରାଇଭର ଡାକରେ ସଂବିତ୍ ଫେରି ପାଇଲି । ଅଦୂରରେ ଫାର୍ମ । ଆମେ ଫାର୍ମରେ ପହଞ୍ଚିଲା ବେଳକୁ କେତୋଟି ଆଦିବାସୀ ଆସି ମୋର ପାଦଧୂଳି ନେଲେ । ସେମାନଙ୍କ ଭିତରେ ଜଣେ ଅଶୀ ବର୍ଷର ବୁଢା ଥିଲେ । ତାଙ୍କର ମୁଣ୍ଡ ନୁଆଇଁବାଟା ମୋତେ ନାପସନ୍ଦ ହେଲେହେଁ କିଛି କହି ପାରିଲିନି । ତାକୁ ସଂଗରେ ଡାକି, ମୁଁ ଫାର୍ମକୁ ବୁଲି ବାହାରିଲି । ବୃଦ୍ଧ କହିଲେ, ଏଠାରେ ଧାନଚାଷ ହୁଏନି - ଖାଲି ହୁଏ ମାଣ୍ଡିଆ ।

:ଗହମ ହୁଏନି ? ମୁଁ ପଚାରିଲି ।

:ଆଗରୁ ବହୁତ ଗହମ ଚାଷ ହଉଥେଲା ବାବୁ । ସହରୀ ବାବୁ ଜନେ ଆମକୁ ଗହମଚାଷ ଶିଖାଇ ଥେଲା - ହେଲେ ବାବୁ ଯେଉଁଦିନ ସେ ଶାଲା ନିମକ୍ ହାରମ୍ ରାମୁ ସେ ବାବୁର୍ ମୁଂଡ୍କାଟି ସରକାର୍ଠୁଁ ଟଙ୍କା ଅନିଲା ସେଇ ଦିନଠୁ ଅଭିଶାପ୍ ପଡ଼ିଲା ବାବୁ । ବିର୍ସା ମହାପ୍ରୁରୁ କସମ୍ ବାବୁ - ସେଇ ସହରୀ ବାବୁଟା ମନିଷ୍ ନ ଥେଲା, ଭଗବାନ୍ ଥେଲା । ତାପର୍ ରାମୁକୁ ଗାଁ ବାଲା ପିଟିପିଟି ମାରିଦେଲେ ବାବୁ - ଶାଲା କୁକୁର୍ ନାଇଁକରି-

ବୃଦ୍ଧଙ୍କ ଆଖିରୁ ଅନବରତ ଅଶ୍ରୁ ଝରି ପଡିଥିଲା, ତା ସହିତ ମୋର ମଧ୍ୟ । କିଛିବାଟ ପରେ ସେ କହିଲେ-

:ଏଇ ଯେ ନାଲି ପଥର ଦେଖିଛୁ ବାବୁ, ଏଇଠି ସେ ଦିନ ସେ ସହରୀ ଠାକୁର ଗହମ ବୁନୁ ଥେଲା - ରାମୁ ତାର ମୁଣ୍ଡ କାଟି ନେଇଗଲା । ମୁଁ ଶାଲା କିଛି କରି ପାରିଲି ନାଇଁ - ସେଇ ଦିନଠୁ ତାର ରକତରେ ଏଇ ଟାଙ୍ଗରଟା ନାଲ୍ ହୋଇଯାଇଛି । ଏଇଟା ଆମର ଠାକୁର୍ ବାବୁ - ଆମେ ନିତ୍ ପୂଜା କରୁଁ !!

ବୃଦ୍ଧଙ୍କ କଥା ଶୁଣିବା ଅବସ୍ଥାରେ ଆଉ ମୁଁ ନଥିଲି । ଗଭୀର ଆବେଗରେ ମୁଁ ସେଇ ନାଲି ପଥରଟିକୁ ଯାବୁଡି ଧରି ମଥା ପିଟୁଥିଲି ଆଉ ଯେମିତି କହୁଥିଲି -

:ମୁଁ ଆସିଛି ବାପା, ତୁମକୁ ମୁଁ ଖୋଜି ପାଇଛି । ଆମ ଲୁଚକାଳି ଖେଳ ସରିଛି । ସେଇ ନାଲି ପଥରରେ ମଥା ବାଜି ମୋ ମୁଣ୍ଡରୁ ରକ୍ତ ଝରୁଥିଲା । ମୋ ଡ୍ରାଇଭର୍ ଦୌଡି ଆସି କହୁଥିଲା-

:ସାର୍, ଜିପ୍ ପ୍ରସ୍ତୁତ । ଆପଣ ସୁସ୍ଥ ନାହାନ୍ତି । ଚାଲନ୍ତୁ ଫେରିଯିବା । ଏ ଜଙ୍ଗଲରେ ଭୂତ ପ୍ରେତ ଅନେକ ସାର୍ ।

:ତୁମେ ଯାଅ ଗିଲ, ଘରେ କହିବ ପ୍ରିୟଦର୍ଶୀ ଆଉ ଫେରିବନି । ଏଇଠି ଗହମ ବୁଣିବ । ଗଛହେବ । ଫୁଲ ଫୁଟିବ । ଫଳ ଧରିବ । ଫସଲ ଅମଳ କରି ସହରକୁ ଫେରିବ ।

Digitized by srujanika@gmail.com

ମୁଁ ଦେଖୁଥିଲି ସେଇଠି ସେଇ ନାଲି ପଥରଟିକୁ ଯାହା ଦିନେ ମୋ ବାପାଙ୍କର ରକ୍ତରେ ଲାଲ ହୋଇ ଉଠିଥିଲା - ଆଜି ମୋ ରକ୍ତ ଲାଗି ତାହା ଆହୁରି ଲୋହିତ ହୋଇ ପଡ଼ିଥିଲା - କୃଷ୍ଣଚୂଡାର ଲାଲ୍ ଜର୍ଜର ପାଖୁଡା ପରି - ଆଉ ଯେମିତି ରକ୍ତରେ ରକ୍ତ ମିଶି ସ୍ୱୟଂସମ୍ପୂର୍ଣ୍ଣ ହୋଇଯାଇଥିଲା - କାରଣ ସେଇ ରକ୍ତ ହିଁ ତ ମୋ ଦେହରେ ରକ୍ତର ଜନକ ।

ମୁଁ ସେମିତି କାନ୍ଦୁଥିଲି - ଆହୁରି କାନ୍ଦୁଥିଲି । ମୋ କାନ୍ଦ ମୋ ବାପା କିନ୍ତୁ ଶୁଣିପାରୁ ନଥିଲେ - କାରଣ ଏଥି ମଧ୍ୟରେ ସେ ଅଳ୍ପ ଦିନର ଗଳ୍ପ ହୋଇଯାଇଥିଲେ !

■ ପ୍ରେମ ସାଇ, ଏନ୍-୧/୨୦୪, ଆଇ.ଆର.ସି. ଭିଲେଜ୍, ନୟାପଲ୍ଲୀ,
ଭୁବନେଶ୍ୱର- ୭୫୧୦୧୫, ଫୋନ୍ - ୦୬୭୪-୨୫୫୫୫୫୨

Digitized by srujanika@gmail.com

କଥାକାର ଇଂ. ଚକ୍ରଧର ମହାନ୍ତଙ୍କର ଜନ୍ମ ୧୯୫୩, ମସିହାରେ ମୟୂରଭଂଜ ଜିଲ୍ଲାରେ । ବୃତ୍ତିରେ ଜଳସଂପଦ ବିଭାଗର ଜଣେ ଅଧୀକ୍ଷଣ ଯନ୍ତ୍ରୀ ହୋଇ ମଧ୍ୟ ସାହିତ୍ୟ ପ୍ରତି ରହିଛି ତାଙ୍କର ଅଗାଧ ମମତା । ତାଙ୍କ ପ୍ରକାଶିତ ଉପନ୍ୟାସ ଗୁଡ଼ିକ ହେଲା 'ଝରାଫୁଲ' (୧୯୭୦), 'ଏଇ ଦେହ ଏଇ ମନ' (୧୯୭୨), 'ପ୍ରିୟାର ନାମ ଚନ୍ଦ୍ରା' (୧୯୮୦), 'ଦ୍ୱିତୀୟ ମୃତ୍ୟୁ' (୧୯୮୧), 'ରାଧା ଅବତାର ବସନ୍ତ ସାଇ' (୨୦୦୧), 'ରାଧାକୃଷ୍ଣ ସଙ୍ଗମ' (୨୦୦୨) । ୧୯୬୭ ମସିହାରୁ ତାଙ୍କର ବିଭିନ୍ନ ଗଳ୍ପ କବିତା ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି । ତାଙ୍କ ଲେଖନ ଶୈଳୀରେ ସୁରେନ୍ଦ୍ର ମହାନ୍ତି ଓ ବିଭୂତି ପଟ୍ଟନାୟକଙ୍କ ଧାରା ଗଭୀର ଭାବେ ପରିସ୍ଫୁଟିତ । ପ୍ରଗତିବାଦୀ ଓ ଜନବିଚାର ଆଦି ସମ୍ବାଦପତ୍ରରେ ନିୟମିତ ସ୍ତମ୍ଭ ମଧ୍ୟ ସେ ରଚନା କରିଛନ୍ତି । କେବଳ ଗଳ୍ପ ଉପନ୍ୟାସ ନୁହେଁ ସିନେମା ସଂଳାପ, ଗୀତି କବିତା ଓ ନାଟକ ରଚନାରେ ମଧ୍ୟ ତାଙ୍କର ପାରଦର୍ଶିତା ରହିଛି । ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ତାଙ୍କର ଆଧୁନିକ ଗୀତର କ୍ୟାସେଟ୍ 'ନାଲି ଗୁଲୁ ଗୁଲୁ ସାଧବ ବୋହୂ' (୧୯୯୮) ଓ ଆଧୁନିକ ଅଡ଼ିଓ ସିଡ଼ି 'ଭଲପାଇବାର ମାନେ' (୨୦୦୫)ରେ ମୁକ୍ତିଲାଭ କରିଛି । ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ପୁରସ୍କାର ଓ ସମ୍ମାନ ଲାଭ କରିଥିବା ଏହି ପ୍ରବୀଣ ଅତି ପରିଚିତ ଅପରିଚିତ ଲେଖକଙ୍କର ନିର୍ବାଚିତ ଗଳ୍ପକୁ ନେଇ ଏହି ଭିନ୍ନ ସ୍ୱାଦର ସଙ୍କଳନ 'ତନୁତୀର୍ଥ' ପ୍ରକାଶ ପାଉଛି ।

— ପ୍ରକାଶକ

ଇଂ. ଚକ୍ରଧର ମହାନ୍ତ

ତନୁତୀର୍ଥ

Abhipsa
PRINTERS & PUBLISHERS

Digitized by srujanika@gmail.com